# ଡିଡାୟୀ ଲୋକ ସାହିତ୍ୟ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ଡିଡ଼ାୟୀ
# ଲୋକ ସାହିତ୍ୟ


ସଂକଳକ

ଓ

ସମ୍ପାଦନା

ଡ଼. ପରମାନନ୍ଦ ପଟେଲ

ନିର୍ଦ୍ଦେଶକ :

ପ୍ରଫେସର ଅଖିଳ ବିହାରୀ ଓତା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଡିଡ଼ାୟୀ ଲୋକ ସାହିତ୍ୟ

ସଂକଳନ ଓ
ସମ୍ପାଦନା : ଡ. ପରମାନନ୍ଦ ପଟେଲ

©ପ୍ରକାଶକ : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ୨୬ ଜାନୁୟାରୀ, ୨୦୧୫

ମୁଦ୍ରଣ : ଭୋଳାନାଥ ପ୍ରେସ୍
ବମିଖାଲ, ଭୁବନେଶ୍ୱର

# DIDAYI LOKASAHITYA

Compilation &
*Editing* : Dr. Paramananda Patel

©*Publisher* : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009
First Edition : 26th January 2015.

Printed at : Bholanath Press
Bomikhal, Bhubaneswar

# ମୁଖବନ୍ଧ

ଓଡ଼ିଶାର ଜନଜାତି ଦୃଶ୍ୟପଟରେ ଯେଉଁ କେତେକ ଜନଜାତି ସ୍ୱଳ୍ପ ଚର୍ଚ୍ଚିତ ତନ୍ମଧ୍ୟରୁ "ଡିଡାୟୀ" ଜନଜାତି ଅନ୍ୟତମ । ଏମାନଙ୍କର ଭୌଗୋଳିକ ଅବସ୍ଥିତ, ଅର୍ଥନୈତିକ ବ୍ୟବସ୍ଥା, ସାମାଜିକ ସ୍ଥିତି ଅବଲମ୍ବନରେ ଏମାନେ ପ୍ରାଚୀନ ଜନଜାତି ହିସାବରେ ସରକାରଙ୍କ ଦ୍ୱାରା ସୂଚୀତ । କଣ୍ଡାକାମ୍ବେରୁ ପର୍ବତ ମାଳାର ଅଭ୍ୟନ୍ତର ଅଞ୍ଚଳରେ ବସବାସ ସହ ମୁଖ୍ୟସ୍ରୋତ ସହ ସାମୟିକ ସମ୍ପର୍କ ରଖ ବାହ୍ୟ ସଂସ୍କୃତି ସମ୍ପର୍କରେ ଖୁବ୍ କମ୍ ଆସୁଥିବା ଏହି ଜନଜାତି ଉନ୍ନୟନ ବ୍ୟବସ୍ଥାରେ ବାଲିମେଳା ଜଳ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇ ଏକରକମ ବିଛିନ୍ନ ହୋଇ ପଡ଼ିବାରୁ ସାମାଜିକ,ସାଂସ୍କୃତିକ ବିବର୍ତ୍ତନରେ ସ୍ଥାଣୁତା ଆସିବାରେ ଲାଗିଥିଲା । ପ୍ରାଚୀନ ଜନଜାତି ତାଲିକାଭୁକ୍ତ ହେବା ସହ ସଚେତନ ଓ ବିକାଶ କାର୍ଯ୍ୟ ସହ ଯଦିଓ ଏମାନଙ୍କୁ ସମ୍ପୃକ୍ତ କରାଯାଇଛି ତଥାପି ପ୍ରକଳ୍ପ ପ୍ରଭାବିତ ଡିଡାୟୀ ଓ ତଳମାଳର ଡିଡାୟୀଙ୍କ ସାଂସ୍କୃତିକ ବ୍ୟବସ୍ଥାରେ ଅସନ୍ତୁଳନ ଆସିଛି । ପାରମ୍ପରିକ ପ୍ରଥା ଓ ପରମ୍ପରାରୁ ଦୂରେଇଯାଇ ଏକ ନୂତନ ବ୍ୟବସ୍ଥାକୁ ଆପଣାଇବାରେ ତଳମାଳର ଡିଡାୟୀ ଯେତେଟା ଅଗ୍ରସର ହୋଇଛନ୍ତି, ଟାପୁ ଅଞ୍ଚଳର ଡ଼ିଡାୟୀଙ୍କ ମଧ୍ୟରେ ତାହା ସମ୍ଭବ ହୋଇ ପାରି ନାହିଁ । ଫଳତଃ ଏକ କ୍ଷୁଦ୍ର ଗୋଷ୍ଠୀର ଦୁଇଟି ଭୌଗୋଳିକ ପରିସୀମା ହେତୁ ସାମାଜିକ- ସାଂସ୍କୃତିକ ବିଷମତା ସ୍ପଷ୍ଟ ହୋଇଛି । ଯୁବପିଢ଼ି ମଧ୍ୟରେ ଏକ ବିଚିତ୍ର ମାନସିକତା ବିକଶିତ ହେବାରେ ଲାଗିଛି । ତଳମାଳର ଡିଡାୟୀ ପୁଅ ଉପର ଡିଡାୟୀ ଝିଅ ପ୍ରତି ଅନାସକ୍ତ ଭାବ ସମସ୍ୟା ରୂପରେ ଦେଖା ଦେଇଛି । ଫଳତଃ ଉପର ଡିଡାୟୀ ଗାଁ ଗୁଡ଼ିକର ଅନେକ ଯୁବତୀ ଅବିବାହିତ ହୋଇ ଯେପରି ପ୍ରୌଢ଼ା ହେବାରେ ଲାଗିଛନ୍ତି ସେହିପରି ତଳମାଳର ପୁଅ ଦେଶିଆ ଝିଅ ପ୍ରେମରେ ବିଭୋର ହୋଇ ଅସଫଳ ହେବା ଏକ ସାମାଜିକ ବିବର୍ତ୍ତନ ଆଡ଼କୁ ସୁହାଇଛି ।

ତେବେ ବିବର୍ତ୍ତନର ଏ ସ୍ରୋତ କେବଳ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥାକୁ ଗ୍ରାସ କରି ନାହିଁ ଅପରନ୍ତୁ, ଲୋକ ପରମ୍ପରାରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି । ଡ଼ିଡାୟୀ ଲୋକ ପରମ୍ପରା ଉପରେ

ଅଧ୍ୟୟନର ଅଭାବ ଓ ସାମାଜିକ-ସାଂସ୍କୃତିକ ବିବର୍ତ୍ତନ ଜନିତ ସେମାନଙ୍କ ଅସ୍ମିତା ପ୍ରତି ପ୍ରଶ୍ନବାଚୀ ଯୋଗୁ ତାଙ୍କ ଲୋକ ପରମ୍ପରା ମଧ୍ଯ ବିଲୀନର ଦ୍ୱାର ଦେଶରେ । ଡିଡାୟୀ ଲୋକ ସାହିତ୍ୟରେ ଏହାର ପ୍ରଚ୍ଛନ୍ନ । ଶିକ୍ଷା ବ୍ୟବସ୍ଥାର ଅନୁପ୍ରବେଶ ସହ ଏକ ସଂଖ୍ୟା ନ୍ୟୁନ ସମ୍ପ୍ରଦାୟର ତୃତୀୟ ପିଢ଼ି ସମ୍ପ୍ରତି ନିଜ ସାଂସ୍କୃତିକ ପରିବର୍ତ୍ତନର ଦ୍ୱାରଦେଶରେ ଉପନୀତ ହୋଇଥିବାରୁ ତାଙ୍କ ନିକଟରେ ଲୋକ ଉପାଦାନ ଖୋଜି ପାଇବା ଦୁରୂହ ବ୍ୟାପାର ହୋଇପଡ଼ିଛି ।

ବହୁଭାଷୀ ଶିକ୍ଷା ବ୍ୟବସ୍ଥାରେ ଡିଡାୟୀ ଭାଷା ସମ୍ପ୍ରତି ସ୍ଥାନୀତ । ଏହାକୁ ଆଖି ଆଗରେ ସେମାନଙ୍କର ଲୋକ ଉପାଦନାକୁ ସଂଗ୍ରହ କରାଯିବାର ଯେଉଁ ଉଦ୍ୟମ ଆରମ୍ଭ କରାଯାଇଥିଲା, ତାର ଫଳ ସ୍ୱରୂପ ଏହି ଡିଡାୟୀ ଲୋକ ସାହିତ୍ୟ ରୂପ ନେଇଛି । ସାମାଜିକ ସାଂସ୍କୃତିକ ବ୍ୟବସ୍ଥା ସହ ଲୋକ ପରମ୍ପରା ଯାହା ସମ୍ପ୍ରତି ଉପଲବ୍ଧ ତାକୁ ସଂକଳନ ଓ ସମ୍ପାଦନା କରିବାର ଦାୟିତ୍ୱ ଏକାଡ଼େମୀର ଡ. ପରମାନନ୍ଦ ପଟେଲ ବହନ କରି ସମ୍ପନ୍ନ କରିଥିବାରୁ ଏକାଡେମୀ ତାଙ୍କଠାରେ କୃତଜ୍ଞ । ଭବିଷ୍ୟତରେ ଏହା କାର୍ଯ୍ୟକୁ ଆସିଲେ ଏକାଡ଼େମୀର ଉଦ୍ୟମ ସାର୍ଥକ ହେବ ।

ଅଖିଳ ବିହାରୀ ଓଟା

# ପଦେ ଅଧେ

ବିଶ୍ୱାୟତନ ଦୃଶ୍ୟପଟରେ ଲୋକ ପରମ୍ପରା ସମୂହର ଯେପରି କ୍ରମବିଲୁପ୍ତ ଘଟୁଛି; ବହୁ ପ୍ରାଚୀନକାଳରୁ ମଣିଷ ଦେଖି, ଶିଖି ଓ ପରୀକ୍ଷଣ କରି ଯାହା ଲାଭ କରିଥିଲା, ତାର ଅସ୍ମିତା ନେଇ ସନ୍ଦେହ ହେବା ସ୍ୱାଭାବିକ । ବିବିଧ ଭୌଗୋଳିକ ପରିରେଖା ମଧ୍ୟରେ ବସବାସ କରି ରହିଥିବା ମଣିଷ ସମାଜର ପ୍ରକୃତି ସହ ଯେଉଁ ସଖ୍ୟଭାବ ଯୁଗଯୁଗରୁ ଗତିଶୀଳ ହୋଇ ଆସିଥିଲା, ସେଥିରେ କେବଳ ଭଟ୍ଟା ପଡ଼ିନି; ସେ ଅଣନିଃଶ୍ୱାସୀ ମଧ୍ୟ ହୋଇପଡ଼ିଛି । ଅନେକ ସଂସ୍କୃତି ଅଛି ଯେଉଁମାନେ ପରିବର୍ତ୍ତନ ସହ ତାଳ ଦେଇ ପାରିନାହାନ୍ତି; ବାହ୍ୟ ଅନୁପ୍ରବେଶ ଯୋଗୁଁ ସେମାନଙ୍କ ମନସ୍ତାତ୍ତ୍ୱିକ ଆଲୋଡ଼ନ ତାଙ୍କ ଭିତ୍ତିଭୂମିକୁ ଦୋହଲାଇ ଦେଇଛି । ଓଡ଼ିଶାରେ ବସବାସ କରୁଥିବା ଡ଼ିଡାୟୀ ଏହି ପରିବର୍ତ୍ତନର ଶିକାର । ପ୍ରାଚୀନ ଓ ନବୀନର ଦୋଛକି ମଧ୍ୟରେ ଉବୁଟୁବୁ ଏକ ସଂଖ୍ୟାନ୍ୟୁନ ପ୍ରାଚୀନ ଜନଜାତି; ଏକ ପଟେ ପ୍ରଗତିଶୀଳ ସଭ୍ୟତାର ଆତ୍ମୀୟତା, ଅନ୍ୟପଟେ ଜଳଯୋଜନା ଜନିତ ତାଙ୍କ ବିସ୍ଥାପନ ଏ ଉଭୟ ମଧ୍ୟରେ ଅନେକ କିଛି ହରାଇଛି ଡ଼ିଡାୟୀ । ସେହି କ୍ରମରେ ସେମାନଙ୍କର ଲୋକ ସାହିତ୍ୟ, ଭାଷା, ସଂସ୍କୃତି ସବୁକିଛି । ଆଜି ସେସବୁ ଖୋଜିଲାବେଳକୁ କେବଳ ଅବଶେଷ ମାତ୍ର । ଅସମ୍ପୂର୍ଣ୍ଣ ଭାବରେ, ଭାଷାରେ, ବ୍ୟକ୍ତିତ୍ୱରେ । ତଥାପି ତାର ଏକ କ୍ଷୁଦ୍ର ସଂସ୍କରଣଟାଏ କରିବାର ଲାଳସାକୁ ଚରିତାର୍ଥ କରିବାକୁ ଯାଇ ଏ ଦୁଃସାହସ କରାଯାଇଛି । ସଂକଳନ କାର୍ଯ୍ୟରେ ନନ୍ଦିନୀଗୁଡ଼ା ଶିକ୍ଷାୟତନର ଡ଼ିଡ଼ାୟୀ ଶିକ୍ଷା ସହାୟକଙ୍କ ସହଯୋଗ ଏହି କାର୍ଯ୍ୟକୁ ସଫଳ କରିବାରେ ସହାୟକ ହୋଇଛି ।

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଉପକ୍ରମ | ୧ |
| ଭାଷା ଓ ସେମାନଙ୍କର ପରିଚୟ | ୨ |
| ଉତ୍ପତ୍ତି ସମ୍ବନ୍ଧୀୟ ପୌରାଣିକ ମତବାଦ | ୩ |
| ଡିଡ଼ାୟୀ ଓ ସେମାନଙ୍କର ଅର୍ଥନୈତିକ ଜୀବନ | ୩ |
| ଜଙ୍ଗଲଜାତ ଅର୍ଥନୀତି | ୫ |
| ଶିକାର (ଗଗଃ) | ୧୦ |
| କୃଷିଭିତ୍ତିକ ଅର୍ଥନୀତି | ୧୩ |
| ପକ୍ଷୀ ପଶୁପାଳନ | ୧୯ |
| ଖାଦ୍ୟ ଓ ପାନୀୟ | ୧୯ |
| ସାମାଜିକ ଜୀବନ | ୨୨ |
| ପରିବାର | ୨୪ |
| ବିବାହ ଓ ତା'ର ପ୍ରକାରଭେଦ | ୨୬ |
| କନ୍ୟାସୂନା: (ଗ୍ରେଙ୍ଗ) | ୩୦ |
| ଯୁବ ଶୟନାଗାର | ୩୫ |
| ବାସଗୃହ:- (ତୁଆ) | ୩୬ |
| ଗ୍ରାମ୍ୟ-ରାଜନୈତିକ ସଂଗଠନ | ୩୮ |
| ଆଧୁନିକ ରାଜନୈତିକ କାର୍ଯ୍ୟକଳାପ | ୩୯ |
| ପଡ଼ୋଶୀ ଗୋଷ୍ଠୀ ସହ ସଂପର୍କ | ୩୯ |
| **ଗଳ୍ପବିଭାଗ :** | |
| ସାତ୍‌ଟୋନା | ୪୧ |
| ରେମଣ୍ଡ୍ରା ଜନମ୍ ଉସାରା | ୪୯ |
| ଛେଳିଆ ପିଲାନେ ବୁଦ୍ଧିନେ ଉସାରା | ୫୧ |
| ଶୁଟେଶନ୍ ଦୁକେନ ଉସାରା | ୫୬ |
| ଡକରୀ ଆଗି କଣ୍ଡା ଗିସିଆ ଉସ୍ରା | ୬୦ |
| ରାଟଉଣ୍ଡା ଉସାରା | ୬୨ |
| ଟିଡାୟୀ ଉସ୍ରା | ୬୩ |
| ଡୋକରା ଡୋକରୀ ଉସ୍ରା | ୬୩ |
| 'ଅଇସୁଆ' | ୬୪ |
| କଣ୍ଡାନେବେ ଉସାରା | ୬୪ |
| ଉର୍‌ଡିଙ୍କେ, ଗ୍ରିଂ, ଗୁସୁ ଉସାରା | ୬୫ |
| ବନକୁ ବୁଦୁରା ଆରି ବୁନୁକି ବୁଦୁର ନେ ଉସାରା | ୬୭ |
| ଓରିଙ୍ଗ ଇନି ଉସ୍ରା | ୭୦ |
| କାଣା କୁପଡ଼େ ଓ ଉଁଙ୍କୁ ଉସ୍ରା | ୭୧ |
| ନାକା ଆରି ଡକରିନେ ଉସ୍ରା | ୭୬ |
| ମା ଭୈରବୀ ମାହାପ୍ରଭୁନେ ଉସ୍ରାରା | ୮୨ |
| ଗୁଆଁସାନେ ସାପୁଙ୍ଗ ଡ଼ି-ଟାର-କେ | ୮୪ |
| ଅସୁର-ବୁଃଢ଼ୀ ଆରି ରେମଡଆ ଉସ୍ରା | ୮୬ |
| ଇଂସୋ ଇସାଂ ଉସୋଂ ବୋଏ | ୮୯ |
| ମୁଁଇଙ୍ଗ୍ ଡକରା ଡକରୀ ଉସ୍ରା | ୯୦ |
| ଟ୍‌କ୍ରୁ, ଆରି ନାକା ଉସାରା | ୯୦ |
| ରାଜା ଡିଗଛେ ରାଣୀ ଲାଛେ | ୯୪ |
| ଦଶରଥ ଉଷ୍ଟ ଭଲ୍‌ଡିଙ୍ଗେ | ୯୫ |
| କୋଣ୍ଡା ବିରିଂ ନାସଃ | ୯୬ |
| ଲକ୍ଷ୍ମୀ ଦେଟେ ସ୍ୱମୀ ଙଂୟାଙ୍ଗ୍ ଡିଲ୍‌କେ | ୯୭ |
| ବୁଦୁରୀ ପାଠଲବେ ଗାଲି ଆମେଆକେ | ୯୯ |
| **ଲୋକଗୀତ** | |
| ପାଣ୍ଡେ ଓସମାର | ୧୦୧ |

| ବିଷୟ | ପୃଷ୍ଠା |
|---|---|
| ଝିଅକୁ ସାଥି କରିବା ଉଦ୍ଦେଶ୍ୟରେ ବୋଲାଯିବା ଗୀତ | ୧୦୧ |
| ଲେଣ୍ଡି ପାଣ୍ଡେ | ୧୦୨ |
| ପାଣ୍ଡେ ଓସମାର୍ | ୧୦୪ |
| ଶୁକ୍ରବାର ପୂଜା ଗୀତ | ୧୦୬ |
| ଜଙ୍ଗଲ ଯିବା ସମୟର ଗୀତ | ୧୦୮ |
| ଜନିଅାଁ ଖୋଜା ଗୀତ | ୧୦୯ |
| ଝିଅଟିକୁ ପୁଅଟି ଲକ୍ଷ୍ୟ କରି ବୋଲୁଥିବା ଗୀତ | ୧୧୦ |
| ଝିଅକୁ ବାହାଦେଲାବେଳେ ଝିଅର ମା' ବୋଲୁଥିବା | ୧୧୧ |
| କନ୍ୟା ରାଇଜଭଇନେ ଓସ୍ମାର | ୧୧୩ |
| ମାଘ ପାଣ୍ଡେ ଓସମାର | ୧୧୪ |
| ପିଲାକୁ ଶୁଆଇଦେବା ଗୀତ | ୧୧୫ |
| ଘାସ ବାଛିବା ସମୟର ଗୀତ | ୧୧୫ |
| ଧାନ କଟା ସମୟର ଗୀତ | ୧୧୬ |
| ବିବାହ ସମୟର ଗୀତ | ୧୧୭ |
| ଧାନବୁଣି ଘାସ ବାଛିବା ସମୟର ଗୀତ | ୧୧୮ |
| ନାଁ ଦିଆ ଗୀତ | ୧୧୮ |
| ପୌଷ ପର୍ବଗୀତ | ୧୧୯ |
| ଚଇଚି ପାଣ୍ଡେ ଓସମାର | ୧୨୦ |
| ଝିଅଟି ବଡ଼ ହେବା ସମୟର ଗୀତ | ୧୨୧ |
| ଲେଣ୍ଡି ପାଣ୍ଡେ ଓସମାର | ୧୨୨ |
| ବାଉଁଶ କାଟିବା ସମୟର ଗୀତ | ୧୨୩ |
| ପିଲା କାନ୍ଦିଲେ ବୁଝାଇବା ଗୀତ | ୧୨୪ |
| ଶାଶୁର ବୋଇଁକୁ ବୁଝାଇବା ଗୀତ | ୧୨୭ |
| ବୋଇଁ ଶାଶୁକୁ କହିବା ଗୀତ | ୧୨୭ |

| ବିଷୟ | ପୃଷ୍ଠା |
|---|---|
| ଜଙ୍ଗଲ ଯିବା ଗୀତ | ୧୨୮ |
| ଦୋଳିରେ ବସି ଝୁଲିବା ଗୀତ | ୧୨୯ |
| ପିଲାକୁ ବୁଝାଇବା ଗୀତ | ୧୨୯ |
| ଜନିଅାଁ କାନ୍ଦଣା ଗୀତ | ୧୩୦ |
| ଡେମସା ଗୀତ | ୧୩୦ |
| ଘାସ ବାଛିବା ସମୟରେ ବୋଲୁଥିବା ଗୀତ | ୧୩୨ |
| ହଳ କରୁଥିବା ସମୟରେ ଗୀତ | ୧୩୩ |
| ଡଂଗର ଯିବା ଗୀତ | ୧୩୪ |
| ଶିକାର ଧରି ଫେରିବା ସମୟରେ ଗୀତ | ୧୩୫ |
| ଜମିକୁ ଯିବା ସମୟର ଗୀତ | ୧୩୬ |
| ପୁଅଝିଅ ଗୀତ | ୧୩୭ |
| ଜମି ଚାଷ ସମୟରେ ଗୀତ | ୧୩୮ |
| ଗଳିଆ କୋଣ୍ଡା ଓସମାର | ୧୩୯ |
| ଝିଅକୁ ଲକ୍ଷ୍ୟ କରି ପୁଅଟି ଗୀତ ବୋଲେ | ୧୪୦ |
| ପୁଅ ବୋହୂକୁ ପାଛୋଟି ଆଣିବା ଗୀତ | ୧୪୧ |
| ପାଠ ପଢ଼ିଯିବା ସମୟରେ ଗୀତ | ୧୪୨ |
| ପିଲାଙ୍କୁ ଖେଳାଇବା ଗୀତ | ୧୪୩ |
| ଘର ଉପକରଣ ସଜାଡିବା ବେଳ ଗୀତ | ୧୪୪ |
| କନ୍ୟା ମାଗିଯିବା ଗୀତ | ୧୪୫ |
| ବାଉଁଶ ଗଛ କାଟିବା ଗୀତ | ୧୪୬ |
| ଗାଁ ଗାଁ ବୁଲୁଆନେ ଓସମାର | ୧୪୭ |
| ଧାନ କାଟିବା ସମୟର ଗୀତ | ୧୪୯ |
| ଧାନ ହଡ଼ାଇବା ବେଳ ଗୀତ | ୧୫୦ |
| ଧାଙ୍ଗିଡ଼ି ସଲା ସୁତୁରା ଗୀତ(ଗୀତ ନଂ-୨) | ୧୫୧ |
| ଜଗ | ୧୫୨ |

# ଉପକ୍ରମ

ଓଡ଼ିଶାରେ ବାସ କରୁଥିବା ୬୨ ପ୍ରକାର ଆଦିବାସୀ ଜାତି ଓ ଉପଜାତିମାନଙ୍କ ମଧ୍ୟରୁ 'ଡିଡ଼ାୟୀ' ସଂପ୍ରଦାୟ ଅନ୍ୟତମ । ଏହି ସଂପ୍ରଦାୟର ଲୋକମାନେ ଓଡ଼ିଶାର କେବଳ ମାଲକାନାଗିରି ଜିଲ୍ଲାର କୁଡ୍ରୁମୁଲଗୁମ୍ମା ଅଞ୍ଚଳରେ ବାସ କରନ୍ତି । କୁଡ୍ରୁମୁଲାଗୁମ୍ମାର ଆଖପାଖ ଅଞ୍ଚଳ ଓ ୫/୬ କିଲୋମିଟର ଦୂରରେ ଥିବା ଉଚ୍ଚ ପାହାଡ଼ କଣ୍ଡା କାମ୍ବେରୁ ଉପରେ । ପାହାଡ଼ର ଦୁଇ ପାର୍ଶ୍ୱ ଏବଂ ଘାଟିଅଞ୍ଚଳ ସେମାନଙ୍କ ନିବାସସ୍ଥଳୀ । ଜନଗଣନା ଦୃଷ୍ଟିରୁ ଦେଖିବାକୁ ଗଲେ, ସେମାନଙ୍କର ସଂଖ୍ୟା ପ୍ରାୟ ୬୦୦୦ରୁ ଉର୍ଦ୍ଧ୍ୱ । ସାଧାରଣତଃ, ସେମାନେ ନିରକ୍ଷର । ବଣପାହାଡ଼ ଘେରା ସବୁଜ ବନାନୀ ମଧ୍ୟରେ ବଞ୍ଚିରହିବା ସେମାନଙ୍କ ଅଭ୍ୟାସ । ପୂର୍ବରୁ ଏମାନଙ୍କର ସଂଖ୍ୟା ବହୁତ କମ୍ ଥିଲା । ଗ୍ରାମଗୁଡ଼ିକରେ ଖୁବ୍ ବେଶୀ ହେଲେ ଦଶ ପନ୍ଦରଟି ପରିବାର ବାସ କରୁଥିଲେ । ଜୀବନଧାରଣର ମାନ ଖୁବ୍ ଅନୁନ୍ନତ ଥିଲା । କିନ୍ତୁ ୧୯୮୭ ମସିହାରୁ ଓଡ଼ିଶାସରକାରଙ୍କ ତରଫରୁ ଏମାନଙ୍କର ଉନ୍ନତି ନିମନ୍ତେ ପଦକ୍ଷେପ ନିଆଯିବା ଫଳରେ ଗୁମ୍ମା ଅଞ୍ଚଳରେ 'ଡ଼ିଡାୟୀ ଉନ୍ନୟନ ସଂସ୍ଥା' ନାମକ ଅନୁଷ୍ଠାନ ସ୍ଥାପନ କରାଯାଇଥିଲା । ଏହି ଅନୁଷ୍ଠାନ ଏମାନଙ୍କର ଅର୍ଥନୈତିକ, ସାମାଜିକ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସର୍ବଦା ଚେଷ୍ଟିତ । କୃଷିକାର୍ଯ୍ୟ ନିମିତ୍ତ ଉନ୍ନତ ମାନର ବିହନ, ସାର, ଔଷଧ; ଶିକ୍ଷା ପାଇଁ ବିଦ୍ୟାଳୟ ଗୃହ,ଶିକ୍ଷକ ପାଠ୍ୟପୁସ୍ତକ, ପୋଷାକପରିଚ୍ଛେଦ ଇତ୍ୟାଦି ଯୋଗାଇ ଦିଆଯାଉଛି । ଏସବୁ ସତ୍ତ୍ୱେ ସେମାନଙ୍କର ଆଶାନୁରୂପ ଉନ୍ନତି ହୋଇପାରୁନାହିଁ । ପାହାଡ଼ର ପାଦଦେଶରେ ରହୁଥିବା ଡିଡ଼ାୟୀମାନେ ଘାଟୀ ଉପରେ ବାସ କରୁଥିବା ଡିଡ଼ାୟୀମାନଙ୍କ ଠାରୁ କେତେକାଂଶରେ ଉନ୍ନତି । ଏମାନେ କଣ୍ଡକାମ୍ବେରୁ ପାର୍ବତ୍ୟଶ୍ରେଣୀର ମଧ୍ୟଭାଗରେ ଓ ମାଛକୁଣ୍ଡ ନଦୀର ଅବବାହିକାରେ ବାସ କରୁଛନ୍ତି । ଅନ୍ୟୁନ ୩୭ଟି ଡିଡ଼ାୟୀ ଗ୍ରାମ ପାହାଡ଼ର ଦୁଇପାର୍ଶ୍ୱ ତଥା ଜଳଭଣ୍ଡାର ପାଖେ ପାଖେ ରହିଛନ୍ତି । ଗ୍ରାମଗୁଡ଼ିକ ସମୁଦ୍ରର ପାଦଦେଶ ଠାରୁ ୨୦୦୦ରୁ ୩୫୦୦ ମିଟର ଉଚ୍ଚରେ ଅବସ୍ଥିତ । କେତେକ ଗ୍ରାମ ମାଛକୁଣ୍ଡ ନଦୀର ଅବବାହିକାରେ ଓ ଅନ୍ୟ କେତେକ ଗ୍ରାମ କଣ୍ଡକାମ୍ବେରୁ ଗିରିମାଳାର ପାଦଦେଶରେ ଅବସ୍ଥିତ । ମାଛକୁଣ୍ଡ ନଦୀଟି ପୂର୍ବ-ପଶ୍ଚିମଦିଗକୁ ବହିଯାଇଛି । ପାତ୍ରପୁଟ, କେନ୍ଦୁଗୁଡ଼ା, ଭୋଜଗୁଡ଼ା, ଆମିଲିବେଡ଼ା ସୁଗିପଡ଼ା, ଚିଲିପଦର, ରାମଗୁଡ଼ା ଓ କୋନାଙ୍ଗି ଗ୍ରାମଗୁଡ଼ିକରେ ଖୁବ୍ ଗ୍ରୀଷ୍ମ ଅନୁଭୂତ ହୁଏ । ଶୀତଦିନର ଜଳବାୟୁ କିନ୍ତୁ ଏଠାରେ ଖୁବ୍ ଆରାମଦାୟକ । ପାହାଡ଼ ଉପରେ ଥିବା ଗ୍ରାମଗୁଡ଼ିକ ହେଉଛି ସୁଟିପଡ଼ା ଦାମଧରବେଡ଼ା, ଗଙ୍ଗାପଡ଼ା ଓ ନାଗିଙ୍ଗଝୋଲା । ଏହି ଗ୍ରାମଗୁଡ଼ିକରେ ଖୁବ୍ କମ୍ ଲୋକ ବାସ କରନ୍ତି । ଏମାନଙ୍କର ଜୀବନଧାରଣର ମାନ ପାଦଦେଶରେ ଥିବା ଗ୍ରାମଗୁଡ଼ିକ

ହେଲା ଓରଙ୍ଗି, ପୁରୁଣାଗୁମ୍ମା, ମୁଦିଲିଗୁଡ଼ା । ଏସବୁ ଗ୍ରାମର କିମ୍ବା ଏଠାକାର ଅଧିବାସୀମାନେ ଅନ୍ୟମାନଙ୍କ ତୁଳନାରେ ଅଧିକ ସୁଖ ସୁବିଧା ପାଉଛନ୍ତି । ଚାଷବାସରେ ସୁବିଧାସୁଯୋଗ ସହିତ ସରକାରୀ ପ୍ରୋତ୍ସାହନ ସେମାନଙ୍କ ଜୀବନଶୈଳୀକୁ ଉନ୍ନତ କରିପାରିଛି ।

ମୁଖ୍ୟତଃ, ପାହାଡ଼ର ଶୀର୍ଷଦେଶରେ ଅବସ୍ଥିତି ଗ୍ରାମଗୁଡ଼ିକରେ ଥିବା ବାସଗୃହଗୁଡ଼ିକର ତିଆରି ପ୍ରଣାଳୀ ଭିନ୍ନ ଅଟେ । ଘରଗୁଡ଼ିକ ମଧ୍ୟରେ ବ୍ୟବଧାନ ଅଧିକ ଅଟେ । ପୋଡୁଚାଷକୁ ଯେପରି ସେମାନେ ଇତଃସ୍ତତଃ ଭାବରେ କରିଥାନ୍ତି ଘରଗୁଡ଼ିକ ଠିକ୍ ସେହିପରି ଦେଖାଯାଏ କିନ୍ତୁ ଏବେ ଏମାନେ ଏକତ୍ରିତ ହୋଇ ବାସ କଲେଣି । ତେବେ ପୋଡୁଚାଷ ବଦଳରେ ସେମାନଙ୍କର ଅନ୍ୟକିଛି ଉପାୟ ନାହିଁ ।

## ଭାଷା ଓ ସେମାନଙ୍କର ପରିଚୟ:

ପୂର୍ବକାଳରୁ ଏମାନଙ୍କର ନାମ ଡିଡ଼ାୟୀ ନଥିଲା, ପଡ଼ୋଶୀ ଓଡ଼ିଆମାନଙ୍କ ଦ୍ୱାରା ଏପରି ନାମକରଣ ହୋଇଛି । ପୂର୍ବେ ସେମାନଙ୍କର ନାମ ଥିଲା ଗତାଃ । ସେମାନେ ଏହାକୁ ଭୁଲିଯାଇ ନିଜକୁ 'ଡିଡ଼ାୟୀ' ବୋଲି ପରିଚୟ ଦେଉଛନ୍ତି । ପଡ଼ୋଶୀ ଓଡ଼ିଆମାନଙ୍କ ଦ୍ୱାରା 'ଡିଡ଼ାୟୀ' ସମ୍ବୋଧନରେ ସେମାନେ ସେମାନଙ୍କର ପୁରୁଣା ସଂସ୍କୃତିକୁ ମଧ୍ୟ ଆସ୍ତେ ଆସ୍ତେ ଭୁଲି ଗଲେଣି । 'ଗତାର'ର ଅର୍ଥ 'ପୋଡୁଚାଷୀ' । ମାତ୍ର ଏବେ ସେମାନେ ନିଜକୁ ଜଙ୍ଗଲର ବାସିନ୍ଦା ବୋଲି ପରିଚୟ ଦେଉଛନ୍ତି ।

'ଡିଡ଼ାୟୀ' ଜାତି ଏକ ସ୍ୱତନ୍ତ୍ର ଭାଷାରେ ଅଧିକାରୀ । ସେହି ଭାଷାରେ ତାଙ୍କ ଜାତିର ନାମ 'ଗତାଃରେ' ଓ ଭାଷାରେ ନାମ 'ଗତାଃସା' । ସେମାନେ କହୁଥିବା ଭାଷା ମୁଣ୍ଡା ଗୋଷ୍ଠୀ ଅନ୍ତର୍ଗତ । ବଂଶାନୁକ୍ରମିକ ଓ ପାରମ୍ପରିକ ସମ୍ପର୍କ ଦୃଷ୍ଟିରୁ ବୃହତର ଗୋଷ୍ଠୀ ଭିତରେ ଡିଡ଼ାୟୀର ସ୍ଥାନ ନିମ୍ନାଙ୍କିତ ନିକ୍ସାରେ ଦ୍ରଷ୍ଟବ୍ୟ । ଡିଡ଼ାୟୀ ଏକ ଶ୍ରୁତି ମଧୁର ଭାବପ୍ରକାଶ ଭାଷା । ଶବ୍ଦଗଠନ ଦୃଷ୍ଟିରୁ ଏହା ଯେପରି ସମୃଦ୍ଧ ସେପରି ବିଚିତ୍ର । ଏହାର ନିଜସ୍ୱ ଲିପି ନାହିଁ କି ଲିଖିତ ସାହିତ୍ୟ ନାହିଁ । ମାତ୍ର ଏହା ପ୍ରଚୁର ମୌଖିକ ସାହିତ୍ୟ, ଗପ, ଢଗଢ଼ମାଳୀ ଇତ୍ୟାଦି ଦ୍ୱାରା ପରିପୂର୍ଣ୍ଣ । ବଣ୍ଡା, ଗଦବା, ସଉରା, ଜୁଆଙ୍ଗ ଓ ଖରିଆମାନଙ୍କ ଭାଷା ସହିତ ଡିଡ଼ାୟୀ ଭାଷାରେ ସାମଞ୍ଜସ୍ୟ ପରିଲକ୍ଷିତ ।

ମୁଣ୍ଡା ଭାଷାଭାଷୀଗୋଷ୍ଠୀ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । (୧) ଉତ୍ତରମୁଣ୍ଡା (୨) ଦକ୍ଷିଣ ମୁଣ୍ଡା । ଦକ୍ଷିଣମୁଣ୍ଡା ପୁନଶ୍ଚ ଦୁଇଭାଗରେ ବିଭକ୍ତ- (କ) କେନ୍ଦ୍ରୀୟ ମୁଣ୍ଡା (ଖ) କୋରାପୁଟ ମୁଣ୍ଡା । କୋରାପୁଟ ମୁଣ୍ଡାମାନେ ହେଲେ ଗଦବା, ବଣ୍ଡା, ଡିଡ଼ାୟୀ ସଉରା ଓ ପାରେଙ୍ଗା । ଏମାନଙ୍କ ମଧ୍ୟରେ ଅନେକଟା ସାମଞ୍ଜସ୍ୟ ଦେଖାଯାଏ ।

## ଉତ୍ପତ୍ତି ସମ୍ବନ୍ଧୀୟ ପୌରାଣିକ ମତବାଦ:

'ଡିଡ଼ାୟୀ'ମାନଙ୍କ ଉତ୍ପତ୍ତି ସଂମ୍ବନ୍ଧୀୟ କୌଣସି ନିର୍ଦ୍ଦିଷ୍ଟ ମତ ସେପରି କିଛି ନାହିଁ । ସେମାନେ କେଉଁଠୁ ଆସିଲେ କିପରି ଆସିଲେ ସେ ସଂପର୍କରେ ସଠିକ ତଥ୍ୟମିଳିନାହିଁ । କିନ୍ତୁ କେତେକ କୁହନ୍ତି ପୂର୍ବକାଳରେ କଣ୍ଡକାମେରୁ ପାହାଡ଼ରେ ଦୁଇଭାଇ ରହୁଥିଲେ । ଜଣେ ହେଲା ବଣ୍ଡା, ଅନ୍ୟଜଣେ 'ଡିଡ଼ାୟୀ' । ସେମାନଙ୍କ ମଧ୍ୟରେ କଳହ ଲାଗିଲା । ବଣ୍ଡାମାନେ ପାହାଡ଼ ଉପରେ ରହିଲେ ଏବଂ ଡିଡ଼ାୟୀମାନେ ପାହାଡ଼ର ପାଦଦେଶକୁ ଆସିଲେ ।

ଅନ୍ୟ କେହି କହନ୍ତି, ପୂର୍ବକାଳରୁ ଏ ସ୍ଥାନରେ କିଛି ନଥିଲା, ଚାରିଆଡ଼ କେବଳ ଜଳମୟ ଥିଲା । ଉପରେ ଆକାଶ ଓ ତାରାମାନେ ଥିଲେ । ତଳେ ପାଣି ଲହଡ଼ି ଭାଙ୍ଗୁଥିଲା । ସେହି ପାଣି ମଧ୍ୟରେ ଗୋଟିଏ ପାହାଡ଼ ଦେଖାଗଲା ଏବଂ ତା ମଧ୍ୟରେ ଗୁମ୍ଫାଟିଏ ଥିଲା । ସେହିଠାରେ ଦୁଇଜଣ ପୁଅ ଝିଅ ରହୁଥିଲେ । ସେମାନଙ୍କୁ ମହାପ୍ରଭୁ ପଠାଇଥିଲେ ବୋଲି କେହି କେହି ବିଶ୍ୱାସ କରନ୍ତି । ମହାପ୍ରଭୁ ସେମାନଙ୍କର ସୁବିଧା ଅସୁବିଧା ପାଇଁ ପାହାଡ଼, ଗଛଲତା, ବଣଜଙ୍ଗଲ, ନଈନାଳ ଇତ୍ୟାଦି ସୃଷ୍ଟି କଲେ । ସେ ଦୁହେଁ ଭାଇଭଉଣୀ ପରି ଚଳିଲେ, କିନ୍ତୁ ଏହା ଦ୍ୱାରା ଅସୁବିଧା ହେଲା । ତେଣୁ ମହାପ୍ରଭୁ ଦୁଇଜଣଙ୍କୁ ଦୁଇଆଡ଼କୁ ପଠାଇଲେ । ଦୁହେଁ ଫେରିବା ପରେ ଆଉ ପରସ୍ପରକୁ ଚିହ୍ନିପାରିଲେ ନାହିଁ ଏବଂ ଉଭୟଙ୍କ ପ୍ରତି ଆକୃଷ୍ଟ ହୋଇ ବିବାହ କଲେ । ସେମାନଙ୍କର କେତେ ପିଲାପିଲି ଜନ୍ମହେଲେ ଏବଂ ସେହି ପିଲାମାନଙ୍କ ମଧ୍ୟରୁ କେତେକ 'ଡିଡ଼ାୟୀ', କେତେକ 'ବଣ୍ଡା' ଏବଂ କେତେକ ପାରେଙ୍ଗା ହୋଇ ଦଳବାନ୍ଧି ରହିଲେ । ଏହିପରି ସେମାନଙ୍କର ସୃଷ୍ଟି ହୋଇଥିଲା ।

## ଡିଡ଼ାୟୀ ଓ ସେମାନଙ୍କର ଅର୍ଥନୈତିକ ଜୀବନ:

ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ଡିଡ଼ାୟୀମାନେ ମୁଖ୍ୟତଃ ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଛନ୍ତି । ପ୍ରକୃତିର ପ୍ରତ୍ୟକ୍ଷ ଅବଦାନ ନଡ଼ା, ପିରି, କାଠ,ବାଉଁଶରେ ଘର ତିଆରି କରି ଏମାନେ ରହନ୍ତି । ଘର କାନ୍ଥଗୁଡ଼ିକ ସାଧାରଣତଃ ଝାଟିମାଟିରେ ତିଆରି ତା ଉପରେ ମାଟିଲେସି ତାକୁ ମୋଟା କରିଥାନ୍ତି । ସେଥିରେ ବିଭିନ୍ନ ରଙ୍ଗର ମାଟି ଯଥା ନାଲି, ହଳଦିଆ, ଧଳା କିମ୍ବା ଗଛର ଛାଲିକୁ ସିଝେଇ ତାହାକୁ କଳାରଂଗ କରି ଲିପିଥା'ନ୍ତି । ଏସବୁରୁ ସେମାନଙ୍କର କୁଶଳୀକାରିଗରୀ ଦକ୍ଷତାର ପରିଚୟ ମିଳେ । ସେମାନେ ଜଙ୍ଗଲ ତଥା ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି । ଶିକାର କରିବା, ମାଛ ଧରିବା ସେମାନଙ୍କର ଆଦିମ ଜୌବିକବୃତ୍ତି । ମୁଣ୍ଡପିଛା ଆୟ କହିଲେ କିଛି ନାହିଁ ।

ବିଶେଷକରି ସ୍ତ୍ରୀଲୋକମାନେ ପରିଶ୍ରମୀ । ପୁରୁଷମାନେ ଅଧିକାଂଶ ସମୟ ସଲପ ପିଇ ମାତାଲ ହୋଇଥାନ୍ତି । ସ୍ତ୍ରୀଲୋକମାନେ ପ୍ରଭାତରୁ ଉଠି ନିଜ ନିଜର ନିତ୍ୟକର୍ମ ସାରି ରୋଷେଇ କରିଥାନ୍ତି । ତାପରେ ପରିବାରର ସମସ୍ତଙ୍କୁ ଖାଇବାକୁ ଦେଇ, ନିଜେ ଖାଇବା ପରେ କର୍ମକ୍ଷେତ୍ରକୁ ବାହାରି ପଡ଼ନ୍ତି । ନିକଟରେ ପୋଡୁଚାଷ କରୁଥିବା ଜମିକୁ ଚାଲିଯାନ୍ତି । ଦିନବେଳା ଗାଁଗଣ୍ଡାରେ କାହାରିକୁ ପ୍ରାୟ ଦେଖିବାକୁ ମିଳେନାହିଁ । ପୁରୁଷମାନେ କୃଷିକ୍ଷେତ୍ରକୁ ଯାଆନ୍ତି । ଅର୍ଥାତ୍ ତୁଳନାତ୍ମକ ଭାବରେ ମହିଳାମାନେ ହିଁ ଅଧିକ ପରିଶ୍ରମୀ ।

ଜଙ୍ଗଲରୁ କାଠ ଆଣିବା, କେନ୍ଦୁପତ୍ର ତୋଳିବା ଶିଆଳୀପତ୍ର ତୋଳିବା ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାରେ ଡିଡ଼ାୟୀମାନେ ଧୁରନ୍ଧର । ଡିଡ଼ାୟୀମାନଙ୍କର ଅର୍ଥନୈତିକ ଜୀବନର ପ୍ରସଙ୍ଗ ଉଠିଲେ, ବୁଝିବାକୁ ହେବ ଯେ, କୃଷିଜୀବି, ଶିକାରୀ ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ ସେମାନେ ପାରଦର୍ଶୀ । କୃଷିକାର୍ଯ୍ୟ ସେମାନଙ୍କର ମୁଖ୍ୟ ଜୀବିକା ।

ସେମାନେ ସାଧାରଣତଃ ପାହାଡ଼ ଉପରେ ଓ ପାହାଡ଼ର ପାଦଦେଶରେ ବାସକରନ୍ତି । ଏଣୁ ଜମିର ଉର୍ବରତା ଓ ପାଗର ଅନୁକୂଳ ଅବସ୍ଥା ଦେଖି ଚାଷବାସ କରନ୍ତି । ଚାଷବାସରେ ସପରିବାର ନିୟୋଜିତ ହୋଇଥାନ୍ତି ।

ସେମାନେ ସର୍ବଦା ବର୍ତ୍ତମାନରେ ବିଶ୍ୱାସୀ । ଭବିଷ୍ୟତ ଚିନ୍ତାଧାରା ସେମାନଙ୍କର ଆଦୌ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମାନେ ଦୁଇ ଚାରିଜଣ ସାଙ୍ଗହୋଇ ଜଙ୍ଗଲକୁ କେବଳ ଫଳମୂଳ, ବାଉଁଶ ଗଜା ପ୍ରଭୃତି ସଂଗ୍ରହ ପାଇଁ ଯା'ନ୍ତି । ଏହିପରି ସାମୁହିକ ଭାବରେ ବିଭିନ୍ନ କର୍ମକାଣ୍ଡ, ପର୍ବ ଓ ଶିକାରରେ ଯୋଗଦିଅନ୍ତି । ଦଳବଦ୍ଧ ହୋଇ ଶିକାରକୁ ଯିବା ସେମାନଙ୍କର ଅନ୍ୟତମ ପ୍ରବୃତ୍ତି ।

ଡିଡ଼ାୟୀମାନଙ୍କ ମଧ୍ୟରେ ଶ୍ରେଣୀ ବିଭକ୍ତ ହୋଇଥାଏ, ଯଥା, (୧) ଚାଷୀ (୨) କ୍ଷୁଦ୍ର ଚାଷୀ (୩) ଶ୍ରମିକ । ସ୍ଥାୟୀ ଚାଷୀମାନେ କେବଳ ଚାଷ ଉପରେ ନିର୍ଭର କରନ୍ତି । ପାହାଡ଼ର ପାଦଦେଶରେ ବାସକରୁଥିବା ଚାରୋଟି ଗ୍ରାମର ଚାଷୀମାନେ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ । ସେମାନଙ୍କର ଅଧିକ ଧାନଜମି ରହିଅଛି । ସେହି ଜମିଗୁଡ଼ିକ ଅଧିକ ଉର୍ବର ଓ ସମତଳ ଯାହାକି ଧାନଚାଷ ପାଇଁ ଉପଯୁକ୍ତ ଅଟେ । ଏମାନେ ଅବଶ୍ୟ ଜଙ୍ଗଲ ଉପରେ କିଛିମାତ୍ରାରେ ନିର୍ଭର କରନ୍ତି । ତେବେ ଚାହିଦା ମୁତାବକ ଅଧିକ ଅମଳ କରିଥାନ୍ତି ଏବଂ ତାକୁ ନିଜର ଆବଶ୍ୟକତା ନିମିତ୍ତ ସଂଚୟ କରିରଖିଥାନ୍ତି । ପାଦଦେଶରେ ବାସକରୁଥିବା ଡିଡ଼ାୟୀମାନଙ୍କୁ ବାଦଦେଲେ ଅନ୍ୟଗ୍ରାମରେ ବାସକରୁଥିବା ଡିଡ଼ିୟୀମାନେ କ୍ଷୁଦ୍ରଚାଷୀ ଶ୍ରେଣୀର ଅନ୍ତର୍ଭୁକ୍ତ । ଏମାନେ କେତେକ ଅନୁର୍ବର ଜମିର ମାଲିକାନା ଉପଭୋଗ

କରିଥାନ୍ତି ଏବଂ ମୁଖ୍ୟତଃ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଚାହିଦା ମୁତାବକ ଶସ୍ୟ କ୍ଷୁଦ୍ର ଚାଷୀମାନେ ଅମଳ କରିପାରନ୍ତି ନାହିଁ । ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ, ମହୁଲ ଫୁଲ, କରଓ ଫଳ ଇତ୍ୟାଦି ସଂଗ୍ରହ କରନ୍ତି । ସେମାନେ ସଂଗ୍ରହ କରିଥିବା ଦ୍ରବ୍ୟ ବଡ଼ବ୍ୟବସାୟୀମାନଙ୍କୁ ବିକ୍ରି କରନ୍ତି । ତା ବଦଳରେ ଲୁଣ, ତେଲ ଓ ଶୁଖୁଆ କିଣିଥାନ୍ତି । ଏମାନଙ୍କର ନିର୍ଦ୍ଦିଷ୍ଟ ରୋଜଗାର କିଛିନାହିଁ । ଡଂଗରରୁ ଯାହା କିଛି ଅମଳ କରି ତାରି ଉପରେ ନିର୍ଭର କରିଚଳନ୍ତି । ସଲପ ରସ, ପେଣ୍ଡମ ସାଗୁ (ମଦ) ଇତ୍ୟାଦି ସେମାନଙ୍କର ମୁଖ୍ୟ ପାନୀୟ । କେହି କେହି ସଲପରସକୁ ମୁଖ୍ୟପାନୀୟ ରୂପେ ବ୍ୟବହାର କରିଥାନ୍ତି ।

ଡିଡ଼ାୟୀମାନଙ୍କ ଅର୍ଥନୈତିକ ଜୀବନ ଦୁଇ ଭାଗରେ ବିଭକ୍ତ କରଯାଇପାରିବ । (୧) ଜଙ୍ଗଲଜାତ ଅର୍ଥନୀତି, (୨) କୃଷିଜାତ ଅର୍ଥନୀତି ।

## ଜଙ୍ଗଲଜାତ ଅର୍ଥନୀତି:

**Forest Economics:**

କୃଷିକାର୍ଯ୍ୟ ଡିଡ଼ାୟୀମାନଙ୍କ ଜୀବନଧାରଣର ମାଦଦଣ୍ଡ ଅଟେ । ମାତ୍ର ଜଙ୍ଗଲ ସେମାନଙ୍କର ସାହାଭରସା । ଅର୍ଥନୈତିକ ସ୍ଥିତିକୁ କୃଷିଯେତିକି ସମୃଦ୍ଧ କରେ ଜଙ୍ଗଲ ମଧ୍ୟ ସେତିକି ସାହାଯ୍ୟ କରିଥାଏ । ଜଙ୍ଗଲକୁ ବାଦ ଦେଲେ ସେମାନଙ୍କର କିଛି ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ଷର ସବୁ ସମୟରେ ଜଙ୍ଗଲରୁ ସେମାନେ କିଛି ନା କିଛି ସଂଗ୍ରହ କରନ୍ତି । ଜାଳେଣି କାଠ,ବାଉଁଶ, ବାଉଁଶଗଜା, ବିଭିନ୍ନପ୍ରକାର (କନ୍ଦ), ଛତୁ, ମହୁଲ ଫୁଲ ଓ ଫଳ, କରଞ୍ଜି ଫଳ, ଶିଆଳୀପତ୍ର ମହୁ, ଲାଖ, ଝୁଣା ଇତ୍ୟାଦି ସେମାନଙ୍କର ଅର୍ଥନୀତିକୁ ସାହାଯ୍ୟ କରିଥାଏ । ଏସବୁ ପାଇପାରୁଥିବାରୁ ସେମାନେ ଜଙ୍ଗଲକୁ ଜୀବନର ମାଦଦଣ୍ଡ ସ୍ୱରୂପ ଆଦରି ନେଇଥାନ୍ତି । ସମତଳ ଅଞ୍ଚଳ ଛାଡ଼ି ପାହାଡ଼ ପର୍ବତଘେରା ଦୁର୍ଗମ ଅଞ୍ଚଳରେ ବାସ କରିବାକୁ ପସନ୍ଦ କରନ୍ତି ସେମାନେ । ସେମାନଙ୍କର ବଂଶଧରମାନେ ମଧ୍ଯ ସେହି ପରମ୍ପରାକୁ ଖୁବ୍ ଆନନ୍ଦ ସହକାରେ ନିର୍ବାହ କରିଥାନ୍ତି, ସିମୀତତା ସତ୍ତ୍ୱେ ବଣଜଙ୍ଗଲ ଭିତରେ ବସ୍ତିରହିଥାନ୍ତି । ଡିଡ଼ାୟୀମାନେ ଏକାଧିକ ଦଳ ହୋଇ ଜଙ୍ଗଲର ମଧ୍ୟଭାଗକୁ ବିଭିନ୍ନ କନ୍ଦା କିମ୍ବା ଫଳମୂଳ ସଂଗ୍ରହ କରିବା ପାଇଁ ଚାଲିଯାନ୍ତି । ଏସବୁ କାର୍ଯ୍ୟ ପୁରୁଷ, ସ୍ତ୍ରୀ ଓ ପିଲା ସମସ୍ତେ ସାମିଲ ହୋଇଥାନ୍ତି । ସମୟ ସମୟରେ ମହିଳା ଓ ପିଲାମାନେ ସନ୍ଧ୍ୟାବେଳକୁ ଫେରିଆସନ୍ତି । ପୁରୁଷମାନେ ଜଙ୍ଗଲର ଦୂରକୁ ଯାଉଥିଲେ ସେଠାରେ ରାତ୍ରିରେ ଦଳ ହୋଇ ରହିଯାନ୍ତି । ଦିନରେ ଯାହା ସଂଗ୍ରହ କରିଥାନ୍ତି । ସେଥିରୁ କିଛି ଖାଆନ୍ତି । ବଳକାତକ ଘରକୁ ଆଣନ୍ତି । ଏହି ରାତ୍ରକାଳୀନ ରହଣି ସେମାନଙ୍କୁ ଶିକାର ତଥା ନୂତନ ପୋଡୁଚାଷ ପାଇଁ ଜମି ଅନୁସନ୍ଧାନରେ ସାହାଯ୍ୟ କରେ ।

ଡିଡ଼ାୟୀମାନେ ଜଙ୍ଗଲରୁ ସଂଗ୍ରହ କରୁଥିବା ବିଭିନ୍ନ ମୂଳ,କନ୍ଦା, ଫଳ, ଫୁଲ,ପତ୍ର, ଇତ୍ୟାଦିକୁ ଖାଦ୍ୟଶସ୍ୟ ଭାବରେ ବ୍ୟବହାର କରନ୍ତି । ଏଗୁଡ଼ିକ ମଧ୍ୟରୁ କେତେକ ଦ୍ରବ୍ୟ ବର୍ଷର ସବୁ ସମୟରେ ମିଳେ ଏବଂ କେତେକ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଉପଲବ୍ଧ ହୋଇଥାଏ ।

## ମହୁସଂଗ୍ରହ:

ଡିଡ଼ାୟୀମାନଙ୍କ ଭାଷାରେ ମହୁକୁ 'ଜୁଙ୍ଗିଡ଼ିଆ' ମହୁମାଛିକୁ 'ଡ଼ିଆଜଙ୍ଗ' ଓ ମହୁଫେଣାକୁ ଟାଟା କୁହନ୍ତି । ଜଙ୍ଗଲରୁ ମହୁ ସଂଗ୍ରହ କରି ଖାଇବା କିମ୍ବା ନିକଟସ୍ଥ ହାଟରେ ବିକ୍ରି କରିବା ସେମାନଙ୍କର ଏକ ପ୍ରକାର ପ୍ରଧାନ କାର୍ଯ୍ୟ । ମହୁମାଛିଗୁଡ଼ିକ ପ୍ରାକୃତିକ ବିପଦର ଆଶଙ୍କା ନଥିବା ସ୍ଥାନ ଯଥା ବଡ଼ ବଡ଼ ଗଛକୋରଡ଼ରେ,ପାହାଡ଼ ଆଦିରେ ବସା ବାନ୍ଧିଥାନ୍ତି । ଯେତେ ଉଚ୍ଚ ଗଛ ହେଉ କିମ୍ବା ଦୁର୍ଗମ ପାହାଡ଼ ହେଉ ମହୁମାଛିଙ୍କୁ ଘଉଡ଼ାଇ ମହୁସଂଗ୍ରହ କରିବାରେ ଡ଼ିଡ଼ାୟୀମାନେ ବେଶ ଦକ୍ଷ । ପୁରୁଷଲୋକ ମାନେ ହିଁ ମହୁସଂଗ୍ରହ କରିଥାନ୍ତି । ସାଙ୍ଗରେଗୋଟିଏ ବଡ଼ ବାଡ଼ି, ଧନୁଶର, ଟାଙ୍ଗିଆ ନେଇଥାନ୍ତି । ବାଡ଼ିଦ୍ୱାରା ଉଚ୍ଚରେ ଥିବା ମହୁଫେଣାକୁ ନିଆଁହୁଳା ଦ୍ୱାରା ଧୂଆଁ ଦିଅନ୍ତି । ଫଳରେ ମହୁମାଛିଗୁଡ଼ିକ ଉଡ଼ିଯାନ୍ତି ଏବଂ ମହୁ ଧରିବାରେ ସେମାନଙ୍କୁ ସୁବିଧାହୁଏ । ମହୁମାଛିକୁ ଭୟ ଥିବାରୁ ଡ଼ିଡ଼ାୟୀମାନେ ନିଆଁର ସାହାଯ୍ୟ ନିଅନ୍ତି । ନିଆଁ ଜଳାଇବା ନିମିତ୍ତ ଆବଶ୍ୟକ ଶୁଖିଲାକାଠପତ୍ର ଆଦି କାଟି ଜମା କରି ନିଆଁଜଳାନ୍ତି । ମହୁଫେଣାରୁ ମହୁମାଛିଗୁଡ଼ିକ ନ ଉଡ଼ିବା ପର୍ଯ୍ୟନ୍ତ ସେମାନେ ତା' ପାଖକୁ ଯାଆନ୍ତି ନାହିଁ । ମାଛିଗୁଡ଼ିକ ଉଡ଼ିଗଲା ପରେ ମହୁଫେଣାକୁ ଆଣି ସେଥିରେ ଥିବା ଅପରିଷ୍କାର ପଦାର୍ଥ କାଢ଼ିଦିଅନ୍ତି । ମହୁଫେଣାକୁ କେତେକ ସେଇଠି କନଦ୍ୱାରା ଚିପୁଡ଼ିଥାନ୍ତି; ଅନ୍ୟ କେହି ଘରକୁ ନେଇଆସନ୍ତି । ମହୁଖାଇବା ପାଇଁ ରଖି ବଳକା ମହୁତକ ସେମାନେ ହାଟରେ ବିକ୍ରି କରିଥାନ୍ତି । କେହି କେହି ମହୁକୁ ବଦଳାଇ ଅନ୍ୟ କିଛି ଦରକାରୀ ଜିନିଷ ନେଇଥାନ୍ତି ।

## ଜାଳେଣି କାଠ ଓ ବାଉଁଶ:

ଡିଡ଼ାୟୀ ଭାଷାରେ ଜାଳେଣୀକାଠକୁ 'ସୁଁଆଁ' ବାଉଁଶକୁ 'ଗଟ୍‌-ହଅଁ' କୁହନ୍ତି । କାଠ ଓ ବାଉଁଶ ସେମାନଙ୍କ ଜିବୀକାର ମୁଖ୍ୟ ଉପାଦାନ । କାଠକୁ ସେମାନେ ବିଭିନ୍ନ ଉପାୟରେ ବ୍ୟବହାର କରନ୍ତି । ବର୍ଷାଋତୁକୁ ବାଦ୍ ଦେଲେ ବର୍ଷର ଅନ୍ୟ ସବୁ ସମୟରେ ସେମାନେ ଜଙ୍ଗଲରୁ କାଠ ସଂଗ୍ରହ କରନ୍ତି । ଘରର ଛପର କରିବା ପାଇଁ ଜଙ୍ଗଲରୁ କାଠ କାଟି ଘରର ଶୀର୍ଷଦେଶରୁ ତଳଆଡ଼କୁ ପକାଇଥାନ୍ତି, କେହି କେହି ତା ଉପରେ ଟାଇଲି କିମ୍ବା ଖପର

ପକାନ୍ତି । କବାଟ ପାଇଁ ମୋଟା କାଠ କାଟି ଆଣି ତାକୁ ପଟା ଚିରି କବାଟ ଲଗାନ୍ତି । କେତେଜଣ ଜାଳେଣି କାଠ ଜଙ୍ଗଲରୁ ବିଡ଼ା କରି ବୋହି ଆଣି ବଜାରରେ ବିକ୍ରି କରନ୍ତି । କେହି କେହି ଘରର କବାଟକୁ ବାଉଁଶ ବତାର ପଟିରେ ତିଆରି କରିଥାନ୍ତି । ଘରତିଆରି ପରିବର୍ତ୍ତେ ସେମାନେ ବିଭିନ୍ନ ପ୍ରକାର ଗୃହ ଉପକରଣ, ଚାଷ ଉପକରଣ ଇତ୍ୟାଦି ମଧ୍ୟ କାଠାରେ ତିଆରି କରିଥାନ୍ତି । ଚାଷ କରିବା ପାଇଁ ଲଙ୍ଗଳ, ଜୁଆଳି କାଠରୁ ତିଆରି ହୁଏ । ମଣିଷର ମୃତ୍ୟୁ ଘଟିଲେ ତାକୁ ଶ୍ମଶାନରେ ପୋଡ଼ିବା ପାଇଁ କାଠ ବ୍ୟବହୃତ ହୁଏ । ଏଥିପାଇଁ ସେମାନେ କାଠକୁ ସାଇତି ରଖନ୍ତି ।

## ବାଉଁଶ ସଂଗ୍ରହ:

ଡିଡ଼ାୟୀମାନେ ବାଉଁଶ ସଂଗ୍ରହ କରି ତାକୁ ବିଭିନ୍ନ ଉପାୟରେ ବ୍ୟବହାର କରିଥାନ୍ତି । ବାଉଁଶକୁ ତାଙ୍କ ଭାଷାରେ 'ଗାହାଁ' କୁହାଯାଏ । ସେମାନେ ଦଳବଦ୍ଧ ହୋଇ କିମ୍ବା ଦୁଇ ଜଣରୁ ଅଧିକ ସାଥୀ ହୋଇଯାଆନ୍ତି । ଘରତିଆରି ପାଇଁ, ଘର ଚାରିପଟେ ବାଡ଼ଦେବା ପାଇଁ ଡିଡ଼ାୟୀମାନେ ବାଉଁଶ ଉପରେ ନିର୍ଭର କରନ୍ତି । ବନ୍ୟଜାତ ଦ୍ରବ୍ୟମାନଙ୍କ ବାଉଁଶ ହେଉଛି ଅନ୍ୟତମ । ବାଉଁଶ ସଂଗ୍ରହ ସେମାନେ ବର୍ଷର ସବୁ ସମୟରେ କରିପାରିବେ । ବାଉଁଶକୁ ବିଡ଼ାବିଡ଼ା କରି ଜଙ୍ଗଲରୁ ବୋହି ଆଣନ୍ତି । କଞ୍ଚା ଅବସ୍ଥାରେ ତାକୁ ଫାଳ କରନ୍ତି । କେହି କେହି ସେ ସବୁକୁ ନେଇ ନିକଟସ୍ଥ ଝରଣାପାଣିରେ ବୁଡ଼ାଇ ରଖନ୍ତି । ଏପରି ୮ରୁ ୧୦ ଦିନ ଧରି ପାଣିରେ ଭିଜାଇ ରଖିବା ଦ୍ୱାରା ତାହା କଷ ହୋଇଥାଏ ଏବଂ ବାଡ଼ଗୁଡ଼ିକ ବହୁତଦିନ ପାଇଁ ନଷ୍ଟହୁଏ ନାହିଁ। ପ୍ରତ୍ୟେକ ଡିଡ଼ାୟୀ ନିଜ ଘର ଚାରିପଟେ ଏହା ବତା ବାଡ଼ କରିଥାନ୍ତି । ଏହି ବାଡ଼କୁ 'ତୁରାଃ' କୁହନ୍ତି । କେତେକ ଘରର ଛପର ଉପରେ ମଧ୍ୟ ବତାକୁ ବାନ୍ଧିଥାନ୍ତି । ପବନ ହେଲେ ଘରର ଛପର ଉଡ଼ିଯିବାର ସମ୍ଭାବନା ଥାଏ ତେଣୁ ଘର ଉପରେ ସେମାନେ ଶିଆଳୀ ଲତା ଦ୍ୱାରା କଣଗୁଡ଼ିକ ବାନ୍ଧିଥାନ୍ତି । ବାଉଁଶ ଦ୍ୱାରା ମଧ୍ୟ କେତେକ ଘରର ତାଟି କବାଟ ଇତ୍ୟାଦି ତିଆରି କରିଥାନ୍ତି । କେହି କେହି ବାଉଁଶର ବିଭିନ୍ନ ଆସବାସପତ୍ର ତିଆରି କରିଥାନ୍ତି । ସେଗୁଡ଼ିକ ହେଲା କୁଲା, ବା 'ଜିଶୋଃ' ବାଉଁଶିଆ ବା "ଆଣ୍ଡା', ମଶିଣା ବା 'ସିଙ୍ଗଲାଃ' ଇତ୍ୟାଦି । ଜଙ୍ଗଲରୁ କାଟି ଆଣିଥିବା ବାଉଁଶକୁ ଫାଳ କରନ୍ତି । ସେଥିରୁ ସରୁ ସରୁ ପାତିଆ କାଢ଼ି ବିଭିନ୍ନ ଉପକରଣ ତିଆରି କରନ୍ତି । ଘରର ଦରକାରୀ ଉପକରଣଗୁଡ଼ିକ ନିଜର ବ୍ୟବହାର ପାଇଁ ରଖି ଅବଶିଷ୍ଟ ଉପକରଣକୁ ସେମାନେ ନିକଟସ୍ଥ ହାଟକୁ ବିକ୍ରିକରିବା ପାଇଁ ନିଅନ୍ତି । ହାଟରେ ବିକ୍ରିବଟା ସହିତ ଅଦଳ ବଦଳ ପ୍ରଥା ଦ୍ୱାରା ଜିନିଷର ନେଣଦେଣ ହୁଏ । ଏସବୁ ଉପକରଣକୁ ବାଦ୍ ଦେଲେ ବାଉଁଶରୁ ସେମାନେ ମାଛ ଧରିବା ଉପକରଣ ତିଆରି କରନ୍ତି ।

ବର୍ଷାଦିନେ ବାଉଁଶଗଛରୁ ଛୋଟ ଛୋଟ ନୂଆ ବାଉଁଶ ଗଛ ଉଠେ । ଏହି ନୂଆ ବାଉଁଶଗଜାକୁ 'ହିଲି' କହନ୍ତି । ବାଉଁଶ ଗଜା ସେମାନଙ୍କର ପ୍ରିୟ ଖାଦ୍ୟ । ବର୍ଷାଦିନ ଆରମ୍ଭରୁ ସ୍ତ୍ରୀଲୋକ ଓପିଲାମାନେ ଦଳଦଳ ହୋଇ ଜଙ୍ଗଲରୁ ବାଉଁଶ ଗଜା କାଟି ଆଣନ୍ତି । ତାକୁ ସିଝାଇ ଭାତ କିମ୍ବା ମାଣ୍ଡିଆ ସହିତ ଖାଆନ୍ତି । ବାଉଁଶ ଗଜାକୁ ଶୁଖାଇ ସଂରକ୍ଷଣ କରି ତରକାରୀ ପାଇଁ ରଖିଥାନ୍ତି ।

## ମହୁଲଫୁଲ ଓ ଫଳ ସଂଗ୍ରହ:

ମହୁଲ ଫୁଲ ଓ ଫଳ ସଂଗ୍ରହ ସେମାନଙ୍କର ଜୀବିକାରେ ଏକ ଅଂଶବିଶେଷ । କୁଡ଼ୁମୁଲଗୁମାର ଘାଟି ଅଞ୍ଚଳରେ ବିଶେଷ ମହୁଲ ଗଛ ଦେଖାଯାଏ ନାହିଁ କିନ୍ତୁ ପାହାଡ଼ର ପାଦଦେଶରେ ପ୍ରଚୁର ମହୁଲ ଗଛ ରହିଛି । ମହୁଲ ଫୁଲ ଓ ଫଳ ସେମାନଙ୍କର ଅର୍ଥନୀତିକୁ କିଛି ଅଂଶରେ ସୁଦୃଢ଼ କରିଥାଏ । ଡିଡ଼ାୟୀ ଭାଷାରେ ମହୁଲ ଫୁଲକୁ 'ବୁହାଃ' କହନ୍ତି । ବର୍ଷର ସବୁ ସମୟରେ ମହୁଲ ଫଳ ମିଳେ ନାହିଁ । ଫେବୃଆରୀ ମାସରୁ ଅପ୍ରେଲ ମାସ ପର୍ଯ୍ୟନ୍ତ ମହୁଲ ନିର୍ଦ୍ଦିଷ୍ଟ ସମୟରେ ଝଡ଼େ । ଏହାକୁ ଡିଡ଼ାୟୀମାନେ ଗୋଟାଇ ଆଣି ନିକଟସ୍ଥ ହାଟକୁ ନିଅନ୍ତି । ପ୍ରତିଦିନ ସକାଳୁ ସେମାନେ ଝୁଡ଼ି ନେଇ ଜଙ୍ଗଲକୁ ଚାଲିଯାନ୍ତି । ବିଶେଷ କରି ସ୍ତ୍ରୀଲୋକମାନେ ଭୋରରୁ ଉଠି ମହୁଲ ଫୁଲ ସଂଗ୍ରହ ପାଇଁ ଯାନ୍ତି । କେତେକ ମହୁଲ ଫୁଲରୁ ମଦ ପ୍ରସ୍ତୁତ କରନ୍ତି ଓ ବିକ୍ରି କରିଥାନ୍ତି । ଆଉ କେତେଜଣ ତାକୁ ବଦଳାଇ ଅନ୍ୟ ସଉଦା କିଣିଆଣିଥାନ୍ତି । ଖାଦ୍ୟାଭାବ ହେଲେ ମହୁଲ ଫୁଲକୁ ଭାଜିକି ଖାଦ୍ୟ ରୂପେ ବ୍ୟବହାର କରାଯାଏ । ଏହାର ଫଳକୁ 'କଚଣ୍ଡା' ବା 'ଟୋଲା' କୁହାଯାଏ । ଟୋଲ ମଞ୍ଜିରୁ ତେଲ ବାହାର କରାଯାଏ । ମହୁଲ ତେଲକୁ ଜାଳେଣୀ ରୂପେ ଏବଂ ତରକାରୀ ରାନ୍ଧିବା ପାଇଁ ବ୍ୟବହୃତ କରନ୍ତି । ଫୁଲ ସଂଗ୍ରହ ପରେ ଫଳ ପାକଳ ହୋଇଗଲେ ଡିଡ଼ାୟୀମାନେ ସେହି ଫଳରୁ ମଞ୍ଜି ବାହାର କରି ସାଇତି ରଖନ୍ତି । ଆବଶ୍ୟକ ସମୟରେ ଅବଶିଷ୍ଟ ମଞ୍ଜିକୁ ନେଇ ନିକଟସ୍ଥ ହାଟବଜାରରେ ବିକ୍ରି କରନ୍ତି ।

## କୁସୁମ ମଞ୍ଜି (ଇମ୍ବିୟାଃ):

ମହୁଲ ବ୍ୟତୀତ ଡିଡ଼ାୟୀମାନେ କୁସୁମତେଲକୁ ଖାଦ୍ୟରୂପେ ବ୍ୟବହାର କରନ୍ତି । ତା'ର ମଞ୍ଜିରୁ ତେଲ ବାହାର କରନ୍ତି । କୁସୁମତେଲକୁ ସେମାନେ 'ମ୍ବିୟାଃଛୁଃ' କୁହନ୍ତି । ଏହି ତେଲକୁ ଦେହ ହାତ ଦରଜ ହେଲେ ମାଲିସ୍ କରନ୍ତି । ଫାଲଗୁନ୍ ମାସ ବେଳକୁ କୁସୁମ ଗଛରେ ଫୁଲଧରେ ଏବଂ ଚୈତ୍ର, ବୈଶାଖ ବେଳକୁ ଗଛରେ ଫଳ ଆସିଥାଏ । ସେହି ଫଳ ପାକଳ ହେଲେ ତାକୁ ସଂଗ୍ରହ କରାଯାଏ । ଘରକୁ ଆଣି ଚୋପା ଚଡ଼ାଇ ମଞ୍ଜିକୁ ଗୁଣ୍ଡ କରି ତେଲ ବାହାର କରାଯାଏ ।

## କେନ୍ଦୁପତ୍ର:- (ତ୍ରେଉ)

ବର୍ଷର ଫେବୃୟାରୀରୁ ଏପ୍ରିଲ ମାସରେ ଡିଡ଼ାୟୀମାନେ କେନ୍ଦୁପତ୍ର ସଂଗ୍ରହ କରନ୍ତି । ମହିଳାମାନେ ଜଙ୍ଗଲକୁ ଦଳ ଦଳ ହୋଇଯାଇ କେନ୍ଦୁଫଳ ତୋଳି ଆଣନ୍ତି । ଫଳଗୁଡ଼ିକ ପାଚିଗଲେ ହଳଦିଆ ଦେଖାଯାଏ ଏବଂ ପାଚିଲେ ହିଁ ସଂଗ୍ରହ କରାଯାଏ । ଏତଦ୍‌ବ୍ୟତୀତ ଜଙ୍ଗଲରୁ ସେମାନେ ଆମ୍ବ (ଉଲି), ଡ଼ିମିରି (ଲିୱା) ଓ ତାଳ (ତାଗିଆ) ଇତ୍ୟାଦି ମଧ୍ୟ ସଂଗ୍ରହ କରିଥାନ୍ତି । ଅପ୍ରେଲ ମାସରେ 'ଆମ୍ବ ନୂଆଖିଆ' ପାଳନ କରିସାରିବା ପରେ ସେମାନେ ଜଙ୍ଗଲକୁ ଦଳ ଦଳ ହୋଇଯାଇ କଞ୍ଚାଆମ୍ବ ସଂଗ୍ରହ କରିଥାନ୍ତି । କଞ୍ଚା ଆମ୍ବକୁ ଭାତ ସହିତ ତରକାରୀ ରୂପେ ବ୍ୟବହାର କରିଥାନ୍ତି । ମେ' ବେଳକୁ ଆମ୍ବ ପାଚି ଆସିଥାଏ । ପାଚିଲା ଆମ୍ବକୁ ଖାଇବା ସହିତ ସେମାନେ ହାଟବଜାରରେ ବିକ୍ରିକରନ୍ତି । ଆମ୍ବ ଡିଡ଼ାୟୀମାନଙ୍କର ଖାଦ୍ୟାଭ୍ୟାସ ଅନ୍ୟତମ ଅଂଶବିଶେଷ । ଆମ୍ବର ଟାକୁଆକୁ ମଧ୍ୟ ସେମାନେ ସଂଗ୍ରହ କରି ରଖନ୍ତି । ତାକୁ ଖରାରେ ଶୁଖାଇ ତାର କୋଇଲିକୁ ଗୁଣ୍ଡ କରି ଦିଅନ୍ତି । ଅଭାବ ସମୟରେ କୋଇଲି ଗୁଣ୍ଡକୁ ଜାଉ କରି ଖାଆନ୍ତି । ଜୁଲାଇ ଅଗଷ୍ଟ ମାସ ବେଳକୁ ତାଳ ପାଚେ । ତାହା ମଧ୍ୟ ସେମାନଙ୍କର ଖାଦ୍ୟବିଶେଷ । ପାଚିଲାତାଳକୁ ଗଛରୁ ତୋଳାଯାଏ ନାହିଁ । ସେଗୁଡ଼ିକ ପାଚି ଆପେ ତଳେ ଝଡ଼ି ପଡ଼ିଲେ, ତାହା ସଂଗ୍ରହ କରାଯାଇଥାଏ । ଆମ୍ବ ପରି ପଣସ, ବା ପ୍ଲେସାକୁ ମଧ୍ୟ ଡିଡ଼ାୟୀମାନଙ୍କର ପ୍ରିୟ ଅଟେ । କଞ୍ଚାପଣସକୁ ତରକାରୀ ରୂପେ ଏବଂ କିନ୍ତୁ ପଣସ ପାଚିଗଲେ ତାକୁ ସେମାନେ ଖୁବ୍ ଆନନ୍ଦରେ ଖାଆନ୍ତି । ପଣସ ଖାଇବା ସଂଗେ ସଂଗେ ହାଟ ବଜାରରେ ବିକ୍ରି କରିଥାନ୍ତି । କେହି କେହି ପଣସ ବିକ୍ରି କରି କିଛିଦିନର ଗୁଜୁରାଣ ମେଣ୍ଟାଇଥାନ୍ତି ।

## କେନ୍ଦୁପତ୍ର:

କେନ୍ଦୁପତ୍ର ସଂଗ୍ରହ ଡିଡ଼ାୟୀମାନଙ୍କ ଏକ ମୁଖ୍ୟ ବେଉସା । କେନ୍ଦୁପତ୍ରକୁ ଜଙ୍ଗଲରୁ ତୋଳି ଆଣି ତାକୁ ୫୦ଟା ଲେଖାଏଁ ବିଡ଼ା ବାନ୍ଧି ବଡ଼ ବ୍ୟବସାୟୀକୁ ବିକ୍ରି କରିଥାନ୍ତି । କେନ୍ଦୁପତ୍ର ପାଇଁ ପିଲାଛୁଆ ସହିତ ପୁରୁଷ ମହିଳା ପରିବାରର ସମସ୍ତେ ଦଳ ଦଳ ହୋଇ ଜଙ୍ଗଲକୁ ଯାଆନ୍ତି । ଭୋରରୁ ପତ୍ର ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇ୯ଟାରୁ ୧୦ଟା ବେଳକୁ ଫେରିଆସନ୍ତି । କେନ୍ଦୁପତ୍ର ସଂଗ୍ରହ ସମୟରେ ସେମାଙ୍କ ପତ୍ର ସଂଗ୍ରହ ହିଁ ମୁଖ୍ୟ କାର୍ଯ୍ୟ ଓ ଦାୟିତ୍ୱହୋଇପଡ଼ିଥାଏ । ପାହାଡ଼ର ପାଦଦେଶରେ ଥିବା ଛୋଟ ଛୋଟ କେନ୍ଦୁପତ୍ରବୁଦାରୁ କଅଁଳିଆ ପତ୍ର ତୋଳାଯାଏ । ଏହି ପତ୍ରକୁ ବିଡ଼ି ତିଆରିରେ ବ୍ୟବହାର କରନ୍ତି ।

## ଶିଆଳିପତ୍ର (ଲାଣ୍ଡୁଉ):

ଡିଡ଼ାୟୀମାନେ ବର୍ଷର ଅଧିକାଂଶ ସମୟରେ ଶିଆଳିପତ୍ର ସଂଗ୍ରହ କରିଥାନ୍ତି ତାଙ୍କ ଭାଷାରେ ଶିଆଳି ପତ୍ରକୁ 'ଲାଣ୍ଡୁଉ' କୁହାଯାଏ । ଏହିପତ୍ର ସଂଗ୍ରହ ପାଇଁ ଦଳ ହୋଇ ସେମାନେ ଜଙ୍ଗଲକୁ ଯାଇଥାନ୍ତି । ମହିଳାମାନେ ପତ୍ର ସଂଗ୍ରହ କରନ୍ତି । ବିଭିନ୍ନ ପର୍ବପର୍ବାଣୀ ତଥା ଭୋଜିଭାତରେ ଏହି ପତ୍ରର ଚୌପଦୀ ଖଲି ବ୍ୟବହାର କରାଯାଏ । ବିଶେଷ କରି ବିବାହ ଉତ୍ସବରେ ଗାଁଲୋକମାନେ ଭୋଜି ଖାଇବା ବେଳେ ଏହି ଶିଆଳିପତ୍ରରେ ଖାଦ୍ୟ ପରିବେଷଣ କରାଯାଏ । ବିବାହଉତ୍ସବର ଅନେକ ପୂର୍ବରୁ ଶିଆଳିପତ୍ର ଜଙ୍ଗଲରୁ ସଂଗ୍ରହ କରି ସେମାନେ ଚୌପଦୀ ତିଆରି କରିରଖିଥାନ୍ତି । ବିଭିନ୍ନ ପ୍ରକାର ଶାଗ (ଆମାଃ), କନ୍ଦା, (ଉଲ୍ଲା) ସମୟ ସମୟରେ ଜଙ୍ଗଲରୁ ସଂଗ୍ରହ କରିଆଣିଥାନ୍ତି । କନ୍ଦା ସଂଗ୍ରହ ପାଇଁ ବିଶେଷତଃ ପୁରୁଷମାନେ ହିଁ ଜଙ୍ଗଲକୁ ଯାଇଥାନ୍ତି । କନ୍ଦାଗୁଡ଼ିକ ମାଟିରୁ ଖୋଳି ବାହାର କରିବାକୁ ପଡ଼ିଥାଏ । କନ୍ଦା ଦୁଇପ୍ରକାର - ୧ ମିଠାକନ୍ଦା (ମନାଃଲାଃ), ୨- ପିତା କନ୍ଦା କିର୍‌ଲାଃ) । 'ଗୁବାଃଲ୍ଲ' ନାମକ କନ୍ଦାକୁ ମାର୍ଚ୍ଚ ଓ ଅଗଷ୍ଟ ମାସରେ ସଂଗ୍ରହ କରାଯାଏ । ଏହାକୁ କାଟି ଖଣ୍ଡ ଖଣ୍ଡ କରି ସିଝାଇ ଖାଦ୍ୟରୂପେ ବ୍ୟବହାର କରାଯାଇଥାଏ । 'ତ୍ଲୋ' କନ୍ଦାଗୁଡ଼ିକ ଖରାଦିନେ ସଂଗୃହୀତ ହୁଏ । ଫେବୃୟାରୀ ମାର୍ଚ୍ଚ ମାସ ଓ ଏପ୍ରିଲ ମାସରେ ଖାଇଥାନ୍ତି । ଏକପ୍ରକାର ସରୁ ଲମ୍ବ ଭାବରେ ମାଟି ଭିତରକୁ ପଶିଥିବା କନ୍ଦାର ନାମ 'ଉଁଟାର୍‌ଲ୍ଲା' । ତାକୁ ଖୋଳିଆଣି ସିଝାଇ ଖିଆଯାଏ । ଏହିପକାର କନ୍ଦା ବର୍ଷାଦିନେ ଅର୍ଥାତ ଜୁଲାଇ, ଅଗଷ୍ଟ ଓ ସେପ୍ଟମ୍ବର ମାସରେ ସଂଗ୍ରହ କରାଯାଏ । ଜୁଲାଇ ଓ ଅଗଷ୍ଟ ମାସରେ 'କେର୍ୟାଲ୍ଲା' କନ୍ଦା ମିଳେ । ଏଗୁଡ଼ିକ କାଟି ସିଝାଇ ଖିଆଯାଏ । କନ୍ଦା ବା କନ୍ଦମୂଳ ଓ ବିଭିନ୍ନ ପ୍ରକାର ମୂଳଜାତୀୟ ଖାଦ୍ୟ ଡିଡ଼ାୟୀମାନଙ୍କର ପ୍ରଧାନ ଅବଲମ୍ବନ । ପୁନଶ୍ଚ ଶାଗ ବା 'ଆସଃ' ବର୍ଷର ମେ ଓ ଜୁନ୍ ମାସରେ ସଂଗ୍ରହ କରାଯାଏ । ବର୍ଷାଦିନେ ଭାଜି ନାମକ ଏକ ପ୍ରକାର ଶାଗ ମିଳେ ।

## ଶିକାର (ଗଗଃ):

ଡିଡ଼ାୟୀ ଭାଷାରେ ଶିକାରକୁ ଗଗଃ କହନ୍ତି । ଯଦିଓ ଶିକାର ଡିଡ଼ାୟୀମାନଙ୍କର ମୁଖ୍ୟ ଜୀବିକା ନୁହେଁ ତଥାପି ଶିକାର କରିବାକୁ ସେମାନେ ଖୁବ୍ ଭଲପାଆନ୍ତି । ତେବେ ବର୍ଷର ସବୁ ସମୟରେ ସେମାନେ ଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି ନାହିଁ । ଚଇତି ପରବ ପାଳନ ପରେ ପରେ ଶିକାର କରିବାକୁ ଯାଇଥାନ୍ତି । ଏହି ପର୍ବପାଳନ ନ କରିବା ପର୍ଯ୍ୟନ୍ତ ସେମାନେ ଶିକାରକୁ ଯାଆନ୍ତି ନାହିଁ । ସ୍ତ୍ରୀଲୋକ ଓ ପିଲାମାନେ ଶିକାରରେ ଅଂଶ

ଗ୍ରହଣ କରିନ୍ତି ନାହିଁ । ଶିକାର ପୁରୁଷଲୋକମାନେ ଦଳ ଦଳ ହୋଇ ଶିକାର କରିବାକୁ ଯାଇଥାନ୍ତି । ଏକାକୀ ଶିକାର କରିବାକୁ ସେମାନେ ପସନ୍ଦ କରନ୍ତି ନାହିଁ । ଭୋରରୁ ଉଠି-ସେମାନେ ଶିକାର କରିବାକୁ ଯାନ୍ତି । ଜଙ୍ଗଲରେ ପୋଡୁଚାଷ କଲାବେଳେ କିମ୍ବା ଚାଷ କରିବାକୁ ଗଲାବେଳେ ସେମାନେ ଧନୁତୀର ସାଙ୍ଗରେ ନେଇଥାନ୍ତି ।

ଶିକାର କରିବା ଯିବା ପାଇଁ ପ୍ରଥମେ ପୂଜାରୀ ଦିନ ଧାର୍ଯ୍ୟ କରେ । ଶିକାରକୁ ଯିବା ପୂର୍ବରୁ ଡ଼ିଡ଼ାୟୀମାନେ ଗୋଟିଏ ପୂଜା କରିଥାନ୍ତି । ଚୈତ୍ର ମାସରେ ବୁଧବାର ଦିନ ଧନୁ ର ଅଗ୍ରଭାଗରେ ତିନୋଟି ତୀର ଲଗାଇ ତିନୋଟି ଲଙ୍କା ଭୂଷି ପୂଜା କରାଯାଏ । ଲଙ୍କା ଦେଇ ପୂଜା କରିବା ଦ୍ୱାରା ସେମାନଙ୍କର ଧାରଣା ଥାଏ ଯେ ଯେଉଁ ଜନ୍ତୁଟିକୁ ଶିକାରୀ ତୀର ବିନ୍ଧିଥାଏ ସେହି ଜନ୍ତୁର ଦେହ ଜଳାପୋଡ଼ା ହୁଏ ଏବଂ ସେ ଶୀଘ୍ର ମୃତ୍ୟୁବରଣ କରେ । ଏହି ପୂଜା ସେମାନେ ଜଙ୍ଗଲ ଦେବତାଙ୍କ ଉଦ୍ଦେଶ୍ୟରେ କରିଥାନ୍ତି । ପୂଜା ନ ସରିବା ପର୍ଯ୍ୟନ୍ତ ସେମାନେ ଆଦୌ ଶିକାରକୁ ଯାଆନ୍ତି ନାହିଁ । ପୂଜାରେ ଗ୍ରାମର ପ୍ରତ୍ୟେକ ଲୋକ ଅଂଶଗ୍ରହଣ କରନ୍ତି । ପୂଜା ପରେ ଗାଁର ମୁଖିଆ ଦିନ ଧାର୍ଯ୍ୟ କରେ ସେହିଦିନ ଠାରୁ ଶିକାର ଆରମ୍ଭ ହୁଏ ।

ଶିକାର କରିବା ପାଇଁ ଯାଇଥିବା ଗାଁର ଲୋକମାନେ ଯାହା ଶିକାର କରନ୍ତି, ତାକୁ ସମସ୍ତେ ବାଣ୍ଟିକୁଟି ନେଇଥାନ୍ତି । ଯଦି ବଡ଼ ପଶୁଟିଏ ଶିକାର ହୋଇଥାଏ ତେବେ ସେମାନେ କିଛି ମାଂସ ସେହି ଜଙ୍ଗଲରେ ଖାଇଥାନ୍ତି ଏବଂ ବଳକାତକ ଗାଁକୁ ଘେନି ଆସନ୍ତି ଶିକାର ହୋଇଥିବା ଜନ୍ତୁକୁ ଜଙ୍ଗଲରେ ପୋଡ଼ି ଖାଉଥିବାବେଳେ ଘରେ ତାହାକୁ ସିଝାଇ ଖାଆନ୍ତି । ଶିକାରଟିକୁ ପ୍ରତ୍ୟେକ ପରିବାର ମଧ୍ୟରେ ବଣ୍ଟାଯାଉଥିଲେ ମଧ୍ୟ ଯିଏ ଶିକାରଟିକୁ ପ୍ରଥମେ ତୀର ମାରିଥାଏ ସେ କିଛି ଅଂଶ ଅଧିକ ନେଇଥାଏ । ଏପରିକି ଗୋଡ଼ ଓ ଚମଡ଼ା ମଧ୍ୟ ତା'ର ପ୍ରାପ୍ୟ । ଗାଁକୁ ଆସିଥିବା ଅତିଥି କିମ୍ବା କୌଣସି ସରକାରୀ ଅଫିସରକୁ ମଧ୍ୟ ସେମାନେ କିଛି ଅଂଶ ଦେଇଥାନ୍ତି । ଗ୍ରାମର ମୁଖିଆକୁ ମଧ୍ୟ କିଛି ଅଧିକ ଦିଆଯାଏ । ଗାଁର 'ପଲାସୀ' (ପୂଜାରୀ) ଶିକାର ହେଇଥିବା ପଶୁର ମୁଣ୍ଡଟି ନେଇଥାଏ ।

ଡ଼ିଡ଼ାୟୀମାନେ ଶିକାର ସମୟରେ କୁକୁରର ସାହାଯ୍ୟ ନେଇଥାନ୍ତି । ସେଇଥିପାଇଁ ସେମାନେ କୁକୁର ପୋଷି ଥାନ୍ତି ଏବଂ ସେମାନଙ୍କୁ ଶିକାର ଅନ୍ୱେଷଣରେ ଲଗାନ୍ତି । ବନ୍ୟଜନ୍ତୁ ମଧ୍ୟରେ ସମ୍ବର, ହରିଣ, ବଣୁଆ ଛେଳି, ଠେକୁଆ, ଜଙ୍ଗଲି କୁକୁଡ଼ା, ପାରା ଗୁଣ୍ଡୁଚି, ମୟୁର ଇତ୍ୟାଦି ସେମାନେ ଶିକାର କରିଥାନ୍ତି ।

## ଶିକାର କରିବା ପାଇଁ ବାରଣ:

ଶିକାରକୁ ଯିବାର ସମସ୍ତ ଉତ୍ସାହ ଉଦ୍ଦୀପନା ସତ୍ତ୍ୱେ କେତୋଟି ବାରଣ ମଧ୍ୟ ରହିଅଛି । (୧) ସର୍ବପ୍ରଥମେ ସ୍ତ୍ରୀ ଲୋକମାନଙ୍କୁ ଶିକାରରେ ଯିବା ପାଇଁ ଅନୁମତି ମିଳେନାହିଁ । ଅପ୍ରାପ୍ତ ବୟସ୍କ ପିଲାମାନେ ମଧ୍ୟ ଶିକାର କରିବାକୁ ଦଳବଦ୍ଧ ହୋଇ ଯିବାକୁ ପଡ଼େ । ଏକାକୀ କେବେ ନୁହେଁ ଏହା ସେମାନଙ୍କ ଅନୁଶାସନ ରୂପେ ବିବେଚିତ । (୩) ଶିକାର ସମୟରେ ଜଙ୍ଗଲ ମଧ୍ୟକୁ ଯିବାର ଏକ ସୀମାରେଖା ରହିଛି । ଜଙ୍ଗଲର ସେଇ ପର୍ଯ୍ୟନ୍ତ ଯାଇ ସେମାନେ ଶିକାର କରିବେ । (୪) ଶିକାର କରାଯାଇଥିବା ପଶୁପକ୍ଷୀର 'ମୁଣ୍ଡ' କେବଳ ପୂଜାରୀର ହିଁ ପ୍ରାପ୍ୟ ।

ଶିକାର ଯିବାପୂର୍ବରୁ ସେମାନେ ଏପ୍ରିଲ ମାସରେ ଏକ ପର୍ବ ପାଳନ୍ତି । ତାକୁ 'ଉଲି' ପର୍ବ ପାଣ୍ଡୁଏ କହନ୍ତି । ଏହିମାସକୁ ତାଙ୍କ ଭାଷାରେ 'ଚୁଏତହାରକେ' କୁହାଯାଏ । ଶିକାର ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ଚାଲେ । ଶିକାର କରିବାକୁ ସର୍ବପ୍ରଥମେ ସେମାନେ ଗୋଟିଏ ଦିନରେ ବାହାରିଥାନ୍ତି । ଚଢ଼େଇ ଶିକାର ସେମାନଙ୍କୁ ଖୁବ୍ ଭଲ ଲାଗେ । ସ୍ତ୍ରୀଲୋକମାନେ ମାଂସକୁ ସିଝାଇ ମାଣ୍ଡିଆ କିମ୍ବା ଭାତ ସହିତ ଖାଆନ୍ତି । ମାଂସ ରାନ୍ଧିବା ପାଇଁ ସେମାନେ କଟଞ୍ଜ କିମ୍ବା କୁସୁମ ତେଲ ବ୍ୟବହାର କରୁଥିଲେ । କିନ୍ତୁ ଆଜିକାଲି ସେମାନେ ରାଶି, ସୋରିଷ,ଅଳସୀ ତେଲ ବ୍ୟବହାର କରନ୍ତି । ମାଂସକୁ ତେଲ ଓ ହଳଦୀ ଦ୍ୱାରା ସିଝାଇ ଦିଆଯାଏ । ଅନ୍ୟକୌଣସି ମସଲା ବ୍ୟବହାର କରାଯାଏ ନାହିଁ । ସେଥିପାଇଁ ସେମାନେ ଏବେ ବିଭିନ୍ନ ମସଲା ଯଥା ସୋରିଷ, ରାଶି, ଅଳସୀ ଚାଷ କରୁଛନ୍ତି ।

## ଫାସ ବସାଇବା (ତୁନ୍ନଛେଙ୍ଗ) :

ଡିଡ଼ାୟୀମାନେ ତାଙ୍କର ଶସ୍ୟକ୍ଷେତ୍ରକୁ ଉନୁକୋ କବଳରୁ ରକ୍ଷା କରିବା ପାଇଁ ଫାଶ ବସାନ୍ତି । ଏହି ଫାଶକୁ ସେମାନେ ବିଭିନ୍ନ ବନ୍ୟପଶୁପକ୍ଷୀ ମଧ୍ୟ ଶିକାର କରନ୍ତି । ମୟୁରକୁ ଧରିବା ସେମାନଙ୍କ ପକ୍ଷରେ କଷ୍ଟକର, ମୟୁର ପାଇଁ ଫାଶ ବସାଯାଏ । ସମୟ ସମୟରେ ଭାଲୁ (ଗେବେଃ) ମଧ୍ୟ ଏହି ଫାଶରେ ପଡ଼ିଥାଏ । ଭାଲୁ ମାଂସ ସେମାନେ ଖାଆନ୍ତି ନାହିଁ ।

## ଶିକାର ସମୟର କେତେଟି ପ୍ରଥା:

ଡିଡ଼ାୟୀମାନେ ବାଘ,ଭାଲୁ, ସାପ ଇତ୍ୟାଦି ଶିକାର କରନ୍ତି ନାହିଁ କିମ୍ବା ତାର ମାଂସ ଖାଆନ୍ତି ନାହିଁ । ନାଗସାପ ଓ ବାଘ ହେଉଛି ସେମାନଙ୍କର ଗୋତ୍ର । ସାପ ଦେଖିଲେ

ସେମାନେ ଘର ଭିତରକୁ ପଶିଯାନ୍ତି । ସାପକୁ ଆଦୌ ମାରନ୍ତି ନାହିଁ । ଯଦି ସାପ ଘରକୁ ପ୍ରବେଶ କରେ । ତେବେ ତାକୁ ମାରନ୍ତି । ଜଙ୍ଗଲରେ ବାଘର ରଡ଼ି ଶୁଣିଲେ ମୁଣ୍ଡିଆ ମାରନ୍ତି । କାରଣ ସେମାନଙ୍କର ଆରାଧ୍ୟ ।

## ମାଛଧରିବା:-(ସାହା)

ମାଛଧରିବା ଡିଡ଼ାୟୀମାନଙ୍କର ବ୍ୟବସାୟ ନହେଲେ ମଧ୍ୟ ସେମାନେ ମାଛ ଧରିବାକୁ ପସନ୍ଦ କରନ୍ତି । ମାଛ ଧରିବା ପାଇଁ ବିଭିନ୍ନ ପ୍ରକାର ଯନ୍ତ୍ରପାତି ବ୍ୟବହାର କରନ୍ତି । ମାଛକୁଣ୍ଡ ନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଯେଉଁ ଡିଡ଼ାୟୀମାନେ ବାସ କରନ୍ତି ସେମାନେ ଅଧିକାଂଶ ସମୟରେ ମାଛ ଧରନ୍ତି । ଯେଉଁମାନେ ପାହାଡ଼ ଉପରେ ରହନ୍ତି ସେମାନେ କ୍ୱଚିତ ପାହାଡ଼ ତଳକୁ ଓହ୍ଲାଇ ମାଛ ଧରିବାକୁ ଆସନ୍ତି । ଡିଡ଼ାୟୀ ଭାଷାରେ ମାଛକୁ (ହାଃ) କହନ୍ତି । ସେମାନେ ବ୍ୟବହାର କରୁଥିବା ଯନ୍ତ୍ରପାତି ମଧ୍ୟରୁ ବନିଶୀଖାଡ଼ି (ଗ୍ମଗ୍ ଲାଟି) ଗୁଙ୍ଗୁର (ବାଉଁଶ ପାତିଆରେ ବୁଣାଯନ୍ତ୍ର) ଗିରା (ମାଛଝୁଡ଼ି) ସଂହାଃ, ଜାଲ, (ଓ୍ୱାଲ) ଇତ୍ୟାଦି ନିଜେ ତିଆରି କରିଥାନ୍ତି । ଖରାଦିନେ ଯେତେବେଳେ ସବୁ ନଦୀନାଳ ଶୁଖିଯାଏ ସେତେବେଳେ ସେମାନେ ଏକପ୍ରକାର ବିଷଫଳ (ପୋନୋ ରାଲସଲ) ନଦୀ କିମ୍ବା ପୋଖରୀରେ ଖଣ୍ଡ ଖଣ୍ଡ କରି ପକାଇଦିଅନ୍ତି । ଏହି ଫଳ ପକାଇବା ଦ୍ୱାରା ମାଛଗୁଡ଼ିକ ହାଲିଆ / ଆଲଜିଆ ହୋଇଥାନ୍ତି ଏବଂ ସେମାନଙ୍କୁ ଧରିବା ପାଇଁ ସହଜ ହୋଇଥାଏ ।

ବର୍ଷାଦିନେ ଘୁଙ୍ଗୁର ସାହାଯ୍ୟରେ ମାଛ ଧରାଯାଏ । ଘୁଙ୍ଗୁରକୁ ଧାନବିଲର ପାଣି ସ୍ରୋତରେ ବସାଇ ସେମାନେ କେରାଣ୍ଡି (ଚ୍ଲରା) ଗଡ଼ିଶା (ଗେଁ୍ୱାସଥାଁ), ଇତ୍ୟାଦି ଧରିଥାନ୍ତି । ମାଛ ଧରି ସେମାନେ ନିଜେ ରାନ୍ଧି କିମ୍ବା ପୋଡ଼ି ଖାଆନ୍ତି । ସମୟ ସମୟରେ ସେମାନେ ମାଛ ଧରିବା ପାଇଁ ଦୂର ସ୍ଥାନକୁ ଯାଇଥାନ୍ତି । ଦୁଇତିନି ଦିନ ପରେ ଫେରନ୍ତି । ସେଥିପାଇଁ ସେମାନେ ସେହି ସ୍ଥାନରେ କିଛି ମାଛ ରୋଷେଇ କରିଖାଆନ୍ତି । ବଳକାତକ ଘରକୁ ଫେରସ୍ତ ଆଣନ୍ତି । ମାଛକୁ ସିଝାଇ ଲୁଣ ଲଙ୍କା ଦେଇ ଖିଆଯାଏ । ତିନୋଟି ମାଛମରା ଯନ୍ତ୍ର ଗୁଙ୍ଗୁର, ଗିରା ଓ ଦୁଣ୍ଡାର ପ୍ରଭୃତି ବହୁଳମାତ୍ରାରେ ବ୍ୟବହାର ହୁଏ । ସେମାନଙ୍କର ବଡ଼ ମାଛମରା ଜାଲ ନାହିଁ । ସେଥିପାଇଁ ସେମାନେ ହାତ ଜାଲ ବ୍ୟବହାର କରନ୍ତି ।

## କୃଷିଭିତ୍ତିକ ଅର୍ଥନୀତି:

ଡିଡ଼ାୟୀମାନଙ୍କର ଅର୍ଥନୀତି କେବଳ ଜଙ୍ଗଲ ଉପରେ ନିର୍ଭର କରେ ନାହିଁ । କୃଷି ମଧ୍ୟ ସେମାନଙ୍କର ଅର୍ଥନୈତିକ ଜୀବନର ମାନଦଣ୍ଡ । ଜଙ୍ଗଲ ଉପରେ ନିର୍ଭର କରିବା

ଏବଂ କୃଷିକାର୍ଯ୍ୟ ସେମାନଙ୍କ ଜୀବିକାର୍ଜନର ମୁଖ୍ୟ ଅବଲମ୍ବନ ଅଟେ । କୃଷି କ୍ଷେତ୍ରରେ ବଞ୍ଚିବାର ଉପାଦାନ ଯଥେଷ୍ଟ ନ ହେଉଥିବାରୁ ସେମାନେ ଜଙ୍ଗଲକୁ ଆଦରି ନେଇଥାନ୍ତି । ତେବେ କୃଷିକାର୍ଯ୍ୟ ଜମିର ଉର୍ବରତା ଏବଂ ମାଟିର ସମତଳ ଆକୃତି ଦ୍ୱାରା ପ୍ରଭାବିତ ଡିଡ଼ାୟୀମାନଙ୍କ ଚାଷକାର୍ଯ୍ୟ ଦୁଇପ୍ରକାରର- (୧) ପୋଡୁଚାଷ (ବ୍ରି), (୨) ସମତଳ ଜମିର ଚାଷ (ଟିକ୍‌ରା) ।

ପୋଡୁଚାଷ ପାହାଡ଼ିଆ ଜମିରେ କରାଯାଇଥାଏ । ଏହାକୁ ସେମାନଙ୍କ ଭାଷାରେ 'ବ୍ରି' କୁହାଯାଏ । ଏହିପ୍ରକାର ଜମିର ଉର୍ବରତା ଦୁଇତିନି ବର୍ଷ ପର୍ଯ୍ୟନ୍ତ ରୁହେ । ତାପରେ ସେହି ଜମିରେ ଆଉ ଚାଷ କରାଯାଏ ନାହିଁ । ସେଥିପାଇଁ ଏହାକୁ ସ୍ଥାନାନ୍ତରଣ ଚାଷ ମଧ୍ୟ କୁହାଯାଏ । ପୋଡୁଚାଷ ଡ଼ିଡ଼ାୟୀମାନଙ୍କର ମୁଖ୍ୟ ଜୀବିକା ଅଟେ । ଜମିର ଅଭାବ ତଥା ଜଙ୍ଗଲରେ ପଡ଼ିଆ ଜମିର ଅଭାବ ହେତୁ ସେମାନେ ପୋଡୁଚାଷ କରିବା ପାଇଁ ବାଧ୍ୟ ହୁଅନ୍ତି । ପୋଡୁଚାଷ ପାଇଁ ସେପରି କିଛି ଉନ୍ନତ କୃଷି ଉପକରଣ କିମ୍ବା ବୈଜ୍ଞାନିକ କୌଶଳର ଆବଶ୍ୟକତା ପଡ଼େ ନାହିଁ । ଏହି ଜମିଗୁଡ଼ିକୁ ସେମାନେ ଦୁଇରୁ ତିନିବର୍ଷ ପର୍ଯ୍ୟନ୍ତ ଚାଷ କରନ୍ତି । ତାପରେ ଜମିଗୁଡ଼ିକ ଅନୁର୍ବର ହୋଇଯାଉଥିବାରୁ କିଛି ବର୍ଷ ପାଇଁ ସେମାନେ ସେହି ଜମିକୁ ଛାଡ଼ି ଦିଅନ୍ତି ।

## ପୋଡୁଚାଷ ପାଇଁ କ୍ଷେତ୍ର ନିରୂପଣ:

ବହୁଦିନ ତଳେ ଡିଡ଼ାୟୀମାନଙ୍କର ପୋଡୁଚାଷରେ ସ୍ୱାଧୀନ କ୍ଷମତା ଥିଲା । ସେମାନେ ଜଙ୍ଗଲର ଯେଉଁ ଆଡ଼େ ଚାହୁଁଥିଲେ ସିଆଡ଼େ ଚାଷ କରୁଥିଲେ । ବର୍ତ୍ତମାନ ସମୟରେ ଏସବୁ ଉପରେ କଟକଣା ଜାରିକରାଗଲାଣି । ଡିଡ଼ାୟୀମାନେ ନିଜ ଘର ପାଖରେ ପୋଡୁଚାଷ କରିବାକୁ ପସନ୍ଦ କରନ୍ତି ନାହିଁ । କାରଣ ସେଠାକୁ ଯିବା ଆସିବାରେ ଅଧିକ ସମୟ ନଷ୍ଟ ହୁଏ । ପୋଡୁଚାଷର ଜମି ସାଧାରଣତଃ ଉଚ୍ଚ ପାହାଡ଼ ଉପରେ ଥାଏ । ଯେଉଁଠାରେ ବହୁଳ ପରିମାଣରେ ଘାସକଣ୍ଟା ବୁଦା ଆଦି ଥାଏ ସେହି ଜମିକୁ ସଫା କରି ସେମାନେ ପୋଡୁଚାଷ କରିବାକୁ ପସନ୍ଦ କରନ୍ତି ।

ପୋଡୁଚାଷ ଜମିଟିଏ ପସନ୍ଦ କରିସାରିବା ପରେ ଡ଼ିଡ଼ାୟୀମାନେ ସେହି ବଡ଼- ଜମିକୁ ସେମାନଙ୍କ ପରିବାର ମଧ୍ୟରେ ବାଣ୍ଟିଥାନ୍ତି । ପୋଡୁଚାଷ ଜମିଗୁଡ଼ିକ ପରିବାରର ମୁଖ୍ୟଙ୍କ ନାମରେ ଥାଏ । ସମୟ ସମୟରେ ପୋଡୁଚାଷର ଜମି ବଣ୍ଟନ ବେଳେ କଳହ ହୁଏ ।

ଡ଼ିଡ଼ାୟୀମାନେ ଜାନୁୟାରୀ ଫେବୃୟାରୀ ମାସ ବେଳକୁ ଜଙ୍ଗଲ ଭିତରକୁ ପୋଡୁଚାଷ ଜମି ନିରୂପଣ କରିବାକୁ ଯାଆନ୍ତି । ପ୍ରଥମେ ସେମାନେ ପାହାଡ଼ର ଶୀର୍ଷଦେଶରେ ଜମି ଠିକ୍ କରନ୍ତି ଏବଂ ଗଛ, ବଣବୁଦା କାଟିସଫା କରନ୍ତି । ଏହିପ୍ରକାର କାମ ଉଭୟ ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ସଂପାଦିତ ହୁଏ । ବଡ଼ ବଡ଼ ଗଛଗୁଡ଼ିକୁ କୁରାଢ଼ୀ ଦ୍ୱାରା କଟାଯାଏ । ତେବେ ଜମିରେ ଥିବା ଆମ୍ବ ଓ ପଣସ ଗଛସବୁ କଟାଯାଏ ନାହିଁ । ଫଳଗଛକୁ ବାଦ୍‌ଦେଇ ଅନ୍ୟଗଛ ସବୁ କଟାଯାଏ । କଟାଯାଇଥିବା ଗଛଗୁଡ଼ିକୁ ଖରାରେ ଶୁଖିବା ପାଇଁ ଛାଡ଼ିଦିଆଯାଏ ଏବଂ ପରେ ନିଆଁ ଲଗାଯାଏ । ବଡ଼ ବଡ଼ ଗଛର ଗଣ୍ଡି ଗୁଡ଼ିକ ଶୁଖିବା ପାଇଁ ୮ରୁ ୧୦ ଦିନ ଲାଗେ । ଘାସପତ୍ର, ଗଛ ଇତ୍ୟାଦି ଜଳି ପାଉଁଶ ହୋଇଯାଏ ଏବଂ ପାଉଁଶ ସବୁ ବର୍ଷା ହେଲେ ଜମିର ଉର୍ବରତା ବୃଦ୍ଧି କରାଏ ।

ବର୍ଷାର ଆଗମନରେ କିମ୍ବା ଜୁନ୍ ମାସ ଆସିଲେ ଜମିରେ ବିହନ ବୁଣାଯାଏ । ଡିଡ଼ାୟୀମାନେ ଡିରା (ମାଣ୍ଡିଆ), ସୁଆଁ (ହୁଁଆ), ମକା (ଗିଆଜଃ) କୋଳଥ (ହଲୈଁ), ହରଡ଼ା (କାଲେଃ), ମୁଗ, (ପେସାଲା) ବିରି (ରମିୟାଃ) ମସୁରୀ (ଆନପଃ), ଝୁଡ଼ୁଙ୍ଗ (ଗେଃବେ) ଇତ୍ୟାଦି ଚାଷ କରନ୍ତି । ଏହି ଜମିରେ ଲଙ୍କା, ବାଇଗଣ ଇତ୍ୟାଦି ମଧ ଚାଷ କରାଯାଏ । ବିହନରୁ ଛୋଟ ଛୋଟ ଗଛ ଉଠିଗଲେ, ଜମିରୁ ଘାସ ଓ ଅନାବନା ଗଛ ଇତ୍ୟାଦି ବାଛି ପରିଷ୍କାର କରିଦିଆଯାଏ । ଜଙ୍ଗଲରେ ପୋଡୁଚାଷ ପାଇଁ ହଳ, ଲଙ୍ଗଳ ବା ବଳଦର ଆବଶ୍ୟକତା ନଥାଏ । ପିଲାଛୁଆ ସମସ୍ତେ ମିଶି ଚାଷ କାର୍ଯ୍ୟ କରିଥାନ୍ତି । ସଫା କରିଥିବା ଜମିକୁ କୋଦାଳରେ ଖୋଳି ମଞ୍ଜି ବୁଣିଥାନ୍ତି । ମକା ଓ ଝୁଡ଼ଙ୍ଗ ପାଇଁ ଜମି ଖୋଳିବାକୁ ପଡ଼ିନଥାଏ । ସେଗୁଡ଼ିକ ବିଭିନ୍ନ ସ୍ଥାନରେ ପୋତି ଦିଆଯାଇଥାଏ ।

ଜଙ୍ଗଲ ଭିତରେ ଓ ପାହାଡ଼ର ଉପରେ ପୋଡୁଚାଷ କରି ଫସଲ ଉପୁଜାଇବା କଷ୍ଟସାଧ କାରଣ ଜଙ୍ଗଲରେ ଥିବା ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ଯଥା ଭାଲୁ, ମାଙ୍କଡ଼,ହରିଣ, କୁଟରା ଇତ୍ୟାଦି ଶସ୍ୟ ଖାଇନଷ୍ଟ କରିଦିଅନ୍ତି । ତେଣୁ ଚାଷୀମାନଙ୍କ ଫସଲ ଅମଳ କରିବା ପର୍ଯ୍ୟନ୍ତ କଷ୍ଟସ୍ୱୀକାର ନିରବକୁ ପଡ଼ିଥାଏ । ତେଣୁ ସେମାନେ ଦିନରାତି ପରିଶ୍ରମ କରି ଫସଲ ଉପୁଜାଇଥାନ୍ତି । ପୁରୁଷମାନେ ଜମିରେ ମଞ୍ଚା ବାନ୍ଧି ଜଗି ବସନ୍ତି । ପୋଡୁଚାଷ ଜମିର ଚାରିପଟେ ବିଭିନ୍ନ ପ୍ରକାରର ପନିପରିବା ବାଇଗଣ, (ତେହାଁ), ଟମାଟୋ (ବିଲ୍ତି), ସାରୁ (ସାରୁହାଃ) ଲଙ୍କା (ମିରିଙ୍ଗ), ହଳଦୀ (ସିଆ), ଅଦା, (ଅଦା) ଆଦା କନ୍ଦମୂଳ (ମାଲିଲାଃ) ଇତ୍ୟାଦି ଚାଷ କରାଯାଏ ।

## ଶସ୍ୟ ଅମଳର ପ୍ରଣାଳୀ:

ଡ଼ିଡ଼ାୟୀମାନେ ଶସ୍ୟ ଅମଳ କରିବାର ବିଭିନ୍ନ ପ୍ରଣାଳୀ ଅବଲମ୍ବନ କରିଥାନ୍ତି । ସେମାନେ ବାଡ଼ି କିମ୍ବା କାଠ ଦ୍ୱାରା ବାଡ଼େଇ ବାଡ଼େଇ ଶସ୍ୟ ଅମଳ କରିଥାନ୍ତି । ପୁରୁଷ ମହିଳା ଉଭୟ ଶସ୍ୟ କାଟିବା ପାଇଁ ଡ଼ଙ୍ଗରକୁ ଯାଆନ୍ତି । ଅମଳ କରିବାକୁ ଥିବା ଚଟାଣକୁ ଗୋବର ମାଟି ଦ୍ୱାରା ଲିପି ପୋଛି ପରିଷ୍କାର କରିଦିଅନ୍ତି ।

## ସମତଳ ଜମିରେ ଚାଷ:

ତେବେ ଡ଼ିଡ଼ାୟୀମାନେ କେବଳ ପୋଡୁଚାଷ କରନ୍ତି ନାହିଁ । ସେମାନେ ସମତଳ ଜମିରେ ମଧ୍ୟ ଚାଷ କରନ୍ତି । ପାହାଡ଼ର ପାଦଦେଶରେ ବାସକରୁଥିବା ଡ଼ିଡ଼ାୟୀମାନେ ସମତଳ ଜମିରେ ଧାନଚାଷ କରିବାକୁ ଏବେ ପସନ୍ଦ କଲେଣି ଏବଂ କରୁଛନ୍ତି ମଧ୍ୟ । ସେଠାକାର ଜମିକୁ ଦୁଇଭାଗରେ ବିଭକ୍ତ କରାଯାଇଛି । (୧) ବେଡ଼ା ଜମି- ଟିନିର ଲୁଏଃ, (୨) ଢିପ ଜମି-ଠିକିରାଃ ଲେଃ ବେଡ଼ା ଜମିରେ ପାଣିରେ ଯଥେଷ୍ଟ ସୁବିଧା ଥାଏ ସେଥିପାଇଁ ସେହି ଜମିଗୁଡ଼ିକରେ ବଡ଼ ଧାନ ଚାଷ କରାଯାଏ । ଢିପ ଜମିଗୁଡ଼ିକର ଛୋଟ ଧାନ ଅର୍ଥାତ୍ ତିନିମାସିଆ ଧାନ ଚାଷ କରାଯାଏ । ସେମାନେ ଚାଷ କରୁଥିବା ଧାନଗୁଡ଼ିକ ହେଲା- ଯଯାତି, କାଳିଆ, ଚୁଡ଼ିକା, କିଆ, ରଙ୍ଗଚୁଡ଼ି, ବାବାଶିଳି, ବାଙ୍କଜା, ଗଟି ଆଲଜା, କାରଜଲଜା, ଚିକ୍ଳାକଲି, ମାଇପଲ କାଲମାଲି ଇତ୍ୟାଦି ।

ଚୈତ୍ର ମାସରେ ଶିକାର ପର୍ବ ପାଳନ କରିସାରିବା ପରେ ସେମାନେ ଜମିରେ ଧାନ ବୁଣିବା କଥା ଚିନ୍ତା କରନ୍ତି । ଚୈତ୍ର, ବୈଶାଖ କିମ୍ବା ଜ୍ୟେଷ୍ଠ ମାସରେ ବର୍ଷା ହେଲେ ଜମିଗୁଡ଼ିକ ଚାଷ କରିଦିଆଯାଏ । ତାପରେ ଗୋବର ଖତ ପ୍ରୟୋଗ କରନ୍ତି । ପୂର୍ବେ ସେମାନେ ଆଦୌ ସାର ପ୍ରୟୋଗ କରୁନଥିଲେ କିନ୍ତୁ ଏବେ ଗୋବର ଖତ ଦେଉଛନ୍ତି । ଜ୍ୟେଷ୍ଠ ମାସ ଆରମ୍ଭରୁ ଧାନବୁଣା କାର୍ଯ୍ୟ ଚାଲେ । ବର୍ଷାହେଲେ ଜମିଗୁଡ଼ିକରେ ଧାନଗଛ ଉଠିଯାଏ । ଜମିରେ ସାରଦେଲେ ଜମିର ଉର୍ବରତା ନଷ୍ଟ ହୋଇଯାଏ ବୋଲି ସେମାନଙ୍କର ଧାରଣା ଥାଏ । କିନ୍ତୁ ଏବେ ସେମାନେ ଅନ୍ୟମାନଙ୍କୁ ଅନୁସରଣ କରି ଜମିରେ ସାର ପ୍ରୟୋଗ ତଥା ଉନ୍ନତ ମାନର ଚାଷ କରିବାକୁ ପସନ୍ଦ କରୁଛନ୍ତି । ଧାନ ବୁଣିବା ପୂର୍ବରୁ ଜମିରେ କୁକୁଡ଼ା ବଳି ଦିଅନ୍ତି କିମ୍ବା କୁକୁଡ଼ା ଅଣ୍ଡା ଭୋଗ କରନ୍ତି । ଜମିରେ ଚାଷ, ଧାନବୁଣା ଇତ୍ୟାଦି କେବଳ ପୁରୁଷମାନଙ୍କ ଦ୍ୱାରା ହୋଇଥାଏ । ମହିଳାମାନେ ଚାଷକରିବାକୁ ଯାଆନ୍ତି ନାହିଁ । ଜମିଚାଷ କରିବା ପାଇଁ ସେମାନେ ବଳଦର ସାହାଯ୍ୟ ନିଅନ୍ତି । ବର୍ଷା ହେଲେ ଧାନଗଛଗୁଡ଼ିକ ବଢ଼ିବାକୁ ଆରମ୍ଭ କରେ ଛୋଟଛୋଟ ହୋଇଥିବା ବେଳେ ଘାସବଛା

## ଶସ୍ୟ ଅମଳର ପ୍ରଣାଳୀ:

ଡ଼ିଡ଼ାୟୀମାନେ ଶସ୍ୟ ଅମଳ କରିବାର ବିଭିନ୍ନ ପ୍ରଣାଳୀ ଅବଲମ୍ବନ କରିଥାନ୍ତି । ସେମାନେ ବାଡ଼ି କିମ୍ବା କାଠ ଦ୍ୱାରା ବାଡ଼େଇ ବାଡ଼େଇ ଶସ୍ୟ ଅମଳ କରିଥାନ୍ତି । ପୁରୁଷ ମହିଳା ଉଭୟ ଶସ୍ୟ କାଟିବା ପାଇଁ ଡ଼ଙ୍ଗରକୁ ଯାଆନ୍ତି । ଅମଳ କରିବାକୁ ଥିବା ଚଟାଣକୁ ଗୋବର ମାଟି ଦ୍ୱାରା ଲିପି ପୋଛି ପରିଷ୍କାର କରିଦିଅନ୍ତି ।

## ସମତଳ ଜମିରେ ଚାଷ:

ତେବେ ଡ଼ିଡ଼ାୟୀମାନେ କେବଳ ପୋଡୁଚାଷ କରନ୍ତି ନାହିଁ । ସେମାନେ ସମତଳ ଜମିରେ ମଧ୍ୟ ଚାଷ କରନ୍ତି । ପାହାଡ଼ର ପାଦଦେଶରେ ବାସକରୁଥିବା ଡ଼ିଡ଼ାୟୀମାନେ ସମତଳ ଜମିରେ ଧାନଚାଷ କରିବାକୁ ଏବେ ପସନ୍ଦ କଲେଣି ଏବଂ କରୁଛନ୍ତି ମଧ୍ୟ । ସେଠାକାର ଜମିକୁ ଦୁଇଭାଗରେ ବିଭକ୍ତ କରାଯାଇଛି । (୧) ବେଡ଼ା ଜମି- ଟିନିର ଲୁଏଃ, (୨) ଢ଼ିପ ଜମି-ଠିକିରାଃ ଲେଃ ବେଡ଼ା ଜମିରେ ପାଣିରେ ଯଥେଷ୍ଟ ସୁବିଧା ଥାଏ ସେଥିପାଇଁ ସେହି ଜମିଗୁଡ଼ିକରେ ବଡ଼ ଧାନ ଚାଷ କରାଯାଏ । ଢ଼ିପ ଜମିଗୁଡ଼ିକର ଛୋଟ ଧାନ ଅର୍ଥାତ୍ ତିନିମାସିଆ ଧାନ ଚାଷ କରାଯାଏ । ସେମାନେ ଚାଷ କରୁଥିବା ଧାନଗୁଡ଼ିକ ହେଲା- ଯଯାତି, କାଳିଆ, ଚୁଡ଼ିକା, କିଆ, ରଙ୍ଗଚୁଡ଼ି, ବାବାଶିଳି, ବାଙ୍କଜା, ଗଟି ଆଲଜା, କାରକଲଜା, ଚିଲ୍କାକଲି, ମାଇପଲ କାଲମାଲି ଇତ୍ୟାଦି ।

ଚୈତ୍ର ମାସରେ ଶିକାର ପର୍ବ ପାଳନ କରିସାରିବା ପରେ ସେମାନେ ଜମିରେ ଧାନ ବୁଣିବା କଥା ଚିନ୍ତା କରନ୍ତି । ଚୈତ୍ର, ବୈଶାଖ କିମ୍ବା ଜ୍ୟେଷ୍ଠ ମାସରେ ବର୍ଷା ହେଲେ ଜମିଗୁଡ଼ିକ ଚାଷ କରିଦିଆଯାଏ । ତାପରେ ଗୋବର ଖତ ପ୍ରୟୋଗ କରନ୍ତି । ପୂର୍ବେ ସେମାନେ ଆଦୌ ସାର ପ୍ରୟୋଗ କରୁନଥିଲେ କିନ୍ତୁ ଏବେ ଗୋବର ଖତ ଦେଉଛନ୍ତି । ଜ୍ୟେଷ୍ଠ ମାସ ଆରମ୍ଭରୁ ଧାନବୁଣା କାର୍ଯ୍ୟ ଚାଲେ । ବର୍ଷାହେଲେ ଜମିଗୁଡ଼ିକରେ ଧାନଗଛ ଉଠିଯାଏ । ଜମିରେ ସାରଦେଲେ ଜମିର ଉର୍ବରତା ନଷ୍ଟ ହୋଇଯାଏ ବୋଲି ସେମାନଙ୍କର ଧାରଣା ଥାଏ । କିନ୍ତୁ ଏବେ ସେମାନେ ଅନ୍ୟମାନଙ୍କୁ ଅନୁସରଣ କରି ଜମିରେ ସାର ପ୍ରୟୋଗ ତଥା ଉନ୍ନତ ମାନର ଚାଷ କରିବାକୁ ପସନ୍ଦ କରୁଛନ୍ତି । ଧାନ ବୁଣିବା ପୂର୍ବରୁ ଜମିରେ କୁକୁଡ଼ା ବଳି ଦିଅନ୍ତି କିମ୍ବା କୁକୁଡ଼ା ଅଣ୍ଡା ଭୋଗ କରନ୍ତି । ଜମିରେ ଚାଷ, ଧାନବୁଣା ଇତ୍ୟାଦି କେବଳ ପୁରୁଷମାନଙ୍କ ଦ୍ୱାରା ହୋଇଥାଏ । ମହିଳାମାନେ ଚାଷକରିବାକୁ ଯାଆନ୍ତି ନାହିଁ । ଜମିଚାଷ କରିବା ପାଇଁ ସେମାନେ ବଳଦର ସାହାଯ୍ୟ ନିଅନ୍ତି । ବର୍ଷା ହେଲେ ଧାନଗଛଗୁଡ଼ିକ ବଢ଼ିବାକୁ ଆରମ୍ଭ କରେ ଛୋଟଛୋଟ ହୋଇଥିବା ବେଳେ ଘାସବଛା

ଆରମ୍ଭ ହୁଏ । ଏହି କାମ ଉଭୟ ସ୍ତ୍ରୀ ପୁରୁଷମାନଙ୍କ ଦ୍ୱାରା କରାଯାଇଥାଏ । ବେଉଷଣ କିମ୍ବା ଧାନରୋଇବା ସେମାନଙ୍କ ଦ୍ୱାରା ଆଗରୁ କରାଯାଉଥିଲା ଏବେ କିନ୍ତୁ ସେମାନେ ଅନ୍ୟମାନଙ୍କୁ ଅନୁସରଣ କରି ଧାନ ରୋଉଛନ୍ତି । କିମ୍ବା ବୁଣା ଧାନକୁ ବେଉଷଣ କରି ଗଛଗୁଡ଼ିକ ଧାଡ଼ିଧାଡ଼ି କରି ଲଗାଉଛନ୍ତି ଏହାକୁ ସେମାନେ ଖୋଲୁଆ କହନ୍ତି ।

ଦିଓ୍ୱାଲି ମାସରେ ଧାନ ପାଚିବା ଆରମ୍ଭ କରେ । ଅମଳ କାମ ମାର୍ଗଶୀର (ପାଣ୍ଡ) ପୌଷ ମାସରେ କରାଯାଏ । ଜମିଗୁଡ଼ିକ ପାହାଡ଼ିଆ ହୋଇଥିବାରୁ ଡିଡ଼ାୟୀମାନେ ଶଗଡ଼ର ବ୍ୟବହାର କରନ୍ତି ନାହିଁ । ସେଥିପାଇଁ କେହି ଶଗଡ଼ ତିଆରି କରନ୍ତି ନାହିଁ କିମ୍ବା ଗାଁଗୁଡ଼ିକରେ ଦେଖିବାକୁ ମିଳେ ନାହିଁ । ଧାନପାଚିଗଲେ ସେମାନେ ମୁଣ୍ଡରେ କିମ୍ବା ବାହୁଙ୍ଗା (ଲିତୁଙ୍ଗ) ଦ୍ୱାରା ବୋହି ଆଣିଥାନ୍ତି ।

ବିଲରେ ଧାନ ପାଚିଗଲେ କିମ୍ବା ଖଳାରେ ଧାନ ଗଦା ହୋଇଥିବା ବେଳେ ଗାଈଗୋରୁ ବନ୍ୟଜନ୍ତୁଙ୍କ ଦାଉରୁ ରକ୍ଷା କରିବା ପାଇଁ ସେମାନେ ଧାନ ଜଗିଥାନ୍ତି । ଦିନବେଳା ମହିଳା ତଥା ପିଲାମାନେ ଜଗିଥାନ୍ତି ଏବଂ ରାତିବେଳକୁ ପୁରୁଷ ଲୋକମାନେ ଜଗନ୍ତି । ଜଗିବା ପାଇଁ ସେମାନେ ମଞ୍ଚା ବାନ୍ଧିଥାନ୍ତି । ସେହି ମଞ୍ଚାକୁ ତାଙ୍କ ଭାଷାରେ ଥାନାଃ କୁହାଯାଏ । ପ୍ରତ୍ୟେକ ଲୋକମାନଙ୍କ ଜମିରେ ଏହିପ୍ରକାର ମଞ୍ଚା ଦେଖିବାକୁ ମିଳେ । ସେମାନେ ଚାରୋଟି ଉଚ୍ଚା ଖୁଣ୍ଟ ପୋତି ତା ଉପରେ ଭାଡ଼ି ବାନ୍ଧି ଏହା ଉପରେ ନଡ଼ା କିମ୍ବା କୁଟା ଛପର କରିଥାନ୍ତି ଏବଂ ତଳୁ ଉପରକୁ ଚଢ଼ିବା ପାଇଁ ନିଶୁଣୀର (ବ୍ଲୁଃ)ର ବ୍ୟବହାର କରନ୍ତି ।

ଧାନ ଜମା ହୋଇଥିବା ଖଳାକୁ ତାଙ୍କ ଭାଷାରେ ତିଲିଙ୍ଗଡ଼ିଆ କୁହାଯାଏ । ବଳଦ ସାହାଯ୍ୟରେ ଡିଡ଼ାୟୀ କୃଷକ ସେହି ସ୍ଥାନରେ ଧାନ ଅମଳ କରେ । ଧାନ ଅମଳକୁ ଡେଙ୍ଗଲା ବା ବେଙ୍ଗୁ (ଲେଃ) କୁହାଯାଏ । କୁଟାରୁ ଧାନ ଝଡ଼ି ଗଲେ ତାକୁ ସଂଗ୍ରହ କରି । କିଛି ଖାଇବା ପାଇଁ ରଖି ଅବଶିଷ୍ଟକୁ ଘରର ଭାଡ଼ି (ର୍ନା) ରେ ସାଇତି ରଖନ୍ତି । ଧାନ ଶୁଖିଗଲା ପରେ ତାକୁ କୁଟି ଚାଉଳ ବାହାର କରାଯାଏ । ସିଝା ଚାଉଳକୁ ତାଙ୍କ ଭାଷାରେ 'ଡ୍ରେଙ୍ଗା' କହନ୍ତି । ପ୍ରଥମେ ନୂଆଖିଆ ପର୍ବ ପରେ ସେମାନେ ନୂଆଧାନର ଚାଉଳକୁ ରାନ୍ଧି ଖାଇଥାନ୍ତି ।

ସମତଳ ଜମିରେ ଧାନଚାଷ ପରିବର୍ତ୍ତେ ସେମାନେ ସୁଆଁ, ମାଣ୍ଡିଆ, ଚିନାବାଦାମ କୋଳଥ, ବିରି ମୁଗ ଇତ୍ୟାଦି ଚାଷ କରିଥାନ୍ତି । ଚିନାବାଦମ ଓ ମକା ଚାଷ ପାଇଁ ଏବେ ସେମାନଙ୍କୁ ମଞ୍ଜି ଓ ସାର ଇତ୍ୟାଦି ଯୋଗାଇ ଦିଆଯାଉଛି । ସୁଆଁକୁ ଡିଡ଼ାୟୀମାନେ ହୁଁଆ କହନ୍ତି । ଏହା ସାଧାରଣତଃ ଢ଼ିପ ଗଡ଼ାଣିଆ ଜମିରେ ହୋଇଥାଏ । ଏହା ଏକ ପ୍ରକାର

ଘାସଜାତୀୟ ଗଛଅଟେ । ଏହି ଚାଷ ପାଇଁ ଖୁବ୍ କମ୍ ପାଣି ଦରକାର ହୁଏ । ସୁଆଁ ଅମଳକ୍ଷମ ହୋଇଗଲେ ତାକୁ କାଟି ଆଣନ୍ତି ଶୁଖାଇ ଦିଅନ୍ତି । ତା'ପରେ ବାଡ଼ିରେ ବାଡ଼େଇ ସେଥିରୁ ମଞ୍ଜିକୁ ବାହାର କରି ରଖନ୍ତି । ସେହି ମଞ୍ଜିକୁ ମୂଶଳରେ କୁଟି ଖାଆନ୍ତି ।

ମାଣିଆ ଚାଷ- ସୁଆଁ ଚାଷ କରିବା ସଂଗେ ସଂଗେ ଡ଼ିଡ଼ାୟୀମାନେ ପଥୁରିଆ କିମ୍ବା ଗଡ଼ାଣିଆ ଜମିରେ ମାଣିଆ (ଡ଼ିରାଃ) ଚାଷ କରିଥାନ୍ତି । ମାଣିଆକୁ ବାଡ଼ି ଦ୍ୱାରା ବାଡ଼େଇ ତାକୁ ସଂଗ୍ରହ କରନ୍ତି ଏବଂ ଚକି ଦ୍ୱାରା ଗୁଣ୍ଡ କରନ୍ତି । ମାଣିଆ ଗୁଣ୍ଡ ହୋଇଗଲା ପରେ ସେମାନେ ତାକୁ ଜାଉ କରି ଖାଆନ୍ତି ।

ଡାଲିଜାତୀୟ ଚାଷ- ଡାଲିଜାତୀୟ ଚାଷକୁ ସେମାନେ ଡାଲିଆ କହନ୍ତି । ଡାଲି ପାଇଁ ସେମାନେ ବିରି (ରମିୟା) କୋଳଥ (ହଲୋଁ) ମୁଗ (ପେସାଲ) ମସୁର (ଆନପଃ) ଇତ୍ୟାଦି ଧାନ ଚାଷ ପରେ ସେହି ଜମିରେ ଚାଷ କରନ୍ତି ।

## ବଗିଚା(ତୁଗ୍ଡ଼ିପ୍):

ଘରର ପଛ ପାଖରେ କିମ୍ବା ଯେ କୌଣସି ପାଖକୁ ଲାଗି ସେମାନେ ଗୋଟିଏ ଗୋଟିଏ ବଗିଚା କରିଥାନ୍ତି ଏବଂ ବଗିଚାକୁ ବାଉଁଶ ବାଡ଼ ଦ୍ୱାରା ଆବଦ୍ଧ କରିଥାନ୍ତି । ଘର ଚାରିପଟେ କରାଯାଇଥିବା ବାଡ଼କୁ ଟୁରାଃ କୁହାଯାଏ । ଏହି ବାଡ଼ ଦେବାର ଉଦ୍ଦେଶ୍ୟ ସେମାନେ ଜାଣନ୍ତି । ଘରକୁ ଗୋରୁଗାଈ କିମ୍ବା ହିଂସ୍ରଜନ୍ତୁ ପ୍ରବେଶ କରନ୍ତି ନାହିଁ, ତାହା ସଂଗେ ସଂଗେ ବଗିଚାରେ କରିଥିବା ଫସଲକୁ ବାହାରୁ ପକ୍ଷୀଙ୍କ କବଳରୁ ରକ୍ଷା କରିହୁଏ । ବଗିଚାରେ ସେମାନେ ଅମୃତଭଣ୍ଡା (ଅମୃତ) କନ୍ଦମୂଳ (ମୋଲିଲାଃ) ବାଇଗଣ (କଡ଼େହାଁ) (ସାରୁ, ସାରୁ ହାଃ) ଲଙ୍କା, (ମିରିଙ୍ଗ) ଇତ୍ୟାଦି ଲଗାନ୍ତି । ବର୍ଷାଦିନ ଆରମ୍ଭରୁ କିମ୍ବା ବର୍ଷା ହେଲେ ସେମାନେ ବିଭିନ୍ନ ପ୍ରକାର ଫୁଲଫଳ ଗଛ ମଧ୍ୟ ଲଗାନ୍ତି । କେହି କେହି ବାଡ଼ର ଚାରିପଟେ ଝୁଡ଼ଙ୍ଗ ଲଗାଇଥିବାର ଦେଖାଯାଏ ।

ଏହା ବ୍ୟତୀତ ପ୍ରତ୍ୟେକ ପରିବାରରେ କେତୋଟି ଲେଖାଏଁ ସଲପଗଛ (ସାମସ୍ଲା) ଥାଏ । ଏହି ଗଛର ଫୁଲକୁ କାଟିଲେ ଏକପ୍ରକାର ରସ ନିର୍ଗତ ହୁଏ । ସେହି ରସକୁ 'ସାପୁଙ୍ଗ' କୁହାଯାଏ । ଫୁଲକୁ ସାରି ସାରି ସଲପଗଛ ପ୍ରାୟତଃ ଖଜୁରୀ ଗଛ ପରି ଦେଖାଯାଏ । ଗଛରୁ କଦଳୀ କାନ୍ଦି କରି କାନ୍ଦି କାନ୍ଦି ହୋଇ ସଲପ କାନ୍ଦି ବାହାରି ଥାଏ । ଏହି କାନ୍ଦିକୁ କାଟି ସେଥିରେ ମାଟି ହାଣ୍ଡି ବାନ୍ଧିଦିଆଯାଏ । ରାତିଯାକ ଯେଉଁ ରସ ବାହାରିଥାଏ ସକାଳୁ ସେମାନେ ଗଛରେ ଚଢ଼ି ସଂଗ୍ରହ କରନ୍ତି । ସଲପରସ ସେମାନଙ୍କର ମୁଖ୍ୟ ପାନୀୟ

ସେଥିରେ ସେମାନେ ଏକ ପ୍ରକାର ଚେର ମିଶାଇ ଅଧିକ ନିଶା ହେବା ପାଇଁ ପିଅନ୍ତି ମଧ । ସଲପ ରସ ଦିନକୁ ଦୁଇଥର ସଂଗ୍ରହ କରାଯାଏ ।

## ପକ୍ଷୀ ପଶୁପାଳନ:

ଘୁଷୁରୀ ଓ କୁକୁର ବ୍ୟତୀତ ଡିଡାୟୀମାନଙ୍କର ଅନ୍ୟ କିଛି ଗୃହପାଳିତ ପଶୁ ବା ପକ୍ଷୀ ନଥିଲେ । କିନ୍ତୁ ଏବେ ଗୋରୁଗାଈ ଛେଳିମେଣ୍ଢା, ପାରାକୁକୁଡ଼ା ଇତ୍ୟାଦି ସେମାନେ ପାଳନ କଲେଣି । ପ୍ରତ୍ୟେକ ଡ଼ିଡ଼ାୟୀ ପରିବାର ଘରର ଅଗଣା ଭିତରେ ଘୁଷୁରୀ ରଖିବା ପାଇଁ ଛୋଟ ଛୋଟ ଘର କରିଥାନ୍ତି । ସେହି ଘରକୁ ଗୁବୁଗ୍ କୁଡ଼ିଆ' କୁହାଯାଏ । କୁକୁର ସେମାନଙ୍କୁ ଶିକାର ଧରିବାରେ ସାହାଯ୍ୟ କରେ ।

ପ୍ରଥମେ ସେମାନେ ଗୋରୁ ରଖୁ ନଥିଲେ କିନ୍ତୁ ଚାଷ ବାସରେ ଗୋରୁ ପାଳନ କଲେ । ଗୋରୁ ମାଂସ ଖାଇବାକୁ ସେମାନେ ଖୁବ୍ ପସନ୍ଦ କରନ୍ତି । ପ୍ରତ୍ୟେକ ସାପ୍ତାହିକ ହାଟ ପାଳିରେ ସେମାନେ ହାଟରୁ ଗାଈଟିଏ ବା ବଳଦଟିଏ କିଣି ଆଣନ୍ତି ଏବଂ ତାକୁ ମାଂସ କରି ସମସ୍ତେ ଗାଁ ଯାକ ସମସ୍ତେ ବାଣ୍ଟି ନେଇଥାନ୍ତି । ସମୟ ସମୟରେ ଗାଈ ଗୋରୁ ମରିଗଲେ ଡମମାନେ ତାର ଚମଡ଼ାକୁ ଛାଲି ପକାନ୍ତି । ଚମଡ଼ାକୁ ଗୋରୁର ମାଲିକକୁ ଦିଆଯାଏ । ଚାଷରେ ସୁବିଧା ପାଇଁ ସେମାନେ ଅଧିକ ଗୋରୁ ପୋଷିଥାନ୍ତି । ଗୋବରକୁ ଜମିରେ ସାର ରୂପେ ବ୍ୟବହାର କରିଥାନ୍ତି । ରାତି ହେଲେ ଘର ପାଖରେ ତିଆରି କରିଥିବା କାଠର କୁଡ଼ିଆ ଘରେ ଗାଈ ଗୋରୁଙ୍କୁ ବାନ୍ଧିଥାନ୍ତି । ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଗୋଟିଏ ଦଉଡ଼ି ବନ୍ଧା ଯାଇଥାଏ । ଗାଈଗୋରୁ ରହୁଥିବା ସ୍ଥାନକୁ 'ସାଲ୍ୟାତ୍ୟା' କୁହାଯାଏ । ବଳଦମାନଙ୍କୁ 'ଗ୍ଲେ' କହନ୍ତି । ପୂର୍ବରୁ ସେମାନେ ଗାଈକ୍ଷୀର ଖାଉନଥିଲେ କିନ୍ତୁ ଏବେ ବହୁଳଭାବରେ ଗାଈ ପାଳନ କରି କ୍ଷୀର ଖାଇବା ଶିଖିଲେଣି ।

ଡ଼ିଡ଼ାୟୀମାନେ କୁକୁଡ଼ା ପୋଷିବାକୁ ଖୁବ୍ ଭଲ ପାଉଛନ୍ତି ଏବଂ କୁକୁଡ଼ା ଓ ଛେଳିମାନଙ୍କର ଯତ୍ନ ନେଉଛନ୍ତି । ସେମାନେ ନିଜ ଶୋଇବା ଘରେ ଛୋଟ ଛୋଟ କୁଡ଼ିଆ ଘର କରି କୁକୁଡ଼ା ଓ ଛେଳିମାନଙ୍କୁ ରଖନ୍ତି । ପୂଜାରେ ବଳି ଦେବା ପାଇଁ କୁକୁଡ଼ାମାନଙ୍କ ଆବଶ୍ୟକତା ଥାଏ । କେହି କେହି ନିକଟସ୍ଥ ହାଟରେ ଛେଳି ମାନଙ୍କୁ ବିକ୍ରି କରି କରି ତା ବଦଳରେ ସଉଦାପତ୍ର ଓ ଲୁଗାପଟା ଇତ୍ୟାଦି କିଣିଥାନ୍ତି ।

## ଖାଦ୍ୟ ଓ ପାନୀୟ:

ଡିଡାୟୀମାନେ ବଣ ଜଙ୍ଗଲରେ ବାସ କରୁଥିବାରୁ ସେମାନେ ସେମାନଙ୍କର ଖାଦ୍ୟ ପାଇଁ ସାଧାରଣତଃ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଏଥିପାଇଁ ତାକୁ କଠିନ ପରିଶ୍ରମ

କରିବାକୁ ପଡ଼େ । ପରିବାରର ସମସ୍ତେ ମିଶି ଖାଦ୍ୟ ସଂଗ୍ରହ ବା ପ୍ରସ୍ତୁତ କରନ୍ତି ଏବଂ ମିଳିମିଶି ଖାଆନ୍ତି । ସାଂଗଠନିକ କାର୍ଯ୍ୟ ଡିଡ଼ାୟୀମାନଙ୍କ ଅନ୍ୟତମ ପ୍ରବଣତା, ଖାଦ୍ୟ ଗ୍ରହଣ ସମୟରେ ମଧ୍ୟ ତାହା ପରିଲକ୍ଷିତ ହୁଏ । ସେମାନେ ଦଳବଦ୍ଧ ହୋଇ ଶିକାର କରିବାକୁ ଯାଆନ୍ତି । ଯାହା କିଛି ଶିକାର କରାଯାଇଥାଏ ତାକୁ ଏକାକି ଖାଆନ୍ତି ନାହିଁ । ସମସ୍ତେ ସମାନ ଭାବରେ ବାଣ୍ଟି ନିଅନ୍ତି ।

## ମୁଖ୍ୟ ଖାଦ୍ୟ:

ଦୈନନ୍ଦିନ ଖାଦ୍ୟ ହିଁ ମୁଖ୍ୟ ଖାଦ୍ୟ । ପାହାଡ଼ ଉପରେ ବାସ କରୁଥିବା ଡିଡ଼ାୟୀମାନେ ମାଣ୍ଡିଆ ଓ ସୁଆଁ ଅଧିକ ପରିମାଣରେ ଚାଷ କରନ୍ତି, ମାଣ୍ଡିଆ ହେଉଛି ସେମାନଙ୍କର ପ୍ରଧାନ ଖାଦ୍ୟ । ମାଣ୍ଡିଆ ଅମଳ ହେବାପରେ ତାକୁ ଚୂନା କରାଯାଏ । ପ୍ରତ୍ୟେକଦିନ ମାଣ୍ଡିଆ ଜାଉ ସେମାନେ ଖାଇଥାନ୍ତି । ସୁଆଁକୁ ମଧ୍ୟ ସେମାନେ ଜାଉ ଭାଟ ଭାବରେ ରାନ୍ଧନ୍ତି । ଏହି ଦୁଇ ଖାଦ୍ୟ ସେମାନଙ୍କର ପ୍ରଧାନ ଖାଦ୍ୟ ।

ପାହାଡ଼ର ପାଦଦେଶରେ ବାସକରୁଥିବା ଡିଡ଼ାୟୀମାନଙ୍କର ପ୍ରଧାନ ଖାଦ୍ୟ ହେଉଛି ଭାତ । ସେମାନେ ଧାନ ଚାଷ କରନ୍ତି ଏଣୁ ସେମାନଙ୍କର ପ୍ରଧାନ ଖାଦ୍ୟ ହେଉଛି ଭାତ ।

## ସହାୟକ ଖାଦ୍ୟ:

ଭାତ ସହିତ ଡ଼ିଡ଼ାୟୀମାନେ ଶାଗ (ଆମାଂ) ତରକାରୀ (ଆମାଃ) ଖାଆନ୍ତି । ବାଇଗଣ, ଆଳୁ ଝୁଡ଼ଙ୍ଗ କିମ୍ବା ଅନ୍ୟ କୌଣସି ପରିବାରେ ତରକାରୀ ରାନ୍ଧନ୍ତି । ଏବଂ ଏହି ତରକାରୀ କେବଳ ପରିବାସିଝା, ସେଥିରେ ତେଲ ମସଲା ଯେପରି କିଛି ପଡ଼ି ନଥାଏ । ତେଲ ମଧ୍ୟରେ ସେମାନେ କୁସୁମ କିମ୍ବା କଟଣ୍ଡା ତେଲ ବ୍ୟବହାର କରିଥାନ୍ତି । ଜଙ୍ଗଲରୁ ସଂଗ୍ରହ କରାଯାଇଥିବା ବାଉଁଶ ଗଜାରେ ତରକାରୀ, ଛତୁ କିମ୍ବା ଯେ କୌଣସି ଶାଗ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଏଥିରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର ଆମିଷଜାତୀୟ ଖାଦ୍ୟ, ଅଥବା ତେନ୍ତୁଳି ଖଟା ଇତ୍ୟାଦିକୁ ଭାତ ସହିତ ସେମାନେ ଖାଆନ୍ତି । ବିଶେଷତଃ ମାଣ୍ଡିଆ ପେଜ ପିଇଲାବେଳେ ତେନ୍ତୁଳି ଖଟାକୁ ସେମାନେ ପସନ୍ଦ କରନ୍ତି । ପୁନଶ୍ଚ ଲାଉ (ହେଁଟଙ୍ଗ୍) ପ୍ରଭୃତିକୁ ମଧ୍ୟ ତରକାରୀ କରନ୍ତି । ଶିଆଳୀ ଗଛରପତ୍ରକୁ ବି ସିଝାଇ ଖାଇବାର ଦେଖାଯାଏ ।

## ସହକାରୀ ଖାଦ୍ୟ/ ବିକଳ୍ପ ଖାଦ୍ୟ:

ବଞ୍ଚି ରହିବା ପାଇଁ ସେମାନେ ମଧ୍ୟ ବିଭିନ୍ନ ବିକଳ୍ପ ଉପାୟ ଅବଲମ୍ବନ କରନ୍ତି । ମୁଖ୍ୟଖାଦ୍ୟର ନିଅଣ୍ଟ ଦେଖାଗଲେ ତା'ର ବଦଳରେ ଅନ୍ୟ ଖାଦ୍ୟ ଗ୍ରହଣ କରିଥାନ୍ତି ।

କରିବାକୁ ପଡ଼େ । ପରିବାରର ସମସ୍ତେ ମିଶି ଖାଦ୍ୟ ସଂଗ୍ରହ ବା ପ୍ରସ୍ତୁତ କରନ୍ତି ଏବଂ ମିଳିମିଶି ଖାଆନ୍ତି । ସାଂଗଠନିକ କାର୍ଯ୍ୟ ଡିଡ଼ାୟୀମାନଙ୍କ ଅନ୍ୟତମ ପ୍ରବଣତା, ଖାଦ୍ୟ ଗ୍ରହଣ ସମୟରେ ମଧ୍ୟ ତାହା ପରିଲକ୍ଷିତ ହୁଏ । ସେମାନେ ଦଳବଦ୍ଧ ହୋଇ ଶିକାର କରିବାକୁ ଯାଆନ୍ତି । ଯାହା କିଛି ଶିକାର କରାଯାଇଥାଏ ତାକୁ ଏକାକି ଖାଆନ୍ତି ନାହିଁ । ସମସ୍ତେ ସମାନ ଭାବରେ ବାଣ୍ଟି ନିଅନ୍ତି ।

## ମୁଖ୍ୟ ଖାଦ୍ୟ:

ଦୈନନ୍ଦିନ ଖାଦ୍ୟ ହିଁ ମୁଖ୍ୟ ଖାଦ୍ୟ । ପାହାଡ଼ ଉପରେ ବାସ କରୁଥିବା ଡିଡ଼ାୟୀମାନେ ମାଣ୍ଡିଆ ଓ ସୁଆଁ ଅଧିକ ପରିମାଣରେ ଚାଷ କରନ୍ତି, ମାଣ୍ଡିଆ ହେଉଛି ସେମାନଙ୍କର ପ୍ରଧାନ ଖାଦ୍ୟ । ମାଣ୍ଡିଆ ଅମଳ ହେବାପରେ ତାକୁ ଚୂନା କରାଯାଏ । ପ୍ରତ୍ୟେକଦିନ ମାଣ୍ଡିଆ ଜାଉ ସେମାନେ ଖାଇଥାନ୍ତି । ସୁଆଁକୁ ମଧ୍ୟ ସେମାନେ ଜାଉ ଭାତ ଭାବରେ ରାନ୍ଧନ୍ତି । ଏହି ଦୁଇ ଖାଦ୍ୟ ସେମାନଙ୍କର ପ୍ରଧାନ ଖାଦ୍ୟ ।

ପାହାଡ଼ର ପାଦଦେଶରେ ବାସକରୁଥିବା ଡିଡ଼ାୟୀମାନଙ୍କର ପ୍ରଧାନ ଖାଦ୍ୟ ହେଉଛି ଭାତ । ସେମାନେ ଧାନ ଚାଷ କରନ୍ତି ଏଣୁ ସେମାନଙ୍କର ପ୍ରଧାନ ଖାଦ୍ୟ ହେଉଛି ଭାତ ।

## ସହାୟକ ଖାଦ୍ୟ:

ଭାତ ସହିତ ଡିଡ଼ାୟୀମାନେ ଶାଗ (ଆମାଂ) ତରକାରୀ (ଆମାଃ) ଖାଆନ୍ତି । ବାଇଗଣ, ଆଳୁ ଝୁଡ଼ଙ୍ଗ କିମ୍ବା ଅନ୍ୟ କୌଣସି ପରିବାରେ ତରକାରୀ ରାନ୍ଧନ୍ତି । ଏବଂ ଏହି ତରକାରୀ କେବଳ ପରିବାସିଝା, ସେଥିରେ ତେଲ ମସଲା ସେପରି କିଛି ପଡ଼ି ନଥାଏ । ତେଲ ମଧ୍ୟରେ ସେମାନେ କୁସୁମ କିମ୍ବା କଟଣ୍ଡା ତେଲ ବ୍ୟବହାର କରିଥାନ୍ତି । ଜଙ୍ଗଲରୁ ସଂଗ୍ରହ କରାଯାଇଥିବା ବାଉଁଶ ଗଜାରେ ତରକାରୀ, ଛତୁ କିମ୍ବା ଯେ କୌଣସି ଶାଗ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଏଥିରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର ଆମିଷଜାତୀୟ ଖାଦ୍ୟ, ଅଥବା ତେନ୍ତୁଳି ଖଟା ଇତ୍ୟାଦିକୁ ଭାତ ସହିତ ସେମାନେ ଖାଆନ୍ତି । ବିଶେଷତଃ ମାଣ୍ଡିଆ ପେଜ ପିଉଲାବେଳେ ତେନ୍ତୁଳି ଖଟାକୁ ସେମାନେ ପସନ୍ଦ କରନ୍ତି । ପୁନଶ୍ଚ ଲାଉ (ହିଁଟଙ୍ଗ୍) ପ୍ରଭୃତିକୁ ମଧ୍ୟ ତରକାରୀ କରନ୍ତି । ଶିଆଳୀ ଗଛରପତ୍ରକୁ ବି ସିଝାଇ ଖାଇବାର ଦେଖାଯାଏ ।

## ସହକାରୀ ଖାଦ୍ୟ/ ବିକଳ୍ପ ଖାଦ୍ୟ:

ବଞ୍ଚି ରହିବା ପାଇଁ ସେମାନେ ମଧ୍ୟ ବିଭିନ୍ନ ବିକଳ୍ପ ଉପାୟ ଅବଲମ୍ବନ କରନ୍ତି । ମୁଖ୍ୟଖାଦ୍ୟର ନିଅଣ୍ଟ ଦେଖାଗଲେ ତା'ର ବଦଳରେ ଅନ୍ୟ ଖାଦ୍ୟ ଗ୍ରହଣ କରିଥାନ୍ତି ।

ଯେଉଁମାନେ ଭାତ ଉପରେ ନିର୍ଭର କରନ୍ତି । ସେମାନେ ଜଙ୍ଗଲର ବିଭିନ୍ନ ମୂଳ, କନ୍ଦା, ପତ୍ର ଫୁଲ ଫଳ ଇତ୍ୟାଦି ସଂଗ୍ରହ କରି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ମାଣ୍ଡିଆ ଜାଉ ଖାଉଥିବା ଲୋକମାନେ ସୁଆଁ ଖାଆନ୍ତି । ସୁଆଁ ମଞ୍ଜିକୁ ସିଝାଇ ଭାତ ଭଳି ଖିଆଯାଏ । କେହି କେହି ଆମ୍ବଟାକୁଆକୁ ଶୁଖାଇ ଗୁଣ୍ଡ କରି ରଖନ୍ତି । ପାଣିରେ ମିଶାଇ ଜାଉ କରି ଖାଆନ୍ତି । ଆଉ କେତେକ ସଲପରସ ପିଇ ଦିନ କଟାଇ ଦିଅନ୍ତି ।

## ଆମିଷ ଖାଦ୍ୟ:

ଆମିଷ ଜାତୀୟ ଖାଦ୍ୟ ଖାଇବାକୁ ଡ଼ିଡାୟୀମାନେ ଖୁବ୍ ଭଲ ପାଆନ୍ତି । ସେଥିପାଇଁ ସେମାନେ ଜଙ୍ଗଲକୁ ଯାଇ ଶିକାରକୁ ବେଶୀ ପସନ୍ଦ କରନ୍ତି । ଜଙ୍ଗଲକୁ ଶିକାର କରିବାକୁ ଦଳ ଦଳ ହୋଇଯାଆନ୍ତି । ଯାହା ଶିକାର କରାଯାଇ ଥାଏ ତାକୁ ଗାଁରେ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଏ ଏପରିକି ଯେଉଁମାନେ ଶିକାର କରିବାକୁ ଯାଇନଥାନ୍ତି ସେମାନଙ୍କୁ ମଧ ଭାଗ ଦିଆଯାଇଥାଏ।

ପର୍ବପର୍ବାଣୀରେ ସେମାନେ କୁକୁଡ଼ା ଛେଳି, ପାରା, ଘୁଷୁରୀ ବଳୀଦେବାକୁ ଅସମ୍ମତ ହୁଅନ୍ତିନାହିଁ । ପ୍ରତ୍ୟେକ ପର୍ବରେ ପଶୁବଳି ଦିଅନ୍ତି । ତାପରେ ବଳି ଦିଆଯାଇଥିବା ପଶୁକୁ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଏ । ଜଙ୍ଗଲରୁ ଶିକାର ହୋଇଥିବା ବଡ଼ ପଶୁଟିଏ ଆସିଲେ ମୁଣ୍ଡଟିକୁ ପୂଜାରୀକୁ ଦିଅନ୍ତି ଏବଂ ଅନ୍ୟ ମାଂସକୁ ସମସ୍ତେ ବାଣ୍ଟି ନିଅନ୍ତି । ଯଦି କୌଣସି କାରଣରୁ ସେମାନେ ଘରକୁ ଫେରିଲେ ନାହିଁ ତେବେ ଶିକାର ହୋଇଥିବା ଶିକାରରୁ କିଛି ଅଂଶ ସେହି ବଣରେ ହିଁ ଖାଇଥାନ୍ତି । ଅବଶିଷ୍ଟ ବଳକା ଅଂଶକୁ ଘରକୁ ଆଣନ୍ତି । ଯେତେବେଳେ ସେମାନଙ୍କୁ ଶିକାର ମିଳେନାହିଁ ସେମାନେ ସେତେବେଳେ ଘରେ ପୋଷିଥିବା ଗୃହପାଳିତ ପଶୁ ଛେଳି କିମ୍ବା ଘୁଷୁରୀରୁ ଗୋଟିଏ ମାରିଥାନ୍ତି ।

ମାଂସ ପରିବର୍ତ୍ତେ ସେମାନେ ମାଛ ମଧ ଖାଇବାକୁ ଭଲ ପାଆନ୍ତି । ଚିତ୍ରକୋଣ୍ଡା ଗିଜରଭର ପାଖରେ ବାସ କରୁଥିବା ଡ଼ିଡ଼ାୟୀମାନେ ମାଛ ଧରନ୍ତି । ପାହାଡ଼ରେ ଥିବା ଡ଼ିଡ଼ାୟୀମାନେ ମଧ ଝରଣାରୁ ବର୍ଷାଦିନେ ପ୍ରଚୁର ମାଛ ଧରିଥାନ୍ତି । ଏଣୁ ମାଛ, ମାଂସ, ସେମାନଙ୍କର ପ୍ରିୟ ଖାଦ୍ୟ ଅଟେ ।

## ଖାଦ୍ୟ ପ୍ରସ୍ତୁତି:

ଡ଼ିଡ଼ାୟୀମାନେ ଭାତ, ମାଣ୍ଡିଆ, କିମ୍ବା ଯେକୌଣସି ଖାଦ୍ୟକୁ ମାଟିପାତ୍ରରେ ରାନ୍ଧନ୍ତି । ପାଣି ଗରମ ହୋଇଗଲେ ସେମାନେ ଚାଉଳ କିମ୍ବା ମାଣ୍ଡିଆ ପକାନ୍ତି ।

ମାଟିହାଣ୍ଡିକୁ "କୋପା ତେଲାନି"(ଗାଡ଼ାଣି) କୁହାଯାଏ । ରନ୍ଧା ସରିଗଲେ ତିଆରି କରିରଖିଥିବା ଶିଆଳିପତ୍ରର ଚୌପଦୀରେ ଭୋଜନ କରନ୍ତି । ସେମାନେ ଲୁଣ, ଲଙ୍କା, ହଳଦୀ ଓ କୁସୁମ କିମ୍ବା ମହୁଲ ତେଲ ବ୍ୟବହାର କରନ୍ତି । ତେବେ ତରକାରୀ ତିଆରି କରିବା ଜାଣନ୍ତି ନାହିଁ, ତେଣୁ ସବୁ ପରିବାକୁ ସିଝାଇ ଲୁଣ ହଳଦୀ ପକାଇ ଖାଆନ୍ତି । ତାକୁ ଉଁମାଃ କହନ୍ତି ।

ମହୁଲ ଫୁଲ (ଭୁହାଃ) କୁ ସେମାନେ ଖରାରେ ଦୁଇ ତିନିଦିନ ଶୁଖାଇ ଦିଅନ୍ତି । ତାପରେ ତାହାକୁ ପାଣିରେ ସିଝାଇ ଦିଆଯାଏ । ଏଥିରେ ତେଲ, ଲୁଣ ମସଲା କିଛି ପକାଯାଏ ନାହିଁ । ସେଥିରେ ମଦ ତିଆରି ହୁଏ । ଆମ୍ବକୁ ପାଚିଲା ହେଉ କିମ୍ବା କଞ୍ଚା ହେଉ ଖାଇବାକୁ ପସନ୍ଦ କରନ୍ତି । ପିଲାମାନେ ବଳକା ଖାଦ୍ୟ ଛାଡ଼ିଥିଲେ ତାକୁ ବଡ଼ମାନଙ୍କୁ ଦିଆଯାଏ ନାହିଁ । କେବଳ ତାଠାରୁ କମ୍ ବୟସର ପିଲା ହିଁ ଖାଇଥାଏ । ନଚେତ୍ ବଳ୍କା ଖାଦ୍ୟ ଘୁଷୁରୀ କିମ୍ବା କୁକୁରକୁ ଦିଆଯାଏ ଖାଇସାରିବା ପରେ ବାସନକୁସନ ଗୁଡ଼ିକ ସବୁ ସେମାନେ ନିକଟରେ ଥିବା ଝରଣାରେ ସଫା କରିଥାନ୍ତି ।

ସେମାନେ ବ୍ୟବହାର କରୁଥିବା ବାସନକୁସନ ମଧ୍ୟରେ ପିତଳର ତିଆରି ଗରା (ଗରିଆ) ଅନ୍ୟତମ । ରୋଷେଇ ପାଇଁ ସେମାନେ ମାଟିପାତ୍ର 'ଉଁକୁର' ଓ 'ଗୁଇ' ବ୍ୟବହାର କରନ୍ତି । ତରକାରୀ ପାଇଁ ବ୍ୟବହୃତ ହେଉଥିବା ମାଟିପାତ୍ରକୁ କୋପା କୁହାଯାଏ । ପିନାଟି ଅନ୍ୟ ଏକ ମାଟିପାତ୍ର ଯାହାକି ମାଣ୍ଡିଆ କିମ୍ବା ରାନ୍ଧିବା ପାଇଁ ବ୍ୟବହୃତ ହୁଏ । କିନ୍ତୁ ଏବେ ମାଟିପାତ୍ରର ବ୍ୟବହାର ନାହିଁ ସମସ୍ତେ ରସ (ଆଲୁମିନିୟମ) ପାତ୍ର ବ୍ୟବହାର କରୁଛନ୍ତି ।

## ସାମଜିକ ଜୀବନ:

ସାମାଜିକ ଦୃଷ୍ଟିକୋଣରୁ ଦେଖାଗଲେ ଡ଼ିଡ଼ାୟୀମାନଙ୍କ ସାମାଜିକ ଜୀବନ ବଡ଼ ବିଚିତ୍ର । ଡ଼ିଡ଼ାୟୀ ଗୋଷ୍ଠୀକୁ ମୁଖ୍ୟତ ୨ଟି ବଂଶରେ ବିଭକ୍ତ କରଯାଇଛି । ଗୋଟିଏ 'ନାଗ ବଂଶ', ଅନ୍ୟଟି 'ବାଘ ବଂଶ' । ଏହା ସହିତ ଅନ୍ୟ କେତେକ ବଂଶର ଲୋକ ଦେଖାଯାନ୍ତି ତାହା ହେଉଛି ଭାଲୁ ବଂଶ କୁମ୍ଭୀର ଓ କଁଇଚ ବଂଶ ଇତ୍ୟାଦି । ବିଭିନ୍ନ ବଂଶ ଅନୁସାରେ ସେମାନଙ୍କର ନାମକରଣ କରାଯାଇ ଥାଏ । ପ୍ରତ୍ୟେକ ଗୋତ୍ରର କିଛି ନା କିଛି ପୌରାଣିକ କିମ୍ବଦନ୍ତୀ ରହିଅଛି ।

## ବାଘଗୋତ୍ର:

ଥରେ ଡ଼ିଡ଼ାୟୀମାନେ କିଛି ଲୋକ ବଣକୁ ବୁଲିବାକୁ ଯାଇଥିଲେ । ସେମାନେ ବାଟରେ ଏକ ବାଘୁଣୀକୁ ଦେଖିଲେ । ତାକୁ ଧରି ଘରକୁ ନେଇ ଆସିଲେ ଘରେ ଏକ ଗୃହପାଳିତ ପଶୁରୂପେ ବାଘୁଣୀଟି ରହିଲା । ପ୍ରତିଦିନ ବାଘଟି ଘରେ ଦିନବେଳା ରୁହେ, ରାତି ହେଲେ ଜଙ୍ଗଲକୁ ଫେରିଯାଏ । ପୁନ ଦିନ ହେଲେ ଘରକୁ ଚାଲିଆସେ । ସେ ବହୁତ ଦିନ ରହିବା ପରେ ଗୋଟିଏ ଛୋଟ ବାଘଛୁଆ ଜନ୍ମ କଲା । ପୂର୍ବପରି ପ୍ରତ୍ୟେକ ଦିନ ସେ ବଣକୁ ଯାଏ ଏବଂ ଦିନ ହେଲେ ଫେରିବାକୁ ଓ ପିଲାର ଯତ୍ନନିଏ ।

ଦିନକର କଥା, ନାୟକର ବୋହୂ ବାଘଛୁଆ ଉପରକୁ ଗରମପାଣି ପକାଇ ଦେଲା । ଫଳରେ ବାଘୁଛୁଆଟି ମରିଗଲା । ବାଘୁଣୀ କିନ୍ତୁ ଏସବୁ କଥା ଜଙ୍ଗଲରେ ଜାଣିପାରିଲା ଏବଂ ସେ ଦ୍ରୁତଗତିରେ ଘରକୁ ମାଡ଼ିଆସିଲା । ଘରେ ମାଲିକର ବୋହୂ ଖୋଜିବାକୁ ଲାଗିଲା ବୋହୂଟି ପ୍ରାଣବିକଳରେ ଅନ୍ୟଲୋକର ଘରକୁ ପଳାଇଲା । ହେଲେ ବାଘୁଣୀଟି ତାକୁ ଛାଡ଼ିଲାନାହିଁ । ଶେଷରେ ତାକୁ ମାରିଦେଲା । ସେହିଦିନଠାରୁ ସେମାନେ ବାଘ କିମ୍ବା ବାଘ ଛୁଆମାନଙ୍କର କୌଣସି କ୍ଷତି କରନ୍ତି ନାହିଁ । ସେହିଦନଠାରୁ ବାଘକୁ ପୂଜା କରୁଥିବା ଗୋଷ୍ଠୀକୁ  ବାଘଗୋତ୍ରରେ ନାମିତ ହେଲେ । ପଲାସି, ଟୁଙ୍କ୍, ପଲାସୀ, ମୁଦୁଲି, ଧାଙ୍ଗଡ଼ମାଝି, ଗୁଡ଼ିଆ, ଘିଆଉଁ, ଇଁସିଙ୍ଗ ପ୍ରଭୃତି ସଙ୍ଖ୍ୟା ଥିବାଲୋକମାନେ ବାଘ ଗୋତ୍ରରେ ଅର୍ନ୍ତଭୁକ୍ତ ।

## ନାଗଗୋତ୍ର:

ବହୁତ ଦିନତଳେ ଜଣେ ଡ଼ିଡ଼ାୟୀ ଲୋକର ଘରେନାଗ ସାପଟିଏ ଫଣାଟେକି ଖେଳିବାକୁ ଲାଗିଲା । ଘରର କେହି ତାକୁ ମାରିଲେ ନାହିଁ ଶେଷରେ ସେ ଘରେ ରହିଲା । ସେହିଦିନଠାରୁ ସେ ଲୋକର ଧନସମ୍ପତ୍ତି ବଢ଼ିବାକୁ ଆରମ୍ଭ କଲା । ଜମିବାଡ଼ିରେ ଭଲଶସ୍ୟ ଉତ୍ପାଦିତ ହେଲା । ଦିନକର ଘଟଣା, ସେହି ଲୋକଟି ଜଙ୍ଗଲକୁ ବୁଲିବାକୁ ଯାଇଥିଲା, ଜଙ୍ଗଲରୁ ଫେରି ଦେଖିଲାବେଳକୁ ତାର ପିଲାମାନେ ସାପଟିକୁ ମାରିଦେଇଛନ୍ତି । ସେ ଲୋକଟି ବହୁତ ମନଦୁଃଖ କଲା । ସେ ଲୋକଟି ଦରିଦ୍ର ହୋଇଗଲା । ତା ଜମିରୁ ଆଉ ଭଲ ଶସ୍ୟ ଉତ୍ପାଦିତ ହେଲା ନାହିଁ । ସାପଟିକୁ ମାରିଦେଇଥିବାରୁ ଏପରି ହେଲା ବିଚାରି ତା ମନରେ ସାପ ପ୍ରତି ଭକ୍ତି ଆସିଲା ଏବଂ ସେ ନାଗ ସାପକୁ ପୂଜା କରିଲା ତା'ର ପରିବର୍ତ୍ତୀ ବଂଶଧର ନାଗ ଗୋତ୍ରରେ ନାମିତ ହେଲେ । ସେହିଦିନଠାରୁ ସ୍ତ୍ରୋବ, ବିଂଶୋଇ, ଅଂଗ୍ରା, କୁସୁହା, ରନ୍ଧି, ଆଗ୍ରା, ପଲାସୀ, ପୂଜାରୀ ଗୋଲଟପେଦା ଇତ୍ୟାଦି ବଂଶର ଲୋକମାନେ ନାଗଗୋତ୍ରରେ ଅର୍ନ୍ତଭୁକ୍ତ ।

## ଗୋତ୍ର ଗୋତ୍ର ମଧ୍ୟରେ ସଂପର୍କ:

ବିଭିନ୍ନ ଗୋତ୍ର ମଧ୍ୟରେ କେତେକ ଲକ୍ଷଣ ପରିଲକ୍ଷିତ ହୁଏ ସେମାନେ ଏକ ଗୋତ୍ର ମଧ୍ୟରେ ବିବାହ କରନ୍ତି ନାହିଁ । ବାଘ ବଂଶର ପୁଅ ନାଗ ବଂଶର ଝିଅକୁ ବିବାହ କରନ୍ତି ନାହିଁ । ବାଘ ବଂଶର ପୁଅ ନାଗ ବଂଶର ଝିଅକୁ ବିବାହ କରେ । କାରଣ ସେମାନଙ୍କର ଧାରଣା ଥାଏ ଏକ ବଂଶର ପୁଅଝିଅ ମଧ୍ୟରେ ରକ୍ତଗତ ସଂପର୍କ ଥାଏ, ସେମାନେ ହୁଏତ ଭାଇ ଓ ଭଉଣୀ ହୋଇଥିବେ, ଏଣୁ ଏକ ଗୋତ୍ର ମଧ୍ୟରେ ବିବାହ କଲେ ଅପରାଧ ବୋଲି ସେମାନେ ମାନିଥାନ୍ତି ।

## ପରିବାର:

ଡ଼ିଡ଼ାୟୀ ପରିବାରରେ ପୁରୁଷ ତାର ସ୍ତ୍ରୀ ଏବଂ ଅବିବାହିତ ପୁଅଝିଅମାନେ ରହିଥାନ୍ତି । ଯଦି ଘରର ମୁଖ୍ୟ ଏକରୁ ଅଧିକ ପତ୍ନୀ ଗ୍ରହଣ କରିଥାନ୍ତି । ତେବେ ସେମାନେ ମଧ୍ୟ ସେହିଠାରେ ରହନ୍ତି । କେତେକ ପରିବାରରେ ନିଜର ବୃଦ୍ଧ ପିତା, ମାତା, ବିଧବା ଝିଅ କିମ୍ବା ଭଉଣୀ ମଧ୍ୟ ରହିଥାନ୍ତି । ବିଧବାମାନେ ପୁନଃ ବିବାହ କରିବା ପର୍ଯ୍ୟନ୍ତ କିମ୍ବା ମୃତ୍ୟୁ ପର୍ଯ୍ୟନ୍ତ ସେଠାରେ ରହନ୍ତି । ଏଣୁ ଦୁଇପ୍ରକାର ପରିବାର ଡ଼ିଡ଼ାୟୀ ସମାଜରେ ଦେଖିବାକୁ ମିଳେ ଯଥା (୧) ଛୋଟ ପରିବାର, (୨) ଯୌଥ ପରିବାର । କିନ୍ତୁ ଡ଼ିଡ଼ାୟୀ ଗାଁ ଗୁଡ଼ିକରେ ବହୁଳ ଭାବରେ ଛୋଟ ପରିବାର ହିଁ ଦେଖାଯାଏ । ବିବାହପରେ ପୁଅଟି ତା'ର ବିବାହିତ ପତ୍ନୀକୁ ନେଇ ଅଲଗା ଘରରହିଥାଏ । ଏହା ସେମାନଙ୍କର ପରମ୍ପରାରେ ରହିଅଛି । ବିବାହର ଏକ ବର୍ଷ ମଧ୍ୟରେ ଦମ୍ପତି ନିଜ ବାପାମାଆଙ୍କ ପାଖରେ ସମୟ କଟାନ୍ତି । କିନ୍ତୁ ପରେ ସେମାନେ ନୂତନ ଗୃହଟିଏ ତିଆରି କରିବା ପରେ ଅନ୍ୟତ୍ର ସ୍ଥାନାନ୍ତରିତ ହୁଅନ୍ତି । ତା ପାଇଁ ନୂଆ ଘର ତିଆରି କରାଯାଏ । ଏହି ଘର ତିଆରିରେ ପରିବାରର ସମସ୍ତ ସଦସ୍ୟ ମିଶିଥାନ୍ତି ।

ପରିବାରର ମୁଖ୍ୟ କହିଲେ ପୁରୁଷକୁ ହିଁ ବୁଝାଏ । ତା'ର କଥା ଅନୁସାରେ ଘର ଚାଲେ କିନ୍ତୁ ମହିଳାମାନଙ୍କର ଅବଦାନ ବହୁତ । ସେମାନେ ପୁରୁଷମାନଙ୍କ ସହିତ ମିଶି ଚାଷ କରନ୍ତି । ଜଙ୍ଗଲରୁ କାଠ ଆଣନ୍ତି ଶିଆଳି ତଥା କେନ୍ଦୁପତ୍ର ତୋଳିଥାନ୍ତି । ଏସବୁ କରିବା ପରେ ମଧ୍ୟ ସେମାନେ ଜଙ୍ଗଲ ଯାଆନ୍ତି ପୋଡୁଚାଷର ସବୁ କିଛି କାମ କରନ୍ତି । କେବଳ ଶିକାର କରିବା, ଜଙ୍ଗଲରୁ ବାଉଁଶ ବୋହିବା ଏବଂ ହଳ କରିବା କାମରେ ସ୍ତ୍ରୀ ଲୋକମାନେ ଅଂଶ ଗ୍ରହଣ କରନ୍ତି ନାହିଁ । ନଚେତ୍ ପରିବାର ଅନ୍ୟ ସବୁ କାମ ସେମାନେ କରିଥାନ୍ତି ।

## ପରିବାର ମଧ୍ୟରେ ପାରସ୍ପରିକ ସଂପର୍କ:

**(Intereationship in Family):**

ପରିବାରର ପ୍ରତ୍ୟେକ ସଦସ୍ୟ ସ୍ନେହଶ୍ରଦ୍ଧା ଓ ସୁସ୍ଥ ସଂପର୍କ ମଧ୍ୟରେ ବସ୍ଥାନ୍ତି । ପରିବାର ମୁଖ୍ୟ ପୁରୁଷ ହେଲେ ମଧ୍ୟ ମହିଳାଙ୍କୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଥାଏ । ପୁରୁଷ ଲୋକଟି ନିଜ ସ୍ତ୍ରୀ ଓ ପିଲାପିଲିଙ୍କ ଯତ୍ନ ନେଇଥାଏ । ସେମାନଙ୍କର ଖାଦ୍ୟପେୟ ପୋଷାକପରିଚ୍ଛେଦ ଇତ୍ୟାଦି ନିଜର ସମ୍ବଳ ଅନୁସାରେ ବହନ କରିଥାଏ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ସ୍ନେହ ସଂପର୍କ ଖୁବ୍ ଭଲଥାଏ । ସେମାନେ ପରସ୍ପରକୁ ସାଙ୍ଗ କିମ୍ବା ପ୍ରେମିକା-ପ୍ରେମିକ ସଂପର୍କରେ ବାନ୍ଧି ହୋଇଥାନ୍ତି । ସେମାନେ ପରସ୍ପର ପ୍ରତ୍ୟେକ ବିଷୟରେ ଆଲୋଚନା କରିଥାନ୍ତି । ପରିବାର ମଧ୍ୟରେ ଯୌନକ୍ରିୟା କେବଳ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ହୋଇଥାଏ । ମହିଳାମାନନେ ତାଙ୍କର ପ୍ରତ୍ୟେକ କର୍ତ୍ତବ୍ୟ ସମ୍ପାଦନା କରିବାକୁ ପଛାନ୍ତି ନାହିଁ । ବାଲ୍ୟଅବସ୍ଥାରେ ପରିବାରର ସମସ୍ତ ଶିଶୁକୁ ସ୍ନେହ ଶ୍ରଦ୍ଧା କରନ୍ତି । ବଡ଼ ହୋଇଗଲା ପରେ ନିକଟସ୍ଥ ଶିକ୍ଷାକେନ୍ଦ୍ରକୁ ଯାଆନ୍ତି ।

ପୂର୍ବରୁ ଶିକ୍ଷା ପ୍ରତି ସେମାନେ ଆଦୌ ସଚେତନ ନଥିଲେ । କିନ୍ତୁ ଏବେ ସରକାରଙ୍କ ତରଫରୁ ଖୋଲା ଯାଇଥିବା ବିଭିନ୍ନ ଆଶ୍ରମ ସ୍କୁଲମାନଙ୍କରେ ପିଲାମାନଙ୍କୁ ପାଠ ପଢ଼ାଇଥାନ୍ତି । ପୁଅଝିଅ ଯୌବନ ଅବସ୍ଥାକୁ ଆସିଲ ପରେ ବାପା ମାଆଙ୍କ ପାଖରେ ନ ଶୋଇ ଧାଙ୍ଗଡ଼ାବସା କିମ୍ବା ଧାଙ୍ଗଡ଼ିବସାରେ ଶୋଇଥାନ୍ତି । ବିଭିନ୍ନ ସାହିରେ ଝିଅମାନଙ୍କ ପାଇଁ ଶୋଇବାଘର ଥାଏ । ପ୍ରତ୍ୟେକ ସାହିର ଝିଅ, ବିଧବା ଓ ଅସହାୟମାନେ ଏକତ୍ର ଶୋଇଥାନ୍ତି । ପୁରୁଷମାନେ ଯେଉଁଠି ଶୋଇଥାନ୍ତି ତାକୁ ଧାଙ୍ଗଡ଼ା ବସା କୁହାଯାଏ । ବିବାହ ପରେ ନିଜ ପରିବାର ଠାରୁ ଅଲଗା ହୋଇ ନିଜର କୁଡ଼ିଆ କରନ୍ତି । ବିବାହ ପରେ ଝିଅମାନେ ଶ୍ୱଶୁର ଘରକୁ ଚାଲିଯାନ୍ତି ଏବଂ ତାଙ୍କର ବାପଘରେ କୌଣସି ଅଧିକାର ନଥାଏ । ବିଭିନ୍ନ ଚାଷକାର୍ଯ୍ୟରେ ଜ୍ଞାତିକୁଟୁମ୍ବମାନେ ଆସି ପରସ୍ପରକୁ ସାହାଯ୍ୟ କରିଥାନ୍ତି ।

ଡ଼ିଡ଼ାୟୀ ପିଲା ପାରମ୍ପରିକ ଶିକ୍ଷା ପ୍ରଥମେ ପରିବାରରୁ ହିଁ ଜାଣିଥାଏ । ସେମାନଙ୍କର ନିଜସ୍ୱ ଭାଷା ସେମାନେ ପ୍ରଥମେ ବାପା ମାଆଙ୍କୁ ପାଖରୁ ହିଁ ଶିଖିଥାନ୍ତି । ପୂଜା ପଦ୍ଧତି, ପର୍ବପାଳନ, କର୍ମକର୍ମାଣୀ ଇତ୍ୟାଦି ପରିବାରରୁ ଶିକ୍ଷା କରିଥାଏ ।

ଡ଼ିଡ଼ାୟୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ବିବାହ ପରିଲକ୍ଷିତ ହୁଏ । ପ୍ରସ୍ତାବିତ ବିବାହ (ବିହେ) ଜବରଦସ୍ତି ବିବାହ (ଉଦଲିଆ) ସେବା /ଶ୍ରମ ବିବାହ (ଘରଜିଁୟା) ବ୍ୟତୀତ ସ୍ଥଳବିଶେଷରେ କେତେକ ଡ଼ିଡ଼ାୟୀମାନେ ବଡ଼ଭାଇର ବିଧବା ସ୍ତ୍ରୀକୁ ମଧ୍ୟ ବିବାହ କରନ୍ତି ।

କିନ୍ତୁ ସାନଭାଇର ସ୍ତ୍ରୀକୁ ବଡ଼ା ଭାଇ ବିବାହ କରେ ନାହିଁ । କନ୍ୟା 'ପଣ' ଉଭୟ 'ତୋଷ' ଓ 'ଉଦଲିଆ' ଦୁଇପ୍ରକାର ବିବାହ ପ୍ରଥାରେ ପରିଲକ୍ଷିତ ହୁଏ । କିନ୍ତୁ ଶ୍ରମ ବିବାହରେ ପୁଅଟି ଶ୍ୱଶୁର ଘରେ ଦୁଇ ତିନିବର୍ଷ ଗୋଟି ଶ୍ରମିକ ଭାବେ କାମ କରିଥାଏ । ଏହି ପ୍ରକାର ବିବାହ ରେ କନ୍ୟାପଣ ଦେବାକୁ ପଡ଼େନାହିଁ ।

ଡ଼ିଡ଼ାୟୀମାନେ ସାଧାରଣତଃ ହିନ୍ଦୁମାନଙ୍କ ପରି ବନ୍ଧୁତ୍ୱ ସ୍ଥାପନ କରନ୍ତି । ହିନ୍ଦୁମାନେ ଯେପରି ମହାପ୍ରସାଦ ଦେଇ ବନ୍ଧୁତ୍ୱ କରନ୍ତ । ଠିକ୍ ସେହିପରି ସେମାନେ ତୁଳସୀ ପତ୍ର ଦେଇ ବନ୍ଧୁ କରିଥାନ୍ତି । ଏହି ସଂପର୍କ ଅତି ନିବିଡ଼, କେବେ ଛିନ୍ନ ହୁଏନାହିଁ; ଯଦି ଛିନ୍ନ ହୁଏ ତେବେ ଆଉ ଯୋଡ଼ି ହୁଏନାହିଁ । ଏହି ବନ୍ଧୁତ୍ୱରେ ଉଭୟ ପରସ୍ପରକୁ ସବୁ କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି ।

## ବିବାହ ଓ ତା'ର ପ୍ରକାରଭେଦ:-

## Marriage & Types of Marriage:-

ବିବାହ ଏକ ସାମାଜିକ ବନ୍ଧନ । ପ୍ରତ୍ୟେକ ସଂପ୍ରଦାୟରେ ବିବାହ ପ୍ରଥା ରହିଛି । ଡ଼ିଡ଼ାୟୀମାନଙ୍କର ବିବାହ ପ୍ରଥାକୁ ପ୍ରଧାନତଃ ଦୁଇପ୍ରକାରର ପ୍ରଥା ଅନୁସାରେ ଡ଼ିଡ଼ାୟୀମାନେ ବିବାହ କରିଥାନ୍ତି । ତେବେ ପ୍ରକାର ଭେଦ ଏପରି ଯଥା:-

(୧) ପ୍ରସ୍ତାବିତ ବିବାହ (ବିହେ)

(୨) ପ୍ରେମ ବିବାହ (ଉଦ୍ଲିଆ)

ପ୍ରତ୍ୟେକ ସମାଜରେ ସମସ୍ତେ ନୂଆ ଘରଟିଏ କରିବାକୁ ଆଗ୍ରହ ପ୍ରକାଶ କରନ୍ତି । ଡ଼ିଡ଼ାୟୀମାନେ ମଧ୍ୟ ଏହାର ବ୍ୟତିକ୍ରମ ନୁହଁନ୍ତି । ଏଣୁ ଘରଟିଏ ତିଆରି କରିବାକୁ ପୁଅଝିଅ ଏକତ୍ର ହୁଅନ୍ତି । ଏହାକୁ ବିବାହ କୁହାଯାଏ । ଏହି ପ୍ରଥା ଦ୍ୱାରା ସେମାନେ ସେମାନଙ୍କର ନୂଆ ଜୀବନ ଆରମ୍ଭ କରିଥାନ୍ତି । ବିବାହ ସମ ବଂଶ ମଧ୍ୟରେ ହୋଇନଥାଏ । ଡ଼ିଡ଼ାୟୀମାନଙ୍କ ବିବାହ ପ୍ରଣାଳୀରେ ଝିଅର ମତାମତାକୁ ହିଁ ଗୁରୁତ୍ୱ ଦିଆଯାଏ । ଝିଅଟି ତାର ମନ ପସନ୍ଦ ପୁଅକୁ ବାଛିଥାଏ । ଅସମ୍ମତ ହେଲେ ସେ ବିବାହ ହୋଇପାରେ ନାହିଁ । ତେବେ ସ୍ୱାଧୀନ ମତ ଉପସ୍ଥାପନ କରନ୍ତି । ଝିଅଟି ପୁଅକୁ ପସନ୍ଦ କଲାପରେ ଯାଇ ବାପା ମାଆଙ୍କ ମତାମତ ନିଆଯାଏ ।

## ତୋଷ ବିବାହ:

'ତୋଷ' ଏକ ପାରମ୍ପରିକ ବିବାହ ପ୍ରଥା । ଏହା ବାପା ମାଆ ଓ ମଧ୍ୟସ୍ଥି ଦ୍ୱାରା ସମ୍ପାଦିତ ହୋଇଥାଏ । ଏହା ଖର୍ଚ୍ଚବହୁଳ ଓ ଦୀର୍ଘଦିନ ପର୍ଯ୍ୟନ୍ତ ଲାଗି ରହିଥାଏ । ଏପ୍ରକାର

କିନ୍ତୁ ସାନଭାଇର ସ୍ତ୍ରୀକୁ ବଡ଼ା ଭାଇ ବିବାହ କରେ ନାହିଁ । କନ୍ୟା 'ପଣ' ଉଭୟ 'ତୋଷ' ଓ 'ଉଦଲିଆ' ଦୁଇପ୍ରକାର ବିବାହ ପ୍ରଥାରେ ପରିଲକ୍ଷିତ ହୁଏ । କିନ୍ତୁ ଶ୍ରମ ବିବାହରେ ପୁଅଟି ଶ୍ୱଶୁର ଘରେ ଦୁଇ ତିନିବର୍ଷ ଗୋଟି ଶ୍ରମିକ ଭାବେ କାମ କରିଥାଏ । ଏହି ପ୍ରକାର ବିବାହ ରେ କନ୍ୟାପଣ ଦେବାକୁ ପଡ଼େନାହିଁ ।

ଡ଼ିଡ଼ାୟୀମାନେ ସାଧାରଣତଃ ହିନ୍ଦୁମାନଙ୍କ ପରି ବନ୍ଧୁତ୍ୱ ସ୍ଥାପନ କରନ୍ତି । ହିନ୍ଦୁମାନେ ଯେପରି ମହାପ୍ରସାଦ ଦେଇ ବନ୍ଧୁତ୍ୱ କରନ୍ତ । ଠିକ୍ ସେହିପରି ସେମାନେ ତୁଳସୀ ପତ୍ର ଦେଇ ବନ୍ଧୁ କରିଥାନ୍ତି । ଏହି ସଂପର୍କ ଅତି ନିବିଡ଼, କେବେ ଛିନ୍ନ ହୁଏନାହିଁ; ଯଦି ଛିନ୍ନ ହୁଏ ତେବେ ଆଉ ଯୋଡ଼ି ହୁଏନାହିଁ । ଏହି ବନ୍ଧୁତ୍ୱରେ ଉଭୟ ପରସ୍ପରକୁ ସବୁ କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି ।

## ବିବାହ ଓ ତା'ର ପ୍ରକାରଭେଦ:-

**Marriage & Types of Marriage:-**

ବିବାହ ଏକ ସାମାଜିକ ବନ୍ଧନ । ପ୍ରତ୍ୟେକ ସଂପ୍ରଦାୟରେ ବିବାହ ପ୍ରଥା ରହିଛି । ଡ଼ିଡ଼ାୟୀମାନଙ୍କର ବିବାହ ପ୍ରଥାକୁ ପ୍ରଧାନତଃ ଦୁଇପ୍ରକାରର ପ୍ରଥା ଅନୁସାରେ ଡ଼ିଡ଼ାୟୀମାନେ ବିବାହ କରିଥାନ୍ତି । ତେବେ ପ୍ରକାର ଭେଦ ଏପରି ଯଥା:-

(୧) ପ୍ରସ୍ତାବିତ ବିବାହ (ବିହେ)

(୨) ପ୍ରେମ ବିବାହ (ଉଦୁଲିଆ)

ପ୍ରତ୍ୟେକ ସମାଜରେ ସମସ୍ତେ ନୂଆ ଘରଟିଏ କରିବାକୁ ଆଗ୍ରହ ପ୍ରକାଶ କରନ୍ତି । ଡ଼ିଡ଼ାୟୀମାନେ ମଧ୍ୟ ଏହାର ବ୍ୟତିକ୍ରମ ନୁହଁନ୍ତି । ଏଣୁ ଘରଟିଏ ତିଆରି କରିବାକୁ ପୁଅଝିଅ ଏକତ୍ର ହୁଅନ୍ତି । ଏହାକୁ ବିବାହ କୁହାଯାଏ । ଏହି ପ୍ରଥା ଦ୍ୱାରା ସେମାନେ ସେମାନଙ୍କର ନୂଆ ଜୀବନ ଆରମ୍ଭ କରିଥାନ୍ତି । ବିବାହ ସମ ବଂଶ ମଧ୍ୟରେ ହୋଇନଥାଏ । ଡ଼ିଡ଼ାୟୀମାନଙ୍କ ବିବାହ ପ୍ରଣାଳୀରେ ଝିଅର ମତାମତାକୁ ହିଁ ଗୁରୁତ୍ୱ ଦିଆଯାଏ । ଝିଅଟି ତାର ମନ ପସନ୍ଦ ପୁଅକୁ ବାଛିଥାଏ । ଅସମ୍ମତ ହେଲେ ସେ ବିବାହ ହୋଇପାରେ ନାହିଁ । ତେବେ ସ୍ୱାଧୀନ ମତ ଉପସ୍ଥାପନ କରନ୍ତି । ଝିଅଟି ପୁଅକୁ ପସନ୍ଦ କଲାପରେ ଯାଇ ବାପା ମାଆଙ୍କ ମତାମତ ନିଆଯାଏ ।

## ତୋଷ ବିବାହ:

'ତୋଷ' ଏକ ପାରମ୍ପରିକ ବିବାହ ପ୍ରଥା । ଏହା ବାପା ମାଆ ଓ ମଧ୍ୟସ୍ଥି ଦ୍ୱାରା ସମ୍ପାଦିତ ହୋଇଥାଏ । ଏହା ଖର୍ଚ୍ଚବହୁଳ ଓ ଦୀର୍ଘଦିନ ପର୍ଯ୍ୟନ୍ତ ଲାଗି ରହିଥାଏ । ଏପ୍ରକାର

ବିବାହ ମାର୍ଚ୍ଚ ଓ ଏପ୍ରିଲ ମାସରେ ହୋଇଥାଏ । କାରଣ ଏହି ସମୟରେ ଡ଼ିଡ଼ାୟୀମାନେ ଧାନ ଓ ଶସ୍ୟ ମହଜୁଦ ରଖିଥାନ୍ତି । ପ୍ରଥମେ ପୁଅଟି ନିକଟସ୍ଥ ହାଟ କିମ୍ବା କୌଣସି 'ଡ଼େମସା'(ୱାଡ଼େଙ୍ଗ)ରେ ନିଜ ଗୋତ୍ର ବ୍ୟତୀତ ଅନ୍ୟଗୋତ୍ରର ଝିଅଟିଏ ପସନ୍ଦ କରି ନିଜର ପିତାମାତାଙ୍କୁ କହିଥାଏ । ତାପରେ ପୁଅର ପିତାମାତା ମଧ୍ୟସ୍ଥି ଦ୍ୱାରା ଏକ ସେର ଚାଉଳ ଓ ସଲପ ମଦ କିଛି ଦେଇ ଝିଅ ଘରକୁ ପଠାନ୍ତି । ଝିଅର ପିତାମାତା ପ୍ରଥମେ ଝିଅର ମତାମତ ଲୋଡ଼ିଥାନ୍ତି। ଯଦି ଝିଅ ସମ୍ମତ ହୁଏ ତେବେ ତାକୁ ସେହି ଚାଉଳ ନିଜ ପାଇଁ ରଖିବାକୁ ପଡ଼େ । ମଧ୍ୟସ୍ଥି ସେଠାରେ ରହେ ଏବଂ ପରଦିନ ସକାଳେ ପୁଅଘରକୁ ଫେରେ ଏବଂ ପୁଅଘରେ ସବୁ କଥା ଜଣାଇଦିଏ । ତାପରେ ପୁଅର ପିତାମାତା ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି । ଟଙ୍କା ପଇସା, ଚାଉଳ, ଛେଳି ମଦ ଇତ୍ୟାଦି ଯୋଗାଡ଼ରେ ଲାଗିପଡ଼ନ୍ତି । ବିବାହ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ସପ୍ତାହରେ ପୁଅଘରୁ ଚାଉଳ ମଧ୍ୟସ୍ଥି ଦ୍ୱାରା ପଠାଯାଏ । ଏହି ଚାଉଳ ଝିଅ ହିଁ କେବଳ ଖାଇଥାଏ ।

ବିବାହ ଦିନ ଧାର୍ଯ୍ୟ ହୋଇଗଲେ ମଧ୍ୟସ୍ଥି ଓ ପୁଅର ପିତାମାତା ସମସ୍ତେ ମିଶି କନ୍ୟା ଘରକୁ ଯାଆନ୍ତି । ସେଠାରେ ଏକ ଭୋଜିର ଆୟୋଜନ ହୁଏ । ତାପର ଦିନ କନ୍ୟାପିତାମାତା ପୁଅ ଘରକୁ ଆସନ୍ତି ସେଠାରେ ତାଙ୍କୁ ସାଦର ଅଭ୍ୟର୍ଥନା ପ୍ରଦାନ କରାଯାଏ । ସେଠାରେ ମଧ ଏକ ବିରାଟ ଭୋଜିର ଆୟୋଜନ ହୋଇଥାଏ । ଏକ ପିତଳ ପାତ୍ର, ଚାଉଳ, ମଦ, କୁକୁଡ଼ା, ଛେଳି ଓ ଟଙ୍କା ପଇସା କଥା ପଡ଼େ । 'କନ୍ୟା ପଣ' ଧାର୍ଯ୍ୟ ହୋଇଗଲା ପରେ ବିବାହ କାର୍ଯ୍ୟ ଆରମ୍ଭ ହୁଏ । ବିବାହ ଶୋଭାଯାତ୍ରା କନ୍ୟାଘରଠାରୁ ଆରମ୍ଭ ହୁଏ ସେଥିରେ ତାର ପିତାମାତା ଯୋଗ ଦିଅନ୍ତିନାହିଁ । ଅନ୍ୟମାନେ ସମସ୍ତେ ବରଘରକୁ କନ୍ୟା ସଂଗରେ ଯାଆନ୍ତି । ସେମାନେ ବରର ଗାଁ ମୁଣ୍ଡରେ ପହଞ୍ଚିଲା ବେଳକୁ ସେ ଗାଁର ସମସ୍ତ ପୁଅଝିଅ ଦଳ ଦଳହୋଇ ଏମାନଙ୍କ ସହିତ ନାଚ କରନ୍ତି । ପୁଅର ମାଆ ଏକ ନୂଆଲୁଗା ଆଣେ । ସେହି ନୂଆ ଲୁଗାଟିକୁ ଝିଅଟି ପିନ୍ଧେ । ଉଭୟ ପୁଅ ଝିଅକୁ ପଟୁଆରରେ ଗାଁକୁ ପାଛୋଟି ନିଆଯାଏ । ରାତିରେ ଏକ ବିରାଟ ଭୋଜିଭାତର ଆୟୋଜନ କରାଯାଇଥାଏ । ଏହିପ୍ରକାର ବିବାହ ବହୁଳ ଭାବରେ ଦେଖାଯାଏ ଏବଂ ଏଥିରେ ଖର୍ଚ୍ଚ ଅଧିକ ।

## ପ୍ରେମ ବିବାହ: (ଉଦୁଲିଆ)

ଏ ପ୍ରକାର ବିବାହରେ ପରସ୍ପର ପୁଅ-ଝିଅ ଭଲ ପାଇ ବସିଲେ ସେମାନେ ବିବାହ କରିବାକୁ ସ୍ଥିର କରନ୍ତି । ଏପରି ପରିସ୍ଥିତିରେ ସେ ପୁଅଟି ଝିଅକୁ ନେଇଯାଏ ଏବଂ ତା'ର

ସଂପର୍କୀୟ ଘରେ ରଖିଥାଏ । ଝିଅର ପିତାମାତା ଖୋଜି ଖୋଜି ଝିଅକୁ ପାଇବା ପରେ ତାକୁ ନେଇଥିବା ପୁଅକୁ ଗାଳିକରନ୍ତି ଏବଂ ଝିଅକୁ ନେଇଯିବାକୁ ଚେଷ୍ଟା କରନ୍ତି । ଯଦି ଝିଅ ପିତାମାତାଙ୍କ ସଂଗରେ ପଳାଏ ତେବେ ବିବାହ କାର୍ଯ୍ୟ ହୁଏ ନାହିଁ । ଯଦି ଝିଅ ନଯାଏ ତେବେ ବିବାହ କାର୍ଯ୍ୟ ହୁଏ । ଝିଅଟିକୁ ଲୁଚାଇ ରଖିବା ସମୟରେ ପୁଅଟି ବିଭିନ୍ନ ରୁଚିକର ଖାଦ୍ୟ, ଆଉ ଭୂଷଣ ଦେଇ ତାକୁ ଆକୃଷ୍ଟ କରିବାକୁ ଚେଷ୍ଟା କରେ । ଝିଅ ସେହି ପୁଅ ପ୍ରତି ଆକର୍ଷିତ ହେବାପରେ 'କନ୍ୟାପଣ' ସ୍ଥିର କରାଯାଏ । ଝିଅର ପିତାମାତାଙ୍କୁ ଲୋଡ଼ାଯାଇ କନ୍ୟାପଣ ସ୍ଥିର କରାଯାଏ । ନିର୍ଦ୍ଧାରିତ ଦିନରେ କନ୍ୟାର ପିତାମାତା ପୁଅର ପିତାମାତା ତଥା ଅନ୍ୟ ଗୁରୁଜନମାନେ ଏକତ୍ରିତ ହୋଇ କନ୍ୟାପିତା ସ୍ଥିରକରନ୍ତି ଏବଂ ପୁଅକୁ ଛେଳି, କୁକୁଡ଼ା, ଚାଉଳ ମଦ ଇତ୍ୟାଦି ଦିଆଯାଏ । ଭୋଜି ଖାଇବା ପରେ ମଦପିଆ ହୁଏ । ଏହିପ୍ରକାର ବିବାହ ଏବେ ଅଧିକ ଆଦୃତ ହେଲାଣି । କାରଣ ଏ ପ୍ରଥାରେ ଉଭୟ ପକ୍ଷକୁ କମ୍ ଖର୍ଚ୍ଚ କରିବାକୁ ପଡ଼ିଥାଏ।

## ସଗରତା:

କେତେକ କ୍ଷେତ୍ରରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମନମାଳିନ୍ୟ ଦେଖାଗଲେ ସ୍ତ୍ରୀ ଅନ୍ୟତ୍ର ବିବାହ କରିପାରେ । ଅଥବା ସେ ଯଦି ଅନ୍ୟ ପୁଅକୁ ପସନ୍ଦ କରୁଥାଏ ପ୍ରଥମ ସ୍ୱାମୀକୁ ଛାଡ଼ିଥାଏ । ପ୍ରଥମ ସ୍ୱାମୀର ଯଦି କିଛି ପିଲା ଥାନ୍ତି ତେବେ ସେମାନେ ତାର ବାପାଙ୍କ ପାଖରେ ରୁହନ୍ତି । ଏ କ୍ଷେତ୍ରରେ ଝିଅର ଦ୍ୱିତୀୟ ପତି ପ୍ରଥମ ସ୍ୱାମୀକୁ କନ୍ୟାପଣର ଦୁଇଗୁଣ ଦେବାକୁ ପଡ଼ିଥାଏ ।

## ରାଣ୍ଡିଜ୍ୱଳା:

ସ୍ୱାମୀ ମରିଗଲେ ସ୍ତ୍ରୀଟିଏ ବିଧବା ହୋଇଯାଏ । କେତେକ ସଂପ୍ରଦାୟରେ ବିଧବା ବିବାହ ପ୍ରଚଳିତ ଥାଏ । ଏ କ୍ଷେତ୍ରରେ ମହିଳାଟିର ମତାମତ ଲୋଡ଼ାଯାଏ । ତାରଯଦି ଅନ୍ୟତ୍ର ଦ୍ୱିତୀୟ ବିବାହ କରିବାକୁ ଇଚ୍ଛା ଥାଏ, ତେବେ ସେ ବିବାହ କରେ । ଏ କ୍ଷେତ୍ରରେ ମୃତବ୍ୟକ୍ତିର ସାନ ଭାଇକୁ ପ୍ରଥମେ କୁହାଯାଏ, ଯଦି ସେ ରାଜି ନ ହୁଏ ତେବେ ଅନ୍ୟ କୌଣସି ପ୍ରସ୍ତାବ ନିଆଯାଏ । ଯଦି ସ୍ତ୍ରୀ ଲୋକଟିର ପିଲାପିଲି ଥାନ୍ତି ତେବେ ସେ ସେମାନଙ୍କୁ ଶ୍ୱଶୁର ଘରେ ଛାଡ଼ି ଆସେ । ଏପରି ବିବାହକୁ 'ରାଣ୍ଡିଜ୍ୱଳା' କୁହାଯାଏ । ବିଧବା ମହିଳାଟି ଯଦି ତାର ଦିଅର (ସ୍ୱାମୀର ଭାଇ)କୁ ବିବାହ କରିଥାଏ ତେବେ ତାକୁ କିଛି କନ୍ୟାପଣ ଦେବାକୁ ପଡ଼ିନଥାଏ । ଅନ୍ୟ କୌଣସି ସ୍ଥାନରେ ବିବାହ କଲେ କନ୍ୟାପଣ ଦେବାକୁ ହୁଏ ।

## ଗର୍‌ଜିୟା:

ଯଦି ପୁଅର ଅବସ୍ଥା ଭଲ ନଥାଏ, ସେ ଗରିବ ହୋଇ ଥାଏ ତେବେ ସେ ବିବାହ କରିବାକୁ ଚାହିଁଲେ ତାର ଭାବୀ ଶ୍ୱଶୁର ଘରେଯାଇ ତାକୁ କାମ କରିବାକୁ ପଡ଼େ । ପ୍ରଥମେ ସେ ତାର (ଝିଅ ଘରକୁ ଯାଏ । ସେଠାରେ ତାଙ୍କ ଜମିବାଡ଼ିରେ ପ୍ରାୟ ଚାରିବର୍ଷ ପାଇଁ କାମକରେ । ପୁଅର କାର୍ଯ୍ୟକଳାପ ଭଦ୍ରାମି ସହିଷ୍ଣୁତା ଇତ୍ୟାଦିକୁ ଅନୁଧ୍ୟାନ କରି ଝିଅର ପିତାମାତା ତାଙ୍କ ଝିଅକୁ ସେହି ପୁଅକୁ ବିବାହ ଦେଇଥାନ୍ତି । ପୁଅଝିଅର ପିତାମାତା ସେହି ଗାଁର 'ନାୟକ',(Village head) ପୂଜାରୀ, ଚାଲଣମାନଙ୍କୁ ଡ଼ାକି ଛେଳି, କୁକୁଡ଼ା, କିଛି ଚାଉଳ, ମଦ, ସୁନାଫୁଲ, ଲଙ୍କା ଦୁଇଟି ଦା, କୁରାଢ଼ୀ ଗୋଟିଏ ଧନୁ ଇତ୍ୟାଦି ପୁଅକୁ ଦେଇ ତାକୁ ସଂପୂର୍ଣ୍ଣ ମୁକ୍ତ କରନ୍ତି ଯେ ଏଣିକି ସେ ତାର ସଂସାର କରୁ । ତା'ପରେ ପୁଅଝିଅ ତାର ନିଜ ଘରକୁ ବାହାରିଯାନ୍ତି । ସେଠାରେ ନିଜ ପାଇଁ ଗୋଟିଏ କୁଡ଼ିଆ କରି ସ୍ୱାଧୀନ ଜୀବନଯାପନ କରିଥାନ୍ତି । ଏହି ପ୍ରକାର ବିବାହ ପ୍ରଥାରେ ପୁଅ ପକ୍ଷକୁ କୌଣସି କନ୍ୟାପଣ ଦେବାକୁ ପଡ଼େନାହିଁ । କାରଣ ପୁଅର ଅର୍ଥନୈତିକ ଅବସ୍ଥା ସେତେ ଉନ୍ନତ ନଥାଏ ।

## ଗୁଃବେ:(Marriage by Capture)

ଏହି ପ୍ରକାର ବିବାହରେ ପୁଅଟିଏ ଝିଅ ପସନ୍ଦ କରିବା ପରେ ତାକୁ ଜବରଦସ୍ତ ନେଇ ଆସେ । ପ୍ରଥମେ ନିକଟସ୍ଥ ହାଟ କିମ୍ବା କୌଣସି ଗାଁର ହେଉଥିବା 'ଓ୍ୱାଡ଼େଙ୍ଗ' (ନାଚ)ରେ ଝିଅ ପ୍ରତି ପୁଅଟି ଆକୃଷ୍ଟ ହେଲେ ସେ ତାକୁ ତାର ସାଙ୍ଗ ସାଥିମାନଙ୍କ ଦ୍ୱାରା ଘେନି ଆସେ ଏବଂ ଗୋପନରେ ରଖେ । ଏହି ସମୟରେ ସେହି ଝିଅଟି ପୁଅ ପ୍ରତି ଆକୃଷ୍ଟ ହୋଇଥାଏ । ଅପହୃତ ହେବାର ସପ୍ତାହ ଦୁଇ ସପ୍ତାହ ପରେ ଯଦି ଝିଅର ପିତାମାତା ଜାଣନ୍ତି ତେବେ ସେମାନେ ପୁଅପକ୍ଷକୁ ନିଜକନ୍ୟାର ଫେରସ୍ତ ସହ କନ୍ୟାପଣ ଦାବୀ କରନ୍ତି ଏସବୁ ପ୍ରଥାରେ କନ୍ୟାର ମତାମତକୁ ଅପେକ୍ଷା କରାଯାଏ । ଯଦି କନ୍ୟାର ମତାମତ ବିବାହ ପ୍ରସ୍ତାବ ସପକ୍ଷରେ ନଯାଏ, ତେବେ ସେ ଝିଅଟି ତାର ପିତାମାତାଙ୍କ ସହିତ ଘରକୁ ଫେରିଯାଏ । ଯଦି ପୁଅ ପ୍ରତି ସେ ଆକୃଷ୍ଟ ହୋଇଥାଏ ତେବେ 'କନ୍ୟାପଣ' ନିଆଯାଏ ଏବଂ ବିବାହ କାର୍ଯ୍ୟ ସଂପନ୍ନ ହୁଏ । ଅନ୍ୟ ସଂପ୍ରଦାୟ ପରି ଡ଼ିଡ଼ାୟୀମାନଙ୍କର ବିବାହ ବୟସର ସୀମା କିଛିନଥାଏ । ପୂର୍ବକାଳରେ (ବାଲ୍ୟବିବାହ) ପ୍ରଥା ପ୍ରଚଳିତ ଥିଲା । କିନ୍ତୁ ଏବେ ସେମାନେ ବିବାହାର ଏକ ଉପଯୁକ୍ତ ବୟସ ଦେଖୁଛନ୍ତି । ସାଧାରଣତଃ ପୁଅ ଠାରୁ ଝିଅର ବୟସ ଦେଖୁଛନ୍ତି । ସାଧାରଣତଃ ପୁଅ ଠାରୁ ଝିଅର ବୟସ କମ୍ ହୋଇଥିବ, କିନ୍ତୁ କେତେକ କ୍ଷେତ୍ରରେ ଝିଅର ବୟସ ମଧ୍ୟ ଅଧିକ ହେଉଅଛି ।

ଶାଳୀକୁ ବିବାହ ବା ଭାଉଜ ବିବାହ କରିବା ପ୍ରଥା ଏହି ଜାତିରେ ଦେଖାଯାଏ । ସ୍ତ୍ରୀ ମରିଗଲେ ତାର ସାନ ଭଉଣୀ ସହିତ ବିବାହ ପ୍ରସ୍ତାବ ପ୍ରଥମେ ପଡ଼ିଥାଏ । ଠିକ୍ ସେହିପରି ବଡ଼ଭାଇ ମରିଗଲେ ତାର ସ୍ତ୍ରୀକୁ ବିବାହ କରିବାକୁ ସାନଭାଇକୁ କୁହାଯାଏ । ଯଦି ସେ ରାଜି ନହୁଏ ତେବେ ସେ ବିଧବା ବୋହୂ ତାର ବାପଘରକୁ ଚାଲିଯାଏ ।

## କନ୍ୟାସୁନା: (ଗ୍ରେଙ୍ଗ)

କନ୍ୟାସୁନା ଡ଼ିଡ଼ାୟୀ ଭାଷାରେ *'ଗ୍ରେଙ୍ଗ'* କୁହାଯାଏ । ପ୍ରତ୍ୟେକ ସମାଜରେ ଏହି ପ୍ରଥା ପ୍ରଚଳିତ ହେଉଅଛି । କନ୍ୟାସୁନାର ସେପରି କିଛି ସୀମା ନଥାଏ । ତାହା ଝିଅର ପିତାମାତାଙ୍କ ଉପରେ ନିର୍ଭର କରେ । ହିନ୍ଦୁ ସମାଜରେ କନ୍ୟାପକ୍ଷ ବରପକ୍ଷକୁ ଯୌତୁକ ଦେଇଥାଏ, କିନ୍ତୁ ଡ଼ିଡ଼ାୟୀ ବରପକ୍ଷ କନ୍ୟାଟିକୁ କିଣିଥାନ୍ତି । ଏହି ପ୍ରଥା ପୂର୍ବରୁ ପ୍ରଚଳିତ ପ୍ରଥମେ ପ୍ରସ୍ତାବଟିଏ ପଡ଼ିଲେ ଆଗ 'କନ୍ୟାପଣ' ସ୍ଥିର କରାଯାଏ । ଏଥିରେ ଛେଳି, ଗାଈ/ବଳଦ, ଚାଉଳ ମଦ, ଓ କୁକୁଡ଼ା ଇତ୍ୟାଦି ଦିଆଯାଏ । ଏହି 'କନ୍ୟାପଣ' ଡ଼ିଡ଼ାୟୀମାନଙ୍କ ମଧ୍ୟରେ ଅତିମାତ୍ରାରେ ପ୍ରଚଳିତ ।

## ଛାଡ଼ପତ୍ର: (ଆନ୍ତାରବ୍ୟେ)

ଏହାକୁ ତାଙ୍କ ଭାଷାରେ 'ଆନ୍ତାରବ୍ୟେ' କହନ୍ତି । ଯଦି ଜେହି ଛାଡ଼ପତ୍ର ଦିଏ ତେବେ ସିଏ ଶାଶୂଘର ଯାଇ ନିଜ ଘରେ ରହେ । ପୁଅ ଦେଇଥିବା କନ୍ୟାପଣ ଫେରସ୍ତ ଦିଆଯାଏ ଏବଂ ପୁଅଘରୁ ସବୁକିଛି ଜବରଦସ୍ତ ଅଣାଯାଏ । ତେବେ ଛାଡ଼ପତ୍ର ଡ଼ିଡ଼ାୟୀ ସମାଜରେ ଖୁବ୍ କମ୍ ଦେଖାଯାଏ । ବିଭିନ୍ନ କାରଣରୁ ଛାଡ଼ପତ୍ର ଦିଆଯାଏ ।

(୧) ଝିଅଟି ଅନ୍ୟ ପୁରୁଷ ସହ ମିଶିଲେ
(୨) ଝିଅଟି ସ୍ୱାମୀ ଶହ ଶୟନକୁ ଅନିଚ୍ଛା ପ୍ରକାଶ କଲେ,
(୩) ଝିଅଟି ଉତମ ରୂପ ରାନ୍ଧି ନ ପାରିଲେ,
(୪) ଝିଅଟି ତାର ପିଲାମାନଙ୍କର ଯତ୍ନ ସଠିକ ରୂପେ ନ ନଲେ ।

ଏସବୁ କାରଣରୁ ସ୍ୱାମୀ ତାର ସ୍ତ୍ରୀକୁ ଛାଡ଼ପତ୍ର ଦେଇଥାଏ । ଛାଡ଼ପତ୍ର ପୁରୁଷମାନଙ୍କ ପକ୍ଷରୁ ଦିଆଯାଏ ସେ ପ୍ରଥମେ ଯାଇ ନାୟକ ଆଗରେ ଫେରାଦି ହୁଏ । ନାୟକ ଚାଲାଣ ଦ୍ୱାରା କନ୍ୟାର ଭାଇକୁ ଡ଼ାକେ ଏବଂ ଗ୍ରାମ ସଂଗଠନ ସମ୍ମୁଖରେ କଥାପଡ଼େ । ପୁରୁଷ ଲୋକଟି ସବୁକଥା କନ୍ୟାର ଭାଇକୁ ଜଣାଇଥାଏ । ତାପରେ କିଛି ଚାଉଳ ଓ ଟଙ୍କା ସ୍ତ୍ରୀକୁ ଦିଆଯାଏ । ଯଦି ସ୍ତ୍ରୀଲୋକଟି ଅନ୍ୟତ୍ର ବିବାହ କରେ ତେବେ ଦ୍ୱିତୀୟ ସ୍ୱାମୀଠାରୁ ସମସ୍ତ କନ୍ୟାପଣ ପ୍ରଥମ ସ୍ୱାମୀକୁ ଦିଆଯାଏ ।

## ଗର୍ଭଧାରଣ ଓ ତାର ପୂର୍ବବସ୍ଥା:

ନାରୀଟିଏ ଗର୍ଭଧାରଣ କରିବାରେ ବିଭିନ୍ନ ଲକ୍ଷଣ ପରିଲକ୍ଷିତ ହୁଏ । ସର୍ବପ୍ରଥମେ ତାକୁ ଖାଦ୍ୟ ଅରୁଚିକର ଲାଗେ । କ୍ଲାନ୍ତ ଅନୁଭବ କରେ । ଦୁର୍ବଳ ଲାଗେ, କୌଣସି କାର୍ଯ୍ୟ କରିବାକୁ ଇଚ୍ଛା ହୁଏନାହିଁ । ପାଞ୍ଚ ମାସ ପରେ ବିଭିନ୍ନ ଖାଦ୍ୟ ଖାଇବାକୁ ଇଚ୍ଛା କରେ । ଗର୍ଭାଶୟର ଆକୃତି ଆସ୍ତେ ଆସ୍ତେ ବୃଦ୍ଧି ପାଏ । ନାରୀର ସ୍ୱାସ୍ଥ୍ୟରେ ଉନ୍ନତି ଘଟେ । ବିଭିନ୍ନ ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ଇଚ୍ଛା ହୁଏ । ଡ଼ିଡ଼ାୟୀମାନଙ୍କର ଧାରଣା ଯେ ଗର୍ଭାବସ୍ଥାରେ ପରିଶ୍ରମ କଲେ ସ୍ୱାସ୍ଥ୍ୟ ଭଲ ରହେ । ସାଧାରଣତଃ ଡ଼ିଡ଼ାୟୀ ନାରୀମାନେ ଘରେ ଅଧିକ ପରିଶ୍ରମ କରନ୍ତି । ସେମାନଙ୍କ ଦ୍ୱାରା, ଡ଼ଙ୍ଗରକାମ, ରୋଷେଇ ବାସ, ପାଣିଅଣା, କାଠ ସଂଗ୍ରହ ଇତ୍ୟାଦି କରାଯାଏ, ତେଣୁ ସେମାନେ ପରିଶ୍ରମ କରିବାକୁ ପଛାନ୍ତି ନାହିଁ ।

## ଗର୍ଭଧାରଣ ସମୟର ବାରଣ:

ପ୍ରସବ ସମୟ ପାଖେଇ ଆସିଲେ ମହିଳାମାନେ ସାଧାରଣତଃ କାମ ବ୍ୟତୀତ ଅତ୍ୟଧିକ ପରିଶ୍ରମରୁ ନିବୃତ ରହନ୍ତି । ବାହାରକୁ ଯାଆନ୍ତି ନାହିଁ । ସେମାନଙ୍କ ସ୍ୱାମୀମାନେ କିଛି ସାହାଯ୍ୟ କରିଥାନ୍ତି । ପୂଜାପଦ୍ଧତିରେ ଅଂଶ ଗ୍ରହଣ କିମ୍ବା ପୂଜା କରନ୍ତି ନାହିଁ । ସ୍ୱାମୀ-ସ୍ତ୍ରୀ ଉଭୟ ଏକତ୍ର ଶୟନ କରନ୍ତି । ସ୍ତ୍ରୀ ସୁସ୍ଥ ହେବା ପର୍ଯ୍ୟନ୍ତ ସ୍ୱାମୀ ତା ପାଖରେ ରହେ । ପିଲା ଜନ୍ମର ତିନି ଚାରିମାସ ପର୍ଯ୍ୟନ୍ତ ଓ ପିଲା ପେଟରେ ଥିବା ଅବସ୍ଥାରେ ମାଆ କୌଣସି ନିଶାପାନ କରେନାହିଁ । ପିଲାଜନ୍ମର ଦଶଦିନ ପରେ ମହିଳାଜଣକ ପୂଜାର୍ଚ୍ଚନ କରିପାରେ । ଗର୍ଭବତୀ ମହିଳାର ଘୁଷୁରୀ, କଳାକୁକୁଡ଼ା ମାଂସ, ପଣସ ଓ କେନ୍ଦୁ ଖାଇବା ପାଇଁ ବାରଣ ଥାଏ । ତାର ସ୍ୱାମୀ ମଧ୍ୟ ଏସବୁ ଖାଦ୍ୟ ଖାଏ ନାହିଁ । ରାତ୍ର ସମୟରେ ମହିଳାଟି ଏକୁଟିଆ କୁଆଡ଼େ ଯାଏ ନାହିଁ । ଡାହାଣୀ ସନ୍ଦେହରେ ତାକୁ କେହି ପଦାକୁ ଛାଡ଼ନ୍ତିନାହିଁ, ସେ ଯଦି ଆମ୍ବ, କମଳା ଓ ଟମାଟୋ ସ୍ୱପ୍ନ ଦେଖେ ତେବେ ଝିଅ ଜନ୍ମ ହେବାର ବିଶ୍ୱାସ କରାଯାଏ । ଯଦି ଧୂଆଁପତ୍ର, ବାଇଗଣ, ଲାଉ, କଖାରୁର ସ୍ୱପ୍ନ ଦେଖେ ତେବେ ପୁଅ ଜନ୍ମ ହେବାର ବିଶ୍ୱାସ କରାଯାଏ ।

ପ୍ରସବ ସମୟର ଯନ୍ତ୍ରଣା ଅନୁଭୂତି ହେଲେ ମହିଳାଟିକୁ ଶୋଇବା ଘରର କୋଣକୁ ନିଆଯାଏ । ସେମାନଙ୍କର ଅଧିକ ଘର ନଥିବାରୁ ସେମାନେ ଶୋଉଥିବା ଘରେ ପ୍ରସବ କରାଯାଏ । ଯେତେବେଳେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୁଏ ସେହି ସମୟରେ କେତେଜଣ ଡ଼ିଡ଼ାୟୀ ସ୍ତ୍ରୀ ଲୋକ ତାକୁ ସାହାଯ୍ୟ କରିବାକୁ ଆସନ୍ତି । ଘରର କୋଣରେ ମହିଳାଟି ଗୋଇଠିଦ୍ୱାରା ବସେ । ଘରକୋଣରେ ଛାତ ଉପରୁ ଝୁଲିଥିବା ଦଉଡ଼ିକୁ ଜୋରରେ ଧରେ ।

ଯେତେଥର ଯନ୍ତ୍ରଣା ଅନୁଭବ ହୁଏ ସେତେଥର ମହିଳାଟି ପାଟି ଓ ନାକ ବାଟେ ଦୀର୍ଘନିଶ୍ୱାସ ଛାଡ଼େ ଓ ନିଏ । ଏପରି କରିବାର ଅର୍ଥ ପ୍ରସବ ଯନ୍ତ୍ରଣା ଶୀଘ୍ର ହୁଏ । ପିଲାଟି ଗର୍ଭାଶୟରୁ ବାହାରିବା ମାତ୍ରେ ତାକୁ ଅନ୍ୟମହିଳାମାନେ ଟାଣି ଆଣନ୍ତି । ତାପରେ ପିଲାର ନାହିକଟାଯାଏ ଯଦି ନବଜାତ ଶିଶୁଟି କନ୍ୟାହୁଏ ତେବେ ନାହିଟି ଛୁରୀ ଦ୍ୱାରା କଟାଯାଏ । ଯଦି ଶିଶୁଟି ପୁଅ ହୋଇଥାଏ ତେବେ ତାର ନାହିଟି ତୀର ଦ୍ୱାରା କଟାଯାଏ ।

ଜନ୍ମ ସରିବା ପରେ ଗର୍ଭଫୁଲ ଓ ନାହିକୁ ସେମାନେ ଘରର ପୂର୍ବପଟେ ପୋତି ଦିଅନ୍ତି । ତାପରେ ମାଆ ଓ ପିଲାଙ୍କୁ ଗରମ ପାଣିରେ ଗାଧେଇ ଦିଆଯାଏ । ମାଆକୁ ଗରମ ଭାତ ଓ ପେଜ ଖାଇବାକୁ ଦିଆଯାଏ । ଅନ୍ୟ ସଦସ୍ୟମାନେ ଘରର ବାହାରେ ଶୁଅନ୍ତି । ଘର ମଧ୍ୟକୁ କୌଣସି ବ୍ୟକ୍ତିକୁ ପ୍ରବେଶ ଅନୁମତି ଦିଆଯାଏ ନାହିଁ । କେବଳ ସ୍ୱାମୀ ବ୍ୟତୀତ ଅନ୍ୟ କେହି ଯାଆନ୍ତି ନାହିଁ । ମାଆ ଜଙ୍ଗଲ ମଧ୍ୟକୁ କୌଣସି କାର୍ଯ୍ୟ କରିବାକୁ ଯାଏ ନାହିଁ । ଅନ୍ୟୁନ ଏକ ମାସ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରେ ନାହିଁ । ମାଆକୁ କେବଳ ଗରମ ଖାଦ୍ୟ ଖାଇବାକୁ ଦିଆଯାଏ । ପିଲାଟି ବଡ଼ ହେବା ପର୍ଯ୍ୟନ୍ତ ମାଆ କ୍ଷୀର ଖାଇଥାଏ ।

**ନାଁ ଦିଆ:**

ପିଲାଜନ୍ମର ଦଶଦିନ ପରେ ପିଲାଟିର ନାଁ ଦିଆ ହୁଏ । ସେହିଦିନ ଘରଗୁଡ଼ିକ ଲିପାପୋଛା ହୋଇ ସଫା ହୁଏ । ଲୁଗାପଟା ସଫା କରାଯାଏ । ପିଲାଟିର ପିତା କାହାକୁ କିଛି ନ କହି ନାଁଦିଆ କାର୍ଯ୍ୟ ଶେଷ କରେ । ସେଦିନ କୌଣସି ଆମିଷ ରୋଷେଇ ହୁଏ ନାହିଁ । ଘରର ମୁଖ୍ୟ (ପିଲାର ବାପା) ତିନୋଟି ଶିଆଳିପତ୍ରରେ ଚାଉଳ ଓ ଡ଼ାଲି ତିନିଜାଗାରେ ରଖେ ଏବଂ ତାକୁ ଠାକୁରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରେ । ଦାଣ୍ଡବାରଣ୍ଡାରେ ବସିଥିବା ମାଆ ଓ ପିଲା ଉପରେ ପାଣି ଛିଞ୍ଚିଦିଏ । ଡ଼ାହାଣୀ ଶୋଷିବା ସନ୍ଦେହରୁ ରକ୍ଷା ପାଇବା ପାଇଁ ଶିଶୁର ଅଣ୍ଟାରେ କଳାସୂତା ବନ୍ଧାଯାଏ ଏବଂ ଗୋଟିଏ ଲୁହାର ଚୁଡ଼ି ପିନ୍ଧାଇ ଦିଆଯାଏ ।

ପିଲାଟି ଯେଉଁଦିନ ଜନ୍ମ ନେଇଥାଏ ସେହିଦିନ ତା'ର ନାମକରଣକୁ ସାହାଯ୍ୟ କରେ । ଅର୍ଥାତ୍ ବାର ଅନୁଯାୟୀ ପୁତ୍ର ଓ କନ୍ୟାର ନାମକରଣ ହୁଏ-

| ବାର | ପୁଅ ଜନ୍ମ ହେଲେ ନାମ | ଝିଅ ଜନ୍ମ ହେଲେ ନାମ |
|---|---|---|
| ସୋମବାର | ସୋମରା | ସୁମି |
| ମଙ୍ଗଳବାର | ଅାଂଗ୍ରା | ଅାଂଗ୍ରୀ |

| | | |
|---|---|---|
| ବୁଧବାର | ବୁଦାରା | ବୁଦରୀ |
| ଗୁରୁବାର | ଲାଛା | ଲାଛୀ |
| ଶୁକ୍ରବାର | ଶୁକ୍ରା | ଶୁକ୍ରୀ |
| ଶନିବାର | ସାନିଆ | ସୁନି |
| ରବିବାର | ସାଙ୍କା | ସାନ୍ତା |

ତେବେ ପିଲାଟିର ନାମ ମଧ୍ୟ ବଦଳାଇ ଦିଆଯାଇପାରେ । ଯଦି ପିଲାଟିର ଦେହ ଅସୁସ୍ଥ ରହେ, ତେବେ ତାର ନାମ ବଦଳାଇ ଦିଆଯାଏ । କେତେକ ପିଲାଙ୍କର ଦୁଇଟି ନାମ ମଧ୍ୟ ଥାଏ ।

ପିଲାଟିର ଯତ୍ନ ପରିବାରର ସମସ୍ତ ସଦସ୍ୟ ନେଇଥାନ୍ତି । ପିଲାଟିକୁ ତିନିବର୍ଷ ହୋଇଗଲା ବେଳକୁ ତାକୁ ନରମଭାତ କ୍ଷୀର ଦିଆଯାଏ । ପିଲାଟିକୁ ତିନିବର୍ଷ ହୋଇଗଲା ପରେ ତାକୁ ସଲପରସ ପିଇବାକୁ ଦିଆଯାଏ । ମାଆଟି ପିଲାର ଯତ୍ନ ସବୁବେଳେ ନେଇଥାଏ ରାତିରେ ଶୋଇବା ବେଳେ ମଧ୍ୟ କ୍ଷୀର ଦେଇଥାଏ ।

## ଅକାଳ ପ୍ରସବ /ଗର୍ଭପାତ:

ଦ୍ରିତ୍ରାୟୀମାନଙ୍କର ଧାରଣା ଯେ ଯଦି ଗର୍ଭବତୀ ମହିଳା ନଦୀକୁ ପାଣି ଆଣିବାକୁ ଯାଇଥାଏ, କିମ୍ବା କାଠ ପାଇଁ ଯାଏ, ରାତ୍ରିରେ ବାହାରକୁ ବାହାରେ ତେବେ ତାର ଅନେକ ଅସୁବିଧା ହୁଏ । ଗର୍ଭାଶୟରେ ଯନ୍ତ୍ରଣା ହୁଏ । ଡ଼ାହାଣୀ ତାକୁ ଶୋଷିଥାଏ ତାପରେ ସେ ବାନ୍ତି କରିପାରେ । ଯଦି ଏହାର ତୁରନ୍ତ ପ୍ରତିକାର କରାନଯାଏ ତେବେ ପେଟ ଭିତରେ ପିଲାଟି ମରିଯାଏ । ପ୍ରତିକାର ହେଉଛି, ପୂଜାରୀ ତିନୋଟି ଶିଆଳି ପତ୍ରରେ ସିନ୍ଦୁର ଓ ଚାଉଳ ଆଣେ, ମନ୍ତ୍ର ଉଚ୍ଚାରଣ ପରେ ତାପରେ ମାଆର କପାଳରେ ସିନ୍ଦୁର ଟୀକା ଲଗାଇ ଦିଏ ବଳକା ଚାଉଳ ଓ ସିନ୍ଦୁରକୁ ଏକ ପୁଡ଼ିଆରେ ରଖିଦିଏ ଏହାଦ୍ୱାରା ଡ଼ାହାଣୀ ମହିଳା ଦେହରୁ ଚାଲିଯାଏ ବୋଲି ସେମାନଙ୍କର ଧାରଣା । ଯଦି ମହାପ୍ରଭୁ କୌଣସି ଦମ୍ପତ୍ତି ଉପରେ କୋପ କରିଥାନ୍ତି । ତେବେ ସେ ପତ୍ନୀର ପେଟ ମଧ୍ୟରେ ପଶି ତାକୁ ବହୁତ ଯନ୍ତ୍ରଣା ଦେଇଥାନ୍ତି । ଏଣୁ ସେ ଦୁଇଟି ସନ୍ତାନ ଜନ୍ମ କରେ । ସେଥିମଧ୍ୟରୁ ଗୋଟିଏ ମରିଯାଏ ଓ ଗୋଟିଏ ବଞ୍ଚେ । ଏଣୁ ସେମାନେ ସର୍ବଦା ପୂଜା ପ୍ରତି ସଚେତନ ଥା'ନ୍ତି ।

ପିଲାଟିକୁ ପାଞ୍ଚରୁ ଛଅବର୍ଷ ମଧ୍ୟରେ ସେମାନେ ନିକଟସ୍ଥ ଶିକ୍ଷାକେନ୍ଦ୍ରରେ ନାମ ଲେଖାଇଥାନ୍ତି । ପୂର୍ବରୁ ସେମାନେ ଶିକ୍ଷା ପ୍ରତି ଧ୍ୟାନ ଦେଉନଥିଲେ । ଘରେ ବଡ଼ ପିଲାଙ୍କର

ଶିକ୍ଷା ପ୍ରତି ଡ଼ିଡ଼ାୟୀମାନେ ସଚେତନ ହେଲେଣି, ଏଣୁ ସେମାନେ ବାହାର ପରିବେଶ ସଂପର୍କରେ ଜ୍ଞାନ ଲାଭ ପାଇଁ ପିଲାମାନଙ୍କୁ ପାଠ ପଢ଼ାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଡ଼ିଡ଼ାୟୀ ସମାଜରେ ପୁଅମାନଙ୍କ ଅପେକ୍ଷା ଝିଅମାନେ ଶିଘ୍ର ପ୍ରାପ୍ତ ବୟସ୍କ ହୋଇଥାନ୍ତି । ଝିଅଟିକୁ ୧୨-୧୩ ବର୍ଷ ହେଲେ ଋତୁସ୍ରାବ ହୁଏ । ଝିଅଟିର ପ୍ରଥମ ଋତୁସ୍ରାବ ହେଲେ ତାକୁ କୌଣସି କାର୍ଯ୍ୟ କରିବାକୁ ଦିଆଯାଏ ନାହିଁ । ସେ ଘର ବାହାରେ ରହେ। ସେ ରାନ୍ଧେ ନାହିଁ, ପାଣି ଆଣେ ନାହିଁ, କିମ୍ବା କାହାରିକୁ ଛୁଏଁ ନାହିଁ । ଋତୁସ୍ରାବର ସାତଦିନ ପରେ ଘରଗୁଡ଼ିକ ପରିଷ୍କାର ପରିଛନ୍ନ କରାଯାଏ । ଝିଅକୁ ନୂଆ ଲୁଗା ପଟା ଦିଆଯାଏ । ନିକଟରେ ଥିବା ନଦୀ କିମ୍ବା ଝରଣାରେ ପୂର୍ବରୁ ପିନ୍ଧିଥିବା ଲୁଗାପଟା ପକାଇଦିଏ । ସେ ନୂଆଲୁଗା ପିନ୍ଧି ଘରକୁ ଫେରେ । ସେହି ସମୟରେ ସେପରି କିଛି ପର୍ବପର୍ବାଣୀ ନଥାଏ । କେବଳ ପୂଜାରୀ, ମାଣିଆ ଚୁନାରେ ତିନୋଟି ପିଠାକରି ଗାଁର ବାହାରେ ଭୋଗ କରିଥାଏ । ଝିଅଟି ପରିଷ୍କାର ହୋଇ ଘରକୁ ଫେରିଲେ ଦୁଇଦିନ ପର୍ଯ୍ୟନ୍ତ କାମ କରେ ନାହିଁ । ତାପରେ ନିଜେ ସୁସ୍ଥ ହୋଇଗଲା ପରେ ଘରର ପ୍ରତ୍ୟେକ କାର୍ଯ୍ୟ କରିଥାଏ । ଡ଼ିଡ଼ାୟୀ ମହିଳାମାନେ ଋତୁସ୍ରାବର ପରେ ନିଜର ଏକ କପଡ଼ା ବ୍ୟବହାର କରିଥାନ୍ତି । ପରେ ଏହି କପଡ଼ାକୁ ସଫା କରି ଭବିଷ୍ୟତ ପାଇଁ ରଖିଥାନ୍ତି । ଏହି ସମୟରେ ସେମାନେ କୌଣସି କାର୍ଯ୍ୟ କରନ୍ତି ନାହିଁ, ଜଙ୍ଗଲ ଯିବା, ଜଙ୍ଗଲରୁ ବାଉଁଶ ସଂଗ୍ରହ,କାଠ ସଂଗ୍ରହ, ପାଣି ଆଣିବା, ଇତ୍ୟାଦି କାର୍ଯ୍ୟ ତାର ସ୍ୱାମୀକୁ କରିବାକୁ ପଡ଼େ ।

ଡ଼ିଡ଼ାୟୀମାନେ ଯୌବନରେ ନିଜ ନିଜର ପସନ୍ଦ ମୁତାବକ ସାଥି ଠିକ୍ କରିଥାନ୍ତି । ନିକଟସ୍ଥ ସାପ୍ତାହିକ ହାଟ କିମ୍ବା କୌଣସି ଗାଁରେ ଡ଼େମସା ଡ଼େମସା ହେଉଥିଲେ, ସେମାନେ ସେଠାରେ ନିଜ ନିଜର ସାଥି ନିର୍ବାଚନ କରନ୍ତି । ଝିଅଟି ଠିକ୍ କରିବା ପରେ ବିବାହ ପ୍ରସ୍ତାବ ପଡ଼େ । ବିବାହ କାର୍ଯ୍ୟ ସଂପନ୍ନ କରିବା ପରେ ସେମାନେ ସେମାନଙ୍କର ସଂସାର କରିଥାନ୍ତି । ବିବାହ ପରେ ନିଜେ ନିଜର କୁଡ଼ିଆ କରିଥାନ୍ତି । କୁଡ଼ିଆ ଅର୍ଥ ସେମାନେ ସେମାନଙ୍କର ଘର ବାପାମାଆ ଠାରୁ ଅଲଗା କରିଥାନ୍ତି ।

ଡ଼ିଡ଼ାୟୀମାନେ ୪୦ରୁ ୫୦ ବର୍ଷ ଅତିକ୍ରାନ୍ତ କରିବା ପରେ ନିଜକୁ ପରିଣତ ବୟସରେ ପହଞ୍ଚିଗଲେ ବୋଲି ମନେ କରନ୍ତି । ଏଣୁ ବିଶେଷ କିଛି ଶାରୀରିକ ପରିଶ୍ରମ କରନ୍ତି ନାହିଁ । ବୃଦ୍ଧ ଅବସ୍ଥାରେ ସେମାନେ ପିଲାମାନଙ୍କ ପାଖରେ ଆଶ୍ରୟ ନେଇଥାନ୍ତି । ଯେପରି ହିନ୍ଦୁ ସମାଜରେ ପ୍ରଚଳିତ ସେପରି ଡ଼ିଡ଼ାୟୀମାନେ ନିଜନିଜର ପିତା ମାତାଙ୍କର ସେବାସୁଶ୍ରୁଷା କରିଥାନ୍ତି ।

ମନୁଷ୍ୟ ପରିଣତ ବୟସରେ ପହଞ୍ଚିଲେ ତାର ଶେଷ ନିଶ୍ୱାସ ତ୍ୟାଗ ପାଇଁ ଡ଼ାକରା ଆସେ । ଡ଼ିଡ଼ାୟୀମାନେ ମଧ୍ୟ ଏଥିରୁ ବାଦ ଯାଆନ୍ତି ନାହିଁ । ମୃତ୍ୟୁକୁ ସେମାନେ 'ଗୁଏଗେ' କହନ୍ତି । ଲୋକଟିଏ ମରିଗଲେ କେହି କେହି ଶବକୁ ପୋଡ଼ିଦିଅନ୍ତି । ଯଦି କାହାକୁ ବିଶେଷ ରୋଗ ହୋଇଥାଏ ତାକୁ ନ ପୋଡ଼ି ପୋତି ଦିଅନ୍ତି । ଶବକୁ ପୋଡ଼ିଲା ବେଳେ ସେମାନେ ପୂର୍ବ ଆଡ଼କୁ ମୁଣ୍ଡ କରି ରଖନ୍ତି । ଶ୍ମଶାନକୁ (ରାଝଛିଆ) କୁହାଯାଏ । ଶବକୁ ପୋଡ଼ି ଆସିବା ପରେ ସେମାନେ ଭାତ ଓ ଅଣ୍ଡା ରାନ୍ଧି ପ୍ରେତତ୍ମା ପାଇଁ ବାଟରେ ରଖିଥାନ୍ତି । ଏହାକୁ 'ତୁମା (ଶିଆଁରିଉ) ଭାତ' କୁହାଯାଏ । ଲୋକଟିର ମୃତ୍ୟୁ ପରଦିନ ସେମାନେ ପ୍ରଥମେ ପିତା ଖାଇ ହଳଦୀପାଣି, ଜାମୁପତ୍ର, ଅଣ୍ଡା, ଭାତ ପ୍ରଭୃତି ଖାଇଥାନ୍ତି ଏବଂ 'ଶିଆଁରି' ପାଇଁ ସମର୍ପଣ କରିଥାନ୍ତି ।

ଯଦି ପୁରୁଷ ଲୋକ ଜଣେ ମରିଥାଏ ତେବେ ପରିବାରର ସମସ୍ତେ ଶ୍ମଶାନକୁ ଯାଆନ୍ତି । ସେହିଠାରେ ସ୍ତ୍ରୀ ଲୋକଟିର ଚୁଡ଼ି ଭଙ୍ଗିଥାନ୍ତି । ଡ଼ିଡ଼ାୟୀ ସମାଜରେ ଶୁଦ୍ଧିକ୍ରିୟା କାର୍ଯ୍ୟ ଦଶଦିନ ମଧ୍ୟରେ ହୁଏ । ଯଦି ଅର୍ଥଅଭାବ ଥାଏ ତେବେ ଏକବର୍ଷ ମଧ୍ୟରେ ମଧ୍ୟ ହୋଇଥାଏ । ଦଶଦିନ ପର୍ଯ୍ୟନ୍ତ କୁକୁଡ଼ା ମାଂସ ଭାତ, ରାନ୍ଧି, ତୁମା ଉଦ୍ଦେଶ୍ୟରେ ଦିଆଯାଏ । ଶୁଦ୍ଧିକ୍ରିୟା ଦିନ ବନ୍ଧୁବାନ୍ଧବ ତଥା ଝିଅ ଓ ସ୍ତ୍ରୀର ମାଆଘର ଲୋକ ଓ ସଂପର୍କୀୟମାନଙ୍କୁ ଡ଼କାଯାଏ । ସମସ୍ତଙ୍କୁ ସଲପ ରସ ଦିଆଯାଏ । ଦଶଦିନ ପରେ ସେମାନେ ବିଧବା ନାରୀକୁ ଚୁଡ଼ି ପିନ୍ଧିବାକୁ ଦିଅନ୍ତି । ବିଧବା ମହିଳାଟିର ଯଦି ବିବାହ ବୟସ ଥାଏ ତେବେ ତାର ମତାମତ ନିଆଯାଏ । ତା'ର ପିଲାପିଲି ଥିଲେ ସେ ସେମାନଙ୍କୁ ତାର ଶ୍ୱଶୁର ଘର ଛାଡ଼ି ଅନ୍ୟତ୍ର ବିବାହ କରିପାରେ । ସେତେବେଳେ ପ୍ରଥମେ ତାକୁ ପ୍ରଥମ ସ୍ୱାମୀର ପରିବାରକୁ ସମସ୍ତ 'କନ୍ୟାପଣ' ଫେରସ୍ତ ଦେବାକୁ ପଡ଼ିଥାଏ ।

## ଯୁବ ଶୟନାଗାର

ଡ଼ିଡ଼ାୟୀମାନଙ୍କ ଭାଷାରେ ଧାଙ୍ଗଡ଼ାବସାକୁ 'ଇଙ୍ଗିରେଯାଙ୍ଗ' ଧାଙ୍ଗଡ଼ିବାସକୁ 'ସେଲାସାଙ୍ଗ' କହନ୍ତି । ଗୃହଟି ଗାଁର ମଝିରେ ବା ଶେଷ ମୁଣ୍ଡରେଥାଏ । କିମ୍ବା ଘରର ପଛପଟେ ମଧ୍ୟ ତିଆରି କରାଯାଇଥାଏ । ଏଠି ନୈତିକ, ସାମାଜିକ ଶିକ୍ଷା ମଧ୍ୟ ଦିଆଯାଏ । ଜୀବନର ସାଥି ଚୟନ,ସାମାଜିକ ଶିକ୍ଷା, ସାମାଜିକ ଚଳଣୀ, ଭଦ୍ରାମୀ ଇତ୍ୟାଦି ଶିକ୍ଷା ସେହିଠାରୁ ମିଳିଥାଏ ।

ଡ଼ିଡ଼ାୟୀ ଝିଅମାନେ ପୁଅମାନଙ୍କ ଅପେକ୍ଷା ଶୀଘ୍ର ପ୍ରାପ୍ତ ବୟସ୍କା ହୋଇଥାନ୍ତି । ତାପରେ ସେମାନେ ଆଉ ବାପାମାଆଙ୍କ ପାଖରେ ରହିନଥାନ୍ତି । ଅନ୍ୟୁନ ୧୪ରୁ ୧୫

ବର୍ଷ ବୟସ ପରେ ପରେ ନିଜ ଘରେ ନଶୋଇ ଝିଅମାନେ ଯୁବଶୟନାକକ୍ଷକୁ ଯାଇଥାନ୍ତି ଏବଂ ସେଠାରେ ରାତ୍ରିଯାପନ କରନ୍ତି । ଏହି ଘରଗୁଡ଼ିକ ଝାଟମାଟି କାନ୍ଥରେ ତିଆରି ହୋଇଥାଏ । ଗୀତ, ନାଚ, ଥଟ୍ଟା, ହସଖୁସି ଜୀବନସାଥୀ ପସନ୍ଦ ଇତ୍ୟାଦି ସବୁ ସେହିଠାରେ ଚାଲିଥାଏ । କୌଣସି ବୟସର ସୀମା ମଧ୍ୟ ନଥାଏ କିନ୍ତୁ ସାଧାରଣତଃ ପୁଅଟି ଝିଅଠାରୁ ବଡ଼ ହୋଇଥାଏ । ଏହା ଦ୍ୱାରା ସ୍ତ୍ରୀଟି ତାର ସ୍ୱାମୀକୁ ମାନିଥାଏ ।

ଜଣେ ଡ଼ିଡ଼ାୟୀ ପୁଅ କିମ୍ବା ଝିଅ ୧୨ରୁ ୧୪ ବର୍ଷ ପରେ ପ୍ରାପ୍ତବୟସ୍କ ପିଲାମାନେ 'ଧାଙ୍ଗଡ଼ା ବା ଧାଙ୍ଗଡ଼ି ବସା'ରେ ସଦସ୍ୟ ହୁଅନ୍ତି । ଜଣେ ଡ଼ିଡ଼ାୟୀ ବିବାହ କରିବା ପରେ ଆଉ 'ଧାଙ୍ଗଡ଼ି ବସା'କୁ ଯାଏ ନାହିଁ । ଠିକ୍ ସେହିପରି ଝିଅଟିଏ ବିବାହ କରିବା ପରେ ଧାଙ୍ଗଡ଼ିମାନଙ୍କ ଆଉ ଶୋଇବାକୁ ଯାଏ ନାହିଁ ।

ପରିବାର ଓ ପରିବେଷ୍ଟନୀ ମଧ୍ୟରେ ଘଟୁଥିବା ସମସ୍ତ କାର୍ଯ୍ୟକଳାପ, ଦୁଃଖସୁଖ, ଆମୋଦପ୍ରମୋଦ ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ । ଧାଙ୍ଗଡ଼ା ବା ଧାଙ୍ଗଡ଼ିବସାରେ ସେ ନିଜକୁ ପରିମାର୍ଜିତ ଓ ବ୍ୟକ୍ତିତ୍ୱ ସଂପନ୍ନ କରେ । ପିତାମାତାଙ୍କ ପ୍ରତି ତା'ର କର୍ତ୍ତବ୍ୟ, ଓ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷକୁ ସମ୍ମାନ ଓ ସ୍ନେହ ପ୍ରଦର୍ଶନ, ଅଭ୍ୟାଗତଙ୍କ ପରିଚର୍ଯ୍ୟା ବନ୍ଧୁମିଳନ, ବିବାହ ପରେ ବୈବାହିକ ସଂପର୍କ, ଶାଶୂ ଶ୍ୱଶୁରଙ୍କ ପ୍ରତିତ ଦାୟିତ୍ୱ କର୍ତ୍ତବ୍ୟ ଇତ୍ୟାଦି ବିବିଧ ସାମାଜିକ ନୀତିନିୟମ ଶିକ୍ଷା କରିଥାଏ । ଅନ୍ୟଜାତିର ଝିଅ ପୁଅକୁ ବିବାହ କଲେ ତା'ର ପରିଣତି ବିଷୟରେ ମଧ୍ୟ ସଭ୍ୟମାନଙ୍କୁ ସଚେତନ କରି ଦିଆଯାଏ ।

ଧାଙ୍ଗଡ଼ିବସାରେ ଝିଅମାନଙ୍କୁ ରନ୍ଧାବଢ଼ାର ପଦ୍ଧତି, ସୁସ୍ୱାଦୁ ଖାଦ୍ୟ ରନ୍ଧନ ପ୍ରଣାଳୀ, ନୈତିକ ଶିକ୍ଷା ଓ କଟକଣା ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯାଏ । ପରିବାର ଚଳାଇବାର କୌଶଳ ସଂପର୍କରେ ଝିଅମାନେ ଶିକ୍ଷାଲାଭ କରନ୍ତି । ଶୟନାଗାରରେ ଗୀତନାଚ ମଧ୍ୟ ହୋଇଥାଏ ।

## ବାସଗୃହ:- (ଡୁଆ)

ଡିଡ଼ାୟୀମାନେ ନିଜ କୁଡ଼ିଆକୁ 'ଡୁଆ' କହନ୍ତି । ସେମାନଙ୍କ ଘରଗୁଡ଼ିକ ଗୋଟିଏ କୋଠରୀ ବିଶିଷ୍ଟ । ଘରର ବାହାର ପାଖରେ ଗୋଟିଏ ଚାଳିଆ କରାଯାଇଥାଏ । ସେହି ଚାଳିଆରେ ସେମାନେ ଗାଈ ବଳଦ ବାନ୍ଧନ୍ତି । ଗୁହାଳ ଘରକୁ 'ସାଲତ୍ୟା' କୁହାଯାଏ । ଘରଟିଏ ତିଆରି କରିବାକୁ ଗଲେ ସେମାନେ ପ୍ରଥମେ ସ୍ଥାନ ନିରୂପଣ କରିଥାନ୍ତି । ଯେଉଁଠାରେ ଘର ତିଆରି କରିବେ ସେହି ସ୍ଥାନରେ ଚାଉଳକୁ ଶିଆଳିପତ୍ରରେ ତିନୋଟି ପୁଡ଼ାକରି ରଖନ୍ତି । ଫୁଲ, ନଡ଼ିଆ, କୁକୁଡ଼ା ଇତ୍ୟାଦି ଭୋଗ କରିଥାନ୍ତି । ଭୋଗ କରିବା

ଘରେ ତାକୁ ଘୋଡ଼ାଇ ରଖିଥାନ୍ତି । ଯଦି ପରଦିନ ସକାଳକୁ ରଖାଯାଇଥିବା ଚାଉଳ ଯେମିତି ରଖାଯାଇ ଥିଲା ସେମିତି ଥିବ ତେବେ ସେଠାରେ ଘର କରି ହେବ । ଯଦି ଚାଉଳ ଏଣେତେଣେ ପଡ଼ିଥାଏ, ତେବେ ସେଠାରେ ଘର କରିବା ଅସମ୍ଭବ । କାରଣ ସେହି ସ୍ଥାନରେ ପ୍ରେତାତ୍ମା କିମ୍ବା କୌଣସି ଠାକୁରଙ୍କର ଆଧିପତ୍ୟ ଥାଏ, ବୋଲି ସେମାନେ ବିଶ୍ୱାସ କରନ୍ତି ଏବଂ ସେ ସ୍ଥାନକୁ ଘର କରିବା ପାଇଁ ଉପଯୁକ୍ତ ମନେ କରନ୍ତିନାହିଁ । ଅନ୍ୟତ୍ର ଜାଗା ପସନ୍ଦ କରିଥାନ୍ତି । ଉପଯୁକ୍ତ ସ୍ଥାନର ସନ୍ଧାନ ମିଳିଲେ ଗୃହ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୁଏ । ଘରର ନିଅଁରେ ଖଣ୍ଡିଏ ମହୁଲକାଠ କିମ୍ବା କେନ୍ଦୁ କାଠରେ ଫୁଲ ସିନ୍ଦୁର ଇତ୍ୟାଦି ବାନ୍ଧି ଘରକୋଣରେ ପୋତିଥାନ୍ତି ଏବଂ କାନ୍ଥ ତିଆରି କରନ୍ତି । ଡ଼ିଡ଼ାୟୀମାନେ ଘରର କାନ୍ଥ ଗୁଡ଼ିକୁ ବିଭିନ୍ନ ରଂଗ ମାଟିରେ ଚିତ୍ରିତ କରିଥାନ୍ତି । ପ୍ରାୟତଃ ନାଲିମାଟିରେ ଘର ଲିପାଯାଇଥାଏ । ସମସ୍ତଙ୍କର ଗୃହ ନିର୍ମାଣ ଶୈଳୀ ସମାନ । ପ୍ରତ୍ୟେକ ଘରେ ଗୋଟିଏ ଲେଖାଏଁ କବାଟ ଥାଏ ଝରକା ନଥାଏ । ସେହି ଏକ ବଖରା ବିଶିଷ୍ଟ କୋଠରୀକୁ ରୋଷଇ ଘର, ଭଣ୍ଡାର ଘର ଓ ଶୋଇବା ଘରରେ ବିଭକ୍ତ କରାଯାଇଥାଏ । ପ୍ରତ୍ୟେକ ଘର କାନ୍ଥ ଦ୍ୱାରା ଭାଗ ଭାଗ ହୋଇଥାଏ ।

ରହିବା ଘରର ଦୁଇ ପାର୍ଶ୍ୱକୁ ଲଗାଇ ଛୋଟ ଛୋଟ କୁଡ଼ିଆ ଦୁଇଟି ତିଆରି କରାଯାଇଥାଏ , ସେଥିରେ ଘୁଷୁରୀ ଓ ଛେଳି ରୁହନ୍ତି । ଘୁଷୁରୀ ରହିବା ଘରକୁ 'ଗୁବୁଗ୍' କହନ୍ତି ଓ ଛେଳି ରହିବା ଘରକୁ ସାଲାମି କହନ୍ତି । ତା' ଉପରେ କାଠ ଓ ବିଭିନ୍ନ ଉପକରଣ ଘୋଡ଼ାଇ ରଖିଥାନ୍ତି । କବାଟକୁ ମଧ୍ୟ କାଠ ଘୋଡ଼େଇ ବନ୍ଦ କରିଥାନ୍ତି । ଫଳରେ ରାତିରେ ଘୁଷୁରୀ ମାନେ ପଦାକୁ ବାହାରି ଯାଆନ୍ତି ନାହିଁ । ସେହିପରି ଛେଳି ରହିବା ଘରଟିକୁ ମଜଭୂତ୍ କରିଥାନ୍ତି । ତାଙ୍କ ଭାଷାରେ ଛେଳିକୁ 'ଗିମିଃ' କୁହାଯାଏ ଏବଂ ଛେଳି ରହିବା ଘରକୁ 'ସାଲାମି' । ବନ୍ୟଜନ୍ତୁ ଓ ଚୋର ଭୟରେ ସେମାନେ କୁକୁଡ଼ା (ଗିସେଙ୍ଗ)ମାନଙ୍କୁ ନିଜ ଶୋଇବା ଘରେ ଛୋଟ ଘର ତିଆରି କରି ରଖିଥାନ୍ତି ।

ଘରର ଲୁଗାପଟାକୁ ସାଇତି ରଖିବା ପାଇଁ ସେମାନେ ଘରର ଗୋଟିଏ କାନ୍ଥ ପଟକୁ ଏକ ବାଉଁଶ ଅଲୁଗୁଣି କରିଥାନ୍ତି, ଛୋଟ ବାଉଁଶର ଦୁଇ ମୁଣ୍ଡରେ ରସି ବାନ୍ଧି ଲୁଗାପଟା ଝୁଲାଇ ରଖନ୍ତି । ତାକୁ ଡିଡ଼ାୟୀ ଭାଷାରେ 'ଅନଃଟିର' ବୋଲି କୁହାଯାଏ । ଶିଆଳି ଗଛର ଲଇରେ ବାନ୍ଧି ଝୁଲାଇଥାନ୍ତି ।

ଘରେ ଶୋଇବା ଓ ବସିବା ପାଇଁ ସେମାନେ ବାଉଁଶପାତିଆର ଏକ ପ୍ରକାର ଚଟେଇ ବୁଣିଥାନ୍ତି । ଏହାକୁ 'ସିଂଲା' କହନ୍ତି । ଏହାର ଲମ୍ବ ୫ରୁ ୬ ଫୁଟ୍ ଏବଂ ଓସାର ୩ରୁ ୪ ଫୁଟ୍ ହୋଇଥାଏ, ବନ୍ଧୁବାନ୍ଧବ ଆସିଲେ ବସିବା ପାଇଁ ଦିଆଯାଏ ।

ଡ଼ିଡ଼ାୟୀମାନେ ନିଜର ଘର ଚାରିପଟରେ ବାଡ଼ ଦେଇଥାନ୍ତି । ଏହି ବାଡ଼କୁ 'ଟୃଟରା' କୁହାଯାଏ । ଘର ଓ ଘରର ପଛପଟେ ଥିବା ବଗିଚାକୁ ମିଶାଇ ଏପରି ବାଡ଼ବନ୍ଧ କରାଯାଇଥାଏ । ବାଉଁଶ ବତାକୁ ସେମାନେ ପତଳା କରି ବାଡ଼ ବନ୍ଦ କରିଥାନ୍ତି ଏବଂ ବାଡ଼କୁ ନିବୁଜ ଓ ମଜବୁତ କରନ୍ତି । ବାହାର ପଟୁ କୌଣସି ଗୋରୁଗାଈ ଭିତରକୁ ପଶି ଆସିପାରନ୍ତି ନାହିଁ । ମଣିଷ ଗୋରୁଗାଈ ସମସ୍ତଙ୍କର ଯିବା ଆସିବା ପାଇଁ ଏକ ବାଟ ରହିଥାଏ।

ଚାଷକାର୍ଯ୍ୟ ପାଇଁ ସେପରି କିଛି ଉନ୍ନତ ମାନର ଉପକରଣ ସେମାନେ ବ୍ୟବହାର କରନ୍ତି ନାହିଁ । ପୂର୍ବପରି ଏବେ ମଧ୍ୟ ହଳ, ଜୁଆଳି, କୋଦାଳ, ଦାଆ ଇତ୍ୟାଦିର ବ୍ୟବହାର କରନ୍ତି । ଜମିର ଅବସ୍ଥାକୁ ନେଇ ଡ଼ିଡ଼ାୟମାନେ ଉପକରଣ ବ୍ୟବହାରକରନ୍ତି, ଯଥା ପାହାଡ଼ ଢ଼ଙ୍ଗର ଜମିରେ ଯେଉଁ ଚାଷ ହୁଏ ସେଠାରେ ବଳଦ ଦ୍ୱାରା ହଳ କରାଯାଏ ନାହିଁ । ସମତଳ ଜମିରେ କେବଳ ବଳଦ ହଳ ଲଙ୍ଗଳର ବ୍ୟବହୃତ ହୁଏ ।

## ଗ୍ରାମ୍ୟ-ରାଜନୈତିକ ସଂଗଠନ

ଗ୍ରାମ୍ୟ ସଂଗଠନର ମୁଖ୍ୟ 'ନାୟକ' ସେ ଗ୍ରାମର ସବୁ ଭଲମନ୍ଦ ବୁଝିଥାନ୍ତି । ତାଙ୍କୁ ଲୋକ ସମ୍ମାନ ଦିଅନ୍ତି, ଗାଁର କେହି ଅବମାନନା କରନ୍ତି ନାହିଁ । ଗାଁ ମଧ୍ୟରେ ସେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି । ଲୋକମାନଙ୍କ ଉପରେ ତାଙ୍କର ଆଧିପତ୍ୟ ଥିବା ଦରକାର । ଗାଁର ଉନ୍ନୟନ କାର୍ଯ୍ୟ ପାଇଁ ସେ ନିଜ କର୍ମମୟ ଜଞ୍ଜାଳ ମଧ୍ୟରୁ ସମୟ ଦେଇପାରୁଥିବେ । ଏଥିପାଇଁ ତାଙ୍କୁ ଗାଁର ମୁଖ୍ୟ ବୋଲି କୁହାଯାଏ ।

ଏହି ଗ୍ରାମ୍ୟ ସଂଗଠନଟି ଏକ ଅନୁଷ୍ଠାନ । ଏଠାରେ ନିଷ୍ପତ୍ତି କରାଯାଇଥିବା ଯେ କୌଣସି ବିବାଦରେ ଯଦି କୌଣସି ପକ୍ଷ ଅସନ୍ତୁଷ୍ଟ ହୁଅନ୍ତି, ତେବେ ତାକୁ ସେମାନେ ଥାନାକୁ ପଠାଇ ଦିଅନ୍ତି । ଗ୍ରାମରେ ଗ୍ରାମସଭା ଗାଁର ଏକ ଖୋଲା ସ୍ଥାନରେ ବସିଥାଏ । ସେହି ସ୍ଥାନରେ ଛୋଟବଡ଼ କେତୋଟି ପଥର ପଡ଼ିଥାଏ । ସେହି ପଥର ଉପରେ ଗାଁର ମୁଖ୍ୟବ୍ୟକ୍ତିମାନେ ବସନ୍ତି । ବଡ଼ ପଥର ଉପରେ ନାୟକ ବସନ୍ତି । ଚାଲାଣ ଦ୍ୱାରା ଡକା ଯାଇଥିବା ଦୁଇପକ୍ଷ ଦଳ ଆଗରେ ତଳେ ବସିଥାନ୍ତି । ସେମାନେ ପ୍ରଥମେ ସେମାନଙ୍କର ଆପତ୍ତି ଜଣାଇଥାନ୍ତି । ତାପରେ ନିଷ୍ପତ୍ତି ପାଇଁ ଅନ୍ୟମାନଙ୍କ ମତାମତ ଲୋଡ଼ାଯାଏ । ପରିଶେଷରେ ନିଜେ ନାୟକ ରାୟ ପ୍ରଦାନ କରନ୍ତି ।

ନାୟକ ପଦବୀ ଧାରୀ ବ୍ୟକ୍ତି ସେହି ଗାଁର ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ବାପଙ୍କ ମୃତ୍ୟୁ ପରେ ପୁଅ କିମ୍ବା ସେହି ବଂଶର ଅନ୍ୟ କେହି ସେହି ପଦବୀରେ

ରହିଥାନ୍ତି । ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଜଣେ ଚାଲାଣ ନିଯୁକ୍ତି ପା'ନ୍ତି । ଗାଁର ସମସ୍ତ ପରିବାର ରାଜନୈତିକ ସଂଗଠନ ସଦସ୍ୟ ଅଟନ୍ତି ।

ଗ୍ରାମ ସଂଗଠନଟି ଶକ୍ତିଶାଳୀ ଅଟେ । ଗାଁର ସବୁକିଛି ସମସ୍ୟାରେ ଏହା ହସ୍ତକ୍ଷେପ କରିପାରେ । ଚୋରି, ଡ଼କାୟିତ, ହତ୍ୟାକାଣ୍ଡ, ଚାଡ଼ପତ୍ର ଓ ଅନ୍ୟାନ୍ୟ ବଡ଼ ବଡ଼ ସମସ୍ୟାର ସମାଧାନ ଏଠାରେ କରାଯାଏ । ଗାଁର ଥିବା ପ୍ରତିନିଧିମାନଙ୍କୁ ସଂଗଠନ ଇଚ୍ଛା କଲେ କ୍ଷମତାଚ୍ୟୁତ କରିପାରେ । ଗାଁ ପୂଜାରୀ ଏହି ସଂଗଠନର ମତାମତ ନେଇ ବିଭିନ୍ନ ପ୍ରକାର ପୂଜା, ବଳୀ, ବାର୍ଷିକ ପର୍ବ ଓ ଶିକାର କରିବାରଦନ ଧାର୍ଯ୍ୟ କରିଥାନ୍ତି । ପୂଜାରୀ ନିଯୁକ୍ତି ମଧ୍ୟ ଏହି ସଂଗଠନ ହିଁ କରିଥାଏ । ନାୟକ ସଂଗଠନର ମୁଖ୍ୟ ହୋଇଥିବାରୁ ଏହାର ସମୁଦାୟ କାର୍ଯ୍ୟ ନାୟକର ନିର୍ଦ୍ଦେଶରେ ଚାଲେ ।

## ଆଧୁନିକ ରାଜନୈତିକ କାର୍ଯ୍ୟକଳାପ :

ଏବେ ପୁରାତନ ଗ୍ରାମ୍ୟ ସଂଗଠନ ଆଉ କାର୍ଯ୍ୟକରୁ ନାହିଁ । ପ୍ରତ୍ୟେକ ଗାଁଗୁଡ଼ିକୁ କେତେକ ୱାର୍ଡ଼ରେ ବିଭକ୍ତ କରାଯାଇଛି । ପ୍ରତି ୱାର୍ଡ଼ରେ ଜଣେ ଜଣେ ୱାର୍ଡ଼ମେମ୍ବର ରହିଛନ୍ତି । ପଞ୍ଚାୟତି ରାଜ ବ୍ୟବସ୍ଥାରେ କେତେକ ଗ୍ରାମକୁ ନେଇ ଗ୍ରାମ ପଞ୍ଚାୟତ ଗଠନ କରାଯାଇଛି । ଗ୍ରାମ ପଞ୍ଚାୟତର ମୁଖ୍ୟ ହେଉଛନ୍ତି ସରପଞ୍ଚ । ସରପଞ୍ଚ, ୱାର୍ଡ଼ମେମ୍ବରମାନେ ଗାଁର ଭଲମନ୍ଦ ବୁଝନ୍ତି । ଦୁଃଖ ସୁଖରେ ଲୋକମାନଙ୍କ ପାଖରେ ପହଞ୍ଚ୍ ପାରନ୍ତି । ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ସୁଯୋଗ ଅସହାୟ ଲୋକମାନଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା କରନ୍ତି । ଏଣୁ ଗ୍ରାମ୍ୟ ସଂଗଠନ ଗୁଡ଼ିକ ଆସ୍ତେ ଆସ୍ତେ ଲୋପ ପାଇଗଲାଣି । ଏଣିକି ଗ୍ରାମର ମୁଖ୍ୟ କହିଲେ ଜଣେ ୱାର୍ଡ଼ ମେମ୍ବରକୁ ହିଁ ବୁଝାଏ ।

## ପଡ଼ୋଶୀ ଗୋଷ୍ଠୀ ସହ ସଂପର୍କ:

ଡ଼ିଡ଼ାୟୀ ଜନବସତି ଥିବା ଗାଁଗୁଡ଼ିକରେ କେବଳ ଡ଼ିଡ଼ାୟୀମାନେ ବସବାସ କରୁନାହାନ୍ତି । ପ୍ରତ୍ୟେକ ଜାତିର ଲୋକମାନେ ସେଠି ରହୁଥିବାର ଦେଖିବାକୁ ମିଳେ । ଡମ୍ବ, କମାର, ବାରିକ, ଧୋବା ଇତ୍ୟାଦି ଗୋଷ୍ଠୀ ସହିତ ଡ଼ିଡ଼ାୟୀମାନଙ୍କର ଅତି ଘନିଷ୍ଠ ସଂପର୍କ ରହିଅଛି ।

କମାରମାନେ ବିଭିନ୍ନ ପ୍ରକାର ଲୁହା ଜିନିଷ ତଥା କୃଷି ଉପକରଣ ତିଆରି କରନ୍ତି । ସେଥିପାଇଁ ସେମାନେ କିଛି ପାରିଶ୍ରମିକ ଟଙ୍କା ଆକାରରେ ହେଉ କିମ୍ବା ଶସ୍ୟ / ମଦ ଆକାରରେ ପାଆନ୍ତି । ଡ଼ମ୍ବମାନେ ବ୍ୟବସାୟ ବାଣିଜ୍ୟ କରନ୍ତି । ପାହାଡ଼ଘାଟି

ଉପରେ ନ ପହଞ୍ଚ୍ ପାରୁଥିବା ଜିନିଷ ଯଥା, ଚାଉଳ, ତେଲ, ଲୁଣ, ଲୁଗାପଟା ଓ ଘରତିଆରି ଉପକରଣ ଇତ୍ୟାଦି ପହଞ୍ଚାଇ ଦିଅନ୍ତି । ଯାହା ବଦଳରେ ଶସ୍ୟ ଓ ଟଙ୍କା ପଇସା ଆଣନ୍ତି । ସେମାନେ ଡ଼ିଡ଼ାୟୀମାନଙ୍କୁ ଶୋଷଣ କରିବାରେ ପଛାନ୍ତି ନାହିଁ। ପ୍ରତ୍ୟେକ କୃଷିଜାତ ଦ୍ରବ୍ୟ ସେମାନେ କମ ଦାମରେ କିଣିବାକୁ ଇଚ୍ଛା କରନ୍ତି । ଡ଼ମମାନେ ଡ଼ିଡ଼ାୟୀମାନଙ୍କ ପ୍ରତ୍ୟେକ ସାମାଜିକ ଅନୁଷ୍ଠାନ ବିବାହ ଶୁଦ୍ଧି କ୍ରିୟା ଇତ୍ୟାଦିରେ ମିଶିଥାନ୍ତି ଏବଂ ଏଭଳି ଘନିଷ୍ଠତା ଜନ୍ମାଇ ଥାନ୍ତି ଯେ, ସହଜରେ ଚିହ୍ନାପଡ଼ନ୍ତି ନାହିଁ। ସେମାନେ ଡ଼ିଡ଼ାୟୀଙ୍କ ଠାରୁ ଖାଦ୍ୟ ଗ୍ରହଣ କରନ୍ତି କିନ୍ତୁ ଡ଼ିଡ଼ାୟୀମାନେ ଡ଼ମଠାରୁ ଖାଦ୍ୟ ଖାଆନ୍ତି ନାହିଁ। ଡ଼ମମାନେ ସବୁବେଳେ ଡ଼ିଡ଼ାୟୀମାନଙ୍କ ଠାରୁ କିଛି ପାଇବା ଆଶାରେ କାର୍ଯ୍ୟ କରିଥାନ୍ତି। ସେମାନେ ଡ଼ିଡ଼ାୟୀମାନଙ୍କ ପ୍ରତ୍ୟେକ ପର୍ବରେ ଅଂଶଗ୍ରହଣ କରନ୍ତି। କିନ୍ତୁ ଡ଼ିଡ଼ାୟୀମାନେ ଡ଼ମମାନଙ୍କର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ। ଡ଼ମମାନେ ମରିଗଲେ ଡ଼ିଡ଼ାୟୀମାନେ ସେଠାକୁ ଯାଆନ୍ତି ନାହିଁ ।

ଡ଼ିଡ଼ାୟୀମାନେ ନିଜକୁ ବଡ଼ ଜାତିର ବୋଲି ଭାବନ୍ତି। ସେମାନେ ଡ଼ମ କିମ୍ବା ଅନ୍ୟ ସାନ ଜାତିରୁ ଝିଅ ଆଣନ୍ତି ନାହିଁ । ନିଜ ଗୋତ୍ର ମଧ୍ୟରେ ମଧ୍ୟ ବିବାହ କରନ୍ତି ନାହିଁ। ସେମାନେ ନିଜ ଜାତିର ଐକ୍ୟ ବଜାଇ ରଖନ୍ତି। ଅନ୍ୟ ଉପରେ ନିର୍ଭର କରନ୍ତି ନାହିଁ। ଏହା ହିଁ ସେମାନଙ୍କର ମୌଳିକତା।

# ସାତ୍ତୋନା

ମୁଇଙ୍ଗି ହିନି ଡକରା ଡକରି ଲେକେ । ମେଙ୍ଗଆନା ଗୁଲ୍ଲିବ୍ ସାଲାମେ ଓ ଲେକେ । ହେଲେ ମେଙ୍ଗ ଆନ୍ କୁଲିବତି ଡ଼ିଙ୍ଗ୍ଛେ ବୁଆ ଡ଼ିଙ୍ଗ ଆର୍କେ । ଉଡ଼ି ଭଳେ ତୁହେଲା ଇଁତିଙ୍ଗ୍ ଆଓ୍ୱେଛା ଉଁତୁ ଡାକେ । ଡକରା ମୁଇଙ୍ଗ ତୋରା ବିଚାର ଡିଙ୍ଗକେ । ଇଆଁଙ୍ଗ ବାସଙ୍କେ ଯେ ଉଡ଼ି ଭଳେ ତୁଏଲା ଇଁତିଙ୍ଗ ଆଉଣ୍ଟେକେ ଆକାନ୍ ଡ଼ିଡ଼ି ନେଡ଼ିଙ୍ଗ୍ ଡାକ୍ତେ ଡାକ୍ରା ଓ୍ୱେକେ ଆରିବାସଙ୍କେ ଡ଼କରି ଡିନେ: ଡିଙ୍ଗ୍ ଆନେକେ ଭଳେ ଆଉଣ୍ଟେକେ । ଆନେକେ ଭଳେ ଆଗୋଏକ କ୍ଲେଙ୍ଗ୍କେ କଣ୍ଡା ରାଙ୍ଗ, ଓ୍ୱେଛେ ଆନ୍ତଭାର ନେବି । ଦେଖି ଡ଼ିଙ୍ଗଲା ତୋ ଡକରା ଡକରି ମ୍ୟାକେ ଆରି କଣ୍ଡା ପାଖା ଆନ୍ତାର ନେ ତାର୍କେ ଆରି କଣ୍ଡା ଡଗ୍ରା ଲାମ୍ବ ମଣ୍ଡି ମୁଇଙ୍ଗ୍ ରାଙ୍ଗ ପାଙ୍ଗକେ ବାଆଁ ଜୁଡ଼ା ବା ଖୋସା ତୁଂ ଲାମ୍ବ ମଣ୍ଡି ସିଗ୍ ଦକେ । ମାନେଛେ ହଂ ଡାକେ ଓ୍ୱାକେ । ହୁନି ନେଙ୍ଗ୍ ବାଆଂତୁଂଗ ସିଗ୍ ଗିସି ଲେକେ ବୋଲିହଂ ଡାକେ ଓ୍ୱେକେ ଆରି ବାସଙ୍କେ ନେଗ୍ ବାଆଁନେ ଗିଷି ଅଲେଗ୍ ଡ଼ିଙ୍ଗିନେ ଉଟିନ୍ ବାଗ୍ୟ ବେପା ଡ଼େକା ଉଙ୍ଗତା ବାସଙ୍କେ ଓ ବାଗ୍ୟନେବେ । ନ୍ୟୁଡ଼ା ପାଙ୍ଗ୍କେ ଆରି ବାଆଁ କେକେ କେକାଲା ମଣ୍ଡି ମୁଇଙ୍ଗି ଆଣ୍ଡିର ଲେକେ । ବାଇର୍ ଆରକେ । ଆବା ଆକା ଚଙ୍ଗଲେ ଡାକ୍ଚେ ବାସଙ୍କେ ଆକାନ୍ ଛୁନ୍ଛୁ ଆଣ୍ଡିଲେକେ ବେଶି ମିଠାଲେକେ । ଡ଼େକା ବାଃଡ଼େ ବାସଙ୍କେ ଆକ୍ନ୍ ଛୁନ୍ଛୁଂସା ଦୁବା ପା ଡାକ୍ଚେ ବାସଙ୍କେ । ଆତ୍ବାନି ଡକରା ହଂଡାକେ ସାଛେ । ଭରଲାଲାଛେ ମାଣ୍ଡା ଉଁଛଙ୍ଗ୍ ଛେ । ଆରି ମାଣ୍ଡା ପାଟଓ୍ୱ ଆତେଛ । ମେଙ୍ଗଇକ୍ କଣ୍ଡା ହୁଆ ରାଙ୍ଗଓ୍ୱକେ । ସୋଲାମେ ଗଡ଼େ-ଇଙ୍ଗ୍ ବାସଙ୍କେ ଆବା ଉତ୍ନି ଛୁନ୍ଛୁ ଆଣ୍ଡି ଡାଗ୍ରାଲେକେ ଡକ୍ରା ବାସଙ୍କେ ବେଶି ସ୍ମଲୋକେ ଡାକୁରେ କଣ୍ଡା ଓ୍ୱାରାଙ୍ଗ୍ ଓ୍ୱେକେ ଆରି ଆମେଙ୍ଗ୍କେ ଆନ୍ତାର ଛେ ଲାଗଡ୍କେ । ଗଡ଼େଙ୍ଗ ଲାମ୍ବ ମଣ୍ଡି ତୁର ତୁର ବେଶି ସ୍ମ ଓ୍ୱେ ଆର୍ଗେ । ଉଡିବେଲା ନାସେଙ୍ଗ କେ ଡାଅନେ ନୁନିକେ ବେଶି ଉଗ୍ରଡିଆ ଡକେ । ତେଲା ଡାଆଁ ଗଡ଼େଓ ବାସଙ୍କେ ଆଟଙ୍ଗେ ଉକୁଡ଼ା ଣ୍ଡିଆ ଇତଡ଼ା ବିଲାଡାଗଛେ ମା ବେଙ୍ଗତେକେ ବାସଙ୍କେ ଆଣ୍ଡି ଡାଗ୍ରୋ ଣ୍ଡିଆ ଲୋକେ । ନେଗ୍ରେ ନା ମିଆକେ । ନେଙ୍ଗ୍ ଆଣ୍ଡି ଲେକେ । ନେଙ୍ଗ୍ ନାମିଆକେ । ଜବବ ଉଗ୍ରଡିଆ ଡଲା ବାସଙ୍କେ ଆରି ଓକେ ଣ୍ଡିଆସା ଲାମ୍ବ ମଙ୍କ ଛଂଛଂ ଆଟେ ତୁଲେଗ ବିକେ। ମଣ୍ଡିଗ୍ ଛେ ତାରାଲା । ଚଡ଼ିଆକେ ଦେଡ୍ରାଆଁ ଅଲେଙ୍ଗ ଅଲେଙ୍ଗ ସାଧବ ରାଜା ହିନି ଓ୍ୱେଛାଗୋ । ଡାଆଁ ବୁଙ୍ଗ୍କୁ ଡାକେ ଣ୍ଡିଆହ୍ସା କଣ୍ଡାଡାକେ କଣ୍ଡା ଆରାଡ୍ରା ଓ୍ୱେଚ । କେଲା ସୁଇଙ୍ଗ ବଳି ଲାକେ ଡାକ୍ଛେ ବାରେ କେ । ଆରକେ ମୁଇଙ୍ଗି ଡିଆଣ୍ଡେଲେକେ । ଣ୍ଡିଆ ଭଗ୍ଛା ସେଡ଼ା ଓ୍ୱେଛେ ଆର୍କେ

କଲି ପାଟେଯାଇ । ଆତେ ଓ୍ୱଲାଣ୍ଡିଆ ଡାଆ ଓ୍ୱେଗେ ଆତ୍‌ହେ ଣ୍ଡିଆ ଆତେ ଉଗ୍ ଆରକେ । ବଡ଼୍ ତଗରା ଓ୍ୱଛାଛେ ବେଶି ଓଇରାଣ ଡିଙ୍ଗ ହାରକେ ଣ୍ଡିଆ ନିଡ଼ିଙ୍ଗମା ଆନେକେ କେଛ ଣ୍ଡିଆ ସାପାଉଁ ସୁଆର୍‌କେ୍ ଆତ୍‌ବାନ୍ ମେଙ୍ଗଇନେ କାକାନେ ଭାଏଡ଼ା ବାସଙ୍କେରେ ଲାଲୋମା ନେଙ୍ଗନ୍ ଓ୍ୱାରତି ଜକ୍‌ଗରେ ବଲା ଣ୍ଡିଆ ଆନ୍‌ବାନ୍ ତାର୍‌ହେ । ଆତ୍‌ବାନ୍ ନେ ନିଭତାପା ତାକେ ତେଲା ଢାଆ ନୁନୀ ବାସଙ୍କେ ଣ୍ଡଦାଏ ନେଙ୍ଗନେ ଜଗଲିଗାନେ । ତେଲା ମାନେ ତିଆଣ୍ଡେ ବାସଙ୍କେ ଣ୍ଡରେ ନୁନୀ ନାନେ ମୁଦି ଯଦି ଜକଲି ନେତନକା ତେଳ । ନାମେଛେ ନାସେଲାଏ । ତେଲା ନେଙ୍ଗ ଆଣ୍ଡିନେ ରାଙ୍ଗ୍ ବିଏ ତାକଛେ ବାସଙ୍କେ ତେଲା ଢାଆ ଗଡ଼ାଅନେ ମୁଦି ଜକ୍‌ଲି ଆର୍‌କେ ତେଲା ଜାଗ୍‌ଛେ ତୁଆ ଗଡ଼ାଅନେ ମୁନି ମେନା ରାଏ ଡାକେ ସେଲାକେ ନେଙ୍ଗ୍ ନେ ଓ୍ୱାରତି ବିଲା ତେଲା ଆତହେ ମେନା ଭାତେ । ବାସଙ୍କେ ଆନା ବାସଙ୍ଗଲେ ଣ୍ଡୁମଛେ ନା ଓ୍ୱାରତି ନା ସେଲା ଏ । ତେଲା ଏବେ ନେଙ୍ଗ ଆଣ୍ଡିନେ ଓ୍ୱାରତି ରାଙ୍ଗ ଦିଏ । ତେଲାଗୁନି ମୁନା ଭାଢ଼େ ବାସଙ୍କେ ନେଙ୍ଗ ହିଃନି । ଆରିନାନେ ଓ୍ୱାରତି ଦରା ଦେଆ । ଭାଢ଼େ ଗାକେ ଆରି ବାସଙ୍କେ ହେ ନିନୀ ଆମେ ଓ୍ୱାରତି ଆଶାଲେ ଆନା କେ ଆଶା ମାନେ ଢ଼ିଆ ନୁନୀତା ବାସଙ୍କେ ଆନଙ୍ଗେ ଓ୍ୱାଗିତାଙ୍କ କୋ ଆଶା । ଉଡ଼ିବେଲା ଭାତେ ଭିତ୍‌ରେ ଗାଓ୍ୱେକ ଉତିନ୍ ବେଲା ଉତ୍ ମାଁ ଡିଙ୍ଗ୍‌କେ ଓ୍ୱାରତି ଆନ୍‌ଟି ଜକ୍‌ରି ବେକା ଆତ୍‌ଗୁନି ଭାଢ଼ୋକେ ସାନ୍ଧେ ପାତଲ୍ ପୁର ରାଙ୍ଗଓ୍ୱେ ଆରକେ । ଆତ୍‌ଗୁନି ଲାକେ ମିଶିସେ ଓଆରକେ ସାପା ରେମୁଆ ଢ଼ଆର୍‌କା କହଆର୍‌କୋ ସାପାତ୍ରେ ଅ ଅ ଟେ ସ୍ଥଲା ବୁନ୍ଧେ ଲେଗ୍ ନିଆର୍‌କୋ ଆହି ସ୍ଥା ଢ଼ିଲେପ ଆଢ଼ାତ୍ରା ଆର୍‌କେ ମେଙ୍ଗକେ ବେଶୀ କେତଣ ଲାଗେକେ । ମୁଇଙ୍ଗ୍‌ତର ସାଧବ ରାଜା ଟଇତ ପାଣ୍ଡବ୍ରେ ଟଙ୍ଗ ଆର୍‌କେ ପାଣ୍ଡୁଓ୍ୱେ ଟଙ୍ଗ୍ ନ୍ଟେ. ଉତିନ୍ ହିନିରେ ଗୋଷ୍ଠାଓ୍ୱେ ଆରକେ । ଓ୍ୱେକେ ଯଛେ ଉତ୍‌ନି କେଲା ମାଁତିଙ୍ଗଜନ୍ତୁ ଆମିଲେକେ । ତେଲାରାଜା ବାସଙ୍କେ ଢ୍ରେକା ମେହଇଁଢ଼ିକ ଆସିଲେକେ । ତେଲା ରାଜା ବାସଙ୍କେ ଓ ସେଲମରନେଙ୍ଗ୍ ପ୍ରୟାଲ୍‌ର୍ ସ୍ଥଳବୁନ୍ଧେ ଲ୍ୟର୍‌ଓ୍ୱେ ଲେର୍ ପଛେ ସ୍ଥା ଆଦ୍ରା ଗଢ଼େଇଙ୍ଗ ଲାଆର୍‌କେ । ଲେର୍‌କେ୍ ପରେ ସ୍ଥା ଆନ୍‌ବା ଆଢ଼ାତ୍ରା ଗୁନି ମେଙ୍ଗନେ ଡେମୁଆ ରାଜ ଆରାତା ଲକେ । ତେଲା ରାଜା ତଢ଼ିଆ ବାସଙ୍କେ । ଯେ ଆକାନ୍ ଣ୍ଡିଆ ଆଣ୍ଡିବାନ ଲକେ । ତାକ୍‌ଟେ ବାସଙ୍କେ ରାଜା ବାସଙ୍କେ ସ୍ଥା ଆନ୍‌ତି ପାଖା କେଲା ଯା । ସ୍ଥା ଆନ୍‌ଟି ଢ଼େଛେ କେଲା ଉତିନ୍ ରେମୁଆ ପଟାର୍‌କେକା ପେ ଆଣ୍ଡିନେ ନୁନି ହିଙ୍ଗ୍ ପେନେ ଇନି ଆଣ୍ଡି ପେନେ ମିନିମେନେ । ମେଙ୍ଗଇ ବାସଙ୍କେ ବାବୁ ନେ କେରା ଢ଼କରି ସ୍ଥଲେବାନ ଗୁରେମୁଆ ଜନମ ନେଢ଼ିଙ୍ଗକେ । ନେ ଆବା ଆନେକେ କଣ୍ଡା ଆନ୍‌ତାର ବ୍ୟୋମ ଛେଆନେକେ ଆନ୍‌ତାର ଦେଖିନ୍ ଦେଖ୍ ଅବସ୍ଥା ତିଙ୍ଗ୍ ନେଲାକେ । ତେଲାନେ ସାତ୍ ଟୋନ । କଣ୍ଡା ଭିତରେ ଅଲଙ୍ଗେ ଅଲେଙ୍ଗ ନେଲାକେ । ନେନେ ମେନା ଭାଏ ମୁଇଙ୍ଗ ବନ୍ଦ ଭିତରେ ମୁଟଢ଼ିଆ ଗୁଏ ଓ୍ୱେକେ । ତେଲାନେ ତୁରାଢ଼ା ନେଲାକେ ଆତଗୁନି

ମେଙ୍ଗକେ ସ୍ଥଆନ୍‌ତୁଗୁନି ଆଦ୍‌ଗକେ ରାଜାକେ ସାପା ସାମୁଆ ବାସଙ୍କେ ରାଜା ଚିନ୍ତା ତିଙ୍ଗକେ ନେଙ୍ଗତ୍ ନୁିଉଙ୍ଗଣ୍ଡ ନେଙ୍ଗ ଆକାନ୍ ସେଲା ମେକା ଇଁବିହେ । ଆତ୍‌ଗୁନି ପ୍ରଜାଙ୍କେ ବାସଙ୍କେ ତୁଆ ଦୁବାପା ଆତ୍‌ଗୁନି କେମାଅଁକେ ଜାଜା ବାବା ଦର୍ ଦର୍‌ଛେ ରାଙ୍ଗଉଇସି ଯାଃ ଆତ୍‌ଗୁନି ରାଣି ବାସଙ୍କେ ନେ ରାଜାତ୍ ଗୋଓ୍ୱା ଆ୍‌ଡେଜେ । ତେଲା ଗୋ ଓ୍ୱେଆର୍ କେଲେ ସାଲମେସା ଓ୍ୱଆର୍‌କେ ତାକଛେ ରାଜାକେ ବେଶି ଉଇଙ୍ଗକେ୍ ରାଜା ବାସଙ୍କେ ମେଙ୍ଗକା ବଜା ବଗ୍‌ରେ ତୁଆ ଓ୍ୱା ଓ୍ୱଛା ଆର୍‌କେ ସାଧବ ରାଜା ବାସଙ୍କେ ନେତ୍ ମୁଇଙ୍ଗ୍ ତିଙ୍ଗ୍ ଗଗେଣ୍ଡୁ ନେଙ୍ଗ୍‌କେ କା ବିଭା ତିଙ୍ଗଲ ତାକ୍‌ଛେ ରାଜା ବାସଙ୍କେ । ଆତ୍‌ଗୁନି ତୁର ରେମୁଆକା ବିହେ ତିଙ୍ଗ ଆର୍‌କେ । ତେଲା ମାନେ ତାଆ କନେତା ସଲେ ପଟ୍‌ରକା । ଆତ୍‌ଗୁନି ରାଜା ମାକେ ବେଶି ଆଶା ତିଙ୍ଗ୍‌କେ । ଉଡ଼ିବେଲା ଗ୍ୱା ଆରକେ ତିଙ୍ଗକେ ରାଜା ବାସଙ୍କେ ରାଣୀ ଏକା ନେଙ୍ଗନ । ମିଟିଙ୍ଗ୍ ଲାକେ ।. ତେଲା ନେଙ୍ଗ୍ ମିଟିଙ୍ଗ୍ ତୁଂ ଙ୍ଗହେ ନାନେ ଗ୍ୱା ଆରକେ ଯଦି ତିଙ୍ଗଲା ନାନେ ସାଲମେ ତିଙ୍ଗଲା ରୂପାନେ ଘଣ୍ଟା ନାଦଓ୍ୱେ । ଯଦି ଗଦ୍ୱା ଅ ତିଙ୍ଗ୍ ତେଲା ସୁନାନେ ଘଣ୍ଟା ନାଦଗେଲାନେଙ୍ଗ ମିଆ ହେଁ ରାଜା ଆକାନ୍ ବାସଙ୍କେ ଆରି ମିଟିଙ୍ଗ୍ ତୁଂ ତାର ଓ୍ୱେକା ମୁଇଙ୍ଗ ତର ଘଣ୍ଟା ଦର୍ ଛିକା । ତେଲା ରାଜା ମିଟିଂ ଆନ୍‌ତାରଛେ ପାଙ୍ଗକେଲା କେକାଲ ହ୍ୟୁତା ଆତିଙ୍ଗ କେ । ତେଲା ରାଜା ଆତ୍‌ଗୁନି ଉତିନ୍ ରାଣିକେ ଆନ୍‌ତାରା ବେକା ମେନା କନେଡ୍ ତାଗ୍‌ରା ଲାକେ । ଉତିନ୍ ବେଲା ତାଆ କନ୍‌ତେନ୍ ସଲେ କଷ୍ଟ ବିକା । ଆତ୍‌ଗୁନି ଉତିନ୍‌ସା ଭାଏଡ଼ାଙ୍କେ ଉଆକାଲା ଭାତେ ଇଙ୍ଗ୍ ମାଁ ଉପରେ କୁଟ୍‌କପଟ୍ ତିଙ୍ଗ୍ ଆର୍‌କେ ଭାଏଡ଼ା ବାସଙ୍ଗ ଆର୍‌କେ ଯେ କେଣା ଉଙ୍ଗତା ଜନମ୍ ତିଙ୍ଗଲା ଆନେ ଭଲ ଭାବେ ଆକେ ମାଁ କା ବବର ଶ୍ରଦ୍ଧା ଆରି ମାତ ତାକ୍‌ଛେ କେଆ ଆନେକ୍ ବାଇର ଆକେଣୁ ତାକ୍‌ଛେ ବାସଙ୍ଗ୍ ଆରକେ୍ । ତ୍ୱେଲା ଆତ୍ ମୁଇଙ୍ଗ୍ ହିଂସା ତିଙ୍ଗ୍ ଆର୍‌କେ । ଯେ ମାନେ ଜିଷ୍ଟ ମୁଆ ଗାରା ବେଆରକେ ଉତ୍‌ନ୍ ଡ୍ୱାଆ ରାଣି ଗୁକିକ୍ ଗଡ୍ୱାଅ ଆରି ମୁଇଙ୍ଗ୍ ସାଲମେ । ଅ ଜନମ ତିଙ୍ଗ୍ ଆରକ୍ ତେଲା ମାନେ ମେନା ଭାଡ୍ୱୋ ଆଣ୍ଡି ଗ୍ୟାସକେ ଆତ ରାଙ୍ଗ ଓ୍ୱେଛେ ଜକରି ଦେକା । ଆତ୍‌ଗୁନି ସାତଟା ଗିସୁ ଗତେଙ୍କେ ରାଙ୍ଗ ପାଙ୍ଗଛେ ଆନ୍‌ତାର ବେଆର୍‌କେ ଆରିମାନେ ମୁଆଁ ଘାର୍ ବକ୍‌କେନେ ତ ବେଆରକେ ରାଣୀ କେକାଲା ଗୁସୁ ଗଡ୍ୱେଙ୍ଗେ ତାକ୍‌ଚେ ମାଁ ମୁର୍‌ମରା ଡ଼ିଙ୍ଗ୍‌କେ । ତେଲା ରାଜା ଆକାନ୍ ଡ୍ୱାଆ ରାଣିକେ କେଛେ ଘୋଡ୍ୱା ତୁ ଆତୁଂ ବଲ୍ଲୀ ଆତିଙ୍ଗ୍ ଆର୍‌କେ ଓ ମାକେ ଟଙ୍ଗ ସା ଆରି ତ ତେଙ୍ଗସା ଆବି କେଣ୍ଡୁ । ବନ୍ଧ ତୁଂ ଚକଳିବ୍ କେନେ ଗଡ୍ୱେଙ୍ଗକେ ଅବା କଜ୍ ମାନା ଭାଏଡ଼ା ମେଙ୍ଗା କା ବିଚରା ମାନା ଆତିଙ୍ଗ୍ ଆର୍‌କେ ଆତ୍‌ବାନ୍ କେମା ବାସଙ୍କେ ଧୋବାକେ ରାଜା ତୁଆନ ପାଟଏ ତାଣ୍ଡିଆସା ବନ୍ଧ ବାକେ । ବନ୍ଧ ତୁଂ ଉତ୍‌ନ ଗଡ଼େଇଙ୍ଗକେ କେଛେ ଭୂତ ତାକଛେ ଡକା ଉତିନ୍ ଯାଟଓ୍ୱେ ରାଙ୍ଗ ଓ୍ୱେଛେ ଉତିନ୍ ଗଡ୍ୱେଇତ୍‌ଗ କେ ଆଣସେ ପାତାଳପୁର ଓ୍ୱା ରାଙ୍ଗ ଓ୍ୱାରାଙ୍ଗ ଓ୍ୱେକା ।

ମୁଇଙ୍ ଦିନ୍ କଥା ଯେ ରାଜା ମୁଇଙ୍ଗ ବନ୍ଧଣିଆ କୁମା ଓ୍ୱାଙ୍ଗ ଉତ୍‌ନ ସାଲମ ନେ ଓସ୍‌ମାର୍ ସାରକା ।

ଭାଇଓ୍ୱେ ଭାଇଓ୍ୱେ ସାତଭାଇ
ନିଜର ଆବା ପାଙ୍ଗ ଲାକେ
ମାକେ ଶାରି ବିଲେତୁ ନାବି
ସାତ୍ ଭାଇ ଓସମାର୍ ସାଗକ
ନେ ସାତ୍‌ଭାଇ ଜନମ ନିତିଙ୍ଗକେ
ନିଆୟାଂ ଲାକେ ଘୋଡ଼ାଶାଲ୍
ନା ଆବି ପା ନନୀ ସାଗି

ରାଜା ବାସକେ ଆକ୍‌ତ୍ ଜାଣ୍ଡେତୁ ଜୋଣ୍ଡ ଅସମାର ସାରକେ ଆତ୍ ବାନ ତୁଆ ଉଇକା ଆରି ଘୋଡ଼ା ଶାଲ୍ୟାତ୍ୟା ଗୁନି ରାଣୀକା ଓ୍ୱେଆ ରାଙ୍ଗ ଉଇକ୍ କା ରାଣୀକେ ଣିଆତୁ ବିଛେ ସୁନ୍ଦର ଭାବରେ ଓକ୍ ମାଛେ ଉଲ୍ ତୁଆତୁଂ ଭଳିଆ ଦିଶ ରାଣିକେ ସଦାଛେ ରାଙ୍ଗ ଇବ୍ ଲକା ଆତରୁନି ବନ୍ଧ ତାଗ୍‌ରା ରାଙ୍ଗ ପାଙ୍ଗଛେ ଆତୁଆକେ ଉତିନ୍ ବେଳା ସାଲା ମୋଓ ଓସମାର ସାରକେ

ଭାଇଓ୍ୱେ ଭାଇ ସାତ୍ ଭାଇ
ନିଜର ୟାପାଙ୍ଗକେ ଶାରି ଦିଲେଣ୍ଣୁ

ସାତ୍ ଭାଇ ବାସଙ୍କେ

ନେ ସାତ୍‌ଭାଇ ଜନମ ନିଡ଼ିଙ୍ଗ
ୟାଙ୍ଗ ପାଙ୍ଗକେ ଘୋଡାଶାଲ
ଶାରୀ ବିପାରେ ନୁନୀ ଦିପା

ଏକାନ୍ ବାସଙ୍ଗଛେ ଶାରି ସ୍ୱୋଲା ଲେହଂ ପଟେ କା ଆତହେ ଗୁକ୍ଳିକ୍‌ସ୍ଲା ଲେହେଁ ପଡ଼େକା । ଆତ୍‌ରୁନି ମେଙ୍ଗର ରେମୁଆଁ ଟିଙ୍ଗ୍‌ଓ୍ୱେ ଆରାକା ୟାଙ୍ଗତୁଂ ତ୍ରାଡ଼ିଆ ଦୁଂଛାଓ୍ୱେ ଆର୍‌ଗେ ଆତ୍‌ରୁନି ରାଜା ମିଆକେନୋ ମାନେ ରାଣି ବାସଙ୍ଗ ଆରକେ ନେତ କେଂମଙ୍ଗକେ ଣିଆତୁ ଦକଗି ଦେବକେ ନେତ କେଂମଙ୍ଗକେ ଣିଆତୁ ନେକ ଲିଜବକେ ଣିଆ ଗୁନି କେମଙ୍ଗେ ଡିଡି ବୁଗା ଆର୍‌କେ ଆତ୍ ଏରାଜା ସାପା କାଥା ଜାଣଛେ ଉତିନ୍ ରାଣିକେ ନୁଆ ଜକଲିଗ୍ ବିଆର୍‌କେ । ଉ୍‌ତିନ୍ ଗଡ଼େଇଙ୍ଗକା ତୁଆ ରାଙ୍ଗ୍‌ଉଇବାକେ ଆଗି ତୁଆ ଭିତ୍‌ରେ ଆତ୍ୟା ଆର୍‌କେ ଗଡ଼େଇଙ୍ଗ୍ କେଛେ ରାଜା ଆନନ୍ଦ ଟିଙ୍ଗଛେ ଲାକେ ।

ଓଡ଼ିଆ ଅନୁବାଦ:

ବୁଢ଼ାଟିଏ, ବୁଢ଼ୀଟିଏ । ସେମାନଙ୍କର ସାତ ଝିଅ । ଦିନ ମଜୁରୀ କରି ସେମାନେ ଚଳନ୍ତି । ଖାଇବାକୁ ଯାହା ଆଣିଲେ ବି ନିଅଣ୍ଟ ହୁଏ । ବୁଢ଼ା ଦିନେ ବିଚାର କରି ଗୋଟେ ଉପାୟ ପାଇଲା । ଯାହା ହେଲେ ବି ଅଣ୍ଟୁ ନାହିଁ । ଏମିତି ହେଲେ କେମିତି କ'ଣ ହେବ ? ସେ ତାର ବୁଢ଼ୀକୁ ଡାକି କହିଲା 'ବୁଢ଼ୀ' କେମିତି କ'ଣ କରିବା ? ଆମକୁ ଭାତ ପେଜ ଅଣ୍ଟୁ ନାହିଁ । ପେଟ ପୂରୁ ନାହିଁ । ଏ ଝିଅ ମାନଙ୍କୁ ବଣରେ ନେଇ ଛାଡ଼ିଦେ । ତାହାଲେ ଆମେ ବୁଢ଼ା ବୁଢ଼ୀ ଭଲରେ ଖାଇ ପାରିବା । "ତୋର ଇଛା ହେଲେ ତୁ କେମିତି କଣ କରିବୁ କର'' ବୁଢ଼ୀ କହିଲା । ବୁଢ଼ା ବୁଢ଼ୀ ସ୍ଥିର କଲେ ଝିଅ ମାନଙ୍କୁ ନେଇ ଜଙ୍ଗଲରେ ଛାଡ଼ିଦେବା ପାଇଁ ବୁଢ଼ା ବାହାରି ଗଲା ପର୍ବତ ପାଖକୁ, ଶିଆଳି ମଞ୍ଜିଟିଏ ଆଣିଲା । ମୁଣ୍ଡ ବାଳ ଜୁଡ଼ା (ଖୋସା) ରେ ଶିଆଳି ମଞ୍ଜି ରଖି ତାର ଝିଅ ମାନଙ୍କୁ ଡାକିଲା । 'ନୁନି' ମୋ ମୁଣ୍ଡରେ ଉକୁଣି ଅଛି ତାକୁ ମାରିଦେବୁ ।'' ପିଲାଏ କହିଲେ, "ହାଁ ବାପା ମାରିଦେବୁ" । ପିଲାମାନେ ମୁଣ୍ଡ ଦେଖୁ ଦେଖୁ ମଞ୍ଜିଟି ତଳେ ପଡ଼ିଗଲା । ପିଲାଏ ପଚାରିଲେ ବାପା ଏଇଟା ଖାଇବା ଫଳ କି କ'ଣ ?'' "ହଁ ଏଇଟା ଖାଇବା ଫଳ" । ବୁଢ଼ାର ଉତ୍ତର ଶୁଣି ସେମାନେ ଫଳକୁ ଖାଇଲେ । "ଏ ଫଳ ଏତେ ମିଠା, ଏ ଫଳ ଆମେ ଆଣିବାକୁ ଯିବା," କହି ବାହାରିଲେ । ବୁଢ଼ା ତା'ର ପିଲାମାନଙ୍କୁ ଭଲ କରି ଖାଇବାକୁ ଦେଲା କୁକୁଡ଼ା ମରାଇଲା, ପିଲାମାନଙ୍କୁ ଭଲ ଶାଢ଼ିପଟା ପିନ୍ଧାଇଲା ତାପରେ ଜଙ୍ଗଲ ଭିତରକୁ ଡାକିନେଲା । ଝିଅ ମାନେ ପଚାରିଲେ "ବାପା ଏ ଫଳ କେଉଁଠି ଅଛି ?" ବୁଢ଼ା କହିଲା, "ବହୁତ ଦୂରରେ ।" ଏବଂ କିଛି ବାଟ ଗଲାପରେ ବୁଢ଼ା ଝିଅମାନଙ୍କୁ ଜଙ୍ଗଲ ମଧ୍ୟରେ ଛାଡ଼ି ପଳାଇ ଆସିଲା । ଝିଅମାନେ ଶିଆଳି ଫଳ ଖୋଜି ଖୋଜି ଅନେକ ଦୂରକୁ ଚାଲିଗଲେ । ଯେତେବେଳେ ଖରା ତେଜ ବଢ଼ିଲା ସବା ସାନ ଭଉଣୀକୁ ଶୋଷ ଲାଗିଲା । ମୋତେ ବହୁତ ଶୋଷ ହେଲାଣି । ପାଣିଟିକେ ଦେ" ବୋଲି ସେ ତା' ବଡ଼ ଭଉଣୀକୁ କହିଲା ।

କେଉଁ ଯାଗାରେ ପାଣି ଅଛି, ମୁଁବି ଜାଣିନାହିଁ । ମୁଁ କେଉଁଠାରୁ ଦେବି ।"

ବହୁତ ଶୋଷ ହେବାରୁ ସାନ ଭଉଣୀ ପାଣି ପାଇଁ କାନ୍ଦିଲା । ଶିଆଳି ମଞ୍ଜି ଖାଇ ଖାଇ ସେଇଠି ସେମାନେ ଶୋଇ ପଡ଼ିଲେ । ରାତି ପାହି ସକାଳ ହେବାରୁ ଉଠିଲେ ।

ସେମିତି ବୁଲୁବୁଲୁ ସାଧବ ରାଜାର ଦେଶକୁ ଚାଲି ଗଲେ । ସେ ଦେଶରେ ପହଞ୍ଚି ସାନ ଭଉଣୀ ପାଣି ପାଇଁ ଗୋଟିଏ ଉଚ୍ଚ ଯାଗାକୁ ଗଲା । ସେଠି ଗୋଟିଏ ଡଙ୍ଗରକୁ ଯାଇ ଦେଖିଲା, ଏକ ବନ୍ଧ ଯାଗାରେ ପାଣି ଅଛି । ପାଣି ପିଇବା ପାଇଁ ସାତ ଭଉଣୀ ଯାକ ସିଧା ମାଡ଼ିଚାଲେ । ମାତ୍ର ବନ୍ଧ ପାଖରେ ଯାଇ ପହଞ୍ଚିଲା ବେଳକୁ ସେଠାର ପାଣି ଲୁଚିଗଲା ।

ତାହା ପାଣି ନଥିଲା ଭୂତ ଥିଲା । ସେମାନେ ସେଠାରେ ଭାରି ହଇରାଣ ହେଲେ । କଣ କରିବା, ଆମକୁ ଦେଖି ପାଣି ହଟି ଗଲା ।

ବଡ଼ ଭଉଣୀ କହିଲା "ଶୁଣ, ମୋର ମୁଦି ଫିଙ୍ଗିଦେଲେ ସେଠାରୁ ପାଣି ବାହାରିବ । ତା' ପରେ ଆମେ ପିଇବା ।" ସାନ ଭଉଣୀ କହିଲା, "ନାଇଁ ଭଉଣୀ ମୋର ମୁଦି ପକାଇବା" । ବଡ଼ କହିଲା, ନା, ନା ତୋ ମୁଦି ପକାଇବା ନାହିଁ । ତୁ ପୁଣି ମାଗିବୁ, ମୁଁ କୋଉଠୁଁ ଆଣିଦେବି" ମନା ନମାନି ସାନ ଭଉଣୀ ମୁଦି ପକାଇଦେଲା । ପାଣି ବାହାରିଲା ସମସ୍ତେ ପିଇଲେ । ସାନ ଭଉଣୀ ମୁଦି ମାଗିଲା ମୁଁ ତ ତୋତେ ଆଗରୁ ମନା କରିଥିଲି, ତୁ ତ ପକାଇଲୁ ମୁଁ ଏବେ କେଁଉଠୁ ଆଣି ତତେ ଦେବି । ତଥାପି ବଡ଼ ଭଉଣୀ ପାଣି ଭିତରେ ପଶି ପଚାରିଲା "ଭଉଣୀ ମାନେ ତୁମର ମୁଦିକୁ ଆଣ ନା ମୋତେ ଆଣ" ଯେତେବେଳେ ବଡ଼ଭଉଣୀ ପାଣି ଭିତରେ ବୁଡ଼ିଗଲା, ଭୂତ କଣ କଲା ନା ମୁଦିକୁ ଉପରକୁ ଫିଙ୍ଗିଦେଲା ଏବଂ ବଡ଼ ଭଉଣୀକୁ ଧରି କରି ପାତାଳ ପୁର ନେଇଗଲା । ଏବେ ଛଅ ଭଉଣୀ ଯାକ ମିଶିକରି କାନ୍ଦିଲେ । ସମସ୍ତେ ସାନ ଭଉଣୀକୁ ଗାଳିଦେଲେ । ମାରିଲେ । ତାପରେ କାନ୍ଦି କାନ୍ଦି ସମସ୍ତେ ଗୋଟେ ଗଛ ଚଢ଼ି ଶୋଇଗଲେ । ଉଠିଲା ପରେ ସେମାନଙ୍କୁ ବହୁତ ଭୋକହେଲା ।

ଲେମୁଆ ପାଙ୍ଗକେ । ତେଲା କୁପଡ଼ କା ଲେମୁଆ ପାଙ୍ଗଲା ମାଁ ଲେଗ୍‌ବେକେ । କାନା ଜେ୍ ବାସଙ୍କେ ଓରେ ନୁଆଁ ନେଙ୍ଗ ପ୍ୟାଲ ଲେଗ୍ ଲାଦ୍ୱା ହେ । ଉଟିନ୍ ବେଳେ କାନା ନୁଆଁକେ କାନା ନୁଆଁ ନୁଆଁ ତୁତେ ବଗ୍‌ବେକା । ଓରେ ଲୁଗ୍‌ମ୍ ତୁଂ ବାଗେ ତେଲା ଓରେ ଗୁଏଗେ । କାନା ବାସକେଂ କୁପଟଲା ରେ କୁପଡ଼ ଓଡ଼ିଆରେ ଲେଗ୍‌ଲାକେ । ମାକି ଆତ୍‌ତିଆ । କୁପଡ଼ ତତଡିଆକେ ଆଗି କେକା । ଓରେ ଗୁଏଅକା । ଡ଼ିଡ଼ି ନାଡ଼ିଙ୍ଗି ନା ଓରକେ ବଗ ନାବିକେ । ଣ୍ଡୁ କୁପଡ଼ ନେଙ୍ଗ ମୁଇଙ୍ଗ ବାନେଓରେ ବଗ୍‌ବେକେଂ ମେଇଙ୍ଗ୍ ଉଇଙ୍ଗି୍ ଆରେ ବେ । ଆତ୍‌ରୁନି ଓରେକେ । ମିଣ୍ଡିକା ମିଣ୍ଡିକ ଓରେକ । ବାହାରେ ଜକ୍କିଲ୍‌ବିଃ ଆର୍‌କେ । କିଆକେ ଡୁଆ ରାଙ୍ଗ୍ ଉଇଗି୍ ଆର୍‌କେ ଣ୍ଡି ନେଡ଼ିଙ୍ଗ୍ । ଆତ୍‌ରୁନି ମୁଇଙ୍ଗ ଉପାୟ ବିଚାର ତିଙ୍ଗ୍ ଆର୍‌କେ । ନିଦଦେ ଜା କୁ ବଗ୍‌ବେଛେ ଓରେ ମାଲିକ୍ ମେଙ୍ଗ୍ ଡୁଆନେ ଗିମିଣ୍ଡିର ସ୍ଲେ୍ଲା ପାଖେ ଆତୁଆ ନେବ । ଡକ୍‌ଗିବେ ବାଗୁଏ ଆଗି ମେଙ୍ଗେ ସେ ଆରଗେ । ଓରେ ଶାକାର ଗିମିଣ୍ଡିର୍ ସ୍ଲେ୍ଲା ତୁଂ ଆତୁଆ ବଆର୍‌କେ । ତେଲା ଗିମିଣ୍ଡିର୍ ଶାକାର କେକା ଆଗି ବାସକେଂ ରେ ଡକଗିନା ନେଙ୍ଗ ଗିମିଣ୍ଡିର ନା ମାହାଆରେ ଗୁହେ ନାଡ଼ିଙ୍ଗି୍ କେ । ତେଲା ଗିମିଣ୍ଡିର ଶାକାର ଡକଗି କେବାସକେଂ ଆଗି ବଗ୍‌ବିକେ । ଉତ୍‌ନି କେଲା କାନା କୁପଡ଼୍ ୟାଂ ୟାଂ । ରେ ଗିମିଡ଼ିର ମାଲିକ୍ ନିଆୟାଂ କେ ମାରେ ନାବକେ । ତକଗି ଗୁଏଲାକେ । ଉତ୍‌ନି ସା ଡକଗି ଆଣ୍ଡିର ଲୋକେ । କାନା କୁପଡ଼ ବାସକେଂ ନିଁୟାଂକେ ମାସା ନାବକେ ବଗ୍‌ଛେ ଉଇଙ୍ଗ୍ ଆର୍‌କେ ଆତ୍‌ରୁନି ଓରେ ଆତ୍‌ମୋକା ଦେଲ ଓ୍ୱେକା । ଆତ୍‌ରୁନି ତାବୁ ଲାଗ୍ ବାକୁ ଉଲ ସବେ ଲାକେ । ତାବୁ ତା ଓ୍ୱେଲା ମେଇକା ବିଦେଶ୍ ତାର ଓ୍ୱେ ଆର୍‌କେ । ବିଦେଶ ଭିକ୍ଷା ସାଛେ ବୁଗୁଆ ତିଙ୍ଗ କେ । ଓ୍ୱେ ଓ୍ୱେ ଗାଲିବ ଟାରଓ୍ୱେକ । ଗାଲିବ ମୁହିଁ ମେନାନା ବରଗଛ ସ୍ଥା ଲାକେ । କାଣା ବାସକେଂ ନେ ଆକ୍‌ନା ସ୍ଥା ବୁନ୍ଦେ ଲେଗ୍ ନେଲା । କୁପଡ଼୍ ବାସକେଂ ଣ୍ଡୁରେ ଉଟ୍‌ମେଖ୍ ଡୁଆ । ସ୍ଥା ଉପରେ ତାଛେ ନେଲେଗ୍ । ଦେକ୍ ସୁଗା ଟିନ୍ତା ତିଙ୍ଗ୍ ଛେ ସ୍ଥା ବୁନ୍ଦେ ଲେଗ୍ ଆରକେ । ମିଣ୍ଡିକ୍ କେଲା କୁଂ ଆତ୍‌ହେ ପାଙ୍ଗକେ । କୁ ସ୍ଥା କାବାକେ ବାସକେଂ ରେ କାନା କୁ ପାଙ୍ଗ୍‌ଲାକେ । ରେ କୁପଡ଼ ନା ମାହାଆରେ କୁ କେ ବୁଟ ନାତିଙ୍ଗ୍ କେ କାନା ବାସକେଂ ଆରେ କୁ ମେଃ ଆଣ୍ଡିଙ୍ଗ୍ ଣ୍ଡୁ । କୁପଡ଼୍ କେ କେଛେ ଅରେ ତିଙ୍ଗ୍‌କେ । ଉତ୍‌ନି ବେଳା କୁପଡ଼ କାଣା ଟୁଂ ଓ୍ୱେକ । ଆବି ବାସକେଂ ଆନେଙ୍ଗ ବେଶୀ ବଟମେର୍ ତ ତିଙ୍ଗ୍ କେ ନାନ । ବାସକେଂ ତେଳା କୁ କେ ସାଃ । ଆତ୍‌ରୁନି କୁଂ କଣ୍ଡା ତଓ୍ୱେଲା । ଆତ୍‌ରୁନି କିର ତିଙ୍ଗ୍‌କେ । ଆଗି ମୁଇଙ୍ଗ୍ ଜାଗା ଓ୍ୱେ ଆର୍‌କେ । ଆଗିମୁଇଙ୍ଗ୍ ଜାଗା ଓ୍ୱେଲା ମିଣ୍ଡିଙ୍ଗ ତିଙ୍ଗକେ । ଆତ୍‌ରୁନି କଣ୍ଡା ଭିତରେ ଲେଗ୍ ହାଗକେ । ମେନାନେ ଗାଁଆ ବୁଟା । କେକା ଉଟିନ୍ ଭିତରେ

ଗାଓ୍ୱେକେ । ଆତ୍‌କେ ଲେଗ୍ ଆର୍ କେ ଆଗି ମୁଇଙ୍ଗ୍ କୁଂ ଲେଗ୍‌ସା ପାଙ୍ଗକେ । କୁଂ ବାସକେଂ ଦା ନା ଗାଁ ଆ ବୁଟା ଭିତରେ ନାଲାକେ । ଆପେ ଏକା ଚଙ୍ଗ ହେଁ । କୁପଡ୍ ବାସକେଂ ସତେକି କୁଂ ଆନେ ନାଚଙ୍ଗ୍ ହେଁ । ନା ନାଞ୍ଚଙ୍ଗେ । ନା ଉଗ୍‌ଣ୍ଡିଆ ଲିଗ୍ ନେକେଲା । ଉଡିନ୍ ବେଲା କୁଂ ପ୍ଲ୍ୟାଲ ଗାଁଆ ସ୍ଲାଭିତରେ ଆଘା ବେକା ଧାପ୍‌ରେ କାଣା କୁଂ ନେ ପ୍ଲ୍ୟାଲା ସାକେ । ସାକେ ବେଲା କୁଂ ହରବର୍ ଡିଙ୍ଗ୍ କେ । ଆତରୁନି କୁଂ ପ୍ଲ୍ୟାଲା ଚକ୍‌ଛି ଓ୍ୱେକା । କୁଂ ରୁଟ୍‌ଛେ ତୁଆ ଆତ୍‌ନ୍ତରିଙ୍ଗ ଟାରାକେ । ଆରି ମୁଇଙ୍ଗ୍ ହିନି ଓ୍ୱେଆଗକେ ଆତ୍ ମୁହିଙ୍ଗ କଣ୍ଡା ଟୁଂ କୁଂ ସତା ଡିଙ୍ଗ୍‌ଲା । ରାଜାକୁଂ ଡାଗ୍‌ରା ସାପା କବର ଦାସକଂ ଆରେ । ଆରି ଆତ୍‌ଏ ଜାଡ୍ରେହ ଉଡି ଗଗ ବକେ ବାସଓ୍ୱେକା ଆତ୍‌ଆରି କାନା କୁପଡ଼ ଉଡିନ୍ ସ୍ଲ ଆରାତ୍ରା ଡେଲା ଆର୍‌କେ କୁଂ କଥା ମେଙ୍ଗଇ ବୁଜେ ଆର୍‌କେ । ରାଜା କୁଂ ସ୍ଲା ବୁନ୍ଦେ କାକା । ଉଡିନ୍ ବେଲା ସାପା କୁଂ ରୁଣ୍ଡେ ଆର୍‌କେ । ଆତ୍‌ହେ ରାଜାଙ୍କୁ ପଚାରେକା । କୁଂ ସାପାକେ ବାସକେଂ ପେ ଉଡିକ୍ଲି ଜନ୍ତୁ ପେଗକେ । ସାପା ଉଁଙ୍କୁ ଶିକାର ଡିଙ୍ଗ ବକେନେ ସାପା ବାସକେଂ । ଆରି ମୁଇଜା ମୁଇଜା ଡ଼ାବୁ ଡାଗ୍‌ରା ରାଃସିଙ୍ଗ ଆଣ୍ଡିଙ୍ଗ୍ ଆର୍ କେ । ଆତ୍‌ହେ ବାଣ୍ଡା କୁଂ ପାଙ୍ଗ୍‌କେ । କୁଂ ପଚାରେକା ନା ଅନା ନାପା କେଂ । ନେଘ୍ ଏକ୍‌ରା ପାଙ୍ଗ୍‌କେ । ନା ନେ ପ୍ଲ୍ୟାଲା ମାଁ ଡିଙ୍ଗ୍‌କେ । ପଚାରେକା କୁଂ ବାସକେଂ ନାହି କୁଂ ରାଜା ଆନେଙ୍ଗ ମାଇଆ ରେମୁଆକେ ନଞ୍ଚଘ ଡାକ୍‌ଲା ଉଡିନ୍ ବମସ୍ୟା ନେଘ୍‌ଂନି ପ୍ଲ୍ୟାଲା ସାଛେ ଗୁଛେ ଆଟେଚି ବ ଆଗକେ । ଉଡିନ୍ ସାନା ହଜାର ଟଙ୍କା ଡ଼ାବୁ ନା ଗାଙ୍ଗ୍ । ଉଡିନ୍ ସାମୁଆ ବାସକ ବେଲା କାନା ସ୍ଲା ଆରାତ୍ରା ବାନ ପ୍ୟୁଛେ ଲକା । ଉଡିନ୍ ବେଲା କୁପଡ୍ ବାସକେଂ । ରେକାନା ଉଡିନ୍ କୁଂ କେ ସାଛେ ସା ସା ଡାକ୍‌ଛେ ବାସକେଂ ଉଡିନ୍ କୁଂ ରାଜା ଉଡିନ୍ ଡାବୁ ଆନ୍‌ଟାର ଛେ ତଃ ଆର୍‌କେ । ଆତ୍‌ରୁନି କାନା କୁପଡ୍ ସାପା ଡାବୁ ସାଛେ ମୁଇଙ୍ଗ୍ ହିନି ଓ୍ୱେଛେ ଲାକେ । ଆତ୍‌ନେ ଲିଂଜ୍‌ବି ବିଆର୍‌ଛେ ଆରାମ୍‌ରେ ଲାକେ ଆର୍‌କେ ।

## କାଣା କୁଜା ଓ ବାଘର କାହାଣୀ

ଗୋଟିଏ ଦେଶରେ ଦୁଇଜଣ କଣା ଆଉ କୁଜା ଲୋକ ସେମାନଙ୍କର ମାଆ ସହିତ ରହୁଥିଲେ ଏବଂ ଚାଷ କାମ କରି ଚଳୁଥିଲେ । ଥରେ ସେମାନେ ଧାନ ବୁଣିଥା'ନ୍ତି । ଧାନ ହେଲା, ଧିରେ ଧିରେ ଧାନ ଗଛ ବଡ଼ ହେଲା, ଧାନରେ ଖିର ଆସିଲା । କୁଜା କହିଲା, "କଣା, ତୁ ଧାନ ଜଗିବାକୁ ଯାଆ ।" କଣା ଜମିକୁ ଗଲା ଧାନ ଜଗିବାକୁ । ତା'ର

ଗୋଡ଼ହାତରେ ଧାନଫୁଲ ଲାଗିଲା । ସେ ଭାବିଲା ଏତେ ଗୁଡ଼ାଏ ମଶା ଆସି ବସିଲେ । ସେଥିପାଇଁ ସେ ବଡ଼ ବାଡ଼ି ଧରି ଧାନକୁ ବାଡ଼ିରେ ବାଡ଼େଇ ଦେଲା । ଏବଂ ଧାନ ଝଡ଼େଇ ଦେଲା । କିଛି ସମୟ ପରେ କୁଜା ସେଠି ପହଞ୍ଚି ପଚାରିଲା, କଣା, ଧାନ ଗଛକୁ କାହିଁକି ଏତେ ପିଟି ପକାଇଲୁ ଧାନ ଝଡ଼ିଗଲା ?

"ନାଇଁରେ କୁଜା, ମଶା ବସିଥିଲା । ସେଥିପାଇଁ ମାରିଦେଲି ।" କୁଜା କହିଲା, ଧାନକୁତ ନଷ୍ଟ କରିଦେଲୁ । ଏହା କହି ସେ କଣାକୁ ମାରିଲା ।

ଦୁଇଭାଇଙ୍କର ଝଗଡ଼ା ହେଲା ଯେତେବେଳେ ସେମାନେ ଶାନ୍ତ ପଡ଼ିଲେ ସେତେବେଳକୁ ଧାନ ପାଚି ଗଲାଣି । କାଣା, କୁଜା ମିଶି ଧାନ କାଟିଲେ । ଭେଳା ବାନ୍ଧି ଖଳାକୁ ନେଲେ ଏବଂ ବେଙ୍ଗଲା ପକାଇବାକୁ ସ୍ଥିର କଲେ । ଅନ୍ୟ ଲୋକଙ୍କଠାରୁ ଗୋରୁ ଆଣିଲେ । ଗୋରୁ ବୁଲି କରି ଧାନ ଝଡାଇ ଦେଲେ । କୁଜା ଗୋରୁ ଅଡ଼ାଉଥାଏ । ଏହି ସମୟରେ ଟାକୁ ନିଦ ଆସିଲା । ସେ କାଣାକୁ ଯାଇ କହିଲା, ଅଡ଼ା ମୁଁ ଟିକେ ଶୋଇବି । କାଣା ଆସିଲା ବେଙ୍ଗଳ ପକାଇଲାବେଳେ ଗୋରୁଙ୍କୁ ମାରୁ ମାରୁ ଗୋଟିଏ କାଣା ଯାଇ କୁଜାକୁ ଉଠାଇଲା, ଗୋରୁ ଶୋଇ ପଡ଼ିଲାଣି, ତାକୁ ଆସି ଉଠା । କୁଜା ଉଠି ଦେଖେ. ଗୋରୁ ମରିଯାଇଛି ।

କ'ଣ କଲୁ - ତୁ ଗୋରୁ ମାରିଦେଲୁ ! ଏବେ କ'ଣ କରିବା । ଅନ୍ୟ ଲୋକର ଗୋରୁ, ସେ ଆମକୁ ଗାଳି କରିବ ।

ରାତିରେ ଗୋରୁକୁ ନେଇ ସେମାନେ ବାହାରେ ଫୋପାଡ଼ି ଦେଲେ । ଧାନ ଘରକୁ ନେଇଗଲେ ତା'ପରେ ଗୋଟିଏ ଉପାୟ ପାଞ୍ଚିଲେ ।

ନିଜର ବୁଢ଼ୀମାକୁ ମାରିଦେଇ ଗୋରୁ ମାଲିକ ଘରର ନିମ୍ବଗଛ ପାଖରେ ଠିଆ କରାଇ ଦେଲେ ଯେତେବେଳେ ସକାଳୁ ଗୋରୁ ମାଲିକ ଉଠି ବୁଢ଼ୀକୁ ଦେଖିଲା, ତାକୁ ବାଡ଼େଇ କହିଲା, ତୁ କାହିଁକି ମୋ ନିମ୍ବ ତୋଳୁଛୁ ?

ସେ ତ ମଲା ବୁଢ଼ୀ, ତଳେ ପଡ଼ିଗଲା । ସେତିକି ବେଳେ କଣା ଓ କୁଜା ଦୌଡ଼ି ଦୌଡ଼ି ଆସିଲେ, ତୁ ଆମର ମାକୁ କାହିଁକି ମାରିଲୁ ବୋଲି ତା ସହିତ ଝଗଡ଼ା କଲେ । ତାଙ୍କ କଥାରେ ଗୋରୁ ମାଲିକ ତାଙ୍କୁ ପଇସା ଦେଲା ଏବଂ ଜେଲକୁ ଗଲା । ପଇସା ଥିବା ପର୍ଯ୍ୟନ୍ତ କାଣା ଓ କୁଜା ଭଲରେ ଚଳିଲେ । ଟଙ୍କା ସରିଯିବାରୁ ଦୁଇଭାଇ ବିଦେଶ ବାହାରିଗଲେ । ବିଦେଶରେ ମାଗିକରି ଚଳିଲେ । ଯିବାବେଳେ ବାଟରେ ରାତି ହୋଇଗଲା । ବାଟରେ ଗୋଟିଏ ବଡ଼ ବରଗଛ ପଡ଼ିଲା । କାଣା କହିଲା, ଗଛ ମୂଳରେ

ଶୋଇବା । କୁଜା ମନା କଲା, ଡର ଲାଗିବ, ଗଛ ଉପରେ ଶୋଇବା । ଏହିପରି ଚିନ୍ତା କରି ଦୁଇଭାଇ ଗଛ ମୂଳରେ ଶୋଇଲେ । ରାତିରେ ବାଘ ସେଠାରେ ପହଞ୍ଚିଲା ଏବଂ ଗଛ ମୂଳରେ ଯାଇ ବସିଲା । କୁଜା ବାଘକୁ ଦେଖିକରି କାଣାକୁ ଉଠାଇଲା, ଏ କାଣା ବାଘ ଆଇଲା । କାଣା କହିଲା, ବାଘ କଣ କରିବ ? କୁଜା କିନ୍ତୁ ବାଘକୁ ଦେଖି ଥରି ଗଲା । କାଣା ପାଖକୁ ଯାଇ କହିଲା ମୋତେ ଭୟ ଲାଗୁଛି । ବାଘକୁ ଧର ।

ତା ପରେ ବାଘ ସେମାନଙ୍କୁ ଭୟ କରି ଜଙ୍ଗଲକୁ ପଳାଇଲା । ସକାଳ ହେବାରୁ ସେମାନେ ଆଉ ଗୋଟିଏ ଜାଗାକୁ ଗଲେ । ବାଟରେ ରାତି ହୋଇଗଲା । ବଣ ପଡ଼ିଲା, ସେମାନେ ସେଠି ବଡ଼ ବାଉଁଶ ବୁଦାଟିଏ ଦେଖି ତା ଭିତରେ ପଶିଗଲେ । ସେଠି ଶୋଇଲେ । ସେଠାକୁ ମଧ୍ୟ ଆଉ ଗୋଟିଏ ବାଘ ତାଙ୍କୁ ଖାଇବା ପାଇଁଗଲା । ବାଘ କହିଲା, କିଏ ବାଉଁଶ ଭିତରେ ଅଛ, ତମକୁ ଆଜି ଖାଇବି । କୁଜା କହିଲା, ସତେକି ବାଘ ତୁ ଖାଇବୁ ମତେ ? ତୋ ଦେହକୁ ମୁଁ ଛୁଇଁଦେବି । ବାଘ ବାଉଁଶ ଗଛ ଭିତରେ ଯେମିତି ପଶିଛି, କଣା ବାଘ ଲାଞ୍ଜକୁ ଧରିଲା । ବାଘ ହଡ଼ବଡ଼େଇ ଗଲା । ଏବଂ ତାର ଲାଞ୍ଜ ଛିଡ଼ିଗଲା । ବାଘ ଭୟରେ ଜଙ୍ଗଲ ଭିତରକୁ ପଳାଇଲା ।

ସକାଳ ପାହିଲା ଦୁଇ ଭାଇ ଅନ୍ୟ ଗାଁକୁ ବାହାରିଲେ ଏଥର ବି ଯିବା ବାଟରେ ଜଙ୍ଗଲ ପଡ଼ିଲା ଗୋଟିଏ ବରଗଛ ମୂଳରେ ବାଘସଭା ହେଉଥାଏ । ରାଜା ବାଘ ପାଖରେ ସମସ୍ତେ ସମସ୍ତିଙ୍କର କଥା କହିବେ, କିଏ କେତେ ଶିକାର କରିଛି । କଣା ଓ କୁଜା ସେଇ ଗଛ ଉପରେ ଚଢ଼ି ବସିଥାନ୍ତି । ବାଘ ମାନଙ୍କର କଥା ସେମାନେ ଶୁଣିପାରିଲେ । ରାଜା ବାଘ ବରଗଛ ମୂଳରେ ବସିଲା । ସେତେବେଳେ ସବୁ ବାଘ ଜମା ହେଲେ, ରାଜା ବାଘ ପଚାରିଲା, କିଏ କେତେଟା ଶିକାର କଲ ? ପ୍ରତ୍ୟେକ ଯିଏ ଯେତେ ଶିକାର କରିଛି, କହିଲେ । ଜଣେ ଜଣେ ରାଜା ବାଘ ପାଖରେ ଟଙ୍କା ଜମା କଲେ । କିଛି ସମୟ ପରେ ସେହି ବାଘଟି ଆସିଲା ଯାହା ଲାଞ୍ଜ ଛିଡ଼ି ଯାଇଥିଲା । ତା'ର ଲାଞ୍ଜ ନ ଦେଖି ସମସ୍ତେ ପଚାରିଲେ । ସେ କହିଲା, ଦୁଇଟି ଲୋକ ଧରି ଖାଇବି ବୋଲି ଯିବା ବେଳକୁ ସେ ଦୁଇ ଜଣ ମୋ ଲାଞ୍ଜ ଭିଡ଼ି ଛିଣ୍ଡାଇ ଦେଲେ ।

ତାକୁ ହଜାରେ ଟଙ୍କା ଜୋରିମାନା କରାଗଲା । ସେମାନେ ଆଲୋଚନା କରୁଥିବାବେଳେ କଣା ଗଛ ଉପରୁ ହଠାତ୍ ଡେଇଁ ପଡ଼ିଲା । କୁଜା କହିଲା ଧର ସେ ବାଘକୁ । ରାଜା ବାଘ ଚମକି ପଡ଼ି ଟଙ୍କା ଛାଡ଼ିକରି ପଳାଇଗଲା । କଣା କୁଜା ସବୁତକ ଟଙ୍କା ଧରି ଗୋଟିଏ ଗାଁରେ ଯାଇ ରହିଲେ । ସେଠାରେ ଜମି ବାଡ଼ି କିଣି ଆରାମରେ ଜୀବନ ବିତାଇଲେ ।

# ନାକା ଆରି ତକରିନେ ଉସ୍ତା

ମୁହିଙ୍ ହିନି ତକରା ତକରି ଲାଦେ ! ଆତାନ୍ ହିନି ତକରା ମୁହିଂ ତୁଗ୍ରଡ଼ି ଜନା ପୁରୁଣ୍ ଉଙ୍ବକେ । ତେଲା ନାକା କାଲାଆଁ ପାଙ୍ଚେ । ଜନା ଚଙ୍ଛେ ଲାଗ୍ଡଏ । ତକରା ମୁହିଁମାନ ତୁଗ୍ଡି ଜନାକେ ଗାକେ ତେଲାଜନା ମେତା କେ ମେତା ଯାଣେଆ ଚଙ୍ଆତାଡ଼ିକେଂ । ତକରା ତୋକା ର ଏତ୍ର ତକରା ନେଙ୍ ତକରିକେ ନାଃହୁରେ । ତକରା ତୁଆଁ ଉକେ ଆରି ତକରିକି ? ବାସଙ୍କେ । ତକରି ନା ଜନା ଉରଓ୍ୱେଲା ତକରି ମାଁବଲେ ସାଛେ ଓ୍ୱେଲା । ତକରି ବକେ ମାଂ ସାଛେ ଜନାଉର୍ ଓ୍ୱେଗା । ତକରି ବଲେ ବଛେ ଟାନା ବୁନ୍ଦେ କଲାକା ଆତାନା ଆପେ ନାକା ରେମୁଆ ରକମ ଡିଙ୍ଛେ ପାକେଂ । ନାକା ପାଙ୍ଛେ ତକରିକା ବାସଂକେଂ ରେତକରି । ମେଁଆରେ ବାବୁ ଡାକ୍ଛେ ତକରି ବାହିର୍କେ ନାକା । ତକରି ଜନା ମୁହିଂ ପାକ୍ଛି ଆର୍ଲା । ତେଲା ତକରି ବାସକେଂ ଣ୍ଣୁ ବାବୁ ତକରା ଉଇଙ୍ଗିଏ । ମୁଡ଼ିତକରା ଉଇଙ୍ଗିରେ ଦେ ପାକଛି ନାଗଲା ଡାକଛେ ବାଲିର୍କେ । ତକରି ତୁଗ୍ରଡ଼ି ଗାଛେ ଜନା ପାକଛି ରାଙ୍ ପାକେଂ । ଯା ବାବୁ ଜନା ସିର୍ ଟିଆତ୍ବାଛେ ତକରି ସିର୍ଛେ ଉନିଗେଁ । ନାକା ବାସକେଂ ଟିଆଛେ ଆଛ୍ଙ୍ଦିଲା ତକରି ଟିଆଛେ ଆଛଙ୍ ବେଗା । ନାକା ଦନା ଛଙ୍ ଆଁତାଚେ ତକରି କି ବାସକେଂ । ନାନା ବଲେ ମାଁ ଲାକେଲେ ଣ୍ଣୁ । ତକରି ବାସଙ୍କେ ତ ଲାକେ ବାବୁ । ନାନା ବକେ ଏଜଗ୍ ଗାଙ୍ଦେ ତକରି ଓ୍ୱେଛେ ବଲେ କେଗ୍ରାଙ୍କେଂ ନାକା ଆଟଙ୍ ବିଲାରେ ତକରି । ତେଲା ତିକରି ନାକାକେ ବଲେ ଆଟଙ୍ଗବିକା ନାକା ସଲେ ବିସେ ପୁରଣ୍ ବଲେ ଜନା ଚଙ୍ଛେ । ତକରିତୁମା ପୁରୁତା ଏଗ୍ଛେ ଲାଗ୍ଡ୍ର କେ । ମୁହିଁତର ତକରା ତୁକରି କେଷା ତୁଗ୍ଡି ପାଙ୍କେଂ ଆରି କେକା । ତକରା ତକରି କେଛେ ଆରେ ତକରି ବା ବକେ ମା ଚଙ୍ ନାଣ୍ଡିକେଲେ ଣ୍ଣୁ । କେନ୍ ମେଁଆରେ ଉନ୍ସ୍ୱାରିଆ ଓଏନାଡିଙ୍କେ । ତକରି ବା ସଂନଃ । ଉଣ୍ଡୁ ମୁହିଙ୍ ରେମୁଆ ସୁଗା ରୁପ୍ ସାଚେ ପାଙ୍ ହେ । ଆରି ବାସହେଁ । ରେ ତକରି ଜନା ପାକ୍ଚିନାର୍ଲା । ଆରି ନାନେ ଉଲଲ ନାରା । ଆରି ଆଛଙ୍ ବେଲା ତାକଛେ ବାସଙ୍ଗେ । ଆଚ୍ଙ୍ଗ ବିଲା ଆନେଙ୍ଗ ଚୁମା ପୁରୁଣ୍ ଗଛେ ତଆ । ତକରା ବାସକେଂ ଓ ଓ ଆମା ଣ୍ଡିଟିଙ୍ଗଲା ଟିଙ୍ଗିଆ । ତକରା ପାଣୀ ଟିଙ୍ଛେ ତୁଆ ଭଇଣ୍ ଆରକେ । ତକରା ଉଇକ୍ ପଛେ ନାକା ପାଙ୍ଗହେ । ବାକା ଭାଲେବକେ ଏଥର ମସ୍ତ ସୁଜଗ ମିଲେକେ । ନାକା ତୁଗ୍ଡି ଭିତରେ ଗାକେ ଜନା ସଲେ ପୁରୁଣ ଚଙ୍ଛେ ଟାର ଣ୍ଡିକା । ନାକା କେ ଲଗ ଆ ପାଣୀ ଲାଗେକେ । ନାକା ହାଟୁଆ ଲେଗ୍ - ଲାଗେ ତକରା । ଭାବେକେ ଏଥର ଓ୍ୱେକେ । ତକରା ହିନି ଣ୍ଡେ

ରେକା ଉଆକା । ଗେଲାପାରେ ନାକାକେ ନେବାଗ୍ୟପା ହିନିଣ୍ଡ୍ରେ ରେ ଠେଙ୍ଗି । ସାଚେ ପାଙ୍ଗ୍ଆରକେ୍ ନାକା ବାସଙ୍କେ । ପେ ମୁନା ରେମା ସିନା ପେକେ କେ । ଡ଼ାଆଁ ଡ଼ାଆଁ ରେମା ଆକେଆରକେ । ଆନିଙ୍ଗ୍ ଡୁଆ ରାଙ୍ଗଉଇଛେ ଗୁଟୁଗ୍ କୁଡ଼ିଆ ଆନ୍ତ ବେଳିପା । ହିନିରେ ଆକାନ ସତ୍ଆ ଡାକଛେ । ନାକାକେ ଆନ୍ତ ବହ ଆର୍ହୋ ଗୁଟୁଗ୍ କୁଡ଼ିଆ ଭିତ୍ରେ ଗୁଟୁଗ୍କେ ସାଚେ ନା ଙ୍କେଂ । ମିଣ୍ଡିକେ୍ କୁ ପାଙ୍ଗରେ୍ ହିଲାଙ୍ଗ କେ ଡିଙ୍ଗ୍ କେ । ଟେଲା ବାକା ବାସଙ୍ଗେ ନା ମାମା ମାରେ ଇଲାଙ୍ଗ ଇଲାଙ୍ଗ୍ କେ ନାଡ଼ିଙ୍ଗ୍ । କୁ ଅର୍ଣ୍ଣ ସେଙ୍ଗ୍ ରଅଛେ ଗାକେ । ନାକା ବାସକେଂ ନେଗ୍ ବେଶି ଚ୍ଙ୍ଗଲା । ନା ଚ୍ଙ୍ଗଲାଲା ନେଗ୍ ଝାଡା ଫେରଗ୍ ଙ୍ଗହେ । ନାକା ଥାର ଛେ କାପ୍ଟ୍ ଟେସା ଟେସା ଗାଙ୍ଗ୍ଡିକେଂ । କୁ ବାସକେଂ ବାନ୍ଓ୍ୱ । ବାନ୍ଓ୍ୱା ଦେଟ୍ ଜବର ଆହେଗେ । ଣ୍ଡୁଲା ରେମୁଆ ପାଙ୍ଗ୍ଆଗି ଚାଗ୍ୟେ ଆର ଯେ । ଜାକା ଗାଗ୍ଡେ ଡଗା । ଡିର୍ ତାରାକା । ରେମା ଇଙ୍ଗ୍ ପାଙ୍ଗ୍ ଆର୍କେ । ଟେଲା ରେମାଇଙ୍ଗ ଇଲାଙ୍ଗ କକଆରକେ । ଆକାନ୍ ତ ନାକା ଣ୍ଡ କୁଂ ଟେଲା ରବେଲା । ଆଜାପାରେ ଲେ ଆମେ ଇଗୁଆର ଛେ ଡକ । କୁ ନେ ବାନ୍ଓ୍ୱା ଏକ୍ତା ଆ ଚତୁର ଆନେଙ୍ଗ ମାତ୍ର ଆଟକେଂ । ନାକାକେ ଡୁର୍ଡୁର୍ ଛେ ଓ୍ୱେକା । ଟେଲା ନାକ । ତଳି ଓ୍ୱେ ଡିଙ୍ଗ କେଂ । ଧୀରେ ଓ୍ୱେ ଛେ ନାକାକେ ଟପନା ସାକେ । ନାକା ଚରଡରରେ ପେଏକ । ଆନା ଓ୍ୱେକା ଚଙ୍ଗ୍ଘାଂ ଚଙ୍ଗ୍ଆ ମେପାରେ ଭାନ୍ଓ୍ୱା ଆନିଙ୍ଗ୍ ନା ଚଙ୍ଗେହେ ଦେ ଭାନ୍ଓ୍ୱା ଆନ୍ଙ୍ଗେ ପ୍ରେଗ୍ ବିଲା ଓ୍ୱେ କେଆ । ନା ଛେ ଭାନ୍ବା ନା ମେଣା ରେମା ଦାକଲା ପାକ୍ତି ଓ୍ୱେଆ । ନାକା ସ୍ଲା ଉପରେ ଡାକେ ଆଗି କାତ୍ରେ କାତ୍ରେ ଛେ ଇକୁଡ଼ା ତୁସା ବକେ । ନାକା କୁଂ କେ ବାସ୍ଛେ ଏଥର କଲା । କୁଂ ଗାଦ୍ମାରେଲା ଲଦ୍ଲେ ଓ୍ୱେକା । ନାକା ଲାଗଡ଼କେ । ଟେଲା କୁ ଆନାଓ୍ୱା ଆବାଓ୍ୱ । ଡାକ୍ଚେ ତ୍ଡିଆକେ । ଏଥର ନେଙ୍ଗ୍ ଭାନଓ୍ୱ । କେ କେଂଲା ନଚଙ୍ଗ ବଚଙ୍ଗ । କୁ ନାକା କେ ତୁର୍ ତୁର୍ ସେ ଓ୍ୱେକା । କେଲାନାକା ଧୂଳି ଉଲୁଡିଙ୍ଗ୍ କେଂ । ଫାଲ୍ ମାକା ଅହେଛେ ସାକାଆ । ଏଥର ଆନ ନାଚଙ୍ଗ ନାଚଙ୍ଗ । ମାରେ ଭାନଜା ଆନଙ୍ଗେ ନାଚଙ୍ଗହେ ଆନେଙ୍ଗ ଗେଗ୍ ଆଣି ଦାଦି ପଡି ବିଡୁଆର୍କେ । ନାଲାଜା ଭାନଓ୍ୱା ନେଗ୍ଆଗି ନାପେକେଂଆ । ନାକା ବାସହେ । ଆମ୍ରି କେଚେ ନାପେ । କୁ ଆନ୍ତି କେଛେ ନାପେ ଡିଙ୍ଗକେ । ଉଡିନ୍ ବେଳା ନାକା ଧୂଳି ତିଲାଗ୍ ଛେ ଡୁଆ । କୁ ଲଣ୍ଡିଆ ଟାମ୍ଡେ ଟାମ୍ଡ୍ରେ ସାଛେ ଗାଆ ଆଗି ମ୍ନାନା ମ୍ନାନା ମୁଆଁ କେଛେ ତାର କେ । କୁ ବାସଙ୍ଗେ ଏଥର ଆନା ନାଚଙ୍ଗ୍ ଡାକ୍ଚେ । ଓ୍ୱେକା । ଟେଲା କଣ୍ଡା ଗିଗର ଓ୍ୱେ ରାଙ୍ଗ୍ପାଙ୍ଗ୍ କେ ନାକା ପାଷଙ୍ଗ ମୁଆ ଡିଙ୍ଗେ୍କା । ଆକ୍ କାଲାଆ ଡାକଛେ । ଟେଲା କୁ ଧୀରେ ଫ୍ୟାଲା ପାକା ଓ୍ୱେଚେ ଟୁପନା ସାକେ । ଏଥର ଆନା ନାଚଙ୍ଗ ନାଚଙ୍ଗ ହେ । ମାରେ ଭାନ୍ଓ୍ୱା । ଆନନଙ୍ଗ୍ ନାଚଙ୍ଗେ । କଣ୍ଡା ପାକ । ଧାଡ଼ି୍ କେଲା । ମାଆରେ ପାଙ୍ଗଡିକେ ଏତର ଆନା ବାଗ୍ୟେ

ଛହେଁ । ବେଙ୍ଗ୍‌ଆକା ଗାଁଆ ଲାଛେ ଲେଗ୍‌ଲାଆହେଁ । ନାଆଁ ଡିନାଡିଙ୍ଗ୍ ମାମାଁ । ଉଣ୍ଡୁ ବାଙ୍ଗା ନା ମିଆନାଲାକେ । ନା ଉଡ଼ିଙ୍ଗ୍ ପଆଛେ ଗା ନାଲାହେଁ । ଉକୁଂ କା ଆଗାଛେ । ଘାଗ୍ରାଟେଛା ଟେଛା ଛେ । ଯାବର ଆଗା ଘା ବଙ୍ଗା ଆସିଡିବୋକେ ଉଣ୍ଡୁଲାତାଗଲା ତାରଲା ନେଙ୍ଗ୍ ଗାନ୍ନାଆ ଗାଗ୍ଛେ ଆରି ଗୁନଲି ଗୁଟଲା ଛେ ଶୁଆଲେ ଲାକେ ତୁକ୍ ଗୁଟଲା ବିକା ଗିକାଛେ ଆରି ଇଣ୍ଡିଆନ୍ତକ୍ ବୁଦେ‌ଓ୍ୱେଗାତାରଛେଆରି ନାକା କା ତୁର୍‌ଓ୍ୱେଗା ନାକା ମୁହିଂ ଗୁବୁସାଛେ ଛହଁ ଡିଙ୍ଗ୍‌କେ ଗୁବୁନି ଶୁଲେରେ ଶାଆଛେ ଝା ତାଗରା ଗୁଣଛେ ଆରି ବଡଙ୍ଗ୍‌ଡିକେଂ ଏତର ବେଲା ଡକୁଂ ବିଣ୍ଡାଛେ । ନାକୋଡି ଚାନ୍ଧି ମାମା ନାନି ସଲେରେ ରପ୍ୟାଛେ ଆଟାରଛେ ଟଙ୍ଗ୍ ଉଙ୍କୁଂ ସଡେଡା ନାଙ୍ଗା ହଂ ଓ ମାମା ସଡେଆଡ୍ୱାକ୍ ଛେବାରି । ଉଙ୍କୁ ମାନା ଇନ୍ତି ଇଗେଡ୍ୱି ଏଡେ ଇଗୁଆର ଛେ ପୁହେଁ ଓ୍ୱେଆ । ନାକା ନାକା ତାରଟା ବାଟା ଏତର୍ ଡିଙ୍ଗ୍‌ଲେ ଉକୁଂକେ ମଂହିବାଟା । ନାଲାଏଡେ ରିଙ୍ଗ୍‌ଲା ଯାଟିଗ୍ ଆରେ ହେଁ ଆକାତା  ଉସାରା ତାଗରା ଉକୁଂ ଗଏଗା ।

## ବିଲୁଆ ଓ ବୁଢ଼ିର କାହାଣୀ

ଗୋଟିଏ ଗାଁରେ ବୁଢ଼ାଟିଏ ବୁଢ଼ୀଟିଏ ଥିଲେ । ସେଇ ଗାଁରେ ଗୋଟିଏ ବାଡ଼ିରେ ବୁଢ଼ା ମକା ଲଗାଇଥିଲା । ତେବେ ବିଲୁଆ ସବୁବେଳେ ଆସି ମକା ଖାଇଯାଉଥିଲା । ମକା ସବୁ ସରିଯାଉଥିବାର ଦେଖି ବୁଢ଼ା ବୁଝି ପାରୁନଥିଲା । ଥରେ ବିଲ ପଟେ ବୁଲିବାକୁ ଆସି ଦେଖିଲା ମକା କିଏ ଖାଉଛି । ତେଣୁ ବୁଢ଼ା ଗୋଟେ କାମ କରିବାକୁ ଭାବିଲା । ଘରକୁ ଫେରି ବୁଢ଼ୀକୁ କହିଲା, ତୁ ତୋର ଭାତ ତରକାରି ଧରି ମକା ଜଗିବାକୁ ଯାଆ । ବୁଢ଼ୀ ନିଜର ଖାଇବା ଜିନିଷ ଧରି ମକାବାଡିକୁ ଗଲା । ସେଠାରେ ପଦସ୍ଥ ମଞ୍ଚା ତଳେ ବସିଥିଲା । ସେତେବେଳେ ହଠାତ୍ ବିଲୁଆ ମଣିଷ ରୂପ ଧରି ବୁଢ଼ୀ ପାଖକୁ ଆସିଲା । ଓ ବୁଢ଼ୀକୁ କହିଲା, ଲୋ ବୁଢ଼ୀ !

ବୁଢ଼ୀ କହିଲା କ'ଣ ରେ ବାବୁ ? ଯା ମକା ଗୋଟିଏ ଆଣିବୁ ।

କିନ୍ତୁ ବୁଢ଼ୀ ମନା କରିଲା । ବୁଢ଼ା ଗାଳି ଦେବ ।

କିନ୍ତୁ ବିଲୁଆ ବୁଢ଼ୀର କଥା ମାନିଲା ନାହିଁ । ସେ କହିଲା, କେଉଁ ବୁଢ଼ା ତୋତେ ଗାଳି କରିବ । ଯାଆ ମୁଁ କହୁଛି ମକା ଆଣିବୁ । ବୁଢ଼ୀ ବିଲୁଆର କଥା ଶୁଣି ମକା ଆଣିବାକୁ ଗଲା । ବିଲୁଆ କହିଲା ମୋତେ ଭାତ ଓ ମକା ଖୁଆଇଦେ । ବୁଢ଼ୀ ବିଲୁଆର କଥା ମାନି ଖୁଆଇ ଦେଲା । ବିଲୁଆ ଖାଇସାରି ସେ ପଳାଇଲା । ଏଣିକି ଏପରି ସବୁବେଳେ କରିବାକୁ

ଲାଗିଲା । ତେଣୁ ଧିରେ ଧିରେ ବୁଢ଼ୀ ଶୁଖି ଯିବାକୁ ଲାଗିଲା । ଥରେ ବୁଢ଼ା ବୁଢ଼ୀ ପାଖକୁ ବୁଲିବାକୁ ବିଲକୁ ଆସିଲା । ଏବଂ ବୁଢ଼ୀକୁ ଦେଖିଲା ଏବଂ ପଚାରିଲା ତୋ'ର ଦେହ କାହିଁକି ଏମିତି ଦୁର୍ବଳ ହେଲାଣି । ବୁଢ଼ୀ ଉତ୍ତର ଦେଲା, ଯେ ଗୋଟିଏ ବିଲୁଆ ମଣିଷ ରୂପ ଧରି ମୋପାଖକୁ ଆସେ । ସେ କହେ ଯା' ମକା ଗୋଟିଏ ଭାଙ୍ଗି ଆଣିବୁ । ଏବଂ ପୋଡ଼ି କରି ପୁଣି ଖୁଆଇ ଦେବାକୁ ବରାଦ କରେ । ପୁଣି ମୋର ଭାତ ମଧ ମାଗି କରି ଖାଏ । ବୁଢ଼ା ସବୁ ଶୁଣିଲା ଏହା ଭାବିଲା  କ'ଣ ଗୋଟେ ଉପାୟ କରିବାକୁ ହେବ, ନହେଲେ ଏହି ବିଲୁଆ ମରିବ ନାହିଁ ।

ଥରେ ବୁଢ଼ା ରାଗିଯାଇ ସେ ଫାଶୀ ବସାଇଥିଲା । ବିଲୁଆ ସେମିତି ରୂପରେ ଆସି ବୁଢ଼ୀକୁ ସବୁବେଳେ ମକା ଭାତ ତରକାରୀ ମାଗି ଖାଇ ପଳାଇ ଯାଉଥିଲା । ପଳାଇବା ସମୟରେ ହିଁ ଫାଶରେ ପଡ଼ିଗଲା । ସେଠାରେ ଛଟପଟ ହେଲା । ବୁଢ଼ା ଆସିଲା ଏବଂ ଦେଖିଲା, ବିଲୁଆ ପଡ଼ି ରହିଛି । ବୁଢ଼ା ଯାଇ ଗାଁ ଲୋକ ମାନଙ୍କୁ ଡାକି ଆଣିଲା ଏବଂ କହିଲା, ଏହାକୁ ମାରିଦେବି । କିନ୍ତୁ ବିଲୁଆ ଚତୁର ତେଣୁ ଗୋଟିଏ ଉପାୟ ପାଞ୍ଚିଲା । ଏବଂ କହିବାକୁ ଲାଗିଲେ ତୁମେ ସବୁ ବଡ଼ ବଡ଼ ଲୋକ ମାନେ ସିନା ମୋତେ ଦେଖିଲା ମାତ୍ର ଛୋଟ ଛୋଟ ପିଲାମାନେତ ଦେଖି ନାହାଁନ୍ତି । ଲୋକମାନେ ସତ ବୋଲି ଭାବିଲେ । ସେମାନେ ବିଲୁଆ କଥା ମାନି ତା'କୁ ଗାଁକୁ ନେଇଗଲେ । ଏବଂ ଗୋଟିଏ ଘୁଷୁରି କୁଡ଼ିଆରେ ବାନ୍ଧି ରଖିଲେ । ସେଠାରେ ଗୋଟିଏ ବଡ଼ ବିରାଟ ଘୁଷୁରି ଥିଲା । ରାତି ହେଲା । ଲୋକମାନେ ନିଜ ନିଜ ଘରକୁ ଶୋଇବାକୁ ଗଲେ । ରାତି ଅଧରେ ବିଲୁଆ ଘୁଷୁରିକୁ ମାରି ଖାଇଲା । ସେହି ସମୟରେ ରାତି ଅଧରେ ବାଘ ବୁଲୁଥିଲା । ସେ ଘୁଷୁରି କୁଡ଼ିଆ ପାଖରେ ଯାଇ ସବୁ ଦେଖି ପାରିଲା । ବାଘକୁ ଦେଖି ବିଲୁଅ କହିଲା ।  ମାମୁଁ ତୁ କ'ଣ ଏମିତି ରାତି ଅଧରେ ବୁଲୁଛୁ । ଏହି କବାଟ  ଖୋଲି ଭିତରକୁ ଆ । ବିଲୁଆ କଥାମାନି କବାଟ ଖୋଲି ଭିତରକୁ ଗଲା । ବିଲୁଆ ବାଘକୁ କହିଲା, ମାମୁଁ ମୋତେ ଜୋରରେ ଝାଡ଼ା ଲାଗୁଛି । ବାଘ ତାକୁ ଖୋଲିଦେଲା । ବାହାରକୁ ଆସି ଗେଟ୍‌କୁ ଭଲ ଭାବରେ ବାନ୍ଧିଲା ବେଳେ ବାଘ ପଚାରିଲା ଭଣଜା ତୁ କାହିଁକି ଏମିତି ବାନ୍ଧୁଛୁ ।  ଶୀଘ୍ର ଯାଇ ଆସିବୁ ।

ରାତି ପାହିଲା ସକାଳ ହେଲା । ଗାଁର ଲୋକମାନେ ଆସିଲେ । ଦେଖିଲେ ବିଲୁଆ ନାହିଁ । ଏହା ଗୋଟିଏ ବାଘ ପରି କ'ଣ ଦେଖାଉଛି । ସେମାନେ ଗେଟ୍‌କୁ ଫିଟାଇ ଦେବା ସମୟରେ ବାଘ ବାହାରେ ଆସି ଲୋକମାନଙ୍କୁ ଆକ୍ରମଣ କଲା । ମାରିଦେଲା ତା'ପରେ ତା'ର ଭଣଜା କୁ ଦେଖେ ଖୋଜିବାକୁ ଲାଗିଲା । ସେ ଖୋଜି ଖୋଜି ତା' ପାଖକୁ ଗଲା ।

ବିଲୁଆ ଦୋଳି ଖେଳୁଥିଲା । ବାଘ ପାଖକୁ ଯାଇ କହିଲା, ରେ ଭଣଜା ତୋତେ ଆଜି ଖାଇବ, ବିଲୁଆ କହିଲା, କ'ଣ ମାମୁଁ ମୋତେ ଖାଇବୁ ?

ଦେଖ୍ ମୁଁ କ'ଣ କରୁଛି, ଦେଖ୍ । ମୁ ଦୋଳି ଖେଳୁଛି ।

ବାଘ ବିଲୁଆକୁ କହିଲା, ମୋତେ ଟିକେ ଦେ ମୁଁ ମଧ ଦୋଳି ଖେଳିବି । କିନ୍ତୁ ଚତୁର ବିଲୁଆ ବାଘକୁ କହିଲା, ନାହିଁ ମାମୁଁ ତୁ ବସିଲେ, ଏହି ଦୋଳି ଛିଣ୍ଡିଦିବ । ତେବେ ମୁଁ ଟିକେ ଗଛ ଉପରକୁ ଚଢ଼ିଯାଇ ଦୋଳିର ଗଣି ସବୁ ଭଲ କରି ବାନ୍ଧିଦିଏ ।

ଗଛ ଉପରେ ଚଢ଼ି ବିଲୁଆ ଗଣି ସବୁ କାଟିଦେଇ କେବଳ ଝୁଲାଇ ଦେଇଥିଲା । ବାଘ ଦୋଳି ଉପରେ ବସି ବୁଲିବା ସମୟରେ ଗଛରେ ଥିବା ଦଉଡ଼ି ଛିଣ୍ଡିଗଲା । ପଡ଼ିଯିବାରୁ ବାଘକୁ ବ୍ୟଥା ହେଲା । ବାଘ ଉଠିଲା ବିଲୁଆ ସେତେବେଳକୁ ସେଠି ଆଉ ନଥାଏ । ବାଘ ପୁଣି ସେମିତି ବିଲୁଆକୁ ଖୋଜିବାକୁ ଲାଗିଲା । ସେ ନିଜେ ନିଜେ କହିଲା, ତୋତେ ମୁଁ ପାଇଲେ ନିଶ୍ଚୟ ଖାଇବି । ଖୋଜି ଖୋଜି ଗୋଟେ ଯାଗାରେ ତାକୁ ପାଇଲା । ସେଠାରେ ବିଲୁଆ ଧୂଳିଖେଳ ଖେଳୁଥିଲା । ବାଘ ପଛପଟୁ ଧୀରେ ଧୀରେ ଯାଇ ତାକୁ କହିଲା, ଆରେ ଭଣଜା ମୋତେ ଏତେ କଷ୍ଟ ଦେଲୁ ।

ତୋତେ ମୁଁ ଆଜି ଖାଇବି । ବିଲୁଆ କହିଲା, ମାମୁଁ ମୋତେ ଖାଇବୁ । ହେଲେ ମୁଁ କ'ଣ କରୁଛି ଦେଖ ।

ବିଲୁଆ କହିଲା, ମୋ ପୂର୍ବରୁ ଜେଜେ ବାପା ମା ମାନେ ମାପି ଖେଳିବା ପାଇଁ ଦେଇଛନ୍ତି । ବାଘ କହିଲା ମୁଁ ମଧ ଖେଳିବି । ଖେଳିବା ପାଇଁ ହେଲେ ଆଖବ ଉପରକୁ କରିବାକୁ ପଡ଼ିବ । ବାଘ ବିଲୁଆର କଥା ମାନି ଉପରକୁ ଦେଖି ଖେଳୁଥିଲା । ବିଲୁଆ ଠିକ୍ ଏହି ସମୟରେ ଧୂଳି ମୁଠା ବାଘ ଆଖିକୁ ଛାଟି ପଳେଇ ଗଲା ।

ବାଘ ଏଠି ସେଠି ରାମ୍ପୁଡ଼ି ବିଦାରି ନଇ କୂଳରେ ପହଞ୍ଚି ପାଣି ଭିତରେ ଆଖି ପତା ଖୋଲିଲା । ଆଖି ପରିଷ୍କାର ହୋଇଯିବା ପରେ ଦେଖାଗଲା ବାଘ ପୁଣି ବିଲୁଆକୁ ଖୋଜିଲା । ସେଇ ସମୟରେ ବିଲୁଆ ଗୋଟିଏ ପତ୍ର ଭିତରେ ଲୁଚିଥାଏ । ବାଘ ତାକୁ ଖୋଜି ପାଇଗଲା । ସେ ତା'ର କଷ୍ଟ ସହିପାରୁ ନଥିଲା । ବିଲୁଆକୁ କହିଲେ, ରେ ମୋତେ ଏତେ କଷ୍ଟ ଦେଇଛୁ । ତୋତେ ମୁଁ ଆଜି ଖାଇବି । ଦେଖ୍ ବଣ ଜଙ୍ଗଲ ପୋଡ଼ି ଯାଇ ନଷ୍ଟ ହୋଇ ଯାଉଛି । ତେଣୁ ମୁଁ ଏଠାରେ ଲୁଚିବାକୁ ଚେଷ୍ଟା କରୁଚି । ବିଲୁଆ କଥା ଶୁଣି ବାଘ କହିଲା, ତା ହେଲେ ମୁଁ ବି ଲୁଚିବି । ବିଲୁଆ ବାଘକୁ ସେଠାରେ ଭଲ ଭାବରେ ବାନ୍ଧିଦେଲା ।

ନିଆଁ ଗୋଟିଏ ପାଖରେ ଭଲ ଭାବେ ଜଳି ଉଠିଲାଣି । ସେଠାରେ ବାଘକୁ ପତ୍ର ସହିତ ଛାଡ଼ିଦେଲା । ବାଘ ସେଠାରେ ପୋଡ଼ିଗଲା । ଏତେ କଷ୍ଟ ପାଇଲେ ମଧ ସେ ବିଲୁଆକୁ ଛାଡ଼ିଲା ନାହିଁ ।

କିନ୍ତୁ ବିଲୁଆ କୌଣସି ମତେ ପଳାଇଲା ।

ବାଘ ଏଥରବି ତାକୁ ଖୋଜିଲା ବିଲୁଆ ଗୋଟିଏ ଗାଁରେ ଘୁଷୁରି ଧରି ଖାଉଥିଲା । ବାଘ ସେଠାରେ ପହଞ୍ଚିଲା । ତାକୁ ଖାଇବ ବୋଲି କହିଲା । ବିଲୁଆ ପ୍ରସ୍ତାବ ଦେଲା, ଆଶ ଆମେ ଦୁଇଜଣ ଏହାକୁ ବାଣ୍ଟି ଖାଇବା ।

ବାଘ ରାଜି ହେଲା । ବାଘ ଓ ବିଲୁଆ ବାଣ୍ଟି ଖାଇଲେ । ବିଲୁଆ ନିଜେ ବାର ଭାଗ ଖାଇ ବାଘକୁ ଗୋଟିଏ ଭାଗ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା । ସେଠାରେ ଜଣେ କମାର ବସିଥାଏ । ବାଘ ତା' ପାଖକୁ ଯାଇ ପଚାରିଲା, ବୁଢ଼ା ମୁଁ ଗୋଟିଏ କଥା କହିବି ଶୁଣିବୁ ?

କଥା କ'ଣ ? କମାର ବୁଢ଼ା ପଚାରିଲା ।

ବାଘ କେତେଭାଗ ଓ ବିଲୁଆକୁ କେତେ ଭାଗ ଖାଇବା କଥା ?

ବୁଢ଼ା କହିଲା, ବାଘ ଗୋଟିଏ ଭାଗ ଓ ବିଲୁଆ ବାର ଭାଗ ଖାଇବ ।

ବାଘ ବିଲୁଆ ପାଖକୁ ଗଲା । ବିଲୁଆ ପଚାରିଲା କମାର ବୁଢ଼ା କ'ଣ କହିଲା ? ସେ ଯାହା କହିଲା ସେମିତି ହେବ ।

ବାଘ ରାଜି ହେଲା । ବିଲୁଆ ବାର ଭାଗ ଓ ବାଘ ଗୋଟିଏ ଭାଗ ଦୁଇଜଣ ମିଶି ବାଣ୍ଟିଲେ ।

ବାଘ ସବୁ ଖାଇସାରି ବିଲୁଆ ଆଡ଼କୁ ଚାହିଁଲା । ବିଲୁଆ ତା'ର ଅଣ୍ଟାରେ ଅନ୍ତ ନାଡ଼ ସବୁ ଘୋଡ଼ାଇ ଥିଲା । ବାଘ କହିଲା, ମୋତେ ଟିକେ ଦେ । ବିଲୁଆ ଟିକେ ଦେଲା । ବାଘ ଖାଇଲା । ପଚାରିଲା ତୁ କ'ଣ ଏତେ ଖାଉଛୁ ? ମୁଁ ନିଜ ପେଟକୁ ଚିରି ଅନ୍ତ ସବୁ ଖାଉଛି । ବିଲୁଆ କହିଲା ।

ମୁଁ କ'ଣ କରିବି, ବାଘ ପଚାରିଲା ତୁ ମଧ ନିଜା ନଖରେ ପେଟ ଚିରି ଖା । ବିଲୁଆ କହିବା ମାତ୍ରେ ବାଘ ନଖରେ ପେଟ ଚିରିବାକୁ ଲାଗିଲା ବାଘ ମରିଗଲା ।

ବିଲୁଆ କହିଲା, ତୁ କ'ଣ ମୋତେ ଖାଇବୁ ? ଏବେ ମୁ ତୋତେ ଖାଇବି ।

# ମା ଭୈରବୀ ମାହାପ୍ରଭୁନେ ଉସ୍ତାରା

ଦଃସେଃ କିଡ଼ିଙ୍ଗା ରେ ମୁଆଲ୍ୟାଗ୍ ଲା ଆରଗେ । ମେଁ ଇଙ୍ଗ ମାପୁର ସେବା ଆରି ପାଣ୍ଡୁଏ ତିଙ୍ଗ୍ ମିଆ ଆରକେ ଲେକା । ମେଁ ଇଙ୍ଗ୍ ନେ ଡିତୋଇ ରେମା ଦଶାଃ ଲାକା କିଡ଼ିଙ୍ଗା ଡୁକୁରି । କଣ୍ଡା ଅଲଙ୍ଗେ ତିଙ୍ଗ କଲାଡି ଗିଛେଙ୍ଗ ପଲଗ୍ କେଛେ ବୁନ୍‌ଚେଙ୍ଗତ ବକା ଯାହାଲେ ତା ବକା ଏକାନ ଡୁକରି ଅଲେଙ୍ଗ ରେମାକାଆ ନିନ୍ଦା କିଆରକା ଆକାନ୍ ବୋରା ରୋମା ଦୋରା ଡୁକୁରୀ ଡି ଇଲି ପାଗଲି କଣ୍ଡା ଓ୍ୱ ଲାଲ ଆକାନ ଡୁକୁରୀ ଆମ୍ୟାକ୍‌କେ ଆକାନ୍ ଗିଛେଙ୍ଗ ଯା ଲାଗେ ଲାଛେ ଗିଛେଙ୍ଗ ପଲଗ ଭିତରେ ଗା ଓ୍ୱକେ । ଏକାନ୍ ବନ୍ ଛେଙ୍ଗନେ ଆକେକେ ଆଣନ୍ ବନଚେଙ୍ଗ ତୋ ବକ୍‌ନେଡ଼ି ଆତାନ ଡୁକଗିକେ ନିକଛା ଓ୍ୱେକେ । ଆତାନ୍ ଡୁକୁଗି ଗଏ ଓ୍ୱଲା । ବାତସି ତିଙ୍ଗକେ ତୁଆ ଆଇଗଲା ଦୋରା ରେମା ତୁରବେ ଓ୍ୱରେମା ଓ ବା ଆରକା । ଆକନ କିଡ଼ିଙ୍ଗା ରେମା ଆଃ ବନ୍‌ଛେଙ୍ଗ ତୋ ବର ଆରେ ମେଁ ଇଙ୍ଗ୍ ଡିଲା ଲାଛେ ନିନ୍ଦା ବି ଆଗକେ କଡ଼ିଙ୍ଗା ରେମାକା । ମେଁଇଙ୍ଗ ମେଁଇଙ୍ଗ ଭିତରେ ଓ୍ୱଇଆଁଛେ । କିଡ଼ିଙ୍ଗ ରେମା କେ ଆ ଯେ ତୋ ପେବଲା ଆକାନ୍ ଯା ତିଙ୍ଗ୍ ବ ଆରକେ । ଆତ ବାଡ଼ି ତୁଣ୍ଡୁ କିଡ଼ିଙ୍ଗା ରେମା ଆଲେ ବଲେ ନେ ନିନ୍ଦା ନେବାକେ ଦେତଲା ଏକାନ୍ ଜୁଙ୍ଗ ପାଟଣା ପେଜୁଙ୍ଗ ବଗ୍ ଛଙ୍ଗପା ଲାଛେ ସାପା ଧପା ବିଛେ ମେଇଙ୍ଗ ବାସଆରକେ ଏବା ନେ ଆକାନ୍ କଣ୍ଡା ନେନେ ଲାଲଛେ ଟାଇମାଲ୍ ଗାତ୍‌ଗ ଛେ ଆକାନ ଜାଗା ନେ ଆଣ୍ଡ୍ରା ଆରି ଗାଲିନେ ପାଙ୍ଗ ପରମାନ ତିଙ୍ଗ୍ ନେ ବକେ ଏବା ଆକାନ୍ ଜାଗା ଆନ୍‌ତାର ଛେ ଉତଃ ନେଡ଼ିଙ୍ଗେ ବାସଙ୍ଗଛେ ତଆରକେ ଆତାନ୍ ଦୋରା ରେମାଡି ପୁରୁଣା ଗୁନ୍ନା ତିତୋଇ ରେମା ଇଙ୍ଗକେ ଭୈରବୀ ମାପୁରୁ ସେବା ବାଟ ତିଙ୍ଗଲେ । ନେଡ଼ି କିଡ଼ିଙ୍ଗା କଣ୍ଡା ଜୁଙ୍ଗ୍ ବଗ୍ ନେଛଙ୍ଗ ଓ୍ୱେ ନେ ଡିତୋଇ ରେମା ଉଣ୍ଡିମା ସେବା ବାଟ ତିଙ୍ଗ ଆରକେ ନେ ରେମା ତୋ ଚିଲି ଆତ ଟଙ୍ଗ ଛେକା ସେବାତି ମ୍ୟା ଆରକେ ତୁଆ ଆକୁଡ଼େ ଲାଡ଼ିଙ୍ଗ ଗେ ମ୍ୟା ଆରକେ ଭୈରବୀ ମାପୁରୁନି ପୂଜାରୀକେ ମୁସ୍ତୁତିଙ୍ଗ ବିକେ ଟାଣ୍ଡୁ ନନ୍ଦପୁର ତୁଙ୍ଗ ଗୁଲଗ୍ ରେମା ଲାକେ ଆମା ଓ୍ୱ ରଙ୍ଗ ପାଙ୍ଗଟେପେ ଆନଙ୍ଗକେ ସେବା ବାଟ ଭଲ ତିଙ୍ଗ ପେଇଆ । ଲାଗଛେ ପୂଜାରୀ କେ ମୁସ୍ତୁଡ଼ିଙ୍ଗ ବିକେ । କପାରଛେ ନନ୍ଦପୁର ଓ୍ୱେଛେ ଗୁଲଗ୍ ରେମାକା ଓ୍ୱେପେ ଭୈରବୀ ମାପୁରୁନେ ଆସିବାଡ଼ି ଚୁଗୁ ଉକୁଇ ସାପା ଆଟେନ ଗୁଲଗକେ ଧପା ବି ଆରକେ । ଏ ବା ନେ ସେବା ନେଡ଼ିଙ୍ଗ ଆ ସେବା ପେଡ଼ିଙ୍ଗ ଆକାନ୍ ଭୈରବୀ ମାପୁରୁକେ । ପୁଜାରୀଗୁଡ଼ା ଓ୍ୱଛେଲା ଲାଣ୍ଡିଙ୍ଗଲା ଆମାକେ ପୂଜାରୀ ଗୁଡ଼ା ଲାଗଛେ ବାସଙ୍ଗ ତିଙ୍ଗ୍ ଆରକେ । ଆକାନ୍ ମାପୁର୍ କେ ଆକାନ୍ ଏରିଆ ରେମା ସପା ମିଆଲା ଆରକେ । କାର୍ଯ୍ୟ ସିଦ୍ଧ ତିଙ୍ଗଲା ରେମା ଇଙ୍ଗ ଆକ୍‌ମାକେ ଆଦିମାତା ଠାକୁରାଣୀ ଡାଗଛେ ବାସଙ୍ଗ ମିଆରକେ ଚଇତି ଆରକେ ଭୈରବୀ ମାପୁରୁକେ ସେବା ବା ପୂଜା ।

# ଭୈରବୀ ଠାକୁରାଣୀଙ୍କ କାହାଣୀ

ପୂର୍ବ କାଳରେ କିଡ଼ିଙ୍ଗା ନାମରେ ଆଦିମ ଅଧିବାସୀ ବାସକରୁଥିଲେ । ସେମାନେ ବିଭିନ୍ନ ପର୍ବ ପର୍ବାଣୀ ପାଳନ କରୁଥିଲେ । ଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ସେହି ଅଧିବାସୀମାନଙ୍କୁ କିଡ଼ିଙ୍ଗା / କେଙ୍ଗୁଆ କୁହାଯାଉଥିଲା । ଏମାନେ ଦିତାୟୀ ସଂପ୍ରଦାୟର ଲୋକ । କିମ୍ବଦନ୍ତୀରୁ ଜଣାଯାଏ, କିଡ଼ିଙ୍ଗା ପର୍ବତରେ ଠାକୁର ବିଦ୍ୟମାନ ଥିଲେ । କିଡ଼ିଙ୍ଗା ବଂଶର ଲୋକେ ସେହି ଠାକୁରଙ୍କୁ ପୂଜା କରୁଥିଲେ । ଦିନକର କଥା, କିଡ଼ିଙ୍ଗା ବଂଶର ଗୋଟିଏ ବୁଢ଼ୀ ଜଙ୍ଗଲକୁ ଯାଇଥିଲା । ଜଙ୍ଗଲ ଗୁମ୍ଫା ମଧ୍ୟରେ ଝିଙ୍କର ପାଦଚିହ୍ନ ଦେଖି ତାକୁ ଶିକାର କରିବା ପାଇଁ ଉପାୟ ଚିନ୍ତା କଲା । ତେଣୁ ସେ ଗୁମ୍ଫା ପାଖରେ ଫାଶ ବସାଇ ଦେଲା । ଭାବିଲା, ଝିଙ୍କ ଗୁମ୍ଫା ଭିତରୁ ବାହାରିଲେ ଫାଶରେ ପଶିଯିବ । କିଛିଦିନ ପରେ ଶବର ବଂଶର ଜଣେ ବୁଢ଼ୀ ଜଙ୍ଗଲକୁ ବାଉଁଶ କରଡ଼ି ଆଣିବାକୁ ଯାଇଥିଲା । ଝିଙ୍କର ପାଦଚିହ୍ନ ଦେଖିସେ ଗୁମ୍ଫା ପାଖକୁ ଗଲା ସେଠାରେ କିଡ଼ିଙ୍ଗା ଜାତିର ଜଣେ ଲୋକ ଫାଶ ବସାଇଛି ବୋଲି ସେ ଜାଣି ପାରିଲା ନାହିଁ, ଏଣୁ ସେହି ଫାଶରେ ବୁଢ଼ୀ ପଡ଼ିଗଲା । ଏପରି ଦୁଇ ତିନି ଦିନ ପଡ଼ିବା ପରେ ବୁଢ଼ୀ ସେଠାରେ ମରିଗଲା । ତାଙ୍କ ଘର ଲୋକ ଦୁଇଦିନ ପରେ ଖୋଜି ବାହାରିଲେ । ବୁଢ଼ୀକୁ ଏପରି ମରିବାର ଦେଖି ଜାଣିଲେ ଏହି ପାହାଡ଼ରେ କିଡ଼ିଙ୍ଗା ବଂଶର ଲୋକ ଫାଶ ବସାଇଥିବେ । ଏଣୁ ଶବର ଜାତି ଓ କିଡ଼ିଙ୍ଗା ଜାତି ମଧ୍ୟରେ ଯୁଦ୍ଧ ହେଲା । ଶବର ମାନେ କିଡ଼ିଙ୍ଗା ମାନଙ୍କୁ ଯୁଦ୍ଧରେ ହରାଇ ଦେଲେ । ତା'ପରେ କିଡ଼ିଙ୍ଗାମାନେ ଶବରମାନଙ୍କୁ ସେହି ପାହାଡ଼ଟି ଛାଡ଼ିଦେଇ ଚାଲିଗଲେ ।

ଶବର ଲୋକମାନେ କିଡ଼ିଙ୍ଗା ମାନଙ୍କଠାରୁ ପର୍ବତ ଓ ଠାକୁରଙ୍କ ପୂଜା କାର୍ଯ୍ୟ ସବୁ ଦାୟିତ୍ୱ ନେଲେ । ଦିନକର କଥା ଶବର ମାନେ ଭାବିଲେ ଯେ ପୁରୁଣା ଗୁମ୍ଫା ରେ ଥିବା ଦିତାୟୀ ମାନଙ୍କୁ ପୂଜା କାର୍ଯ୍ୟ ଦେବେ । ସେମାନେ ଠାକୁରାଣୀ ପୂଜା କରିବେ ଏବଂ ତାଙ୍କା ସବୁ ପୂଜା ନୀତି ପାଳନ କରିବେ । ସେହି ଦିନଠାରୁ ପୁରୁଣା ଗୁମ୍ଫାର ଲୋକମାନେ ପୂଜାକାର୍ଯ୍ୟ କଲେ । ଏହି ବଂଶର ଲୋକ କିଛିଦିନ ପୂଜା କରିବା ପରେ ଠାକୁରାଣୀ ତାଙ୍କ ପୂଜାରେ ଅସନ୍ତୁଷ୍ଟ ହେଲେ ଏବଂ ସ୍ୱପ୍ନ କଲେ, ଯେ ନନ୍ଦପୁରରେ ଗଉଡ଼ମାନେ ଅଛନ୍ତି । ସେମାନଙ୍କୁ ପୂଜା ଦାୟିତ୍ୱ ଦିଅ । ଦିତାୟୀ ମାନେ ପୂଜା କରିବାର ଆସ୍ତିବାଡ଼ି ଦାୟିତ୍ୱ ଗଉଡ଼ ମାନଙ୍କୁ ଅର୍ପଣ କଲେ । ସେହି ଦିନଠାରୁ ପୂଜାରୀ ଗୁଡ଼ାର ଲୋକମାନେ ପୂଜାକାର୍ଯ୍ୟ ଚଳାଇଲେ । ଏହି ପୂଜା କାର୍ଯ୍ୟ ଚଇତିମାସର ମଙ୍ଗଳବାର ଦିନ ହୁଏ । ସେହିଦିନ ଠାରୁ ଭୈରବୀ ପୀଠରେ ଅନେକ ଲୋକ ସମାଗମ ହୁଅନ୍ତି । ପୂଜାକାର୍ଯ୍ୟ ଚାଲେ ।

# ଗୁଆଁସାନେ ସାପୁଙ୍ଗ ଡ଼ି-ତାର-କେ

ଆଶାଃ ଜାଲେ ମେଡ଼ିଗ୍ ଆଲାରେ୍ ସରା ଇଣ୍ଡିଆଁ କୁଣ୍ଡ ଲାଗେ, ସ୍ଲା, ପାତ୍ଲୁ, କଣ୍ଡା ବ୍ଲୁ ତିଙ୍ଗ୍ ଆଲାଖେ ମାପୁର୍ଲୁ, ନେନେ ଭୈରବୀ ମାପୁରୁ ଦେତାଖେ । ନେନଃ, ତଣା ବାରୀ, ମ୍ୟାୟାଖେ ମୁଇଙ୍ଗ୍ ତୁଆ ଭିତରେ ଆଗାଛେ ଆରୀ ଇଣ୍ଡିଆ ହାଙ୍ଗ୍ରା ଆତୁହିଆଁବି ଖେ, । ମେଙ୍ଗ୍ଇଁ ଭିଣ୍ଡିଆଦ୍ଦାଗ୍ରା ତୁଙ୍ଗ୍ତିଆତୁଙ୍ଗ୍ତିଆ ମୁଇଙ୍ଗ୍ ତାଗ୍ରା ମିଶୁଆର୍ଖେ । ଆରୀ ମାପୁରୁ ଗିଗିଂଆ ପିଗ୍ଖେ ବାଟେଖେ, ଆମାଖେବାସଂକେଂ, ନା ସାରା ସଂସାର, ଇଣୀ ଓଲେଙ୍ଗ୍ଓଲେଙ୍ଗ୍ ଛେ ପାଙ୍ଗ୍ଲା ଆଣ୍ଡିହିହୀ ମେଡ଼ିଗ୍ ଆଓଟା ଉଇଗ୍ଛେ ମାପୁରୁଖେ ବାସଙ୍ଗ୍ବିଖେ ମାପୁରୁନେଙ୍ଗ୍ ମେତିଗ୍ଂ ନାସଟାଖେ, ଉଡ଼ିଙ୍ଗ୍ କେତେକ ଦିନ ଉଏସ ବାରୀ ଗିଂଗିଆ ପିଗ୍ଖେ ପାଟାବିକେ, - ଗିଗିଆ ଆରୀ ଟୁଟୁରୁମେଁ ବାରୀ ଗିଗିଆ ପିଗ୍ ଆମେଏଗେ, ମାପୁରୁ ଆମେଙ୍ଗ୍ଖେ, ଜୀବଦାନ ବିଖେ, ତେଲା ମିଙ୍ଗ୍ଇ, ଟୁଟା, ବାରୀ, ମ୍ୟାୟା ତିତି ବୁରାଏ, ତିଖେଏ, ଆକାତା ଜାବେଛୁ ନିଜା ବୁଏଡ୍ରୀ ତେଗ୍ଛି ବିଖେ, ତାଟେ କାଣ୍ଡା ଗାଲ୍ବେଖେ ତାନ କଣ୍ଡା ବିରି, ମୁଇଙ୍ଗ୍ ଉଗ୍ବ ତାଗଂ ବିକେଲା ତାନେ ଟିକରା ବିରି ସ୍ଲ ପାତୁ ତିଙ୍ଗ୍ଏ, ଲା ଆଟେ ମେଙ୍ଗ୍ଇ ଲାଆରଖେ - ଆମେଙ୍ଗ୍କେଂ ଆନ୍ତା ଆନ୍ତାଉଛେ ମାପୁର ଲର୍ ହିଚକ, ଉଟିଟଂର୍ ଉଡ଼ିଶିଉଏଲା ଆଗିପାଙ୍ଗ୍ଛେ କେକେଲା ମେଙ୍ଗ୍ମ୍ୟାୟା ଲାଖେ ମାରୀ ମେଙ୍ଗ୍ନେ ଉଙ୍ଗ୍ଣ୍ଡା ଉଙ୍ଗ୍ତିତିଆ ଯାଉଣ୍ଡୁ । ଆକାତୋ ଚିନ୍ତା ବିଙ୍ଗ୍ଛେ ମାରୀ ମାପୁରୁ ମୁଇଙ୍ଗ୍ଏ ଗୁଆଶାଲି, ତାତୋ ଜଣ୍ଡା ଆନ୍ତି ଗଛେ, ତୁଆ ସାଗେ, ଆଟେ ଗୁଆଶାସ୍ଲାହା ସାଙ୍ଗେ ସାଙ୍ଗେ ମାତାକୋ, ଆଟେ ମୁଇଙ୍ଗ୍ କେର୍ ତାରଖେ ଗିଗିଆ ଟାଣେ କେରଳୀ ଇଟେଗ ଇଉଟଗ୍ଛେ ଟଙ୍ଗ୍ଲା ଆଟେ ରସ ପୁଏଟାରଖେ, ଟାତୋ ରସ ଭୁଗୁଂସା, ଇସ୍ଲ ଇଏଣ୍ଡି, ବୁଇହିଁ । ଗିସିଙ୍ଗ୍ଲାକେ, ଆକାଣେ ମଙ୍ଗେ୍ଇଁ, ତଣା ବାରୀ ଖେଆରଖେ । ମେଙ୍ଗ୍ଇଁ ତାନେ ରସ ଖେ ଉଗ୍ ଆସା, ଆଟେ ଉଏ ଧାରଗେ ଆଣ୍ଡିରି ଉଜଂଡ୍ରା ସାଫୁଙ୍ଗ ଛାଲିଖେ ଆରଖେ ସେ ମାଣ୍ଡୋ ମାରାଲାଖେ । ଆଟେ·ଶ୍ଲୁ ଆନ୍ତି ଥାଣ୍ଡାଛେ ଉମ୍ୟାୟା । ତାତୋ କେରଖେ, ପାଗ୍ ଗୋଁବିଆରବେ ମେଙ୍ଗଇଁ, ମଟ ଇଣ୍ଡା ରସ୍ ଖେ ଉଗ୍ଆରଖେ ଦେଖେ ଉଗଲ୍ଲା ମେଙ୍ଗ୍ଇତୋ ବେଶୀ ବୁଝାଆର୍ଗେ ଆଟେବାଟ, ମ୍ୟାୟା ଆବବେର୍ ଆରୀ ପ୍ରେମ ଆଲାଜୁରେ ମିଶୁଆରଖେ । ହୁମ୍ୟାୟା ସଂପର୍କ କଛେ, ଆଣ୍ଡା ରଖମ ମିଶୁଆରଖେ ଆଟେବାନ ସେଲାଭମ୍ୟେ ମୁଇଙ୍ଗ୍ ଗର୍ଭ ବାସା ତିଙ୍ଗ୍ଖେ - ଣ୍ଡା ଗର୍ବରୁ ହୁଡ଼ିସି ବିତେରେ ଇଁଗିର ବଇ କନ୍ୟାଇଁ କଟମ୍ ତିଙ୍ଗ୍ଏ, ଆରି ତାତୋ କଣ୍ଡା ବିରି ତାଗରା ବୁରାତିଖେ ତିଙ୍ଗ୍ ଆରଖେ । ମାପୁରୁ ଭୈରବୀ ଚିନ୍ତା ଡ଼ିଙ୍ଗ୍ଖେ, କେମେଙ୍ଗ୍ଇଁ ଆମେଙ୍ଗ୍ ଆବଆରଖେ, ତେତେ ମାପୁରୁ ମୁଇଂଙ୍ଗ୍ ବିରି ଡଗ୍ରା ନୁଇଁଙ୍ଗ୍ ମାଟାଟେ, ବିରିତାବରା ନିକେ ବିରିଶିଲ ପାଣୁଲେଖେ, ଆରୀ

ମେଙ୍ଗ୍‌ଇ ମୁଣ୍ଡିଙ୍ଗ୍ ବକେ, ନେଙ୍ଗ୍ ପେତାଗରା ଇତ୍ନା । ଖେ, ଆପେ ପେଁଡ଼ିଗ୍ ତିଙ୍ଗ୍‌ଲା ଦୁଃଖ ସୁଃଖ ତିଙ୍ଗ୍‌ଲା ଦେତେଲା ଆମେଙ୍ଗ୍ ସାନୁଗ୍ ପେରାମିଥାଏ ଆତରୁପୀ, ମାପୁରୁ ପୁରୁଣା ଗୁନ୍ନା, ମୁଦୁଲୀଗୁଡ଼ା ଓ ରିଙ୍ଗ୍ ମଜା କଲାଖେ, ମୁଇଙ୍ଗ୍ ମାଟାଣେ ବିରିତାଗରା ମାପୁରୁ ଭୈରବୀ, ପାସ୍ଲେଲାଖେ । ତିତାୟୀ ୬୦, ଯାନୁଗ୍ ଆମାଳେ, ଗୁଧାସା ରସ ପୁଜା ବିଲାହାଁ ମେଙ୍ଗ୍‌ଇଁ ଇତଙ୍ଗ୍ ହୁଗୁଆ ରଖେ ଆତରୁଣୀ, ଆମେଙ୍ଗ୍‌କେ, ଗୁଆଶା ରସ୍ ବିଷୟରେ ମିଆଁଆରଖେ ।

## ସଲପ ରସର ସୃଷ୍ଟି

ପୂର୍ବ କାଳରେ କୌଣସି ସ୍ଥାନରେ କିଛି ନଥିଲା । କେବଳ ଚାରିଆଡ଼େ ଜଳମଗ୍ନ ହୋଇ ରହିଥିଲା ଗଛଲତା ପାହାଡ଼ ପର୍ବତ କିଛି ନଥିଲା । 'ମାହାପ୍ରଭୁ / ମହାପ୍ରଭୁ ଭୈରବୀ କପଟଟିଏ ଚିନ୍ତାକଲେ । ଭାଇ ଭଉଣୀ ଦୁହିଁଙ୍କୁ ଗୋଟିଏ ଗୋରୁ ଚମଡା ମଧ୍ୟରେ ପୂରାଇ ଦେଇ ପାଣିରେ ଭସାଇ ଦେଲେ । ସେମାନେ ପାଣିରେ ଭାସି ଭାସି ଏକ ସ୍ଥାନରେ ଲାଗିଲେ । ତାପରେ ମହାପ୍ରଭୁ କୁଆଟିଏ ପଠାଇଲେ । ତାକୁ କହିଲେ ତୁ ସାରା ସଂସାର ବୁଲି ବୁଲି ଆସ, ଯେଉଁଠି ଯାହା ବି କିଛି ଦେଖିଲେ ମୋତେ କହିବୁ । କୁଆ ପ୍ରଥମେ ଚାରିଆଡ଼ ଖୋଜି ବୁଲିଲା ହେଲେ କୌଣସି ସ୍ଥାନରେ କିଛି ପାଇଲା ନାହିଁ । ଫେରି ଯାଇ ପ୍ରଭୁଙ୍କୁ ଜଣାଇଲା, ପ୍ରଭୁ, ମୁଁ କିଛି ପାଇଲି ନାହିଁ । ତା ପରେ କେତେଦିନ ବିତିଗଲା । ମହାପ୍ରଭୁ ପୁଣି ଥରେ କୁଆକୁ ପଠାଇଲେ । କୁଆ ଆଉଥରେ ଖୋଜି ବୁଲିଲା । ଏଥର କୁଆ ସେହି ଭାଇ ଭଉଣୀଙ୍କୁ ଠାବ କଲା । ମହାପ୍ରଭୁଙ୍କୁ ଆଣି ଦେଲେ ହେଲେ ସେମାନେ କିପରି ଚଳିବେ ଭାବି ନିଜର ନଖ ଟିକିଏ ଛିଣ୍ଡାଇ ପକାଇ ଦେଲେ । ତାହା ପାହାଡ଼ ହୋଇଗଲା । ସେହି ପାହାଡ଼ରେ ଗୁଡ଼ିଏ ଲୋମ ନିଜ ଦେହରୁ ପକାଇ ଦେଲେ, ତାହା ବିଭିନ୍ନ ଗଛ ଲତାରେ ପରିଣତ ହେଲା । ସେଠାରେ ସେମାନେ ରହିଲେ । ସେମାନଙ୍କୁ ସେଠାରେ ଛାଡ଼ି କରି ମହାପ୍ରଭୁ ଅନ୍ୟତ୍ର ପଳାଇଲେ । ପୁଣି କିଛି ଦିନ ପରେ ଆସି ଦେଖିଲେ ସେହି ଭାଇ ଭଉଣୀ ଦୁହେଁ ଅଛନ୍ତି । କିନ୍ତୁ ସେମାନଙ୍କର ପିଲାପିଲି କିଛିନାହିଁ । ଏହା ତାଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ହେଲା । ସେହିଦିନ ମହାପ୍ରଭୁ ଏକ ନିଶାଗଛ ସେହି ପାହାଡ଼ ଉପରେ ସ୍ଥାପନା କରିଦେଲେ । ସେହି ଗଛ ସଂଗେ ସଂଗେ ବଡ଼ ହୋଇଗଲା । ସେଥିରୁ ଏକ କାନ୍ଦି ବାହାରି ପଡ଼ିଲା । କୁଆଟି ସେହି କାନ୍ଦିକୁ ଖୁମ୍ପି ଖୁମ୍ପି ଖାଇବାରୁ ସେଠାରେ ରସ ଝରିପଡ଼ିଲା । ସେହି ରସ ପିଇବାକୁ ଚଳେ ପିମ୍ପୁଡ଼ି ଜମା ହେଲେ । ଏହାକୁ ସେହି ଦୁଇ ଭାଇ ଭଉଣୀ ଦେଖି ପାରିଲେ । ସେମାନେ ସେହି ରସ ଖାଇବା ପାଇଁ ସେଠାକୁ

ଗଲେ । ତଲୁ ଟିକିଏ ରସ ଚାଖି ଚାଖି ତାହା ଭାରି ମିଠା ଲାଗିଲା । ସେଠୁ ଗଛ ଉପରେ ଚଢ଼ିକରି ଦୁହେଁ ସେହି କାନ୍ଦିକୁ ଭାଂଗି ଦେଲେ ମନ ଇଛା ରସ ପିଇଲେ । ଏପରି ପିଇବା ଦ୍ୱାରା ତାଙ୍କର ଭାରି ନିଶା ହେଲା । ସେଇଠୁ ସେମାନେ ପରସ୍ପରକୁ ଭୁଲି ଯାଇ ଦୁହେଁ ପ୍ରେମକ୍ରୀଡ଼ାରେ ଲିପ୍ତ ହେଲେ । ଦୁହିଁଙ୍କ ସଂପର୍କ ସ୍ୱାମୀ ସ୍ତ୍ରୀ ସଂପର୍କ ପରି ଗଢ଼ି ଉଠିଲା । ଝିଅଟିର ଗର୍ଭବାସ ହେଲା ତା ଗର୍ଭରୁ କିଛିଦିନ ପରେ ପୁତ୍ର କନ୍ୟମାନେ ଜନ୍ମ ହେଲେ । ଏବଂ ସେହି ଜଙ୍ଗଲରେ ବାସ କଲେ ।

ମହାପ୍ରଭୁ ଭୈରବୀ ଚିନ୍ତା କଲେ,ଏମାନେ ମୋତେ ଭୁଲି ଯାଉଛନ୍ତି, ତେଣୁ ପ୍ରଭୁ ଗୋଟିଏ ପାହାଡ଼ରେ ଏକ ବଡ଼ ପ୍ରସ୍ତର ଖଣ୍ଡ ଉପରେ ନିଜେ ଆର୍ବିଭାବ ହେଲେ । ଓ ସେମାନଙ୍କୁ ସ୍ୱପ୍ନରେ ଜଣାଇ ଦେଲେ ମୁଁ ତୁମ ମାନଙ୍କ ପାଖରେ ଅଛି । ଯଦି କିଛି ଭଲ ମନ୍ଦ, ଦୁଃଖସୁଖ ହୁଏ ତେବେ ମୋତେ ପ୍ରଥମେ ଜଣାଇ ଦିଅ । ସେହିଦିନଠାରୁ ପୁରୁଣା ଗୁମ୍ଫା ନିକଟରେ ଏକ ବଡ଼ ପ୍ରସ୍ତର ଖଣ୍ଡ ଉପରେ ମହାପ୍ରଭୁ ଭୈରବୀ ବିଜେ କରିଛନ୍ତି । ଡିଡାୟୀ ମାନେ ତାଙ୍କୁ ପ୍ରଥମେ ସଲପ ରସ ପୂଜା ଦେବା ପରେ ନିଜେ ପିଅନ୍ତି । ସେହିଦିନଠାରୁ ସେମାନେ ସଲପରସ ବିଷୟରେ ଜାଣି ପାରିଛନ୍ତି ।

## ଅସୁର-ବୁଃଢ଼ୀ ଆରି ରେମଭଆ ଭସ୍ରା

ମେ ସୁଆନେ ସାମୁଆ, ମୁଇଁଗ ଇନିନେ, ମୁଇଂଗଜା ରେମୁଆ ଲେଃଗେ ମେଥା କାଲାନୁଗ୍ ବ୍ରି ଭର୍ ଉଏ । ଆଟାନ୍ ବ୍ରି ତାଗ୍ରା ମେ କୁମୁଡ଼ା, ଜହ୍ନା ଗେବେଃ, କାର୍ଲା କଡ଼େଆଁ କୁମୁଡ଼ା ସାପା ରକମନେ ବିଗ୍‌ବୋଃଛେ ଇନୁଗାଲି ବିଛେଃ । ଅସୁରବୋଏ କାଲାନୁଗ୍ ଓ୍ୱେମିଆକେ । ଆଟାନ ବ୍ରି କେଃଚେ ମେ ଯାବର ମୁଟକି ଡିଙ୍ଗକେ ଆଟ୍‌ବା ଲାଡ଼ି ଆଆଃଢ଼ା କୋଃ-ଲେଃକେନେ ରେମୁଆକେ କେଛେ କୁମୁଡ଼ା ଇନା ଆରି କୋଡ଼େଆଁ ସେଲିୟ୍ୟାକେ । ବାସଂକେ ଓ ଗଡ଼େଓ ଆନେଂ ଯାବରଆଃ କେଡ଼େସା ଡିକେ । ନା ଆନେଂ ଜନା ରାଂପାଂ ବିଲା । ଆଟ୍‌ଆଡ଼ା ମେ ଟାନାଃ ଆଡ଼ା ଜାରଛେ ଗେବେ ଜନା ଆରି କୁମୁଡ଼ା ରଃଏରେ ବିଃକେ ଓ୍ୱେଟାନ ବେଲା ଅସୁରବଏ ତକରି ଗଡ଼େକେ ଆପେଟିଆଛେ ଓ୍ୱାଆର୍‌ଗେ । ଆମଃକେ ଗାଲିରାଂ ଓ୍ୱେଛେ ବାସଂକେ "ନେଂ ଆନାକେ ଛଏଂ" । ଅଟାନେ ରେମ୍ୟାକେ ଯାବର ବଟ ଫାଳେ ଆଟ୍‌ଆଡ଼ । ଗୋଡେଓ ଡିଗକମ ଓ୍ୱିଗିନେ ଏଟେଃ ଡିଂଗେ ଗାଲିବୋଃ ଅସୁର ବୋଏକେ ଯାବର ଉଗଡ଼ିଆ ତକେ ମେ ବାସଂକେ ନା ଆକେ ଲାଲାଃ । ନେଂ

ଇତୁତା ଇଣ୍ଡିଆ (ପାଣି) ଉଗଛେ ଇପାଂଗଏ । ଆତାନ୍ ବେଲା ଗୋଡ଼େଓ ଆଡ୍ରାଆଡ୍ରା ତାରଛେ ଲଗ୍‌ଡୋଗେ ଆଗି ଆତତା ଚାରା ଗୋଲ୍ଲଏ ମେତୁଃ ଲାକା ବ୍ରି (ପଥର) ବୋଛେଃ ଉଲିଆ ତାଃ ବିଗେଗେ । ଅସୁର ବୋଏ ଡକରି ମେନେ ଲାଣ୍ଟୁଆ ତାଗରା ଓ୍ୱେକେଲା ଡିଲେଃ ଆତାନ୍ ଗୋଡ଼େଓ ଆଲାଃଗେ । ଆତ୍‌ଆଡ଼ା ଡକ୍ରି ଚୁଇଡ଼ିଆ ଡିଂଛେ ଟଲମଲ ଡିଂଓ୍ୱେଗେ ତେକ ଇଂଯୋଡ଼ ଚୁଇଡ଼ିଆ ଡିଂଓ୍ୱେଛେ ଆତିଡାଗ୍‌ରା ଲେଗେଃ । ଗୋଡ଼େ ଆତ୍ ଫାକନେ ଦାପ୍‌ପ୍ରେଡକ୍ରି ଆମକେ ଟାକ୍-ଟାକ୍‌ନାଃ ମାରାଂଓ୍ୱଗେ । ଗୋଡ଼େଓକେ ବାଗୁଗଛେ ରାଂଡ଼େକେ । ଗୋଡ଼େଓକେ ଗାଲି ରାଂଓ୍ୱଛେ ଉଧିକ କେଛେଗେଛେ ମିନିତି ଆଡିଂକେ । ତେଃଲା ଆନେକେ ମେ ଆଃ ଆକ୍ତରକେ । ଅସୁର ବୋଏ ଡକ୍ରି ମେଃତୁଆ ଓ୍ୱେଛାଛେ ମେନେଃ ସେଲା ବୋଓକେ ଆମେ ବିଃକେ ବାସଂକେ ସେଲା ବୋଏ ଓକି ବୋଃ । ନେଂ ଇଫାଲା ଆକସ୍ଥକେ ଛଂଏ । ଏକନଃ ସାମୁଆ ବାସଂଛେ ମେ ଆଡ଼ଆଃ ତାରଓ୍ୱଗେ ।

ଅସୁର ବୋଏନେ ସେଲାବୋଏଓ ହୁଂଣ୍ଡେ ଆତାନେ ଗୋଡ଼େ ଓକି ଲିଭି ସେଃଛେ ଆତାନି ଗୋଡ଼େଓଃ (ଗଡ଼େଓ) ଏତେଃ ମିସେଛେ କୋଣ୍ଡା ପାକା ଗାଓ୍ୱଆର୍‌ଗେ ଆତାନେ ଗୋଡ଼େଓକେ ମୁଇଁ ଲାଣୁଆଃ ଭିତରେଃ ବୁଡ୍ରିଃ ବିଗେଃ । ଆମକେ ଇତୁଃତୋ ଭଲେ-ମା ମ୍ୟାଡ଼ିକ୍ ମେଇଁ ତୁଆ ଓ୍ୱକ୍‌କେ ଓ୍ୱେତାନ୍ ବେଲା ଅସୁର ବୋଏ ଡକ୍ରି ଓ୍ୱିଃକ୍‌କେ । ଡକ୍ରି ବାସଂକେ ଓଃ-ଗୋଡ଼େଓ ଆତାନ୍ ରେମୁଆ ଆଣ୍ଡିଃ ଓ୍ୱେଗେଃ । ନେଂ ତୋ ଆମେକେ ତୁଃ ଗ୍‌ନେଃ ଓ୍ୱେଇଲେଃଗେ । ନା ଏତେଃ ଫାଙ୍ଗଲେଃ ଆଣ୍ଡିଓ୍ୱଗେ ନେଂ ନାମିଆକେ ଆତ୍‌ଆଡ଼ା ଅସୁରବୋଏ ଡକ୍ରି ଆସ୍ୟାକେ ତୁଃରନେ ଓ୍ୱେଗା ତେଃଲା ଅସୁରବୋଏ ସେଲାବୋଏଓ କାଲାନୁତ । ଆତାନେ ଗୋଡ଼େଓ ଇଂସା ଇଂଲ୍ଲା ପାତୁକ୍ରେ ଆଗି ଛୁତ୍ରା ରାଂ ଓ୍ୱେବି । ଆତାନ୍ ଗୋଡ଼େଓ ଛଂଛେ ଲ୍ଲେଃ ଆର୍‌ଗେ ।

## ଅସୁରୁଣୀ ବୁଢ଼ୀ ଓ ମଣିଷ କାହାଣୀ

ପ୍ରତିଦିନ ଲୋକଟିଏ ତାର ଡଂଗର କୁ ଫସଲ ଜଗିବାକୁ ଯାଏ । ଡଂଗର ମଧ୍ୟରେ କୁମୁଡ଼ା, ଜହ୍ନି, କଲରା, ବୋଇତାଳୁ, ଝୁଡୁଙ୍ଗ ଇତ୍ୟାଦି ଲଗାଇଥିଲା । ସେହିବାଟେ ଗୋଟିଏ ଅସୁରୁଣୀ ପ୍ରତିଦିନ ଯାଏ । ଫସଲ କିଆରୀ ଦେଖିକରି ତା'ର ଭାରି ଲୋଭହେଲା । ସେ ମଞ୍ଚା ଉପରେ ବସିଥିବା ଲୋକଟିକୁ କୁମୁଡ଼ା ଓ ଜହ୍ନି ମାଗିଲା । କହିଲା, ରେ ପୁଅ ମୋତେ ଭାରି ଭୋକ ହେଉଛି । ତୁ ମୋତେ ଜହ୍ନି ଆଣି ଖାଇବାକୁ

ଦେ । ଲୋକଟି ମଞ୍ଚାରୁ ଓହ୍ଲାଇ ତାକୁ କିଛି ଜହ୍ନା ଓ ଝୁଡୁଙ୍ଗ ଆଣି ଖାଇବାକୁ ଦେଲା । ଏତିକି ବେଳେ ଅସୁରୁଣୀ ତାକୁ ଟେକିନେଇ ପଳାଇଲା । ବାଟରେ ତାକୁ କହିଲା "ମୁଁ ତତେ ଖାଇବି" ଏକଥା ଶୁଣି ଲୋକଟିକୁ ଭୀଷଣ ଭୟ ଲାଗିଲା ସେ ଖସିବାର ଉପାୟ ପାଞ୍ଚିଲା । ବୁଢ଼ୀକୁ ଭୀଷଣ ଶୋଷ ଲାଗିଲା । ସେ ବୋଝଟିକୁ ତଳେ ରଖି ପାଣି ପିଇବାକୁ ଗଲା । ସେତିକିବେଳେ ଲୋକଟି କୌଶଳ କରି ବୋଝ ଭିତରେ କିଛି ପଥର ରଖିଦେଲା ଏବଂ ନିଜେ କୌଣସି ଉପାୟରେ ଖସି ପଳାଇଆସିଲା । ବୁଢୀ ଅସୁରୁଣୀ ଘରେ ଯାଇ ଦେଖିଲା ବେଳକୁ ଲୋକଟି ନାହିଁ ।

ଆଉଦିନେ ସେହି ଜାଗାକୁ ଯାଇ ସେ ଲୋକଟିକୁ କୁମୁଡ଼ା ମାଗିଲା । ସେହି ଲୋକ ପୁଣି କୁମୁଡ଼ା ଦେଲାବେଳେ ତାକୁ ଧରିନେଇ ପଳାଇଲା । ଲୋକଟି ବାଟରେ ଯେତେ କାକୁତି ମିନତି କଲା, ଅସୁରୁଣୀ ଛାଡ଼ିଲା ନାହିଁ । ଲୋକଟିକୁ ନେଇ ସେ ତା ଝିଅକୁ ଦେଲା ଏବଂ କହିଲା, ଝିଅ ଏହି ଲୋକଟିକୁ ରଖ, ମୁଁ ଗାଧୋଇ କରି ଆସେ । ଏହା କହି ବୁଢୀଟି କେଉଁ ଆଡ଼େ ପଳାଇଲା ।

ଝିଅଟିର ଲୋକଟି ପ୍ରତି ଦୟା ହେଲା । ସେ ତାକୁ ନେଇ ଗୋଟିଏ ଗୁମ୍ଫା ମଧ୍ୟରେ ଲୁଚାଇ କିଛି ଖାଦ୍ୟ ଦେଇ ଆସିଲା । ସେତିକିବେଳେ ବୁଢ଼ୀ ଅସୁରୁଣୀ ଆସି ପହଞ୍ଚିଲା ପଚାରିଲା, "ଝିଅ ସେହି ଲୋକଟି କୁଆଡ଼େ ଗଲା ?" ଝିଅ କହିଲା, ମୁଁ ଜାଣିନି । କିପରି ? ସିଏ ତୋ ସାଥିରେ ତ ଗଲା କି କେଉଁଆଡ଼େ ଗଲା ।

ବୁଢ଼ୀ ସେ ଲୋକଟିକୁ ଖୋଜି ବାହାରିଲା । ଝିଅଟି ପ୍ରତିଦିନ ଲୋକଟିକୁ ଜଙ୍ଗଲର ଫଳମୂଳ କନ୍ଦା ଇତ୍ୟାଦି ଖାଇବାକୁ ଦିଏ । ଏହିପରି ପ୍ରତିଦିନ ଲୋକଟି ଗୁମ୍ଫା ମଧ୍ୟରେ ଆରାମରେ ଖାଇ ପିଇ ରହିଲା । ପ୍ରତିଦିନ ଯିବା ଆସିବା ବେଳେ ଝିଅଟି ସେହି ଲୋକ ସହିତ ମିଳାମିଶା କଲା । କିଛିଦିନ ପରେ ଝିଅଟିର ଗର୍ଭବାସ ହେଲା । ଏକଥା ବୁଢ଼ୀ ଜାଣିପାରିଲା ଏବଂ ଝିଅ ଉପରେ ରାଗ (ରିସା) କଲା । କହିଲା, "ଝିଅ, ତତେ ଏପରି ଅବସ୍ଥା କିଏକଲା ସତ କହ ।" ହେଲେ ଝିଅଟି କିଛି କହିଲା ନାହିଁ ।

ପ୍ରତିଦିନ ଝିଅଟି କୁଆଡ଼େ ଯାଏ ବୁଢ଼ୀ ଲକ୍ଷ୍ୟ କଲା । ଦିନେ ତା ପଛରେ ଗଲା । ଏକଥା ଝିଅ ଜାଣିପାରି ଗୁମ୍ଫା ଉପରୁ ବୁଢ଼ୀକୁ ପେଲିଦେଲା ଯେ ବୁଢ଼ୀ ତଳେ ଗଡ଼ିଗଡ଼ି ପଡ଼ି ମରିଗଲା । ସେହି ଦିନଠାରୁ ଲୋକଟିକୁ ଝିଅ ପଦାକୁ ଆଣିଲା । ଦୁହେଁ ମିଳିମିଶି ଖୁସିରେ ରହିଲେ । ଚାଷ କରି ଆରାମରେ ଚଳିଲେ ।

## ଇଂସୋ ଇସାଂ ଇସାଂ ବୋଏ

ମୁଁଇଙ୍ଗ ଦେଶ ଯାବର ଇଂସୋ ଶ୍ଲା ଲାଗେ । ପାଟ ଡାଗଲା ପାଟ ଲେଃକେ । ଇଂସୋଂ ଇସାଂ ଇସାଂ ବୋଏ ଲେକେ ଡାକ । ରାଜା କୋଃ ପାର ଲେଃ ପାର ଓ୍ୱେଗେ । ଇସାଂବୋଏ ତ୍ରାଡ଼ିଆ ବଲେ ଛଂଡିଲା ଗିଗିଆଃ ଓ୍ୱେକେ । ମିଗିଆ ଇସାଂବୋଏକେ ବାସଂକେ ମୁଇଂଡ଼ି ଭମୁଆସିଆ ନାବୋକେ । ମିଗିଆ ମାରି ମେଂ ତୁଆ ଓ୍ୱଗଛେ ହୁଣ୍ଡେକେ ବାସ । ଆଓଗଃପା ଗୋଡ଼େଇଂ ଇଂଷେଃପା ଗୋଡ଼େଇଂ ଓଃ ଆଲେଗେପା ପେରେଗବୋ ରାମ ଛୁଛୁ ଏରାଂବିଃଏ । ମିଗିଆ ଓ୍ୱେଛେ ରା ଛୁଡ଼େ ଏରାଂ ବିଃଛେ ଆଛଂଗେ । ଇସାଂବୋଏ ଆଡାନ୍ କେଛେ ଆନେଂ ଇତୁଡ଼ା ବିଲା ଗିଗିଆ ଡାଗ୍ରୁ । ଗିଗିଆ ବାସଂକେ ଆନେଂ ଇଂଡ଼ିଗ୍ ମୁଁ ଆ ସିଆ ନାବିଃ କେଛେ ଇସାଂବୋଏକି ଦେତ୍ତେଃ ବାସଃଛେ ତୁଆ ବିଃ ଆର୍କେ ।

## କଦଳୀ ରାଜା ଓ କଦଳୀ ରାଣୀ

ଗୋଟିଏ ଦେଶରେ ପ୍ରଚୁର କଦଳୀ ଚାଷ କରାଯାଉଥିଲା ସେଥିପାଇଁ ସେହି ଦେଶର ରାଜା ଓ ରାଣୀଙ୍କୁ କଦଳୀ ରାଜା ଓ କଦଳୀ ରାଣୀ କୁହାଯାଏ । ଦିନେ ରାଜା ରାଜଦରବାରକୁ ଯାଇଥିବା ବେଳେ ରାଣୀ ଘରେ କ୍ଷୀର ଭାତ ଖାଉଥିଲେ । ଏତିକିବେଳେ କାଉଟିଏ କା କା କରି ରାଜଉଆସ ଆଡ଼େ ଆସିଲା । ରାଣୀଙ୍କୁ କିଛି କ୍ଷୀର ଭାତ ମାଗିଲା । ହେଲେ ରାଣୀ ତାକୁ ଆଦୌ ଦେଲେ ନାହିଁ । ସବୁ କ୍ଷୀର ଭାତ ଖାଇଦେଲେ । କାଉଟି ଭୋକରେ ଘରକୁ ଫେରିଗଲା । ଘରେ ତା'ର ଛୁଆମାନେ ରଡ଼ି କରୁଥିଲେ । ମାଆ କାଉ ଯାଇ କହିଲା, ରୁହ ମୁଁ ତୁମ ପାଇଁ ରାମଫଳ ଆଣିଦେବି । ଏହା କହି ଦୂର ଜଙ୍ଗଲକୁ ଉଡିଗଲା । ବହୁତ ଦୂରକୁ ଉଡ଼ିଯାଇ ରାମଫଳ ତୋଳି ଆଣିଲା । କାଉ ତାର ପିଲା ମାନଙ୍କୁ ରାମଫଳ ଖୁଆଉଥିବା ବେଳେ ରାଣୀ ସେହି ଫଳଟିକୁ ଦେଖିଲେ । ରାମଫଳ ପ୍ରତି ଆକୃଷ୍ଟ ହୋଇ ରାଣୀ କାଉକୁ ମାଗିଲେ ହେଲେ କାଉ କହିଲା ମୁଁ ଯେତେବେଳେ ତୁମକୁ କ୍ଷୀର ଭାତ ମାଗିଲି ତୁମେ ଦେଲ ନାହିଁ । ଏବେ ମୁଁ ତୁମକୁ କିପରି ରାମଫଳ ଦେବି । ଏହା କହି ରାଣୀଙ୍କୁ ସେ ଫେରାଇ ଦେଲା ।

# ମୁଁଇଙ୍ଗ୍ ଡକରା ଡକରୀ ଉସ୍ରା

ମୁହିଁ ହିନି ଡକରା ଡକରୀ ଲାକେ । ତାନଇନ୍‌ଁ ଡକରା ମ୍ୟୁସା ଆତସା । ଡକରା ଆଡ଼ସା ଲଣ୍ଡିଆ ହୁଏ । ଦେଖେ ଦିଖେ ଉଏ ମାଖେ । ମୁଁ ଇଁ ଯାତା ଦେଖେ ଆତ ସା, ସା ଖୁଟିଆ ଡକରା ଝାଲସାଖେ । ଡକରା ମେଡ଼ିଙ୍ଗଏ । ଦେତେ ଜାଲ ଜାଲଖେ ଖୁଟଛେ ଆଠିଛି ବିକେ । ଡକରା ଆତ ଆସାଖେ ଆରିତୁଆଁ ଲାଗଡ଼ଖେ, ତୁଆ ଉହିଗଲା ଡକରୀ ବାସଙ୍କେ ମେଣା ନାହୁଇଗଗେ ଡକରା ବୁଙ୍ଗ ଲାଲାଛେ ଡକରି ମେ ବାଗି ଆରି ଆତସା ହୁଏ ନାଲାଖେ ମୁଁହିଙ୍ଗ ଇଡ଼ିର୍ । ଆଡ଼ଉଣ୍ଡୁ ଉଆଣ୍ଡ । ମେଆରେ ଆତ୍ ତୁଉରୁ ନାଣ୍ଡିଙ୍ଗେ । ଝାଲ ଡକରା ମାନାନେ ପେଷ୍ଟା ଗାଲାଖେ । ଖେଛେ ଲ୍ୟାଗ୍ରତ୍ ଆତା ଲାଖେ, ଡକରୀ ବାସଙ୍କେ ଏହ ତର ଆରୀ ଆଡ଼ସା ଆଏଗେ ଆଜୁଧା ବେଲାଆରୀ ବୁରା ଡିଖେଛେ ବେବୁରାଆ ଡକରା । ହଁ ହଁ ଡକରୀ ନାନା ବାସଙ୍କନେ ବାଟାଗିଲ ସତେଆଁ ।

# ବୁଢ଼ା ବୁଢ଼ୀ କଥା

ଗୋଟିଏ ଗାଁରେ ବୁଢ଼ା ବୁଢ଼ୀ ଦୁଇଜଣ ବାସ କରୁଥିଲେ । ସେ ଗାଁରେ ବୁଢ଼ା ପ୍ରତିଦିନ ମାଛ ଧରିବାକୁ ନଦୀକୁ ଯାଏ । ଏମିତି ପ୍ରତିଦିନ ନଦୀରେ ଜାଲ ପକାଇ ମାଛ ଆଣେ । ଦୁହେଁ ସୁଖରେ ଚଳନ୍ତି । ଥରେ ନଦୀରେ ଜାଲ ପକାଉ ପକାଉ ଜାଲଟି ଗୋଟିଏ ଖୁଣ୍ଟରେ ଲାଗିଗଲା ବୁଢ଼ା ଯେତେ ଟାଣିଲା ଆସିଲା ନାହିଁ । ଶେଷରେ ଜାଲଟି ଅଧାରୁ ଛିଣ୍ଡିଗଲା । ବୁଢ଼ା ମନଦୁଃଖରେ ଘରକୁ ଫେରିଲା । ବୁଢ଼ୀ ପଚାରିଲା, କଣ ହେଲା ? ବୁଢ଼ା ଉତ୍ତର ଦେଲା, ନଦୀକୁ ଗୋଟିଏ କୁମ୍ଭୀର ଆସିଛି, ଜାଲ ଅଧାରୁ କାଟି ନେଇଗଲା । ବୁଢ଼ୀ କହିଲା, ତା'ହେଲେ ତୁମେ ଆଉ ମାଛ ପାଇଁ ଯିବା ଦରକାର ନାହିଁ । ଆମେ ଖୁସିରେ ଘରେ ରହିବା । ତଂଗର ଚାଷ କରିବା । ସେହିଦିନଠାରୁ ବୁଢ଼ା କୁମ୍ଭୀରକୁ ଡରିକରି ନଦୀକୁ ଗଲାନାହିଁ ।

# ତଂକୁ. ଆରି ନାକା ଉସାରା

ଓଁ ମୁଇଙ୍ଗ ହିନିଃ ତାଗ୍ରାରା ଡକରା ଡକରୀ ଲାକେ । ମେଂଙ୍ଗ ହିନିଃନେ ଓଁମୁଇଙ୍ଗଣ୍ଡିକ୍ ସେଲାଓ ଇଣ୍ଡିକ ଉଣ୍ଡୁ ଇଙ୍ଗିର ଓ ଇଣ୍ଡିକ୍ ଉଣ୍ଡୁ । ମେଙ୍ଗ ହଁବାୟା ବ୍ରିବି ସ୍ନେଲ ଡିଙ୍ଗଗେ ଆରି ମେଙ୍ଗ ହିଙ୍ଗ ସୁଖରେ ସ୍ନେହଆର ତିଗେ । ତୁକୁରା ହିଂଙ୍ଗି ତୁଆ ତୁନୁନେଇ

ଚଂଙ୍ଗ ହେ ଆଗି ଇଣ୍ଡିଆ ଗାଙ୍ଗପାଙ୍ଗବିଃ ତଜରା ସ୍କେଲେ କଣ୍ଡା ଉଏହେ । କଣ୍ଡା ଉତ୍ରୁକ ହଏଛେ ମିଣ୍ଡିକ କିଆ ହୁରହେ । ସର୍ଟେ ମୁଆଁ ତଜର । ନେକଣ୍ଡା ବ୍ରିର ହିନିଲିଆ ବଲଡ଼ିଙ୍ଗ୍ ମିଆ ଆତେନ ବାନ ତଜରା କଣ୍ଡା କିଆ ବିଲ୍ଲେଲା ମିଣ୍ଡିକ୍ ଆନା ଆଡ଼ତ୍ରାର ହଏଛେ ବିଡ଼ାଗା ଲେଗ ମିଆକେ ଦେକ୍ ମେସୁ ଆନେ ବ୍ଲାନା ସଙ୍ଗ ଣ୍ଡିଙ୍କେ ନାକାନେ ପାଙ୍ଗଛେ କଣ୍ଡା ପିତ୍ରୁର ଓଃ ଡ଼ିଙ୍ଗକେ ତେଲା ତଜରାକେ ଲେମୁଆ ଉଣ୍ଡୁ । ଅଃନା ଅଃନା ତଜରା ଯାନର ଉଆ ସାଗକେ ଆତେନ୍‌ବାନ ନାକା ବାସଙ୍ଗକେ ନେଙ୍ଗ ଖେଛେ ପାଙ୍ଗହେ ମେ ଡିକ ମେହରକେ ପେ ଯାଃ । ତଜରା ବାସଙ୍ଗକେ ନାକା ବାସଙ୍ଗକେ ଏକେନ ନେଙ୍ଗ ଲିଜ ବ୍ରି ନେଙ୍ଗ । ଏକେନେ ଡାଗ୍ରା ସିଃକେଚ ସିଲେ ଇଣ୍ଡିଙ୍ଗକେ ପେ ଏକେନ୍ ଡାଗ୍ରା ସିଃକଚେ ସିଲେ ଇଣ୍ଡିଙ୍ଗକେ ପେ ଏକେନ୍ ସ୍କେଲେ ନେବିଏ ତେଲା ସାପାକାଲା ଆନଙ୍ଗ ଚଂଙ୍ଗନେ ନେବିଏ ଆତବାନ ତଜରା ଓଃ ଡାକେ । ତଜରା ତୁଆବାନ ବିଗ୍‌ଡିଙ୍ଗ କେନେ ଡିରା ଉଁତୁରିଆ ତଜରା ଆଟଙ୍ଗକେ ନାକାକେ ସାପାକାଲା ବିଃ ବୋକେ ନାକା ଇଣ୍ଡିକ୍ ସାପାକାଲା ପାଙ୍ଗଛେ ସୁଖରେ ଚଂଙ୍ଗବିଛେ ଉଇଗହେ ଆତନେ ବାନ ସିମିକାଲା ବ୍ଲାନାସଙ୍ଗ ତୁଜୁରୀ ବାସଙ୍ଗକେ ଓଃ ତଜରା ନା ମ୍ୟୋଃଛେ ଓକେନ ଉଁସୁଆଗ ଉଏ ବାଣ୍ଡିଙ୍ଗକେ । ତଜରା ବାସଙ୍ଗକେ ଆତେନ ତୁଜୁରୀ ନାବିଃ ନାବକେନେ ଗଲେ ଉଁମା ନେଙ୍ଗ ନାଃଚଂଙ୍ଗ ନେ ଣେ ସେସ ମାପୁକ ଲିଜ ବାଲାବକେ ବିଃ ଜଖଲିକ ବିଃହ ଣ୍ଡିଙ୍ଗକେଂ । ତୁଜୁରୀ ବାସଙ୍ଗକେଂ ନା ଜାନତେ ମ୍ୟୋଃ ସେସ୍ ସାଣୁକ ଜମିବାଲାକେ ନେଙ୍ଗ ହେଃ କେ କେଛେ ଉଏହେ । ସତେଆଃ ସତେଆହ ତୁଜରୀ ଆତେନଦିନ୍ ଥାନା ଆଡ଼ତ୍‌ତ୍ରାରା ଉଏଛେ କୋକେ ନାକା ଇଣ୍ଡିକ୍ କାଲାଆଃ ରକମ୍ ଆତତ୍ ପାଙ୍ଗକେ ତେଲା ତୁଜୁରୀ ଚଂଙ୍ଗନେ ବିଃକେ ଉଣ୍ଡୁ କ୍ଲେଡ଼େଷ ନାକା ବେଶୀ ତ୍ରରଂଙ୍ଗ ଣ୍ଡିଙେଂ ଏକେ ତଜରା ତୁଜୁରୀ ଆଃପାଙ୍ଗଙ୍ଗେ ତେଲା ଉଜଡେ ନେହେକେଛେକେ ତୁଜରୀ ନେଙ୍ଗନେଙ୍ଗଆଃ ବିଚାର ଣ୍ଡିଣ୍ଡକେ ଉମୁଇଙ୍ଗ ରେମୁଆକେ ସିସାଃ ଇଁସା ।

ତେଲା ଉଜଡେ ତୁଜୁରୀ ଥାନାହ ଡାଗ୍ରାଗ ଉମୁଇଙ୍ଗ ଉଁସାନା କୁରୁ ଗୋବିକେ । କୁରୁ ଆଡ଼ତଣ୍ଡା ବ୍ରି ଆଡ଼ିଗ୍ର ବିକେ । କାଲାପାଃ ରକମ ନାକା ପାଙ୍ଗକେ ଥାନାହ ଡ୍ରାଗା ଉଏକେ ଉଏ କେନେ ବେଲେ କୁରୁ ମଜେ ଲଃହ ଉଏକେ ମିଣ୍ଡଗସା କୁରୁ ମଜେ ଓ୍ୟିକେନ ଡଣ୍ଡବିଃ ଣ୍ଡିକେ ଡାରାଆଃଲୋ ତଜରା ତୁଜୁରୀ ଭମାୟା କୁଡ଼େ ମାଡ଼ଛେ ନାକା ମ୍ୟୋର ଉଁଷ ଇଷ୍ଟ ଗାକଛେ ଗାଙ୍ଗ ପାଙ୍ଗକେ । ଆମେଇଙ୍ଗହିକେ ଶୁଚୁଗ୍ ସାଲାତୁଗ୍ ମଜେ ବଃଆଗକେ ବାସଙ୍ଗ ଆଗକେ ଆପେବେ ନେହ ମେହଣ୍ଡିକ୍ ନେବିହେ ।

ମିଣ୍ତିର୍ ଟିଙ୍ଗଲା ଜାପାଟ ଆଃନଛେ ଲାଗ୍‌ତେକେ ମିତିକ୍ ଆତନେ ଗାଲି ଓଁଖୁ ଉମ୍‌ମଙ୍ଗ ନେଙ୍ଗ ଆକେ ବେଶୀ ଇମାଣ୍ଡା ଲାକେ ପାଙ୍ଗଛେ ଖେଲେ ଓଁଖୁ ଉସମଙ୍ଗ କାପାଟ୍ ପାକିଛି ପାରାଡ଼ିଙ୍ଗଛେ ଗାଛେ ଖେକେ । ନାକାନେ ମାଁ ଚୁଆଣ୍ତେ ଲାଏକେ ନାକା ବାସଙ୍ଗକେ ହମସ ସେସୋ ଉପୁଇଙ୍ଗ ଗୁବୁ ନେହେ ଭାଗୁଏ ନେହେଃ ଚଙ୍ଗ ।

ଡ଼କୁ ସାରା ମିଣ୍ତକ୍ ମନଇଛା ଗୁବ୍‌ର୍ ସାଃ ଚଂଙ୍ଗ ବିକେ ଡେକ୍ ରକମ ଆଃ ତକରାନେ ହୁଃଟି ସାଃ ଚ୍ଙ୍ଗ ବିକେ । ହିଞର ଷ୍ଠିଙ୍ଗଲା ତକରା ତୁକରୀ ଙଂଖୁକେଛେ ବୁଟ ହୁଏକେ ଟେଲା ଓଁଖୁ ସାରା ସାଗାଛେ କଣ୍ଡା ପାକା ଲାଗ୍‌ତୋକେ । ଆତ୍‌ବା ନାକା ବାସଙ୍ଗକେ ନା ଆନେଙ୍ଗ କେକେନ ସାମୁଆ ଓଁଛେ ଉମ୍ନାୟା ଗ୍ଲେସେ ଉଏଗେ ନାକାକେ ଭାଗୁଏନେ ତୁକୁରୀ ବଗନେ ରାଙ୍ଗପାଙ୍ଗକେ ତକରା ତୁତୁ ସାଃହେଛେ ନାକାକେ ବଗ୍‌ବଗ୍ ରାଙ୍ଗପାଙ୍ଗକେ । ନାକା ଗୁଏକେ ରକମ୍ ତୁଲେଗ୍‌ଲେଗେ ଆତବାନ ତକରା ବାସଙ୍ଗକେ ଏକନେ ଗୁଖେଗେ ଦା ତାକନେ ରେମୁଆକେ ଆଃତାପଏକେ ତୁକରୀ ନାକା ହଃତାପଇଛେ ମାଗି ନାକା ପଇଟିଆଁଛେ ହୁୟିର୍‌ଗେ ତକରା ତୁକୁରୀ ଉମ୍ନାୟା । ଓଃ ଓଃ ତାକଛେ କେଆରକେ ।

## ବାଘ ଓ ଶିଆଳ କଥା

ଗୋଟିଏ ଗାଁରେ ବୁଢ଼ା ବୁଢ଼ୀ ଦୁଇ ଜଣ ଥିଲେ । ସେମାନଙ୍କର ପିଲା ପିଲି କିଛି ନଥିଲେ । ଦୁହେଁ ଡଂଗର ଚାଷ କରି ଆରାମରେ ଚଳୁଥିଲେ । ବୁଢ଼ୀ ଘରେ ରୋଷେଇ କରେ, ପାଣି ଆଣେ । ବୁଢ଼ା ଚାଷ କରେ ଜଙ୍ଗଲ ଯାଏ । ଡଂଗରକୁ ଯାଇ ରାତିରେ ଫସଲ ଜଗେ । ପ୍ରତିବର୍ଷ ବୁଢ଼ାର ଡଂଗରରେ ଭଲ ଫସଲ ହୁଏ । ବୁଢ଼ା ରାତିରେ ମଞ୍ଚାବାନ୍ଧିକରି ଡଂଗରରେ ଜଗିଥାଏ ।

ଦିନକର କଥା, ଶିଆଳଟାଏ ଆସି ଡଂଗର ଚାରିପଟେ ବୁଲିଲା । ଶିଆଳକୁ ଦେଖି ବୁଢ଼ାକୁ ନିଦ ନାହିଁ । ବୁଢ଼ା ରଡ଼ି ଛାଡ଼ିଲା, "କିଏ" ? ଶିଆଳ କହିଲା, "ମୁଁ ଦେଖିବାକୁ ଆସିଛି ତୁମେ କିପରି ମୋର ଡଂଗର ଜଗିଛ ।" ବୁଢ଼ା ପଚାରିଲା, "ତୁ କିଏ ? ଶିଆଳ କହିଲା, "ଏଇଟା ମୋ ଡଂଗର, ମୁଁ ଏଠାରେ ପ୍ରତିବର୍ଷ ଚାଷକରେ ।" ଯଦି ତୁ ଚାଷ କରିବୁ ତେବେ ପ୍ରତିଦିନ ମୋତେ ଖାଇବାକୁ ଦେବୁ । ମୁଁ ହେଉଛି ତୋର ମହାଜନ ।" ଏ କଥାରେ ବୁଢ଼ା ରାଜିହେଲା ।

ବୁଢ଼ୀ ବୁଢ଼ା ପାଇଁ ଘରୁ ଦେଉଥିବା ମାଣିଆ ପେଜରୁ କିଛି ବୁଢ଼ା ପ୍ରତିଦିନ ନ ଖାଇଁ ଶିଆଳକୁ ଦିଏ । ଶିଆଳ ମଧ୍ୟ ପ୍ରତିଦିନ ଆସି ଆରାମରେ ଖାଇ ଦେଇ ଚାଲିଯାଏ । ସେଠୁ ଦିନକର କଥା ବୁଢ଼ୀ ପଚାରିଲା, ହେ ବୁଢ଼ା, ତୁ କାହିଁକି ଏତେ ଝଡ଼ି ଯାଉଛୁ । ବୁଢ଼ା କହିଲା "ନାଇଁ ବୁଢ଼ୀ, ତୁଇ ଦେଉଥିବା ଖାଦ୍ୟକୁ ମୁଁ ଖାଉନାହିଁ । ଆମର ଆଗ ଜମିଦାରକୁ ଦେଇଦେଉଛି । ବୁଢ଼ୀ କହିଲା, କିଏ ସେ ଜମିଦାର ମୁଁ ତାକୁ ଦେଖିବି । ସତକୁ ସତ ବୁଢ଼ୀ ସେଦିନ ବୁଢ଼ାର ମଞ୍ଚା ଉପରେ ଯାଇ ବସିଲା । ଶିଆଳ ମଧ୍ୟ ପ୍ରତିଦିନ ପରି ସେଠାକୁ ଆସିଲା, ହେଲେ ବୁଢ଼ୀ ଆଉ ଖାଦ୍ୟ ଦେଲା ନାହିଁ । ଭୋକରେ ଶିଆଳ ଗର୍ଜନ କଲା । ମନେ ମନେ ଭାବିଲା, ଆଜି ବୋଧେ ବୁଢ଼ା ଆସିନାହିଁ । ହେଉ କାଲିକି ଦେଖିବା । ବୁଢ଼ୀ କିନ୍ତୁ ଶିଆଳକୁ ପାନେ ଦେବା ପାଇଁ ଉପାୟ ଚିନ୍ତା କଲା ।

ତହିଁ ଆରଦିନ ବୁଢ଼ୀ ମଞ୍ଚା ପାଖରେ ଗୋଟିଏ ଗାତ ଖୋଳି ଦେଲା । ଗାତ ଉପରେ ଶିଆଳୀ ପତର ଘୋଡ଼େଇ ଦେଲା । ପ୍ରତିଦିନ ପରି ସେଦିନ ଶିଆଳ ସେଠାକୁ ଆସିବା ମାତ୍ରେ ମଞ୍ଚା ପାଖକୁ ଗଲା ଯାଉଯାଉ ସେହି ଗାତରେ ପଡ଼ିଗଲା । ରାତି ଯାକ ଶିଆଳ ଗାତ ମଧ୍ୟରେ ଥାଇ ବଡ଼ କଷ୍ଟ ଭୋଗିଲା । ସକାଳ ହେବାରୁ ବୁଢ଼ା ବୁଢ଼ୀ ଶିଆଳର ଗୋଡ଼ ବାନ୍ଧି ଘରକୁ ଆଣିଲେ । ତାଙ୍କର ଘୁଷୁରୀ ଗୁହାଳ ମଧ୍ୟରେ ଶିଆଳକୁ ରଖିଲେ । କହିଲେ ତତେ ଆମେ ପାନେ ଦେବୁ । ସଂନ୍ଧ୍ୟା ହେବାରୁ କବାଟ ବନ୍ଦ କରି ଘରେ ରହିଲେ । ରାତିରେ ସେହି ବାଟ ଦେଇ ବାଘ ମାମୁଁ ଯାଉଥିଲା । ଶିଆଳ କହିଲା, ବାଘ ମାମୁଁ ଏଠି ମୁଁ କେତେ ମଜାରେ ଅଛି । ଆସି ଦେଖତ । ବାଘ ମାମୁଁ ଘରର କବାଟ ଭାଙ୍ଗି ଭିତରକୁ ପଶି ଦେଖିଲା ବେଳକୁ ତା ଭିତରେ ଶିଆଳ ଅଛି । ଶିଆଳ କହିଲା, ବାଘ ମାମୁଁ ଆଗ ଗୋଟେ ଛେଳି, ଘୁଷୁରୀ ମାରି ଖାଅତ ! ବାଘ ରାତିଯାକ ଗୁଡ଼ିଏ ଘୁଷୁରୀ ମାରି ଖାଇଦେଲା । ସକାଳୁ ବୁଢ଼ା ବୁଢ଼ୀ ବାଘକୁ ଦେଖି କାବା ହେଲେ । ହେଲେ ବାଘ ରଡ଼ି ଛାଡ଼ି ଜଙ୍ଗଲ ମଧ୍ୟକୁ ପଳାଇଲା । ଶିଆଳ କହିଲା, କିଏ କାହାକୁ ପାନେ ଦେଲା ଦେଖିଲ ତ । ସେଠୁ ବୁଢ଼ୀ ରାଗିଯାଇ ପିଟଣା ଆଣିଲା । ବୁଢ଼ା କୁଟଣା ଆଣିଲା । ଦୁହେଁ ଶିଆଳକୁ ପିଟି ପିଟି ସାରା କରେଇ ଦେଲେ । ଶିଆଳ ମଲାଭଳି ପଡ଼ିରହିଲା, ସେଠୁ ବୁଢ଼ା କହିଲା, ଏଇଟା ମରିଗଲା, ତାକୁ ଫିଟେଇ ଦିଅ । ବୁଢ଼ା ଶିଆଳର ବନ୍ଧା ହୋଇଥିବା ଗୋଡ଼ ଫିଟାଉ ଫିଟାଉ ଶିଆଳ ଜଙ୍ଗଲ ମଧ୍ୟକୁ ଚମ୍ପଟ ମାରିଲା ବୁଢ଼ା ବୁଢ଼ୀ ଦୁହେଁ କାବା ହୋଇ ଅନାଇରହିଲେ ।

## ରାଜା ଡିଙ୍ଗଛେ ରାଣୀ ଲାକେ

ମୁଇଙ୍ଗ୍ ଦେଶଏ ରାଜା ଡିଙ୍ଗଛେ ରାଣୀ ଲାକେ । ତାନ୍ ଦେଶେ, ମୁଇଙ୍ଗ ରାଣୀତେ ବି କୌଶଲ୍ୟା ଡିଙ୍ଗଛେ ସାବିତ୍ରୀ । ସାବିତ୍ରି ଦିନିକେ ଡୁଆନେ ମେମେନେ ସାପାକାମ ଡିଙ୍ଗେଁ । ଆରି ମାନ ମ୍ନାନା କୌଶଲ୍ୟା ମଲେଖେ କାମ ଦାମ୍ ଆଡ଼ିଙ୍ଗ୍ ସାବିତ୍ରୀ ଦେତେ କାମ ଡିଙ୍ଗ୍ ଡିଙ୍ଗ୍ ମୁଇଙ୍ଗ କାମ ଆବବିଃକେ ତାନ୍ କାମ୍ ଆଡ଼ିଙ୍ଗ୍ଲା ଆତେଣେ ସାମୁଆ ରାଜାକେ ବାହିର ଦେଖେ, ତେଲା ରାଜାଡିଂଛେ ସାବିତ୍ରୀକେ ଦେଶେ ରୁଣି ନୂଆ ବିକେ, ସାବିତ୍ରୀ ପେଡ଼ିଙ୍ଗ ନୂଆ ବେଲା ଲାଗଡିଙ୍ଗେ ବିନି ଇନି ଭଙ୍କ ଚଣ୍ଡିବୁହେ । କୌଶଲ୍ୟା ଉଙ୍ଗ୍ଣାଖେ ସୁଚା ବାଟା ପେପେକେ ସାପାବିଖେ । ଇନ୍ତେ ସାବିତ୍ରୀ ଦୁଇଙ୍ଗ ତକରାଇଣୁଆ ଲାଖେ ଏ ଦେତେ ଲଲାଲା ଉଙ୍ଗ୍ଣେ ମୁଇଙ୍ଗ ଜନମ ଡିଙ୍ଗକେ, ମାଆ ଉଙ୍ଗ୍ଣ ମିଓ ହମରେନ୍ଦ୍ରା ଆରି ପାଟା ଉଙ୍ଗଣେ ମିନି ଗଗନ୍ ଦେଖେ ଲାଲା ମୁଇଙ୍ଗମାନ୍ ମୁଣ୍ଡୁଡ଼ିଙ୍ଗ୍ ବିକେ ରାଜାରାଖେ ତାନ୍ ମୁସୁଡ଼ିଙ୍ଗ୍ ମୁଇଙ୍ଗ୍ସ୍ଲା ତାଗରା ଶାରୀ ଡିଙ୍ଗଖେ ଆରି ଫଲଚୁଚୁ ଡିଙ୍କେ ଦେତେକେ ମୁଣ୍ଡୁଡିଙ୍ଗ୍ ଖେଖେ ଆରି ମାନ୍ନା ରାଣୀଖେ ଉଆଁଖେ । ଆରି ବାସଙ୍କେ ଦେଖୋକେ ଦେଖେକେ । ମୁସୁଡିଙ୍ଗ ଢେଙ୍କେକେ ରାଣୀ, ରାଣୀ ବାସଙ୍କେଂ ତାରା ଲେଛେ । ତାରା ତେଲା ସାରା ଦେଶକେ ରେମୁଆ । ଖବର ବାସଙ୍କେ ରାଜା ତାଗରା ସାପରେମୁଆ ଗିସିଙ୍ଗରେ, ରାଜା ବାଃସଙ୍ଗ ବିଲା ସାପରେମୁଆ ୟଗେ ସାରୀ ଚୁଚୁ କେତେ ସାଲ୍ଲା ରାଙ୍ଗ ପାଙ୍ଗ ଆରଖେ ମାଣ୍ଡା ଉଙ୍ଗଣ୍ଡା ତାଟ୍ସ୍ଲା ରାଙ୍ଗ ବିଖେ, ଲାମେନା ଜଣେ ଭାକେ ରାଜା ନୂଆ ବିକେ, ଆରି ତାଃହ ଖଣେଣ୍ଡାଖେ ମେଙ୍ଗ୍ଡୁଆ ବକେ ଆରି ବୁରାଡିଖେ ଡ଼ିଙ୍ଗକେ ।

## ରାଜାରାଣୀ

ଗୋଟିଏ ଦେଶରେ ବିରାଟ ନାମକ ରାଜା ଶାସନ କରୁଥିଲେ । ତାଙ୍କର ଦୁଇଜଣ ରାଣୀ ଥିଲେ, ଜଣଙ୍କ ନାମ କୌଶଲ୍ୟା ଅନ୍ୟ ଜଣେ ସାବିତ୍ରୀ । ସାନ ରାଣୀ ଘରର ସବୁ କାମ ଧନ୍ଦା କରନ୍ତି । କୌଶଲ୍ୟା ଆଦୌ କାମ କରନ୍ତି ନାହିଁ । ଦିନେ ସାବିତ୍ରୀ କାମ ଦାମ ସାରି ବାହାରେ ବୁଲିବାକୁ ଯାଇଥିଲେ ଏକଥା କୌଶଲ୍ୟା ରାଜାଙ୍କୁ ଜଣାଇଦେଲେ । ରାଜା ରାଗରେ ସାବିତ୍ରୀଙ୍କୁ ଦେଶରୁ ତଡ଼ିଦେଲେ । ସାବିତ୍ରୀ ବାହାରେ ଚାଲି ଚାଲି ଏକ ବୁଢ଼ୀର ଘରେ ଆଶ୍ରୟ ନେଲେ । ସେଠାରେ ସେ ଦୁଃଖ ଧନ୍ଦା କରି ବସ୍ତୁଲେ । କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ହେଲା, ତାର ନାମ ରହିଲା ଅମରେନ୍ଦ୍ର । ଏଣେ କୌଶଲ୍ୟାଙ୍କର

ମଧ୍ୟ ପୁଅଟିଏ ହେଲା, ତାର ନାମ ଗଗନ । କୌଶଲ୍ୟା ରାଜଦରବାରରେ ରହି ନିଜ ପୁଅ ଗଗନକୁ ରାଜା କରିବା ପାଇଁ ଚେଷ୍ଟା କରୁଥିଲେ ।

ଦିନେ ରାତିରେ, ସାବିତ୍ରୀ ରାଜାଙ୍କୁ ସ୍ୱପ୍ନରେ କହିଲେ, ଏପରି ଏକ ଗଛ ବିଷୟରେ ରାଜା ଜାଣିବା ଦରକାର, ଯେଉଁଗଛରେ ଏକ ସମୟରେ ଫୁଲ ଫୁଟୁଛି, ଫଳ ଧରୁଛି । ଏବଂ ଫୁଲ ଓ ଫଳ ଏକସମୟରେ ପଡୁଥିବ । ଏପରି ଗଛ ରାଜା ଜାଣିନଥିଲେ । ତହିଁ ପରଦିନ ସକାଳୁ ରାଜ୍ୟ ରାଜ୍ୟର ସବୁଲୋକଙ୍କୁ ଡକାଇ ଏପରି ଗଛ ଖୋଜି ଆଣିବା ପାଇଁ କହିଲେ । ରାଜ୍ୟଯାକ ଲୋକ ଖୋଜି ଗଲେ । ରାଜ୍ୟରୁ ବଛା ବଛା ସୈନ୍ୟ ମଧ ବାହାରି ପଡ଼ିଲେ । ଚାରିଆଡ଼େ ଖୋଜା ଖୋଜି କରି କେଉଁଠି ପାଇଲେ ନାହିଁ । ଶେଷରେ ସାବିତ୍ରୀ ଯେଉଁ ଗ୍ରାମରେ ଆଶ୍ରୟ ନେଇଥିଲେ ସେହି ଗ୍ରାମରେ ଲୋକମାନେ ପହଞ୍ଚିଲେ । ତୁମ୍ଭେମାନେ କୁଆଡ଼େ ଆସିଅଛ ? ସେମାନେ କହିଲେ, ଆମ ଦେଶର ରାଜା କହିଛନ୍ତି ଏପରି ଏକ ଗଛ ନେବାପାଇଁ ଯେଉଁଥିରେ ଏକସମୟରେ ଫୁଲ ଫୁଟିବ, ଫଳ ଫଳିବ ଓ ଫୁଲ ଫଳ ଏକସମୟରେ ପଡ଼ିବ । ଏହିଗଛ ଆମ୍ଭେ ପାଇବୁ କେଉଁଠୁ ? ତାହା ଶୁଣି ସାବିତ୍ରୀଙ୍କ ପୁଅ ଗଛର ସନ୍ଧାନ ନେଲା । ସେହିଗଛ ପାତାଳପୁରରେ ଅଛି । ସେଠିକୁ ଯିବା ପାଇଁ କାହାର ସାହସ ହେଲା ନାହିଁ । ନିଜେ ଅମରେନ୍ଦ୍ର ସେଠାକୁ ଯାଇ ସେହି ଗଛ ନେଇ ଆସିଲା ଏବଂ ରାଜାଙ୍କୁ ଦେଲା । ରାଜା ଅମରେନ୍ଦ୍ରର ପରିଚୟ ଜାଣିବା ପରେ ନିଜ ପାଖକୁ ସାବିତ୍ରୀ ଓ ଅମରେନ୍ଦ୍ରଙ୍କୁ ନେଇଗଲେ । ଉଦ୍ଧତ କୌଶଲ୍ୟାକୁ ରାଜ୍ୟରୁ ତଡ଼ିଦେଲେ ।

# ଦଶରଥ ଉଞ୍ଚ ଭଲ୍‌ଡିଙ୍ଗେ

ପାତ୍ରପୁଟ ତାଗଣ୍ଡାରନେ ଦଶରଥ ବିଃହେଃତୁଆଁ ଭଲ ଉମାଁ ଛଙ୍ଗଛେ । ମିଣ୍ଡିଗ ବ ତୁଆଁ ଉଇଗ ଡିଙ୍ଗକେ ଗାଲି ରାଛିୟା ତାଗରା ବରଗଛ ସ୍ଲା ତାଗ୍ର ପଡ୍ ପାଡ୍ ଡିଙ୍ଗକେ । ଦଶରଥ ଉଞ୍ଚ ବଟଉ ହେଗେ ମେନେ ଗାଗଡ଼େ ଥର ଥରେ ଉଏଗେ ମେତୁଆ ଉଇରେ ତୁଆଁ ଉଗ୍‌ଛେ ଛେରା ଗୋଁ ଲୁଆରଂଗେ ଇଞ୍ଚିଥରଲେ ଆମାରଥର । ମାନେ ରେମୁଆ ଚେତା ବୁଡ଼େଉ ଏଗେଁ ରେମୁଆଇଁ ବାସଙ୍କିଏ ଦଶରଥ ଉଞ୍ଚ ସିଂଆରେ ଉଣ୍ଡୁଲା ରାଉ ମାହାଲାଗେ ମେଙ୍ଗଇ ଦିଶାରୀ ଉଆର୍‌ଗେ ଶିଆଁରେ ରାଉ ଭୁତ ଝାଡେଗେ ତେଲାଡିଗ ଦଶରଥନେ ଗାଗଡ଼େ ଭଲ ଆଡ଼ିଙ୍ଗକେ ଇତିଙ୍ଗ ତାକ୍ତର ବାବୁ ପାଙ୍ଗକେ ଦଶରଥ ଉଞ୍ଚକେ କେକେ ବାଂସଙ୍ଗକେ ଦଶରଥ ଉଞ୍ଚ ଭଲ ଆଡ଼ିଙ୍ଗକେ ଇତିଙ୍ଗ ତାକ୍ତର ବାବୁ ପାଙ୍ଗକେ ଦଶରଥ ଉଞ୍ଚ ମେତିଗ ଆଣ୍ଡିକେ ଡିଙ୍ଗଲାଏ ଖାଛରା ଇଣ୍ଡିଆ ଉଗ୍‌ଛେ

ଝାଡାବାନ୍ତି ଡିଙ୍ଗଲାକେ ଦଶରଥ ଉଝଡିର୍ ଉଲ ଡିଙ୍ଗେ ମାନେ ରଗଡ଼ିର୍ ଆନ୍ତାର ହୂଏଗେ । ପାପା ରେମୁଆ ବାଇରେ ବାଥା ଡିଙ୍କେ ଦଶରଥ ଉଷ୍ପ ସିଆଁରେ ସାଆ ଆଲାକେ ।

## ଦଶରଥର ରୋଗ ଉପଚାର

ପାତ୍ରପୁଟର ଦଶରଥ ଗୌଡ଼ ବାହାଘର ଭୋଜି ଖାଇ ରାତି ଅଧରେ ଘରକୁ ଫେରୁଥିଲା । ବାଟରେ ଆସିବାବେଳେ ମଶାଣି ପାଖ ବରଗଛରୁ ଜୋର୍‌ରେ ଫଡ଼୍ ଫଡ଼୍ ଶବ୍ଦ ଶୁଭିଲା । ଦଶରଥ ଡରିଗଲା ଏବଂ ତା ଦେହ ଥରି ଉଠିଲା । ସେ ଘରକୁ ଫେରିଲାବେଳକୁ ଦଶରଥ ଝାଡା ବାନ୍ତିରେ ପୀଡ଼ିତ ହୋଇସାରିଥିଲା । ତାର ଚେତା ବୁଡ଼ିଗଲାରୁ ଲୋକେ କହିଲେ ଦଶରଥକୁ ଡାହାଣୀ (ଡୁମା) ଲାଗିଛି । ଏଣୁ ଦିଶାରୀକୁ ଡକାଗଲା । ଦିଶାରୀ ଦଶରଥକୁ ଝଡା ଫୁଙ୍କା କଲା, ହେଲେ ଦଶରଥର ଚେତା ଫେରିଲା ନାହିଁ ।

ଶେଷକୁ ଡାକ୍ତର ଆସିଲେ, ଦଶରଥକୁ ଔଷଧ ଦେଲେ । କହିଲେ, ମଇଳା ପାଣି ପିଇ ଦଶରଥର ଏପରି ଅବସ୍ଥା ହୋଇଛି । ଔଷଧ ଖାଇଲେ ସେ ଭଲ ହୋଇଯିବ । ସତକୁ ସତ ଔଷଧ ଖାଇବା ପରେ ରୋଗ ଭଲ ହୋଇଗଲା । ସମସ୍ତେ ବୁଝିଲେ, ଦଶରଥ ଗୌଡ଼କୁ ଡାହାଣୀ ଧରିନଥିଲା ତାକୁ ରୋଗ ହୋଇଥିଲା ।

## କୋଣ୍ଡା ବିରିଂ ନାସଃ

ହୋଃ ସାଃ ବ୍ରିପାଖା ପାଖା କେଡ଼େ ରଡ଼ି କଣ୍ଡା ବିରିଂ ବର୍ରିଲାଖେ ଧାରେ ଧାରେ ରେମୁଆଁ ଜବର ଡିଙ୍ଗଖେ ଡୁଆଁ ବାଢ଼ି ଲୋଡାଖେ ବିକେ । ସ୍ଲୁ ଗୁଆ ଆରକେ ତେଲା ସ୍ଲୁ ଆଲାଗା ଆରକେ । ତେଲା କଣ୍ଡା ବିରିଂ ପାଦାବାଶ୍ରୀ ଟାଙ୍ଗ ଟାଙ୍ଗରା ଡାନାଖେ, କଣ୍ଡା ବିରି, ସ୍ଲୁ ପାତୁ ରଣ୍ଡୁଲା ଣ୍ଡିଆ ଡିଗ୍‌ଉଣ୍ଡୁ । ଣ୍ଡିଆ ଣ୍ଡୁଲା ସ୍ନେଃ କାମରେ ବାଧା ପଡ଼େଗେ । ଏଇକେ ଡୁଆ ଡିବ୍ ରେମୁଆ ସଂଖ୍ୟା ବଢ଼େ ବା ଗଲେ ପାଣ୍ଡ । ଛଙ୍ଗ ଅଭାବ ଡିଙ୍ଗଖେ ଆଉ ଡିଗ ନ୍ୟାୟ ଚଲେ ଡିଙ୍ଗଙ୍କ ଛଙ୍ଗଡିରେ ପାଟେଇ ପୁଟେଇ ଶିରଓଉଲିଆ ଯାଗାଇସା ଆୟେଛାଖେ ରେମୁଆ ସଂଖ୍ୟା ବଢ଼େଗେ ସିନା ଅଭାବ ଚଙ୍ଗଖେ । ବେଲାଡୁଆ କମ୍ ଣ୍ଡା ଗଡେ଼ଇଂ ଲାଲାସିନା ଠିକ୍ ଭାବେ ବ୍ୟୁରା ଡକେଃ ଚୋଏଲ ଚଲେଏ ।

# ଜଙ୍ଗଲ ଧ୍ୱଂସର ପରିଣାମ

ପୂର୍ବକାଳରେ ଆମ ଚାରିପଟେ ବଣ ଜଙ୍ଗଲ ପରିପୂର୍ଣ୍ଣ ହୋଇ ରହିଥିଲା । ଧିରେ ଧିରେ ଲୋକ ସଂଖ୍ୟା ବର୍ଦ୍ଧିବାକୁ ଲାଗିଲା । ଘରଦ୍ୱାର ଅଧିକ ଲୋଡା ହେଲା । ଚାଷ ଜମି ଅଧିକ ଦରକାର ପଡ଼ିଲା । ସେଥିପାଇଁ ଗଛ କଟା ହେଲା ଏବଂ ଜଙ୍ଗଲ ସଫାହେଲା । ହେଲେ ଆଉ ଗଛ ଲଗା ଗଲାନାହିଁ । ବର୍ଷା ଅଭାବରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଲା । ଏଣେ ପରିବାରର ସଦସ୍ୟ ସଂଖ୍ୟା କ୍ରମେ ବୃଦ୍ଧି ପାଉଥିଲା । ବ୍ୟୟ ଅଧିକ ହେଲା ତଦନୁଯାୟୀ ଆୟର ପରିମାଣ ଯଥେଷ୍ଟ ନଥିବାରୁ ଖାଦ୍ୟ, ଲୁଗା ପଟା ଔଷଧ ପତ୍ର ଯୋଗାଇବାରେ ଅସୁବିଧା ସୃଷ୍ଟି ହେଲା । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସମସ୍ୟା ମଧ ସମ୍ମୁଖକୁ ଆସିଲା । ସବୁର ମୂଳରେ ଥିଲା ଜନସଂଖ୍ୟା ବୃଦ୍ଧି । ଲୋକମାନଙ୍କର ସଂଖ୍ୟା କମ୍ ହେଲେ ଏତେସବୁ ଅସୁବିଧା ହୁଅନ୍ତା ନାହିଁ ବୋଲି ମନୁଷ୍ୟ ଚିନ୍ତା କଲା ।

# ଲଛମା ଦେତେ ସୁମୀ ଇଂୟାଙ୍ଗ୍ ଡିଙ୍ଗ୍କେ

ତିଡ଼େଇ ଭାଷା - ଲଛମାଟେ, ଆତାତାନେ ମୁଦୁଲିଗୁଡା, ମାଟେ ଆଣ୍ଡାଣ୍ଡେ ପାଟଆଃଲ ଗ୍ରୋ ଡିଙ୍ଗଲାକେ । ମାଆଁ ମାଆଣ୍ଡାଣ୍ଡୁ ତେଲା ମାଣ୍ଡାତିଙ୍ଗେ, ଇନି ଡାକ୍ତର ସେଲାଭୟଏ ସୁମୀକେ, ସାଲ୍ୟା କେକେ । ଇଡ଼ଙ୍ଗ୍, ଆତାତାଲେ ବାସଙ୍ଗେ, ଇଆଙ୍ଗ୍ ମୁଇଁଆରକେ ଆଗଖେ ଲଛମାଟେ ଗାଗେଡ଼େ କେନାଲାୟେଁ । ମାଁଟେ ଏକ୍‌ଯାଦା, ଡିଆପାର, ପରିଯା ଡିଙ୍ଗ୍‌ଛେ ଶିଇରଓ, ପିଇବିଂଏ । ତେଲା ସୁମୀ ଡାକ୍ତର ସାହାର୍ଯ୍ୟ ଡିଙ୍ଗଏ ।

ଆତାତେ - ନେଏ ମେଁଆରେ ବିଣ୍ଡିଏ ଇଙ୍ଗିର ବୁଏ । ଜମେ ନାଣ୍ଡିଗେଁ । ଇକା ଟେକାଲା ଏକତା ବାଣାଗିଲ୍ ଆଲାକେ ।

ଲଛମା - ପେ କେଲା ଟାଟେ ସୁଯୋଗ ଆଲୋକେ ଇୟାଙ୍ଗ୍ । ହଁ ହଁ ନାଟେ ଉଙ୍ଗଣ୍ଡା, ଆଦ୍ୱାତ୍ରା ପେଲଛମା କେ ପେଗାଟଖ ପେଗାଅଁଲା ବିଡ଼ିଙ୍ଗ୍ଏ

ଆତାତେ - ମେଣ୍ଡାରେ ଏରେଖେ ବେରାଅଁ ବାସଂଙ୍ଗତ ।

ସୁମୀ - ମ୍ୟାର ଆବଖେ ନେଙ୍ଗ୍‌ଟେ ମଲେଏ ଭିତରେ, ଉଙ୍ଗଣ୍ଡା ମାଟା ଅଏଲା ଇଣ୍ଡିଆଗଖେ ସାଟୁଗଂ ଟିକା ବିଲାସେଟା ଟିକା ଶିଁରେ ଉଙ୍ଗଣ୍ଡାକେ

ଇୟାଗ୍‌କେ ସଲେଡାଗରା ମାଣ୍ଡାଲାଏ । ମାଣ୍ଡାଇଙ୍ଗ୍ ଣ୍ଡାଡିଗ୍ ମାଟାଏ, ଆକାଣା ଶିଁଗଓ ସରୀ ବିଡ଼ିଙ୍ଗେକେ । ଆଗି ଆବାଲାକେ ଞେରେ ସେଲାଉବ୍‌ଏ ବଲେ, ରୁଟି, ଆଲୁ, ଡ୍ରାଗଡ଼ିଆ, ଆଡ଼, ଚିଲି ବିଛେ, ଆରି, ମାଁ, କଡାଆଁ, ମୁଲା, ସାପା ମାଁଆ ଇଲି ଛଙ୍ଗସା, ବିପା, ଲଛମାକେ ଆକାନା ସାପା ଚଙ୍ଗ୍‌ସା ବିପା, ତେଲାସିନା ମାଣ୍ଡୋ ସୁଖ ଦୁଃଖଡିଙ୍ଗ୍, 'ଆତା', ଲଛମାଟେ ବାଆଁମଟଡିଙ୍ଗ୍, ଯାଣ୍ଡାଲାଏ, ମାଞେଟେ ପୁରାଣ୍ ବହି ହିଁ ପଡ଼େଲାକେ । ଉଙ୍ଗ୍‌ଣ୍ଡାଡିଗ୍ ମାଣ୍ଡା ଜନମଡିଏଙ୍ଗ୍‌ଏ ।

## ଲଛମା ସାହାଯ୍ୟରେ ସୁମୀ ମାଆ ହେଲା

ଲଛମାର ଶାଶୁଘର ମୁଦୁଲିଗୁଡ଼ା । ତାର ସ୍ୱାମୀ ସ୍କୁଲରେ କାମ କରେ । ସେ ଗର୍ଭବତୀ ହେବାରୁ ଗାଁ ନର୍ସ ସୁମୀ, ଲଛମାକୁ ପରୀକ୍ଷା କଲା । ତାପରେ ତା ଶାଶୂକୁ କହିଲା, ମାଉସୀ, ମାସକୁ ମାସ ଲଛମାର ଦେହ ପରୀକ୍ଷା କରିବ । ତାର ଝାଡା ପରିସ୍ରା ପରୀକ୍ଷା କରି ଔଷଧ ଦେବ । ଡାକ୍ତରୀ ସାହାଯ୍ୟ ନେବ ।

ଶାଶୂ - ଆମେ କଣ ଛୁଆ ଜନମ କରିନୁ କାହିଁ ଆମ ବେଳେ ତ ଏତେ କଥା ନଥିଲା ?

ସୁମୀ - ତମ ବେଳେ ସେ ସୁବିଧା ନଥିଲା, ମାଉସୀ ହଁ, ଶୁଣ, ତୁମ ପୁଅତ ବାହାରେ ତମେ ଲଛମାର ଦେଖାଶୁଣା ନକଲେ କେମିତି ଚଳିବ ।

ଶାଶୂ - କଣ ଦେଖା ଶୁଣା କରିବି କହିଲ ?

ସୁମୀ - ଦୁଇମାସରେ ପେଟ ଭିତରେ ଛୁଆ ବଢ଼ିବାକୁ ଲାଗେ । ତିନି ମାସରେ ପ୍ରଥମ ଟିକା ଦିଆଯାଏ । ଟିକା ଦେଲେ ଶିଶୁ ମାଆ ପେଟରେ ନିରାପଦରେ ବଢ଼େ । ଏହି ଟିକା ମାଗଣାରେ ଦିଆଯାଏ । ପୁଣି ଗର୍ଭବତୀ ନାରୀକୁ ଭାତ, ରୁଟି, ଆଳୁ, ଦୁଧ, ମାଛ, ମାଂସ, ଦେବୀକଥା । ଶାଗ, ପୋଇ ମୁଳା ଆଦି ପନିପରିବା ଖାଇବା ତା' ପାଇଁ ଭଲ । ଲଛମାକୁ ଏସବୁ ଖାଇବାକୁ ଦେବ । ତେବେ ତାର ସହଜ ପ୍ରସବ ହେବ । ଖାଲି ଦେହକୁ ଦେଖିଲେ ତ ହେବ ନାହିଁ ମାଉସୀ, ଲଛମାର ମନ ପ୍ରଫୁଲ୍ଲ ରହିବା ଦରକାର । ଭଲ ପୁରାଣ ବହି ପଢ଼ିଲେ ମନ ସରସ ରହିବ, ଭଲରେ ଛୁଆଟିଏ ଜନମ କରିବ ।

# ବୁଦୁରୀ ପାଠଲତେ ଗାଲି ଆମେଆକେ

ମଙ୍ଗୁଲୁ ମାଲକାମଗିରୀ ଠାହୁଣ ଡାଗ୍ରା କାମଡ଼ିଙ୍ଗ ମାଟେ କତୋତାଟେ ମିନି ମାଲତୀ ଟାନ ଇଣି ଲାଏ ମାଲତୀ ୰ାଟେ ମଙ୍ଗ୍ତା ସରାସିରିଡ଼ିଗ୍ ମାରିଆଁ ମାରିଆଁ ବଗ୍ଏ ଉଇଁଙ୍ଗ୍ଏ ମାଲତୀ ଦିଟେକେ ଟାଟଏ, ବଗ୍ଲାଡ଼ିଗ୍ ବୁଙ୍ଗ୍ଲାଏ, ମୁଇଗ୍ଦିନ ଲମ୍ଡିଗ୍ ମାଲତୀ, ବୁଦୁରୀ ଡାଗରା ଉଏଗେ ମଙ୍ଗୁଲୁ ଡାଗ୍ରା ଚିଠି କାଗଜ ଗୁଆର ବିକେ । ବାସକେଁ, ବୁଦୁରୀ ମାଲତୀ ବାସକେଁକେ ବୁଦୁରୀ ବାସଙ୍କେ, ମେଁ ଡିଙ୍ଗ୍ଲାକେଛେ ଇଙ୍ଗୁଆ ର୍ଏ, ବାସଙ୍ଗ୍ ।

ମାଲତୀ - ତୁଆ ବୁରାଡିକେଚେ ବାସଂଙ୍ଗ୍ ବାରିଗିଆସ୍ ଆବାସଂଙ୍ଗ୍ଲା ଆଡ଼ିଙ୍ଗ୍ ମାଯା ମିଆଲା ଆବ ।

ବୁଦୁରୀ - ପେ ବାଇଁ ଉହେକେବ ବୁଟ ମେହଃ ହିନସା ପାଠ ଆଲୋଖେ।

ମାଲତୀ - ନେଙ୍ଗ୍ ମେଏଆରେ ପାଠ ଲହିଁୟାଛା ।

ବୁଦୁରୀ - ମେଡିଙ୍ଗ୍ଛେ, ଲନାୟା ? ନେଙ୍ଗ୍ ପାଠ ଶାରା ଲଏ ଆରି ବାଇକେ ପାଠ ବୁଟ ଆଲେହ।

ମାଲତୀ - ହଁ ନେଙ୍ଗ୍ ଏବାକ୍ ପାଠଶାରାଲଏ ନା ଚିଠି ନାଗୁଥାଏ । ଚିଠି ନାବାଏ ବୁଦୁରୀ ମାଲତୀକୁ । ପାଠ ଶାରାଲଏ ମାଲତୀ ଖଡ଼ି ସିଲଟ ଖାତା କଲମ ସାଛେ ଲେଖଲେଖ୍ ଆରମ୍ଭ ଡ଼ିଙ୍ଗ୍କେ ଧୀରେ ଧୀରେ ପଢ଼େଗେ । ହିସାବଡ଼ିଗ୍ ଶିଖେଗେ ଏବେ ମାଁ ମଙ୍ଗୁଲୁ ଡାଗରା ଚିଠି ଗୁଆଛେ ବିଏ ମିଆଗେ । ପାଠ ପଢ଼ା ପଢ଼ି ଛେ ଏବେ ମାଳତୀ ସଂରତେ ଖବର କାଗଜ ବଂଧ ଡ଼ିଙ୍ଗକେଂ ।

# ବୋହୁର ପାଠପଢ଼ା

ମଙ୍ଗୁଲୁ ମାଲକାନଗିରି ସହରରେ କାମ କରେ । ତା ଘରଣୀର ନାଁ ମାଳତୀ । ସେ ଗାଁରେ ଥାଏ । ମାଳତୀକୁ ତା ଶାଶୂ ଅକାରଣେ ମାଡ଼ ଗାଳିଦିଏ । ମାଳତୀ ସବୁ ସହେ । ଦିନେ ସନ୍ଧ୍ୟାବେଳେ ମାଳତୀ ବୁଦୁରୀ ପାଖକୁ ଗଲା । ମଙ୍ଗୁଲୁ ପାଖକୁ ଚିଠିଟିଏ ଲେଖି ଦେବାକୁ କହିଲା । ବୁଦୁରୀ ପଚାରିଲା, କଣ ଲେଖିବି କୁହ ।

ମାଳତୀ - ଘର ସଂସାର କରିଛି । କହିବାକୁ ଲାଜ, ନ କହିଲେ ଚଳୁନି, ଶାଶୂ ଜାଣିଲେ ବାକି ରଖିବନି ।

ବୁଦୁରୀ - ତମର ଶାଶୂକୁ ଏତେ ଡର, ପଢ଼ା ଲେଖା ଶିଖୁନ ।

ମାଳତୀ - ମୁଁ କଣ ପାଠ ପଢ଼ି ପାରିବି ?

ବୁଦୁରୀ - କାହିଁକି ପାରିବିନି ? ମୁଁ ପଢ଼ା ଲେଖା ଶିଖାଇ ଦେବି । ଆଉ ଶାଶୂକୁ ଡର ମାଡ଼ିବ ନାହିଁ ।

ମାଳତୀ - ହଉ ମୁଁ ପାଠ ପଢ଼ିବି । ନିଜେ ଚିଠି ଲେଖିବି ।

ବୁଦୁରୀ ମାଳତୀକୁ ପାଠ ପଢ଼େଇଲା । ମାଳତୀ ଖଡ଼ି ସିଲଟ ଖାତା କଲମ ଧରି ଲେଖା ଲେଖି କଲା । ଧୀରେ ଧୀରେ ବହି ପଢ଼ିଲା । ହିସାବ ଶିଖିଲା । ଏବେ ସେ ମଙ୍ଗୁଲୁ ପାଖକୁ ଚିଠି ଲେଖି ପାରୁଛି । ପଢ଼ା ଲେଖା କରି ସେ ସଂସାରର ଖବର ରଖିଲା ।

❁ ❁ ❁

## ପାଣ୍ଡେ ଓସମାର

ପାଣ୍ଡୁଏ ପାଙ୍ଗକେରେ ପାଣ୍ଡୁଏ ପାଙ୍ଗଲେ
ଗେଲା ପାଙ୍ଗଲାରେ ସାଙ୍ଗ ପାଣ୍ଡୁଏ ନେଟେଙ୍ଗ
ଗେଲା ସାଙ୍ଗ କୁଡ଼େଛେ ଗୋ ନେଓ୍ଵେ
ଗୋଡୁ ପାଣ୍ଡୁଏ ନେଟଙ୍ଗପା
ବୁଲ ନେଓ୍ଵପା ପାଣ୍ଡୁଏ ନେଟଙ୍ଗପା

ଅନୁବାଦ - ପରବ ଆସିଛି ମିତ ପରବ ଆଇଛି
ଆ ମିତ ଆମେ ପରବ ପାଳିବା
ମିଶିକରି ବଣକୁ ଯିବା
ବେଣ୍ଟରେ ପରବ ଖାଇବା ପାଳିବା
ଦୋଳି ଖେଳି ଖେଳି ପରବ ପାଳିବା ମିତ ପରବ ପାଳିବା ।

ଡିଡାୟୀମାନେ ପରବ ସମୟରେ ଏକତ୍ରୀତ ହୋଇ ମଉଜ ମଜଲିସ୍ କରନ୍ତି । ଗୀତ ନାଚ କରନ୍ତି । ସେମାନେ ଜଙ୍ଗଲକୁ ଯିବା ପାଇଁ ଦଳ ଦଳ ହୋଇ ଡକା ଡକି ହୋଇ ଯାଆନ୍ତି । ପରବ ସମୟରେ ଜଙ୍ଗଲ ବୁଲିବା, ଶିକାର କରିବା ସେମାନଙ୍କର କାମ ।

## ଝିଅକୁ ସାଥି କରିବା ଉଦ୍ଦେଶ୍ୟରେ ବୋଲାଯିବା ଗୀତ

ନା ଆଣ୍ଡିନେ ଇନିଦେ ଗତା ଓ ନୁନୀରେ
ନେଙ୍ଗ ସାଙ୍ଗ ନାଡ଼ିଂହେ
ନେଙ୍ଗ ମେଃରେ ନା ଓ୍ଵେହେ
ନା ଇନସାଃ ନେଙ୍ଗ
ଗୋ ଗୋ ନେଟଓ୍ଵେ
ନା ଉଁସା ଖୋସା ନେଗାଗ୍‌ରେ
ନା ଉଁସାଃ ଜୀବନ ଉର୍ବିଂହେ ।

ଅନୁବାଦ -	ତୁ କି ଗାଁର ଝିଅ
ମୋର ସାଥି ହୋଇବୁ ?
ମୋ ସହିତ ଯିବୁ ?
ତୋ ପାଇଁ ମୁଁ
ବେଣ୍ଟକୁ ଯିବି

ଅର୍ଥାତ୍ - ଧାଙ୍ଗଡିକୁ ଧାଙ୍ଗଡା ଟିଏ ଦେଖିଲେ ତା'ର ରୂପରେ ମୁଗଧ୍ ହେଲେ ସେ ମନର କଥା ତା' ଆଗରେ ସାଙ୍ଗସାଥିମାନଙ୍କ ଦ୍ୱାରା ପ୍ରକାଶ କରେ । ତା' ଜୀବନସାଥି କରି ନେବା ପାଇଁ ନେବା ପାଇଁ ଇଛା କରେ ଏବଂ ତା ପାଇଁ ସବୁ କିଛି ଦେବାକୁ କହେ ।

# ଲେଣ୍ଡି ପାଣ୍ଡେ

ନା ଡ଼ିଙ୍ଗେ ନେ ହିନିକି ମାପଗୁ
ଆନକେ ବଲ ଲାଲା ତାଖଛେ ବାସଙ୍ଗ ବି
ନେହିନିଦେ ଓରେଃ ଓ ବୁଙ୍ଗଟି
ସର୍ତେ ରେସୁଆ ଇନ୍‌ସା ମାପୁରୁ ଡ଼ିଙ୍ଗହେ ।
ନେନେ ଓଗକେ ଆନେକେ ତାତା କରିବ
ନେ ଆକକେ ପୂଜା ଡିଙ୍ଗନେ ଡିଙ୍ଗନେ ।

ଅନୁବାଦ -	ତୁମେ ତ ଆମ ଗାଁ ଦେବତା
ଅଭୟ ଆଶିଷ ଦିଅ
ଆମ ଗାଁର ଗାଈ ଓ ଗୋରୁ
ସର୍ବି ଲୋକଙ୍କ ସାହଭରସା ହୁଅ
କରୁଛୁ ପୂଜା, ବଜାଇ ବାଜା
ଖୁସି ଆମକୁ ଦେଏ ।

ଅର୍ଥାତ୍ - ପୂଜା ଦେବା ଆଗରୁ ସେମାନେ ଗାଁର ଠାକୁରଙ୍କୁ ପୂଜା କରନ୍ତି । ଗାଁର ଗାଈ ଗୋରୁ ପୁରୁଷ, ସ୍ତ୍ରୀ ସମସ୍ତଙ୍କର ସ୍ୱାସ୍ଥ୍ୟର ଉନ୍ନତି କାମନା କରନ୍ତି । ଘରକୁ ଯେପରି ଜଙ୍ଗଲର ହିଂସ୍ରଜନ୍ତୁ ପ୍ରବେଶ ନ କରିବେ, ସେକଥା ମଧ୍ୟ ମହାପ୍ରଭୁଙ୍କୁ ଜଣାଇଥାନ୍ତି ।

# ପର୍ବ ଗୀତ

ହେ ମାପୁର
ନେ ଆନାକେ ପୂଜା ବି ନେଡ଼ିଙ୍ଗକେ
ତୁଲେ କେ ନେ ଗୁଜ ଚୂନା
ସିଣିଆ ଚୂନା ବି ନେ ତିଙ୍ଗକେ
ଗିଚେଙ୍ଗ ନେବି ହେ
ମାଲିକ ବୁଙ୍ଗଟି ନେବିହେ
ସନିଆକେ ନେବିଓ ଆରି ମଙ୍ଗଲା ନେବିଏ
ନେ ସାପା ରାଙ୍ଗ ମାଙ୍ଗ ନେବକା
ପାଙ୍ଗଲା ଛେ ବିଃ
ହୁଡ଼ିବେଲା ଦେ ଖଣ୍ଡା ନେଓ୍ୱେ ହେ
ଉଡିବେଲା ନେ କଣ୍ଡା ନେନେଓ୍ୱ
ଉଁକୁ ନେକେ
ଗିବେ ନେକେ

ଅନୁବାଦ - ହେ ମାହାପୁର
ଆମେ ତୁମକୁ ପୂଜା ଦେଉଛୁ
ଧଳା ଚାଉଳ ଚୂନା
ହଳଦିଆ ଚାଉଳ ଚୂନା ଦେଉଛୁ ।
ଆମେ କୁକୁଡ଼ା ଦେବୁ
ଦୁଇ ମଇଁଷି ଦେବୁ
ସନିଆକୁ ଦେବୁ ମଙ୍ଗଳାକୁ ଦେବୁ
ଆମେ ସବୁ ଆଣିଛୁ
ଆସିକରି ତୁମେ ଦେ
ଯେତେବେଳେ ଆମେ ବଣକୁ ଯିବୁ
ବାଘ ଦେଖି ବୁନି
ଭାଲୁ ଦେଖିବୁନି
ତୁ ଆମର କିଛି କ୍ଷତି କରିବୁନି

## ପାଣ୍ଡେ ଓ ସମାର୍

ହେ ମାପୁର୍
ନା ସତ୍ ନାଲାକେ
ଉଳ ଓଁକୁଇ ଗାଙ୍ଗ୍ ପାଙ୍ଗ ନେବକେ ଆଗକେ ଗିଂଗେ
ସମାରା ଜେଲାଆନେ ବି ନେଡ଼ିଙ୍ଗକେ
ଶାରି ଗୁକ୍ ଦୁଡ଼ି ସ୍ନେନେ ଉଲିଆ ବି ନେଡ଼ିଙ୍ଗକେ
ନେନେ ଗଦ୍ଦକଂ ଆର୍ଶୀବାଦ ବି
ନେନେ ଓରେକେ ଭଲ ଆଣ୍ଡିଡିଙ୍ଗ୍

ଅନୁବାଦ : ହେ ମହାପ୍ରଭୁ
ତୁ ସତରେ ଅଛୁ
ଆମେ ଜନଭିଗ୍ରୁ ନୂଆ ହାଣ୍ଡି ଆଣିଛୁ
ତତେ ସୋମ ବାର ପୂଜା କରୁଛୁ
ଫୁଲ ଚାଉଳ ଶିଆଳି ପତ୍ର ଦେଉଛୁ
ଆମ ପିଲାଙ୍କୁ ଆର୍ଶୀବାଦ କର
ଆମର ଗୋରୁ ଗାଈଙ୍କୁ ଭଲ କର

ଅର୍ଥାତ୍ - ସୋମବାର ଦିନ ଶିଆଳି ପତ୍ରରେ ଚାଉଳ ଫୁଲ ଇତ୍ୟାଦି ସର୍ମପଣ କରି ଠାକୁରଙ୍କୁ ପୂଜା ଦିଆଯାଏ । ଏହି ପୂଜା କରିବାର ଉଦ୍ଦେଶ୍ୟ, ସେମାନଙ୍କର ଗୋରୁ ଗାଈର ଯତ୍ନ ଓ ନିଜର ଯତ୍ନ ନେବାପାଇଁ ସେମାନେ ଠାକୁରଙ୍କୁ ପ୍ରାର୍ଥନା କରନ୍ତି ।

## ପାଣ୍ଡେ ଓସମାର୍

ହେ ମାପୁର ସତଆ ଉତିବେଲା ଆଇକେ ବାନ୍‌ନ ପାଙ୍କେ
ଆନଙ୍କେ ବେଶି ଗୁକ ବିଃଲା
ଆନଙ୍କେ ବେଶୀ ଖ୍ରିରା ବିଃଲା
ନେଙ୍ଗନେ ନେଉଙ୍ଗ ଇମାଣ୍ଡ ଆଣ୍ଡିଙ୍ଗ
ନେଙ୍କୁ ତୁଆ ପାଙ୍ଗଲା
ପାଙ୍ଗଳା ନେନେ ଫାଣ୍ଡୁଏ ନାଛଏ

অনুবাদ -

ହେ ମହାପ୍ରଭୁ
ତୁମେ ସତରେ ଯେବେ ଜନଭିରୁ ଆସିଛ
ମୋତେ ଏବର୍ଷ ପ୍ରଚୁର ଚାଉଳ ଦିଅ,
ପ୍ରଚୁର ମାଣିଆ ଦିଅ
ମୋ ପିଲାଙ୍କୁ ଭଲ କର
ମୋ ଘରକୁ ଆସ
ଆସ ପ୍ରଭୁ ମୋ ପରବ ଖାଇବ ।

## ଶୁକ୍ରବାର ପୂଜା ଗୀତ

ଚୈତ୍ର ମାସ ଆରମ୍ଭ ହେଲେ ସେମାନେ ଏହି ପର୍ବ ପାଳନ କରନ୍ତି । ଶୁକ୍ରବାର ରାତି ୩ଟାରୁ ପୂଜାରୀ, ସାନ ପୂଜାରୀ ଓ ସେମାନଙ୍କ ସ୍ତ୍ରୀ ମାନଙ୍କୁ ନେଇ ଜଙ୍ଗଲକୁ ଯାନ୍ତି । ସେମାନେ ସଂଗରେ ଧାନ ବିହନ, ଚାଉଳ, କୋଦାଳ, ଶିଆଳ ପତ୍ରର ଦନା ନେଇଥାନ୍ତି ସେଠରେ ପୂଜା କରନ୍ତି । ପୂଜାରୀ ତିନି ମୁଠା ଧାନ ବୁଣେ । ତାପରେ ପୂଜା ହୁଏ । ଏହି ପୂଜା ପରେ ଡିତାୟୀ ମାନେ ଦଳ ଦଳ ହୋଇ ଜଙ୍ଗଲକୁ ଯାନ୍ତି ଏବଂ ଶିକାର କରନ୍ତି ।

## ପାଣ୍ଡେ ଓସମାର

ହେ ଈଶ୍ୱର ପାର୍ବତୀ
ନେଙ୍ଗ୍‌ନେ ସାପା ଶୁକ୍ରା କେଲାଗେ ଡିଙ୍ଗକେ
ନେଙ୍ଗନେ ସାପା କିଆ ଆଗି ଉଲି ବିଡ଼ିଙ୍ଗ୍‌କେ
ସାପା ନେଙ୍ଗ ଆନା ବିଡ଼ିଙ୍ଗକେ
ନେଙ୍ଗ ଗତାଓ୍ୱ
ନେଙ୍ଗନେ ଅରେ ଗିମି
ଇମାଣ୍ଡ ଲ୍ୟାଲେ
ନେଙ୍ଗ୍‌ନେ କିଆ ନେନେ ବିଙ୍ଗଡିଙ୍ଗକେ
ଉଡିନ୍ ସାପୀ ବେଶୀ ଡିଙ୍ଗଲେ

অনুবাদ : হে ঈশ্বর পার্বতী

মুঁ তুমকু শুক্রবার পূজা দেউছি

মো 'শস্য' মো 'আত্মা' দেউছি

তুমকু দেউছি

মো পিলামানে

মো গাইগোরু ছেলি

ভলরে রুহন্তু

মো শস্য যাহা মুঁ বুণুছি

তাহা প্রচুর হেউ ।

# শুক্রবার পূজা গীত

চৈত্র মাসরে শুক্রবার সকালু পলাসী দান্ত নঘসি তার ঘরকু গোবররে লিপাপোছা করে । গোটিএ স্থানরে তিনিমুঠা চাউল রখে । গোটিএ কলা কুকুড়া বলি দেই তার রক্তকু চাউল উপরে পকাএ । ভাত রান্ধে কুকুড়া (বলী পড়িথিবা) মাংস রান্ধে । ঘরে সমস্তে খাআন্তি ।

হে মাপরু

তুআনে মাপুরু

নেঙ্গ্ রড়েহ নেঙ্গনে ওরে

মাঁ ণ্ডা রাঙ্গ উইগলা

ঋড়িবেলা মেঙ্গাই কণ্ডা ওেব মেইআরকে

মেঙ্গকা অরবর আরাডিঙ্গ পা

নেঙ্গ আনা হেড়েঃ গিসেঙ্গ বিড়িঙ্গ

ইঁদো আকান্ রাঙ্গ ওেলা

আনেকা আর্শিবাদ বিলা

ଅନୁବାଦ : ହେ ମହାପ୍ରଭୁ
ଘରର ଠାକୁର
ମୋ ପିଲା ମୋ ଗୋରୁଗାଈଙ୍କୁ
ଭଲରେ ଫେରାଇ ଆଣ
ଯେତେବେଳେ ସେମାନେ ଜଙ୍ଗଲକୁ ଯାନ୍ତି
ସେମାନଙ୍କୁ ହଇରାଣ କରନା
ମୁଁ ତେତେ କଳା କୁକୁଡ଼ା ଦେଉଛି
ନେ ୟାକୁ ଗ୍ରହଣ କର
ଆମକୁ ଆଶୀର୍ବାଦ କର ।

## ପାଣ୍ଡେ ଓସମାର

ପେ ଡିଙ୍ଗ ପିଡ଼ିଙ୍ଗକେ ଦୋସେଡିଆ ମାପୁର୍
ପେ ସାପା ପଶୁକେ ଭଳ ଆଡ଼ିଙ୍ଗ ପେମାକା
ମେଙ୍ଗକା ନେଙ୍ଗ ପାକା ଆନ୍‌ତାର ପା
ମେଙ୍ଗଲା ନେଙ୍ଗ ତାଗ୍‌ରା ପାଙ୍ଗସା ଆଦେଶବିଲ
ଓ୍ୱେ ନେଙ୍ଗ ଆନ୍‌କା
ତୁଲେ କେନେ ଆରି ଶିଶିଆ କେନେ ଗୁକ
ଚୂନା ବିଡ଼ିଙ୍ଗକେ
ହେଡ଼ାଃ ଗିସେଙ୍ଗ ବିଃଡ଼ିଙ୍ଗକେ
ଆନେକା ଆର୍ଶିବାଦ ବିଲା

ଅନୁବାଦ : ତୁମେ ଜୋସେଡିଆ ଠାକୁର
ତୁମେ ସବୁ ପଶୁଙ୍କୁ ଅସୁସ୍ଥ କର
ସେମାନଙ୍କୁ ମୋ ପାଖକୁ ଛାଡ଼
ସେମାନଙ୍କୁ ମୋ ପାଖକୁ ଆସିବାକୁ ଆଦେଶ ଦିଅ
ଆଜି ମୁଁ ତୁମକୁ
ଧଳା ଓ ହଳଦିଆ ଚାଉଳ ଚୂନା ଦେଉଛି
କଳା କୁକୁଡ଼ା ଦେଉଛି
ଆମକୁ ଆର୍ଶିବାଦ ଦିଅ ।

ଅନୁବାଦ : ଜୟ ମାପୁର ଜୟ

ପେ ଆନେଙ୍ଗ ସାପା ଆଃ ସାଃ ବା ପେମ୍ବ

ଅଟନ୍ ଜିନିଷ ପିବିକେ

ଉଟିନସା ଆପେକା ପୂଜା ଡିଙ୍ଗ ଡିଙ୍ଗକେ ।

ସମାରା କେଲା ହିଁୟା

ନେଙ୍ଗରୁକ୍ ବିଡ଼ିଙ୍ଗ କେଆରି ଗିସେଙ୍ଗମିକା

ଗିସେଙ୍ଗ ବାଗ୍ୟପେକା

ହିନିଡ୍ରେକା ସାପାକେ ମାତା

ହେ ମାପୁରୁ ହେ ମାପୁର

ଅନୁବାଦ : ଜୟ ମହାପ୍ରଭୁ ଜୟ

ତୁମେ ସବୁ ଦେଇଛ

ଅନେକ ଦେଇଛ

ସେଇଥିପାଇଁ ମୁଁ ତୁମକୁ ପୂଜା କରୁଛି

ସୋମବାର ପୂଜାରେ

ଧାନ ଦେଉଛି, ଚାଉଳ ଦେଉଛି

ଗାଁର ସମସ୍ତଙ୍କୁ ଭଲରେ ରଖ

ହେ ମହାପ୍ରଭୁ ସମସ୍ତଙ୍କୁ ଭଲ ରଖ ।

# ଜଙ୍ଗଲ ଯିବା ସମୟର ଗୀତ

ଚୈତ୍ର ପର୍ବ ଆରମ୍ଭ ପରେ ଶିକାର ପୂଜା ହୁଏ । ଜଙ୍ଗଲକୁ ଯିବା ବେଳେ ସେମାନେ ମନ ଖୁସିରେ ଭୈରବୀ ଦେବୀଙ୍କୁ ପୂଜା କରନ୍ତି ।

ହେ ମାପରୁ

ପେ ଯଦି ସତ

ବୁଢ଼ା ଭୈରବୀ

ଆନେଙ୍ଗ ମୁଇଙ୍ଗ ଝୁଇଙ୍ଗସା ବିଲା

ଆମେ ନେଙ୍ଗ ଝୁଇଙ୍ଗ ବିଲା

ମେକେ ଆବାୟା ବିଃ

ମେନେଙ୍ଗ ଡଗରା ପାଙ୍ଗଲେ
ନେଙ୍ଗ୍ ମାକେ ଆଁଆ ଟୁଇଙ୍ଗଲେ
ନାନେ ବାଆକେନା ମିନିରେ
ବାଗ୍ୟେ ୟିହେ ।

ଅନୁବାଦ : ହେ ମହାପ୍ରଭୁ
ତୁମେ ଯଦି ସତ୍ୟ
ବୁଢ଼ା ଭୈରବୀ
ମୋତେ ଶିକାର ଦିଅ
ତାକୁ ମୁଁ ମାରି ପାରିବି
ତାକୁ ତୁ ପାଗଳ କରିଦେ
ସେ ମୋ ପାଖକୁ ଆସିବ
ମୁଁ ତାକୁ ତୀର ମାରିବି
ତା'ର ମୁଣ୍ଡକୁ ତୋ ନାଁରେ
ବଳି ଦେବି ।

## କନିଆଁ ଖୋଜା ଗୀତ

ପୁଅଟିଏ ନିଜ ପାଇଁ ଝିଅଟିଏ ପସନ୍ଦ କରେ । ନଚେତ୍ ଝିଅଟିଏ ତା ପାଇଁ ପୁଅଟିଏ ଖୋଜେ । ଏପରି ପ୍ରଥା ବିଭିନ୍ନ ସଂପ୍ରଦାୟର ଅଛି । ଡିଡାୟୀମାନେ ମଧ୍ୟ ନିଜ ନିଜର କନିଆଁ ପସନ୍ଦ କରନ୍ତି । ସାପ୍ତାହିକ ହାଟ କିମ୍ବା ବିଭିନ୍ନ ଗାଁରେ ମଧ୍ୟ 'ଡେମ୍‌ସା' (ନାଚ) ହୁଏ । ନାଚସମୟରେ ବିଭିନ୍ନ ଗାଁର ଧାଙ୍ଗଡା ଧାଙ୍ଗଡ଼ିମାନେ ଏକଜୁଟ୍ ହୋଇଥାନ୍ତି । ସେହିଠାରେ ପୁଅ ଝିଅ ନିଜ ନିଜର ସାଥି ବାଛିଥାନ୍ତି । ସେଥିପାଇଁ ଜଣେ ତାର ସାଙ୍ଗକୁ ଡେମସା ଯିବା ପାଇଁ ଡାକୁଛି ।

ପାଙ୍ଗଲାରେ ସାଙ୍ଗନେ ଓ୍ୱାଡ଼େଙ୍ଗ ନେଓ୍ୱା
ପାଙ୍ଗଲା ସାଙ୍ଗନେ ଓ୍ୱାଡ଼େଙ୍ଗ ନେକେ
ଉଟିନ୍ ହିନିନେ ଗୋଡ଼େଇଙ୍ଗ ପାଙ୍ଗଆରେ

ନେ ଏକେ ଢିଃନିଃ ପାଙ୍ଗଆର ଢେ
ନେ ମେଙ୍ଗତେ ଅସ୍ୱମର ନେସାର
ଓ୍ୱାଡ଼େଙ୍ଗ ନେକେ

ଅନୁବାଦ : ଆ ସାଙ୍ଗ୍ ତେମସା କରିବା
ଆ ସାଙ୍ଗ୍ ତେମସା ଦେଖିବା
ସେ ଗାଁର ଝିଅ ଆସିବେ
ଏ ଗାଁର ଝିଅ ଆସିବେ
ଆମେ ତାଙ୍କ ସାଥିରେ ନାଚିବା,
ଗୀତ ଗାଇବା
ତେମସା ଦେଖିବା

## ଝିଅଟିକୁ ପୁଅଟି ଲକ୍ଷ୍ୟ କରି ବୋଲୁଥିବା ଗୀତ

ପୁଅଟିର ଝିଅଟିଏ ପସନ୍ଦ ହୋଇଗଲେ ସେ ତାର ଜାତି ଗୋତ୍ର ଘର ଇତ୍ୟାଦି ଗୀତ ମାଧ୍ୟମରେ ବୁଝିଥାଏ । ଏକା ଗୋତ୍ରର ବର କନ୍ୟା ଆଦୌ ବିବାହ କରନ୍ତି ନାହିଁ । ସେଥିପାଇଁ ଆଗରୁ ସେମାନେ ନିଜେ ନିଜର ଗୋତ୍ର ବିଷୟରେ ଜଣା ଜଣି ହୋଇଥାନ୍ତି ।

ନା ଉଲ୍କୁ ଜାତିକି ମୁଉଆଲ୍ଲା ଜାତି
ନେଙ୍ଗନେ ଉଲ୍କୁ ଜାତି
ଯଦି ନେଙ୍ଗ୍ ଏତେ ନାଓ୍ୱେଲା
ପାଙ୍ଗଲା ନେଙ୍ଗ ମେହ୍‌ରୋ ନେଓ୍ୱେ
ନେଙ୍ଗସା ଇଁସା ଣ୍ଡିଆ ଆଣ୍ଡ୍ରା
ନେଙ୍ଗସା ଉଲେ ନାଣ୍ଡୁଓ୍ୱେ
ନେ ମିଶିସେ ଅସମାର ନେସାରପା
ଅସମାର ସାର ସାରସେ ଓଡେଙ୍ଗ ନେଓ୍ୱପା
ନେ ମାଇଆ ବିଯ୍ଯେ ନିଡ଼ିଙ୍ଗପା
ଗେଲାଛେ ନୁନୀ ଗେଲା

ଅନୁବାଦ : ତୋର ବାଘ ଗୋତ୍ର କି ନାଗ ଗୋତ୍ର
ମୋର ବାଘ ଗୋତ୍ର
ଯଦି ମୋ ସଂଗେ ଯିବୁ
ମୋ ସହିତ ଯିବୁ
ମୋ ପାଇଁ ପାଣି ଆଣିବୁ
ମୋ, ପାଇଁ ଭାତ ରାନ୍ଧିବୁ
ଆମେ ମିଶିକରି ଗୀତ ଗାଇବା
ଗୀତ ଗାଇ ଗାଇ ନାଚ କରିବା
ଆମେ ଦୁହେଁ ବିଭା ହୋଇବା
ଆ ନିନୀ ଆ ।

## ଝିଅକୁ ବାହାଦେଲାବେଳେ ଝିଅର ମା' ବୋଲୁଥିବା

ନେଙ୍ଗ୍ ନିଉଙ୍ଗଲା ନା ଯଦି ସେଲା ନାରାଡ଼ିନେ
ତେଲା ନାସା ସାପା ନାବିଏ
ମା ମନ୍‌ରେ ଅଧିକ ଶୁଣ୍ଡ ଆବିକେ
କୁଲିବୁତ୍ ଡିଙ୍ଗଛେ ନାବିଓ୍ୱେ
ନେଙ୍ଗ ଣିଅଆ ରାଙ୍ଗଉଂଗେ ଆଗି କଲେ ତୁଅଓ୍ୱେ
କଣ୍ଡା ନାଞ୍ଜେ
ମାଂମନ୍‌ରେ ଶଣ୍ଡ ନାବିକେ
ଯଦି ପାଣ୍ଡୁଓ୍ୱେ ଡିଙ୍ଗଲା ନେଙ୍ଗ ଣୁଆ ପାଙ୍ଗହେ

ଅନୁବାଦ : ମୋ ଝିଅକୁ ତୁ ଯଦି ଧାଙ୍ଗଡି କରିବୁ
ତା ପାଇଁ ସବୁ ଆଣିଦେବୁ
ତା ମନରେ କଷ୍ଟ ଦେବୁ ନାହିଁ
ତୁ ମଜୁରୀ ଖଟିବୁ

ମୋ ଝିଅ ପାଣି ଆଣିବ
ଭାତ ରାନ୍ଧିବ,
ହେଲେ
ଜଙ୍ଗଲ ଯିବ ନାହିଁ
ତା ମନରେ କଷ୍ଟ ଦେବୁନି
ପରବ ଆସିଲେ ମୋ ପାଖକୁ ତୁମେ ଆସିବ

## ପାଣ୍ଡେ ଓସମାର

ହେ ମାପ୍ରୁ
ନେଙ୍ଗ୍ ଆପେ ପୂଜା ତିଙ୍ଗ ତିଙ୍ଗ କେ
ଲାଛାରା କେଲା ଡ଼ିଙ୍ଗଡ଼ିଙ୍ଗ କେ
ନେଙ୍ଗ୍ ଗୋଗିସିଆ ଭଲ ଆରି ନାଡ଼ିଙ୍ଗହେ
ନେଙ୍ଗନେ ଓରେଃ ବୁଙ୍ଗଟି ରକ୍ଷା ନାଡ଼ିଙ୍ଗ
ସାପ କଷ୍ଟଗୁନି
ମାଁ ତିଙ୍ଗ କଷ୍ଟ ନେଙ୍ଗଣୁଆ ଆପ୍ଙ୍ଗଲେ
ନେଙ୍ଗ୍ କିଆ ବିଗ୍ ତିଙ୍ଗକେ
ଆକାନେ ଅଧିକ ତିଙ୍ଗଲେ
ତ୍ରିରଙ୍ଗତିଆ ସୁଗା ଛାଙ୍ଗକୁଆ ସୁଗା ବେଶି ତିଙ୍ଗଲେ
ନେଙ୍ଗ ଆନ ଗିମି ବିଡ଼ିଙ୍ଗକେ
ନେଙ୍ଗ ଆନ । ଗିମି ବିତିଙ୍ଗକେ
ଆକାନେ ଅଧିକ ତିଙ୍ଗଲେ
ନେଙ୍ଗନେ ନେଉଙ୍ଗ ମଙ୍ଗଲଡ଼ିଙ୍ଗଲେ ।

ଅନୁବାଦ : ହେ ମହାପ୍ରଭୁ
ମୁଁ ତୁମକୁ ପୂଜା କରୁଛି
ଗୁରୁବାର ପୂଜା ଦେଉଛି
ମୋ ପିଲାଙ୍କୁ ରକ୍ଷା କର
ମୋ ଗୋରୁ ଗାଈଙ୍କୁ ରକ୍ଷା କର
ପ୍ରତ୍ୟେକ ବିପଦ ମୋ ଘରେ ନ ପଶୁ

ମୁଁ ଧାନ ବୁଣୁଛି
ଏହା ଅଧିକ ହେଉ
ଆକାଶର ତାର ପରି ଅଧିକ
ମୁଁ ତତେ ଛେକି ଦେଉଛି
ଏହା ଅଧିକ ହେଉ
ମୋ ପିଲାଙ୍କର ମଙ୍ଗଳ କର ।

## କନ୍ୟା ରାଙ୍ଗଭଇନେ ଓସ୍‌ମାର

ବୁଲୁଙ୍ଗ ଓ ହେଁ ତିଆ ଓହେଁ
ତୋରିଗ୍ ନାୟା ହେଲେଣ୍ଡୁ
ଡ଼ିରା ଚୁନା ଆଣ୍ଡିନ ଲାକେ
ଇଣ୍ଡିଆ ରାଙ୍ଗ ଉଇଲା
ସୁଆରାଙ୍ଗପାରଙ୍ଗଲା
ସୁଆ ରାଙ୍ଗୁ ଉଇଲା ବ୍ଆସୁଆ ନାଡ଼ାଗେଁ
ଚଲେ ଦୁହେଲେ ଆନସିଂକେଂ ନାଡ଼ଗେଁ
ତିଡ଼ିନା ଦୁଆ ନାଙ୍ଗଉଇଲା
ମାଣ୍ଡା କରି କଟେ ଛେଆରି ଟଙ୍ଗ୍

## କନ୍ୟା ପଠାଇବାର ଗୀତ

ଅନୁବାଦ -

ଭଉଣୀ ହେ ମା' ହେ
ଧାନ କୁଟିବାକୁ ଯାଇଛୁକି ନାହିଁ
ଚୂନା କରିବାକୁ ମାଣ୍ଡିଆ ଅଛି
ପାଣି ଆଣିଲେ
କାଠ ଆଣିଲେ
କଞ୍ଚା କାଠ କରିବୁ
ଭାତ ରାନ୍ଧିଲେ ଭାତ ସିଝୁନି କହିବୁ
କେମିତି ଜା ଘର ଯିବୁ ହେଲେ
ସଦା ଭଲରେ ଥିବୁ, ମୋ ମା'

## ମାଘ ପାଣ୍ଡେ ଓସମାର

କିକରି କସେଙ୍ଗ ସଲା
ସେଲାଉଁକଏ ଅସମାର ସାର ଆରକେ
ସାଇଲରି ଲଇରି ଆଣ୍ଡା
ଗୁବୁଗ୍ ଲାକେକେ ଟୁରା କୁଟ କୁଟା
ମୁଦୁଲିଗୁଡ଼ା ତାକ୍ ପୁଟା ମାରାସେ

ଅନୁବାଦ -

କିକିରି କରି ରାବିଲା କୁକଡ଼ା
ଧାଙ୍ଗଡାମାନେ ଗୀତୀ ଗାଇଲେ
ମାଇଲଡ଼ି ହେଁ ସାଇଲଡ଼
ପଛା ବାଡ଼ି କୁଟ୍ କଠା
ମୁଦୁଲି ଗୁଡ଼ାକୁ ଭୁବନେଶ୍ୱର
କୁ ଛାପା ଗୀତ ଗାଇବୁ ।

## କାନ୍ଦୁଥିବା ପିଲାକୁ ବୋଧ ଦେଇ

ମ୍ୟୋଛେ ଇଣ୍ଡିଆ ନାଗୁରକେ
ଗିଡ଼ି ଆହଲା
ମ୍ୟୋଛେ ଗିଡ଼ି ବାହକେ
ଗଡ଼େଇଙ୍ଗ ଟୁଇଙ୍ଗ ଟୁରଲା
ମ୍ୟୋଛେ ଗଡ଼େଇଙ୍ଗ ଟୁଇଙ୍ଗ ଫେଟୁରକେ
ନେଦାଦି ଆୟଁ ଆରେବିଲା
ମ୍ୟୋଛେ ତକରା ଆୟାଁ ଆରେ ନାବିକେ
କମାର ଉନ୍‌ସକ ଗିବିଲା
ମ୍ୟୋଛେ କମାର ଉନସକ୍ ଗିନାବିକେ
ତକରା ବୁଡ଼ିବିଲା
ମ୍ୟୋଛେ ତକରା ବୁଡି ନାବିକେ
ନେହେ ଗଲ୍ଲା ଆଟଲ ଉନସକ

## ଶୁଆଇଦେବା ଗୀତ

ଅନୁବାଦ -

କାହିଁକି ବର୍ଷା ବର୍ଷା ହଉନୁ
ବର୍ଷା କହୁଛି ବେଙ୍ଗ ନ କାନ୍ଦିଲେ
ମୁଁ କେମିତି ବର୍ଷା କରିବି
କାହିଁକି ବେଙ୍ଗ କାନ୍ଦୁନି ।
ପିଲାମାନେ ମାଗୁଥିଲେ
ଆମର ଦାଦି ଧନୁ ତିଆରି କରୁନି
କାହିଁକି ବୁଢ଼ା ଧନୁ ତିଆରି କରିନୁ ?
କମାର କାଟି ତିଆରି କରି ଦେଇନି
କାହିଁକି କମାର ଧନୁ ତିଆରି କରିନୁ ?
ମୋତେ ଖାଇବାକୁ ଦେ
କାହିଁକି ଡକରାକୁ ଖାଇବାକୁ ଦେଇନୁ
ଡକରା ଧନୁ ତିଆରି କରିଦେଇନି ।

## ଚାଷ ଜମିରେ ଘାସ ବାଛିବା ସମୟର ଗୀତ

ଝିଅ - ଜ୍ୟା ଜ୍ୟା ଇଙ୍ଗିରେ ହିଙ୍ଗି କବ୍‌ବ ହିୟା ବିପା
ଇଣ୍ଡିୟା ଆରି ତେକ୍‌ପା ବିପା ଛେମୁଆତାନାଲେ
ପୁଅ - ଜ୍ୟା ଜ୍ୟା ତାଗ୍‌ପାହେ ସେଲାହିଙ୍ଗ୍ କରାବ ହିୟା ଉମ୍ବକେ
ଲିୟ ମୁଇଙ୍ଗ୍ ତିଙ୍ଗ ଛେମୁଆ ଆବ୍‌ରାପା
ନେହେ ମୁଇଙ୍ଗ ବା ତୁଆ ବୁଟି କାବାଡି ପାଙ୍ଗନେଲେକ
ଆଟକ୍ ତୁଆ ରେମୁଆ କେଲା ହୁଇଙ୍ଗହେ
ଝିଅ - ହିମାଣ୍ଡୀ ନେତାଗ ନେହେଗୁଆ ପା
ତୁଆ ଭାଇଗଛେ ମାରି ବୁଟି
ସାଲ୍ୟା ନେହ ଉଏମା

ଅନୁବାଦ :

ଝିଅମାନେ ପୁରୁଷ ଲୋକ ମାନଙ୍କୁ ଜମିରେ ଘାସ ବାଛିବା ସମୟରେ କହୁଛନ୍ତି, ହିତର ହଳଦୀ କାଟିଦିଅ ଜମିରେ ପାଣି ଜମିଛି, ଘାସ ବାଛିବା ପାଇଁ ଅସୁବିଧା ହେଉଛି । ଜମିର ପାଣି କାଢ଼ି ଦେବ କହୁଛି ଅନ୍ୟ ଜମିଠା ଘାସ ବାଛି ଦେବା ଚାଲ ଭଲ କରି କାମ କର, ନହେଲେ ଗାଳି ଶୁଣିବ ।

## ଧାନ କଟା ସମୟର ଗୀତ

କିଆ ବିଲେଗ ନେଉଏ ପା
ଜ୍ୟା ଜ୍ୟା ବଲେ ଉତୁରିୟା ଉମା ତୁଏ
ଜ୍ୟା ରାଙ୍ଗ ପାଙ୍ଗଲାପା
ଜ୍ୟା ବିୟ ହୁଏପା ସେଲା ହିଙ୍ଗ
ତ୍ରିଗ ଡ଼ିଆ ଲାକେ କିଆ ଇଣ୍ଡିଆ ବାଲା ନାସେ ହୁଏ
ଆତେନ କେରା କିଆ ଜ୍ୟା ହୁଏ ପା
ଜ୍ୟାପା ଇଙ୍ଗିରେ ହିଙ୍ଗ ଅସମାର ନେହେସାରମା
ସେଲା ଇଙ୍ଗିରେ ଆଃ ରାଛେ ନେହେସାରପା
ନେହେ ଇଙ୍ଗିରେ ହିଙ୍ଗ୍ କ୍ୟା ତିଲଙ୍ଗ ଜ୍ୟା ମୁଇଙ୍ଗ ତୁଗ୍ ବେହେ
ସେଲା ହିଙ୍ଗ ତିଲିଙ୍ଗଡ଼ିଆ ରିକତ୍ୟା ହାରେହ
ତେଲା କ୍ୟା ଲେହ ନେବିପାଛେ
ତୁଆ ରାଙ୍ଗ ବେହେ ଉଇଗ ପା

ଅନୁବାଦ -

ଜମିରେ ବୁଣିଥିବା ଧାନ ପାଚିଲା
ପାଚିଲା ଧାନକୁ କାଟି ଗୋଟିଏ ଖଳାରେ ଜମା କରିବା ।
ସାଇତି ରଖିଲେ, ଭଲରେ ରଖିବା
ବର୍ଷା ପାଇଁ ବ୍ୟବସ୍ଥା କରିବା
କାଟିବା ସମୟରେ ଗୋଟେ ସ୍ଥାନରେ ଜମା କରିବା
କାଟି ସାରି ବିଡ଼ା ବାନ୍ଧିବା

# ବିବାହ ସମୟର ଗୀତ

ନେହେ ବିହାଃ ଆରା ବୁଲୁଙ୍ଗା କୁସା ଆନାଡ଼େ

ଆଡ଼ ଆହୁର ଛା ବୁଲଙ୍ଗାକୁସା ଆନାଡ଼େ

ବିରିଲ୍ୟା ଗୋୟେଛେ ମାରି ନେହେ ବୁରୁଆ

ଗୋତଙ୍ଗ ଗୋବା ଛେମାରି ବେହେ ବୁରୁଆ

ହିଲି ଉଁମାଃ ରାଙ୍ଗ ଉଇଗଛେ ମାରି ନେବୁରୁଆ

ଇବେଙ୍ଗ ଆଣ୍ଡାର୍ ମାରି ଇମାଣ୍ଡା ବିହ ଛଙ୍ଗଲା

ଇବେଙ୍କେ ଆରଲା ପାରଲା ଆବିଗେ

ଇବେଙ୍ଗ ବିରିଲ୍ୟା ଗୁଏଛେ ଆନାବଲ

କରି ହିଃ ବିଟଙ୍ଗହେ

ସାପୁଙ୍ଗ ଆଡ଼େଙ୍ଗ ନେଙ୍ଗନାଭଗ୍ ଆବା

ନେଙ୍ଗ ମାନଣ୍ଡା ଇବିଟଙ୍ଗ ହେ ସେଲା

ନାଃ ମାରିୟା ଆଡ଼୍ ଆହୁରିନୋ ।

ଅନୁବାଦ : ପୁଅଟିଏ କହୁଛି :-

ବିଭା ହେବା ପରେ ତୋର

ବାପା ମାଆ ଘର ଯିବାର ନାହିଁ ।

ଏକାଠି ମିଶିକରି ରହିବା

ବର୍ଷଜାକ ଖାଇ ଖୁସିରେ ରହିବା

ଗୋଟେ ଦିନ ପାଇଁ ମନ କରିବୁ ନାହିଁ

ସାରା ଜୀବନ ପାଇଁ ମୋ ପାଖରେ ରହିବୁ ।

ଭୁଲ୍‌ରେ ଆଉ ବାପା ମା ଘର ଯିବୁ ନାହିଁ

ସେ ଆଉ ତୋର ନୁହେଁ, ନୁହେଁ ।

## ଧାନବୁଣି ଘାସ ବାଛିବା ସମୟର ଗୀତ

ହିଜିର୍ ହୁକ୍ ସଲେ ନେହଓ୍ଵେ
ନେ ସିସି ବିଡ଼ିଙ୍କେ କେ
ଜ୍ୟା ହିଁଜିର ବିକ ତୁରିକ ଛ୍ୟା ପାଙ୍ଗଲାପା
ଓସେଲା ହିଙ୍ଗ ଓ ହିଙ୍ଗରେ ହିଙ୍ଗ ଗ୍ୟାଗେଲା
ଗ୍ୟା ଗ୍ୟା ନେଃ ତୁରିଗ୍ ଗ୍ୟା ଗ୍ୟା ତୁଆ ଉଇଗ୍ଡିଙ୍ଗହେ
ଅସମାର ସାର ସାରଛେ ନେହେ ତୁଇଗି ପା
ଇଲାପା ହେଃ ଇଙ୍ଗିରେ ହିଙ୍ଗ ପେ ଆରି
ପେଙ୍ଗ ତୁରିଗ୍ ପା
ଜ୍ୟା ଜ୍ୟା ସେଲେ ବ୍ଵାଲା ତୁଆ ଉଇଗଡିଂଗହେ
ସେଲା ଇଙ୍ଗିରେ ଇଙ୍ଗ୍ ଇଙ୍ଗ୍ ରିଙ୍ଗଛେ ଅସମାର ସାରଡିଙ୍କେ ।

ଅନୁବାଦ :

ସକଳାଓଲା କାମଦାମ କରିବା ପାଇଁ ଯିବା
ଆମେ ପୁରୁଷ ପିଲା ସକାଳ ବେଳେ ହଳ କରିବୁ
ଜଲଦି ଜଲଦି ଘାସ ବାଛିବୁ
ପୁରୁଷ ଲୋକମାନେ ହଳ କରି ମଞ୍ଜି ବୁଣି ଦେଇଛନ୍ତି ।
ଘାସ ବାଛିବା ସମୟରେ ଗୀତଗାଇ ଘାସ ବାଛନ୍ତି
ଝିଅମାନେ ପୁଅ ମାନଙ୍କ ପାଖକୁ ଆସନ୍ତି
ମିଶିକରି ଗୀତ ଗାଆନ୍ତି
ସନ୍ଧ୍ୟା ସମୟରେ ଗୀତ ଗାଇ ଘରକୁ ଫେରନ୍ତି ।

## ପିଲା ଜନ୍ମପରେ ନାଁ ଦିଆ ଗୀତ

ଛୋଟ ପିଲା ଜନ୍ମ ହେବାର ତିନି ଦିନ ପରେ ପିଲାର ନାମ ଦିଆଯାଏ । ସେଦିନ ସାଇ ପଡ଼ିଶାର ଲୋକମାନେ ମଧ୍ୟ ଆସି ଯୋଗ ଦେଇଥାନ୍ତି । ସେଠାରେ ଭୋଜି କରାଯାଏ । ଭୋଜିରେ ଖାଇ ସାରିବା ପରେ ସେ ଛୋଟ ପିଲାଟିକୁ କୋଳରେ ଧରି ନାଚ କରନ୍ତି । ଶେଷରେ ଗୋଟିଏ ବେଦିରେ ବସି ତାର ନାମ ଦିଆଯାଏ । ଯେଉଁ ବାରରେ ଜନ୍ମ ହୋଇଥାଏ ସେହି ବାର ଅନୁସାରେ ତାର ନାମ କରଣ କରାଯାଏ । ଏହି ନିୟମ ପୂର୍ବପୁରୁଷରୁ ଚଳି ଆସିଛି ।

ଛେରଲାଓ ଜନମ ଡିଙ୍ଗକେଂ ପାଙ୍ଗଲାପା
ଓଁକୁ ଆଲିକ୍ କୁଇକେ
ଆଲିକ୍ କୁଇ କାଲା ଗୋଡ଼ାଓ କୋଃଛେ
ଅସମାର ବେହେ ସାଗକେ
ଆତନେ କାଲା ଉକୁଇ କେ ବାହାଃ
ତେହେ ଛେ ଅସମାର ନେହେସାଗ କେ
ବୋଲେ ଓଁମା ଛଙ୍ଗେଛେ ବାରି
ଗୋଡ଼ା ଓମିନି ସୋମାରା କାଲା ଜନମ ଡ଼ିଙ୍ଗ୍ ଲାଲା
ଆତେନ ଗୋଡ଼ାଓକେ ସମରା ନେବ ହେ ।

ଅନୁବାଦ :

ଛୋଟିଆ ଛୁଆର ନାଁ ଦେବା ଆସ
ଆସ ଭାଇ ଆସ ଭଉଣୀ ଆସ
ଆସ ଏଇ ପିଲାଟି ପାଇଁ ନାଁ ବାଛିବା
ଭୋଜି କରିବା, ନାଚ କରିବା
ପୂଜା କରିବା, ତାର ନାଁ ଦେବା
ସମସ୍ତେ ତା' ପୂଜାରେ ବସିବା
ତାର ନାମ ସୋମର ରଖିବା ।

## ପୌଷ ପର୍ବଗୀତ

ପୁଷ ଆର୍କେ କିୟା ୟୁଛେ ମାରି ତିମିବଃ ନେଟଙ୍ଗ
ଗେହଲପା ବାରି ତରଲା ନେହେ ତୁଏକେ
ତରଲା ଟଙ୍ଗ୍ ଟଙ୍ଗ୍ ବାରି ହୁଆଡ଼େଙ୍ଗ ନେହୁଆକେ
ଅସମାର ବେସାର୍କେ ଆରି ସାପୁଙ୍ଗ
ନେସକ୍ ବୁପାତିଆଛେ ହୁଆଡ଼େଙ୍ଗ ନେଉଡଆକେ
ସେଲା ଇର୍ଙ୍ଗିରେ ହୁଆଡ଼େଙ୍ଗ ନେହୁଆକେ
ଆକେନେ ନେନେ ତରଲା ପାଣ୍ଡେ ।

ଅନୁବାଦ :

ପୁଷ୍ ପରବ ଦିନ ନୂଆ ଖାଇବା
ଆସରେ ନୂଆ ଧାନ କାଟି ଆଣିବା
ଧାନ ଉଷାଇଁ ତାକୁ
ଚାଉଳ କରିବା
ନୂଆ ଚାଉଳରେ ନୂଆ ପିଠା କରିବା
ସେ ପିଠାକୁ ସମସ୍ତେ ଖାଇବା
ସମସ୍ତେ ମିଳିମିଶି ଖାଇବା
ଆସ ନାଚଗୀତ କରିବା ।

## ଚଇତି ପାଣ୍ଡେ ଓସମାର

ଗ୍ୟା ପାଣ୍ଡେ କାଲା ହୁଲି ନେହେ ଟଙ୍ଗହେ
ପାଣ୍ଡେ କାଲା ଇଙ୍ଗିରେ ବଇ ହିଙ୍ଗ୍
ଗୋ ଗୋ କଣ୍ଡା ହୁଏଏ ଆରକେ ବାରି ଗୁବୁଗ୍ ଗିସେଙ୍ଗ
ଟୁଇଙ୍ଗ ଗାଙ୍ଗ ହୁଇ ଆର୍‌କେ ।
ହିଃନିବିତ୍ରେ ସରତେ ମାଦା ସାରଦା ତିକେ ଆରିକେ
ହୁଆଡ୍ରେଙ୍ଗ ଆଡ୍ରେଙ୍ଗ ହୁଆ ଆରକେ୍
ତୋଡ୍ ତୋଡ୍ ଅସମାର ସାରସାର୍‌ଛେ ହିଃନିଃ ସାରତେ
ସାରଦା ତିଙ୍ଗ ଲେଗେ ଆତବେକାଲା ।

ଅନୁବାଦ -

ଚଇତି ମାସ ଆମକୁ ପରବ ପାଳିବା ଆସିବା
ଆସ ଘରେ ପୂଜା ପାଠ କରିବା
ପରବ ଖାଇବା, ଆସ ପରବ ଖାଇବା
ଆସରେ ସମସ୍ତେ ଜଙ୍ଗଲକୁ ଯିବା ଶିକାର କରିବା
ଶିକାର କଲେ ତାକୁ ଗାଁ କୁ ଆଣିବା
ପରବ ଯାକ ବୁଲାଇ ନେବା ଆଣିବା
ପରବ ଖାଇବା ପରେ ସଭିଏ ନାଚ କରିବା
ସମସ୍ତେ ଗୀତ ଗାଇବା , ଆସ ଗୀତ ଗାଇବା ।

# ଝିଅଟି ବଡ଼ କନ୍ୟା ହେବା ସମୟର ଗୀତ

ଝିଅଟିକୁ ୧୨-୧୩ ବର୍ଷ ହେଲେ ମାସିକ ଋତୁସ୍ରାବ ହୁଏ । ଏହାକୁ ବଡ଼କନ୍ୟା ହେବା କୁହନ୍ତି । ପ୍ରଥମ ଋତୁସ୍ରାବ ହେଲେ ଝିଅକୁ ଘର ମଧ୍ୟକୁ ପ୍ରବେଶ କରାନ୍ତି ନାହିଁ । ତାକୁ କେବଳ ତା'ର ମାଆ ଖାଇବାକୁ ଦିଏ । ଘରର ବାହାର ପଟରେ ଥିବା ବାରଣ୍ଡା କିମ୍ବା ଅଗଣାରେ ଝିଅ ରହେ । ସାତ ଦିନ ପରେ ତାର ପବିତ୍ରତା/ ଶୌଚ କାର୍ଯ୍ୟହୁଏ । ମାଣ୍ଡିଆ ଚୂନାର ତିନୋଟି ପିଠା କରି ନିକଟରେ ଥିବା ନାଳ ପାଖକୁ ଯାନ୍ତି । ସେଠାରେ ପୂଜା ହୁଏ । ଗାଁ ଦିସାରୀ ପୂଜା କରି ଝିଅର ମଙ୍ଗଳ କାମନା କରେ । ପିନ୍ଧିଥିବା ପୁରୁଣା ଲୁଗା ନାଳରେ ପକାଇ ଦିଅନ୍ତି । ତାକୁ ନୂଆ ବସ୍ତ୍ର ଦିଆଯାଏ । ତାପରେ ସେ ଘରକୁ ଆସେ ଘରେ ପ୍ରବେଶ କଲେ ଘରକୁ ଲିପାପୋଛା କରି ପରିଷ୍କାର କରାଯାଏ ।

ପିଟା ଟଂଟତେ
ସେଲାକା ନେରା ଟଂକ୍ଵା
ଆରି ପିଟାନେ ଟଂଙ୍କ
ଡାଃକେଚେ ଓସମାର ନେସାରକା
ସେଲାକେ ସାଗି ନେରାସିକା
ଟଂରି ନେରା କୁକେ ଡାଃ କୁଇକ୍ଟା
ଆରି ପଟାଇ ଓ୍ଵାଡିକା
ଆରି ପଟାଇ ଓ୍ଵାଡିକା
ଆରି ଗାଜୁଲ ନେରା ଟଂକ୍ଵା
ଆରି ଲଣ୍ଡିଆ ଗାଂ ନେବକେ
ଆରି ନେଙ୍ଗକା ଆରି ଓସମାର
ନେସରକା ଡୁଆ ଣାରଣ୍ଡା
ଟାନି ସେଲା କଣ୍ଡାଇକା
ବାରଷି ସଟୁଆ
ଆଏକେ ଡେକେନ ଜେଡ଼କା
ସେଲ୍ଗା ଟନାଃରେ ଓଏକା ।

ଅନୁବାଦ -

ଆସ ଭାଇ ପିଠା ଖାଇବା
ଖାଇଲା ପରେ ଝିଅକୁ ଖୁଆଇବା
ତା ପରେ ଆମେ ମିଶିକରି ଖାଇବା
ଆସ ଆମେ ସମସ୍ତେ ମିଶି ନାଚ କରିବା
ଝିଅକୁ ଫୁଲ ପିନ୍ଧାଇବା
ନୂଆ ଲୁଗା, ଚୁଡ଼ିପିନ୍ଧାଇବା
ଏକାଠି ବସି ନାଚ କରିବା
ତା ପର ଦିନ ଠାରୁ ନାଚ ଗୀତ କରିବା ।

## ଲେଣ୍ଡି ପାଣ୍ଡେ ଓସମାର

ନାନ ଓ୍ୟାଇ ବା ଆଙ୍ଗ ଓରିଙ୍ଗ ତରଛେ ତାବୁଙ୍ଗଛେ
ପାକେ କୁର ୟେଃ କୁର ୟେଃ ଗାଲି
ତରରେ ତାବୁଙ୍ଗଛେ ସନିଆ ପୋଡ଼ ମଙ୍ଗଲା ପୋଡ଼ ତୁରପାକେ
ଉମୁଇଙ୍ଗ ତକରା ବାହାଃ ତିଙ୍ଗ ସୋଲା
ସାଛେ ତୁର ପାକେ କଦମାଲୀ ରାଜି ବୁର୍ଦା ତାଗାଗା ବୁଙ୍ଗଟି
ତିଙ୍ଗବୁର ଲାକେ ତେଲା ତୁରରେ ପିଙ୍ଗ ଓବାକେ
ବୁଙ୍ଗଟିକେ ଗୁଃ ଲାଣ୍ଡି ଆଃ ତଡ଼ିଆକେ ନ୍ୟୁଆଲା ଇଡ଼ିକ ଆଃ ଓଡ଼ିଆକେ
ଆଃଚ ଚଡ଼ିଆ ତେ । ଆକବାନ ଆଗିନେଙ୍ଗ
ନାଉଇକ ବେ ନେଙ୍ଗ ବୁଙ୍ଗଟି ତୋ ଆୟୁକକେ ନେଙ୍ଗ
ଇଣ୍ଡିକ ଆକନେ ଜାଗାମାଟି ଟୁବୁବ୍ ବିରି
ସାଛେ ଗେଃ ଇୟାଂଛେ ଉବୁରୁ ଆନେ ଟୁଆ ନାହୁଉଜବେ ।

ଅନୁବାଦ -

ପ୍ରଥମେ ଓରିଙ୍ଗ୍ ନାମକ କୌଣସି ଗାଁ ନଥିଲା । ବଣରୁ ଦୁଇଟି ମଇଁଷି ସେ ଗାଁରୁ ପଳାଇ ଆସିଲେ । ଓରିଙ୍ଗ ବୋଲି ଗୋଟିଏ ସ୍ଥାନରେ ରହିଲେ । ସେ ସ୍ଥାନରେ କାଦୁଅ ମାଟି ଓ ପାଣି ଥିଲା । ସେ ମଇଁଷି ଦୁଇଟି ସେଠି ରହିଲେ । ଆଉ କୌଣସି ଆଡ଼େ ଗଲେ ନାହିଁ । ଲୋକମାନେ ମଇଁଷିକୁ କୌଶଳ କରି ନେବାକୁ ଚାହିଁଲେ ମଧ୍ୟ ସେ ଗଲା ନାହିଁ । ତେଣୁ

ଲୋକମାନେ ନିଜେ ଆସି ସେଠାରେ ରହିଲେ । କାହାର କିଛି ହେଲା ନାହିଁ । ସମସ୍ତେ ବଣ, ପାହାଡ଼, ଜଙ୍ଗଲକୁ ପୂଜା କଲେ ।

## ବାଉଁଶ କାଟିବା ସମୟର ଗୀତ

ପାଣ୍ଡୁଏ ଛାଡ଼ିଙ୍ଗେ ଓଃ ଗୋଡ଼େଇଙ୍ଗ ଗାଁହା ନେହସିଃଇପା
ଗାଁ ହଃ ସିଇ ନେସୁଲେପା ଗୋଜିଆ କଣ୍ଡା
ସେ ସାନୁ ନେହ ଉଏଛେ ନେହସିଃସା
ହିଜିର୍ ଟାରଲା ହିନିନେ ରେମୁଆ
ସାପା ରେମୁଆ କୁଡ଼େଛେ ନେହଡାରକେ ଆଗି ଗୋଜିଆ କଣ୍ଡା
ନେହେ ଉଏବେ ଆତେନ୍ କଣ୍ଡା
ଗାଁ ହାଃ ଡାଗ୍ରାରା ନେଉଏଛା କେ
ସାପା ରେମୁଆ ନେଃସିଗଗେ
ଓଃଦା ଗୋଡ଼େଇଙ୍ଗ ଗାଁ ହାଃ ସିଇ ପେରାଲେମଲେ ଉଣ୍ଡୁ
ଉଜାରା ଦା ପେରକେ ହୁର ଲାଲା
ତୁରୁଏଗା ଉଇର୍ ଡିଙ୍ଗହେ
ଓଃ ଦା ନାଙ୍ଗି ଓଗୟଃ ଡିଆ ନାବକେ
ନା ଗେୟାଃ ଡ୍ୟାୟା ନାବଲା ଗେୟାଃ ଉଁଚୁଆକିଲିକ୍ ବିଲା
ନେଙ୍ଗ ଉଁଗାହେ ଇଦାଦାଃ ଗୋଡ଼େ
ଗାୟାଃ ପିଙ୍ଗଜଗ୍ ରାଙ୍ଗଛେ ଗାଗ୍‌ବେଃ
ଦୁଃବାକେ ନେହଜାର
ହିଣ୍ଡିଗାଲି ନେହଜାର୍ ଛେଦା ଗୋଡ଼ା
ଡାଲେ କବାର୍ ଆଃ ଲାକେ
ଇଙ୍ଗ ଗାଲି ଦାଃଦ ନାଙ୍ଗ ଡାଲେ କବାରଉଁଡୁ
ନାଟୁଙ୍ଗ ନାଙ୍ଗ ଅଃହେଁବା
ଦେଲାବେ ଦା ନେଙ୍ଗ ଜାଗ୍‌ଡିଙ୍ଗେ
ଗାଲି ଗାଲି ଗୁହଃରୋଙ୍ଗ ନେହଜାର୍
ଜଣ୍ଡା ବାର୍ ଡାଃଗେ
ଆକେ ନେବ ଦାବା ନାଙ୍ଗ ଇଡ଼ିଆ ନେଲା ।

ଅନୁବାଦ :

ଆମ ପରବ ଆସିଛି, ଆମ ପରବ ଆସିଛି
ଆସହେ ପିଲେ ପରବ ଦେଖିବା
ପରବ ପାଇଁ ଜଙ୍ଗଲ ଯିବା
ଜଙ୍ଗଲରେ ବାଉଁଶ କାଟିବା
ଆସ ସମସ୍ତେ ମିଶି ବାଉଁଶ କାଟିବା
ବାଉଁଶ କାଟିବା ପାଇଁ ସମସ୍ତେ ବଣକୁ ଯିବା
ସମସ୍ତେ ମିଶିକରି ବଣକୁ ଯିବା
ସକାଳ ହେଲେ
ସମସ୍ତେ ମିଶିକରି ଘରକୁ ଫେରିବା
ସାଙ୍ଗ ହୋଇ ଫେରିଯିବା
ମନେ ରଖିଥା, ଗୋଟିଏ ବାଟ, ସେହି ବାଟରେ
ବଣରୁ ଫେରିବା ମିଶିକରି ଘରକୁ ଯିବା
ଘରେ ଗାଧୋଇ, ଭାତ ଖାଇବା

## ପିଲା କାନ୍ଦିଲେ ବୁଝାଇବା ଗୀତ

ବଃ ବଃ ଚୁଟ୍‌ରଙ୍ଗ ଲାଲା ନେଙ୍ଗ ଯାହା ତୁଆ ଇଣ୍ଡିକ ବୁଟି ଉଏହେ
ହେଁ ହେଁ ଉଏ ଚୁଟୁରଙ୍ଗ ନାଁ ଲାହେ
ଆତେନ୍ ଗୋଦ୍ରେ ବିଆଛେ ଲାଗ୍ ତରେ
ତେଲା ଇୟାଁନା ଅଜାଲ୍ ଜଗଛେତୁନ୍ତୁ
ତ୍ରାଗ୍ରା ଗାକ୍‌କେ ଆରି ଛେରଲାଓକେ
ଅଜାଲ୍ ଡାଗ୍ରା ଯଃ ଯଃ ବିକେ
ମାରି ସୁଣ୍ଡ ଯଃରଗ୍‌ଛେ ବୁଟି ଉଏବେ
ଆତେନ୍ ଗୋଦ୍ରେ ଇୟାଂ ଡା ଉଏକେ
ଦେଲା ଟାଟିଏଟେ ତ୍ୱୋଲକ୍ ବିକ୍ଳେ
ହିଟିଙ୍ଗ ଟିଲେ କିତେଷଃ ସାଲଃ

ଉମ୍ ବିଆକେ ଉମବିରି ଆଛ ମାରଓଃ ଡିଙ୍ଗକେ
ତେଲା ନାହଙ୍ଗ ତା୍‌ଯୁଇକକେ ମାରି
ଉତୁରିଆ ତେଃକେ ଆରି କୋଃଛେ ଆଃଉବେ
ଉଗ୍ ବଃକିଃ ଇୟାଁଙ୍ଗ ସାଗୟୁଏ ଲାଗେ
ଇତିଗ୍ ତେ ମିଡ଼ିଙ୍ଗଲା ଉଇଚହେ
ନାଙ୍ଗଡ଼େ ଉତୁରିଆ ଆଃଉଗ୍‌ଗେ
ଆଓଛେ ମାରି ଅଜାଲ୍ ଆଃ ମାରି ଜଃ ଜଃବିଗେ
ତୁଲେବି ବଃ ବଃ ନେଙ୍ଗ ଉକୁଇ
ସାତି ସାଗୁଏ ସାତି ମାପା ଭବହେ
ଆତେନ୍ ନେ ଗୋଡ଼ା ହଃଆଃହଃ
ଡିକ୍କେ ନାଙ୍ଗଡ଼େ ବିତ୍ ବିତା ଆପାଣ୍ଡେ ଆରି
ଆତା ରିବିକେ ନାଙ୍ଗତା ତିଲେ
ଆରି ଉଏକେ ମାରି ଉଏକେ
ନାଙ୍ଗଡ଼େ ଅସମାର ସାର ବଃ ବଃ
ହିଃୟାଙ୍ଗ ହିୟାଙ୍ଗ ଭାଉଏ ପ୍ଲେନତେକ ଉଏଲାବେ
ଆଃବୋ ପରବ ଯୁଇଗହେ ।

ଅନୁବାଦ :

ମା' ମୁଁ ସାନ ଭାଇକୁ ଖେଳାଇବା
ପାଇଁ ରହିବି ନାହିଁ ।
ନାଇଁ ନାଇଁ ମୁଁ ରହିବି ନାହିଁ
ସେ କାନ୍ଦି ପଳାଉଛି ।
ତା'ର ବୁଲଣା କାମ ହେଉଛି ।
ଗୋଟେ ଖୁଣ୍ଟରେ ତାକୁ ଦେଇ ଯାଅ ।
ସେ ଛୋଟ ପିଲା ତାକୁ ଶୁଆଇଦିଅ
ମା' ପାଖରେ ବୁଲଣା କାମ କରିବ ।
ଆସ ମାଆ ପାଖକୁ ଯିବା
ମାଆ ଆମକୁ ତୋରାଣି ଦିଅ
ମାଆ ଆସିଲେ ଖିର ପିଇବ
ପିଲା ଶାନ୍ତିରେ ରହିବ ।

# ଶରୀର ସମ୍ବନ୍ଧୀୟ

ଆଃକେ -ଆଃକ୍ନେ ରେମୁଆ ଲ୍ୟାୟକେ
ନ୍ୟାୟତଂନେ-ସ୍ବାର୍ କ୍ଲିଗ୍ନୋଓ୍ୟାଃ
ସାପାସାମ୍ ଓ୍ୱାଃ ଓଁନେ ରେମଓ୍ୟା ଲ୍ୟାୟଃକେ
ନ୍ୟାୟଁଗନେ ଘାର କ୍ଲିଗ୍ ନ୍ଲୁଗ
ନୋଃଚ୍ ଚଓ୍ୱାଆଃ ମିଆଃନେ ରେମ୍ଓ୍ୟା ଲ୍ୟାୟଃକେ
ନ୍ୟାୟତଂ ନେନ୍ନ ନ୍ନାଓ୍ୱତଂ
ଆଃ ଚେତଂଆଃ ଉଗ ରେମଓ୍ୟା ଲ୍ୟାୟଃକେ
ନ୍ୟାୟତଂ ନେତ ମ୍ ଓ୍ୱାଃ ନ୍ନ ଓତଂ ।
ସ୍ପେବ ବିଃ ନେ ରେମଓ୍ୱା ଲ୍ୟାୟଃକେ
ନ୍ୟାୟତଂ ନେତ୍ ତିମ୍ବାର କ୍ଲିଗ
ଆଃ-ଉଲ୍ୟାୟତଂନେ ରେମଓ୍ୱା ଲ୍ୟାୟଃକେ
ନ୍ୟାୟତଂନେ ଉଈଘାର କ୍ଲିଗ୍
ଡ୍ୟାୟକ୍ ଡିତଂତେଃ ଅନ୍ୟାୟତଂକେ ଲ୍ୟାୟଃକେ
ଗଓ୍ୱା ରେମଓ୍ୱା ଲ୍ୟାକେ ।

ଅନୁବାଦ :

ତମକୁ ଦେଖିବାକୁ କେତେ ଲୋକ ଅଛନ୍ତି
ମୋର ଦେଖିବାକୁ ଦୁଇ ଆଖି ।
ତମକୁ ଶୁଣିବାକୁ କେତେ ଲୋକ ଅଛନ୍ତି
ମୋର ଦୁଇ କାନ ଦେଇଅଛନ୍ତି ।
ତମକୁ ଶୁଙ୍ଘିବାକୁ କେତେଲୋକ ଅଛନ୍ତି
ମୋର ନାକ ଗୋଟିଏ ଅଛି ।
ଖୁଆଇବାକୁ ପିଆଇବାକୁ କେତେ ଲୋକ ଅଛନ୍ତି
ମୋର ପାଟି ଅଛି ।
ଖଟିବାକୁ କେତେ ଲୋକ ଅଛନ୍ତି
ମୋର ଦୁଇ ହାତ ଅଛି ।
ଚଳାଇବାକୁ କେତେ ଲୋକ ଅଛନ୍ତି
ମୋର ଗୋଡ଼ ଦୁଇଟା ଅଛନ୍ତି ।
ଏହିପରି ସବୁ ମିଶି କେତେ ଲୋକ ତମର
ଦଶ ଲୋକ ଆମର ।

## ଶାଶୁର ଜୋଇଁକୁ ବୁଝାଇବା ଗୀତ

ନେନେ ନେହୁଁ ଡଙ୍ଗା ମି୍ୟାଲ୍ୟାକେ
ଇଣ୍ଡିଅ ରଙ୍ଗଡଇର୍ ଆୟା ଛେହସୁଆ ବାଛେ ଆୟ
ଗଧ ରକମ ଲେଖୟାହେ
ଏକେନ ସତେ ଆଣ୍ଡିଲା ଆମେ ନିମାଣ୍ଡା ଡାଗ୍ରହେ
ଆନେକ ତୁଆଡ୍ରେ ଡାଗ୍ରହେ
କାମେ ଆମେ ରେମଲା ହୁଁ ହୁଁ ତତ୍ ଆଡ଼େ ରେମଲା
ଖିନେ ଡେଉ ଆରଡ଼େ ସିଲା ଆଡ଼େ ରେମଲା
ନେନେ ନେହୁଁ ସେଁଲେ ଆଡ଼େ
ଗଦସ୍ ଡୁଲାଗେ ଗୋସାଇଁ ସତ୍ ଆମେ
ଓ କହତ୍ ଆମେ ।

ଅନୁବାଦ -

ମୋ ଝିଅ ଚୋରି କରିପାରେ
ପାଣି ଆଣି ନପାରେ
ଘାସ ବାଛି ନପାରେ
ଗଧ ପରି ଶୋଇପାରେ
ଏସବୁ ଭୁଲ ନଧରି, ତାକୁ ଆଦର କରିବ
ଆମକୁ ନିଜର କରିବ ।

## ଜୋଇଁ ଶାଶୁକୁ କହିବା ଗୀତ

ନେନେନେ ଆବନାରସମ ନେନେ ନେୟା ବାନାରସମ୍
ନାଲୁରନା ବନାଇ ସଏଁ ଭାଇବନ୍ଧୁ ବନାଲୁ
ଝି ବାଇ, ଆଟା ସାଙ୍ଗରେ ମିଁଲାଁ
ଆଜବାବୁ ପାଇଟି ଫଡ଼କେ ଆନ ଜେଲା
ବନ୍ଧୁ ସଙ୍ଗର ବନାଲେଏଁ
ଇୟାଙ୍ଗ ଆଭା ଗୁରୁ ମାପୁରୁ
ନାନା ନେକା ନାନା ନେୟା
ଦୁଃଖୀ ଗଡ଼େ ଦୁଃଖୀ ସଙ୍ଗର ବୁଡି କୁଲି ଦିନକେ

ବନ୍ଧୁ ସଙ୍ଗର ବନ୍ଧୁରେ ମନମାଆ ମେଃର
ବାବୁ ସଙ୍ଗେ ବାବୁ ସମାନ
ଆଜିବାବୁ ଓ ଦାନା ସେ ଆରି ଦେଲାଏଁ
ତୁମ ସଂଗ ଦରମ ରେମଁ

ଅନୁବାଦ :

ପୁଅତାର ଶାଶୂକୁ କୁହେ,
ମୁଁ ଶାଶୂକୁ ମାଆ ପରି ଶଶୁରକୁ ବାପପରି
ଭାଇବନ୍ଧୁଙ୍କୁ ଭାଇ ବନ୍ଧୁ ପରି ଦେଖିବି
କାହା ସଙ୍ଗେ ଗଣ୍ଡଗୋଳ କରିବି ନାହିଁ
ମଜୁରୀ କରି କାମ କରିବି, ତୁମ ଝିଅକୁ ପୋଷିବି
ଧରମ ରଖିବି ।

## ଜଙ୍ଗଲ ଯିବା ଗୀତ

ଙିୟ ନେଅ ହେ ପାହେ ଗଗ ମିଡ଼େଗେ
ଇୟାଇଁ ଭଲେ ବିଇଲା
ୟାଙ୍ଗ ତଇବିଲା ନେଙ୍ଗ ଚଙ୍ଗ ହେ
ସେଲେ ନେହଏ ତାବାପା ଗିୟା ଗିୟା
ଇୟାଇଁ ଲିଡ଼ିଇ ଅହେ ଲେଡ଼େ ନାହିଁଗେ
ଉଇଏ ଉଇଏ

ଅନୁବାଦ :

ଆସ ସାଙ୍ଗ ଶିଖରକୁ ଯିବା
ଆସ ସାଙ୍ଗ ସନ୍ଧ୍ୟା ଆସିଗଲା
ମାଆ ଭାତ ଦିଅ ମୁଁ ଖାଇବି
ଶୀଘ୍ର ଦିଅ,
ଶୀଘ୍ର ବାଢ଼ିଦିଅ, ଭୋକ ହେଲାଣି
ଚାଷ କରିବାକୁ ଯିବା ଉଠ, ବେଳ ହେଲାଣି ।

## ଦୋଳିରେ ବସି ଝୁଲିବା ଗୀତ

ବାଃରି ଗାଗ୍ ବି ବୋ କେ ଧଳି ମୁଁଇଙ୍ଗ
ଆବା ଗାଗ୍ ବି ଦୋ୦ଙ୍କ ଧଳି ମୁଁଇଙ୍ଗ
ନେବେଙ୍ଗ ଗାଗ୍ ବି ବୋକେ ଧଳି ମୁଁଇଙ୍ଗ
ପ୍ଲେସା ସ୍ଲୁ ଆଲୋ ଗାଗ୍ ବକେ ଧଳି

ଅନୁବାଦ :

ଭାଇ ବାନ୍ଧି ଦେଇଛି ଦୋଳିଟିଏ
ବାପା ବାନ୍ଧି ଦେଇଛି ଦୋଳିଟିଏ
ବୋଉ ବାନ୍ଧି ଦେଇଛି ଦୋଳିଟିଏ
ପଣସ ଗଛ ତଳେ ବାନ୍ଧି ଦେଇଛି ଦୋଳିଟିଏ ।

## ପିଲାକୁ ବୁଝାଇବା ଗୀତ

ଇୟାଙ୍ଗ ଣ୍ଡିଆ ରାଙ୍ଗ ଉୟିଗ୍ ଓ୍ୱଲେଖେ
ଆହୋଗେ ପେବ ଉୟିଗ୍ ହେ
ଇୟାଙ୍ଗ ଉୟିଗଲା ବଲେ ତୁ ହେ ବିଃ ହେ
ଆବା ସାନ୍ତା ଉହେଲ୍ୟାକେ ପ୍ରେବ ଉୟିଗ୍ ହେ
ସଳା ସହେପୁଆ ରାଙ୍ଗ ଉୟିହେ
ପାଠ ଲଃ ଇସକୁଲ ଓ୍ୱଲା
ପାଠ ଲଲା ବେଶି ବୁଦ୍ଧି ନାଗିଖେ
ଇୟାଙ୍ଗ ଗଡ଼େଅ ହୋହୋ ତିଙ୍କକେ ଜ୍ୟା ଉୟିଲା

ଅନୁବାଦ :

ମାଆ ପାଣି ଆଣିବାକୁ ଯାଇଛି
କାନ୍ଦ ନାହିଁ ଏବେ ଆସିବ
ମାଆ ଆସିଲେ ଭାତ ବାଢ଼ିଦେବ
ବାପା ହାଟକୁ ଯାଇଛି ଏବେ ଆସିବ
ଜାମା ପଟା ଆଣିବ
ପାଠ ପଢ଼ି ଯାଅ ସ୍କୁଲକୁ,
ପଢ଼ିଲେ ପାଠରୁ ବୁଦ୍ଧି ଶିଖିବୁ
ମାଆ ପିଲା କାନ୍ଦୁଛି, ଶିଘ୍ର ଆସ ।

# କନିଆଁ କାନ୍ଦଣା ଗୀତ

ନେବା ମେଃର ଜୀବନ ଲ୍ୟଯାନି
ନେ ଯାବର ଶାରଦା ନେଡ଼ିଂଙ୍କେ
ନେବା ମେଃର ଡ଼ିଡ଼ି ଜୀବନ ପରାଣ ଶୁଖିଲ୍ୟ ହେ
ଟିହାର ନେଡ଼ିଂଙ୍କେ ହିଃନିବେ ମୁଣ୍ଡେ
ନିମାଣ୍ଡା କରି ଲ୍ୟ ନେଇଆ
ହିଃନିନେ ରେମ୍ବ୍ୟୁ ମେଃର ଲ୍ୟ ନେଇୟା
ଶାରଦା ନେଡ଼ିଙ୍ଗ ହେ ନେ ତନା ବାଃରି
ବେଶି ନିମାଣ୍ଡା ଲାଗେଡ଼ିଙ୍ଗ
ନେଇଁଙ୍ଗ ନେହେଣ୍ଡା ମେଃର
ଶାରଦା ବେଡ଼ିଙ୍ଗ ହେ ।
ନେ ନେମିଃଆ ନେଛେଂଙ୍ଗ ପେଡୁଆନେଓ୍ୱେ ହେ ।

ଅନୁବାଦ :

ବାପାଙ୍କ ସହିତ ଜୀବନ ପରାଣ କଲେ
ଆମେ ବହୁତ ସ୍ନେହ ଶରଧା କରିଥିଲୁ ।
ବାପାଙ୍କ ସହିତ ଯେମିତି ଜୀବନ ପରାଣ
କରିଥିଲୁ ସେହିଠାରେ ଗାଁ ମୁଣ୍ଡରେ ଘରେ
ଭଲ ଭାବରେ ରହି ପାରିବୁ ନାହିଁ ।
ଗାଁର ଯେତେ ଲୋକମାନଙ୍କ ସହିତ ଯେତେ
ଶରଧା କରିବୁ, ଭାଇ ଭଉଣୀଙ୍କ ସହିତ
ବେଶୀ ଭଲ ଲାଗୁଥାଏ ।
ପୁଅ ଝିଅ ସହିତ ଯେତେ ଶରଧା କରିବୁ
ଆମେ ନଜାଣି ନଶୁଣି ତୁମ ଘରକୁ ଯିବ ।

# ଡେମସା ଗୀତ

ଡକରା ଡକିରି ଲ୍ୟାକେ
ଛିଂଙ୍ଗ ଉର୍ ଇମାଣ୍ଡ ଆଲେଃଆର୍କେ
ବାଃ ଡ଼ିଆନେ ଉଡ଼ି ଇବାର ବଇ ହୋ ଆରି
ସେଲନାଇ ହୋ ଲ୍ୟାକେ

ମୁଁଇଙ୍ଗ ଡାଗ୍ରା ବୁଆ ତୁକେଛେ ଲ୍ୟାକେ
ମଇସା ଗୁଲା ମଇସା ମେଙ୍ଗ ହିଁ ବିଃହେ ଆର ହେ
ଆଭା ତୁଆ ଡାହ୍ନା ବାନ ମ୍ନାଃ ଯାକ ଲ୍ୟାକେ
ଲ୍ୟଛେ ନେ ଉଡ଼ି ସାଙ୍ଗ ସାଥି ଡ଼ିଙ୍ଗ ନେବ କେ
ସ୍ନାହଃ ଆଗଗେ ସେଲମଇ ହୋଇଙ୍ଗ
ବାଃଡ଼େଇଙ୍ଗ ତୁଆ ଲ୍ୟା ଆୟ ।

ଅନୁବାଦ:

ଟକରା ଟକରୀ ଥିଲେ
ଖାଇବା ପିଇବା ଅସୁବିଧା ଥିଲେ ।
ବାପା ମାଆଙ୍କର ଯେତେ ପୁଅ ଝିଅ ଥିଲେ
ଏକାଠି ଜୀବନ ଯାପନ କରିଥିଲେ,
ଦିନେ ନା ଦିନେ ତ ସେମାନେ ବାହାଘରକୁ ଯିବେ ।
ବାପାଙ୍କର ଘରେ ଛୋଟ ଠାରୁ ବଡ଼ ଯାଏ
ରହି ଯେତେ ସାଙ୍ଗସାଥି କରିଛୁ ଆମେ
ବଡ଼ହେଲେ ଯିଏବି ହେଲେ ଝିଅମାନେ
ବାପାଙ୍କ ଘରେ ରହି ପାରିବେ ନାହିଁ ।

## ଡେମସା ଗୀତ

ମେଡା ଜିଣ୍ଡି ଆରେଡି ଓକେ ନେଣ୍ଡା ଜୀବ ହେଲେ,
ସଦା ନାଡି ନାଣ୍ଡା ମାରି ଆଜି ଇଣ୍ଡା ଚଷ୍ଟ ନେଣ୍ଡା
ଏନାଟେହେଟେ ସଦାନେ ନେଉଣ୍ଡଟେ
ସଦା ଲୋକ ଜୀବନେ,
ଆରାନେ ଡଛେ ନେଉ ସଟେ
ନାଟକେ ଟୋରେ ବାମାର' ମାସଟେ
ଇୟଂ ବାମାର ନାନେଙ୍ଗ ବାଗଲ୍ ଆରା ହର.
ନେକେ ହେଲେ ରଭାଗଲେ ଗଡିଆପ
ସଦା ନେଣ୍ଡା ନେକେ ନାଣ୍ଡା ମୁସକ ନେନାଣ୍ଡା
ମାକି ଟେନେ ବିରିନେ ହାଟେ ନେଟ ନାନେଟାନା
ଙ୍ଗେ କେଣ୍ଡା ମାରୀ ନେରହ
ଇବରସା ଭାବି ଓଲିବସା

ଅନୁବାଦ :

ଜାଣିବା ପାଇଁ ଦରକାର
ସେ ଜୀବନ ସଦାରେ ଥିବା ପାଇଁ
ଭାଇ ଭଉଣୀ ସଦାରେ ଯିବା ପାଇଁ
ବାପା ମାଆ ନଥିବାରୁ ବିଶି କାକୁତି ବଞ୍ଛିଛି
ତା ଘର ଯାଇକିନା ତାର ବଡ ଭାଇ
ବିବାହ ତା ସାଥିରେ ତାର ସାନଭଉଣୀ
ଆଜି ଶ୍ରଦ୍ଧାରେ ଲେଖିଦେଇଛି ତୋରି ପାଇଁ
ସମସ୍ତେ ମିଶିକ କହି ଦେଇଛି ତୋରି ପାଇଁ
ଡୋକ୍ରା ଡୋକ୍ରୀ ଗପ କହିଲେ
ତା ପରେ ଟୋକି ମାନେ ଗୀତ ଗାଇଲେ

## ଘାସ ବାଛିବା ସମୟରେ
## ବୋଲୁଥିବା ଗୀତ

ଦେଶ ଡାଗାଲା ଦେଶ ଲେଃକେ
    ପାଟ ଡାଗାଲା ପାଟ ଲୋକେ
ବାଙ୍ଗାଲା ବାଙ୍ଗଲୀ ଇଃସାଙ୍ଗବୋଏ ଲ୍ୟଃକେ ଡ୍ରାକେ
    ରାଜା କୋଃ ପାର୍ ଡ୍ରୈଗେ
ଆଟେନ ରାଣୀ ତ୍ରଃଡ଼ିଆ ବୋ ଟଂଙ୍ଗଲା ଗିୟାଗିୟା ଓୌଗେ
    ଗିୟାଃ ଗିୟାଃ ରାଣିକେ ବାସଙ୍ଗଂଏ
ମୁଇସଂଗ ମାଆସିଆ ଅଃ ଜା ବୋକେ ଇଲାପା ଗୋଡେଇଙ୍ଗ
    ଇଁ ଛେପା ଗୋଃ ଡେଇଂଙ୍ଗ ହୋ ଆଲେ ।
କେପା ରାମ ଫଲ୍ ଏରାଙ୍ଗ ବିଃଏ
    ଗିୟାଃ ଗିୟାଃ ଓୌ ଛେ ରାମଫଲ୍
ହେ ରାଙ୍ଗ ବିଛେ ଆଃ ଟିଙ୍ଗପା
    ରାଣୀ କେରେଃ ଆନେଙ୍ଗ ହିଃଟ୍ଟେଟା
ବିଃଲା ଆରି ଗିୟାଃ ଗିୟାଃ ତୋଲାଃ
    ଗିୟାଃ ଗିୟାଃ ବାସଙ୍କେ ଆନେଙ୍ଗ
ମୁଆସିଆ ନାହାଃ ବିଃ କେଛେ ।

ଅନୁବାଦ -

ଏମିତି ଗୋଟିଏ ଦେଶ ଥିଲା
ପାଟ ବୋଲି ପାଟ ଅଛି ସେହି ଦେଶେ ।
ଡକରା ଡୁକରୀ ଥିଲେ
ସେମାନଙ୍କର ପିଲା ପିଲି ନଥିଲେ
ସେ ଦେଶର ରାଜା ଥିଲେ
ଥରେ ସେ ନିଜେ ସଭା କଲେ ।
ରାଜା ର ସରୁ ଧାନର ପେଜ ଖାଇବାକୁ ଇଛା ହେଲା ।
ରାଜା ସେହି ଗାଁର ଲୋକମାନଙ୍କୁ କହିଲା ମୋତେ
ରାମଫଳ ଆଣିଦିଅ । ମୁଁ ଖାଇବି
ଲୋକମାନେ ରାମ ଫଳ ଆଣିଦେଲେ
ରାଜା କହିଲେ ତୁମେ ଏଦେଶରୁ ପଳାଅ
ମୁଁ ରାମ ଫଳ ଖାଇ ରହିବି ।

## ହଳ କରୁଥିବା ସମୟରେ ଗୀତ

ପୁ -ଦୁବାପା ଆଭା ଶିଶି ନେହେ ଉଏପା
ହଁ ମୁଇଙ୍ଗ କିଆରୀ ରକମଶି ନେବକେ
ଉଲେପା କୁଣ୍ଡି ହିଙ୍ଗ ଲିଜ ତୁହରିଗ୍ ବିପା
ଝି- ଉଏ ନେଣ୍ଡିକ ବାଁଙ୍ଗ
ତୁହରିକ୍ ଛ୍ୟା
ଆଁ ଯାକ ପେଗିଂକେଡ଼େ ଉଣ୍ଡୁ
ତୁହରିଗ୍ ଛ୍ୟା ଲୁଗ ଘେନାଁଙ୍ଗ
ଓଃନା ନେନର୍ ନାଁଙ୍ଗ ।
ହେଃ କିୟା ଟିରିୟା ବିଃପା କୁଣ୍ଡିହିଁ
କିୟା ଓ୍ୟାରିୟାଃ ବୋକେ ନାଙ୍ଗ
ହୁଁଜବେ ନେହେ ବିଗ୍ ନାଙ୍ଗ

ଆକେନେ ଲିଗି ବିଗ୍‌ଲା ତାଃଗେ
ହେଃ ସାରା ସାରୀ କାଲା ନେହଃ
ମେହେଁ ହେର ନେବା ଗୁଏପା
ଗୁବ୍‌ଗ୍ ଗିମେଙ୍ଗ ନେହେ ବାଗୁଏପା
ସର୍ତେମାଦା କୁଡ଼େଛେ ମାରୀ ସାପୁଙ୍ଗ ଆତେଙ୍ଗ ନେହେଉକପା

ଅନୁବାଦ :

ଯିବା ଆସ ବାପା ହଳ କରିବାକୁ ଯିବା
ଗୋଟିଏ ଛୋଟିଆ କିଆରୀ ଅଛି ।
ସେହି ଜମିକୁ ହଳ କରିବା, ଘାସ ବାଛିବା ।
ନା, ଜମିଟା ମୁଁ ହଳ କରିଛି
ତୁମେ ଘାସ ବାଛିଦିଅ
ସେହି ଜମିରେ ଧାନ ବୁଣିବା
ପାଣିରେ ଧାନ ବତୁରେଇ ଦିଅ
କାଲିକୁ ଧାନ ବୁଣିବା
ଆମର ମାଆ ଧାନ ବାହାର କରିଛି ।
ତାହେଲେ କାଲିକୁ ଧାନ ବୁଣିବା
ଧାନ ବୁଣା ସରିଲେ ଛେଳି କି କୁକୁଡା ଗୋଟିଏ
ମାରି, ସମସ୍ତେ ଭୋଜି କରିବା
ଭୋଜି ଖାଇସାରି ନାଚ ଗୀତ କରିବା ।

## ଡଂଗର ଯିବା ଗୀତ

ନେଙ୍ଗ ଆଣ୍ଡି କଣ୍ଡା ଓ୍ୱେହେ ନା ମ୍ୟାଲାଲା
ନେଙ୍ଗ ଉଇରକାଲା ଆକାନ୍‌ନେ ଗାଲି ଓଁଇଙ୍ଗ ହେଲେ
ଆତେନ୍ ଗାଲି ଓଁଇଗ୍‌ହେ ନା ମ୍ୟାଲାଲା
ନା ଦୁଆଉଇଗ୍‌ଲା ନା ଭଳେ ଓ୍ୱେଏ ନାବିହେ
ନେଙ୍ଗ ଉଇରଙ୍‌କାଲା ନା ତୁଆ ନାଲେ ହେ ।

ଅନୁବାଦ :

ମୁଁ କେଉଁ ପର୍ବତ ର ଡଂଗର ଯିବି ତୁ ଜାଣିଥା
ମୁଁ ଆସିଲାବେଳେ ଏବାଟେ ଆସିବି ନା
ସେବାଟେ ଆସିବି ତୁ ଜାଣିଥା
ତୁ ଘରକୁ ଆସିଲେ ତୁ ଭାତ ବାଢ଼ିଦେବୁ
ମୁଁ ଆସିଲା ବେଳକୁ ତୁ ଘରେ ଥିବୁ ।

ସାରାଂଶ -

ପୁରୁଷଟି ତାର ସ୍ତ୍ରୀକୁ ଘରେ ଏକୁଟିଆ ଛାଡ଼ି ଡଂଗର ଯିବାବେଳେ ଏହି ଗୀତ ବୋଲି ଥାଏ । ସେ କେଉଁ ଡଂଗରକୁ ଯାଉଛି ବୋଲି ତା ସ୍ତ୍ରୀକୁ କହିଥାଏ । ଜମିରୁ କାମ ସାରି ଆସିଲା ବେଳେ ଭାତ ରାନ୍ଧି ଦେଇଥିବୁ । ସେ ଆସିଲେ ମିଶିକରି ଭାତ ଖାଇବା ବୋଲି କଥାଦିଏ । ଏପରି କହିବା ଦ୍ୱାରା ସ୍ୱାମୀ ସ୍ତ୍ରୀ ଉଭୟଙ୍କର ମଧ୍ୟରେ କିଭଳି ଘନିଷ୍ଠ ସଂପର୍କ ରହିଛି ତାହା ଜଣାପଡ଼ିଥାଏ ।

# ଶିକାର ଧରି ଫେରିବା ସମୟରେ ଗୀତ

ଓ ଗଡ଼େଇଙ୍ଗ ଆଣ୍ଡି କଣ୍ଡାବାନ୍ ଆକେନ୍ ନେ
ଗୋଗ ରାଙ୍ଗ୍‌ପେଉଙ୍ଗଗ୍ କେ
ସରଗି କଣ୍ଡାବାନ୍ ଲେଃ ଆଣ୍ଡି କଣ୍ଡାବାନ୍ ରାଙ୍ଗ୍‌ପେଉଙ୍ଗଗ୍‌କେ
ଉଁଜୁଙ୍ଗ କଣ୍ଡା ଓ୍ୱେ ପେଲେଗ୍ନେ
ଆଣ୍ଡି କଣ୍ଡା ଓ୍ୱେ ପେଲ୍ୟାପେ ।

ଅନୁବାଦ :

ହେ ପିଲା ମାନେ କେଉଁ ପର୍ବତର ଏହି
ଶିକାର ଆଣିଲ ।
ସାଲଦି ପର୍ବତରୁ ଆଣିଲ କିମ୍ବା କେଉଁ ପର୍ବତରୁ ଆଣିଲ
ମହୁ ପାଟଣା ପର୍ବତ ଯାଇଥିଲ କି
କେଉଁ ପର୍ବତ କୁ ଯାଇଥିଲ ।

ସାରାଂଶ -

ଡିଡାୟୀ ମାନେ ଦଳ ବଦ୍ଧ ଭାବରେ ଶିକାର କରିବାକୁ ଜଙ୍ଗଲକୁ ଯାଇଥାନ୍ତି । ଯଦି କୌଣସି ଶିକାର ମିଳେ ତେବେ ତାକୁ ଶୋଭାଯାତ୍ରା କରି ଗାଁ ସାରା ବୁଲାଇଥାନ୍ତି । ଗାଁର ଲୋକମାନେ ତାକୁ ଶିକାର ସମ୍ବନ୍ଧରେ ବିଭିନ୍ନ ପ୍ରଶ୍ନ ପଚାରନ୍ତି । କେଉଁଠାରୁ ଏହି ଶିକାର କଲ, କିଏ ତୀର ବିନ୍ଧିଲା ଇତ୍ୟାଦି ।

## ଜମିକୁ ଯିବା ସମୟର ଗୀତ

ଗଜିଆ କୋଣ୍ଡା ପ୍ଲା ମାନା ଡିରିଗଡ଼ିଆ
ପାଂଙ୍ଗଡିକେ ଗେଃଲାଃପାଃ ନେଃଡ଼ ପା
ସିଃ ହେଃ ନେଓ୍ୱେପା
ସ୍ୱେନେ ଲିଜ ନେଓ୍ୱେପା
କିଆ ବିଃବିଗ୍‌ଛେ ଆରିକିଆ ଓ୍ୱେପା
ଏଲା ସମୌତର୍ ଣିଆ ଗେଛେ ନେଭଇଙ୍ଗ ।
ଡ୍ରିଗଡ଼ିଆ ଏଚେ ଣିଆ ପାଙ୍ଗ୍ ହେ
ଣିଆ କେଃ ଛେ ନେଓ୍ୱାପା ।

ଅନୁବାଦ :

ଗଜିଆ କୋଣ୍ଡା ପାହାଡ଼ରେ ମେଘ
ଆସ ନନୀ ପଳେଇ ଯିବା
ଚାଷ କରିବାକୁ ଯିବା
ଧାନ ବୁଣିବା ଆଉ ଧାନ ରୋଇବା
ଆସ ସାଙ୍ଗ ପାଣି ଦେଖି କରି ଯିବା
ମେଘ ଆସିବା ସାଙ୍ଗ ପାଣି ପଡ଼ିବ
ପାଣି ଦେଖିବା ନାଚ କରିବା ।

ସାରାଂଶ -

ବର୍ଷାଋତୁ ଆସିଲେ ମେଘ ମାଳା ଆକାଶରେ ଭାସି ବୁଲେ । ବର୍ଷା ଦେଖି ଡିଡାୟୀ ମାନେ ଚାଷ କରିବାକୁ ପ୍ରସ୍ତୁତ ହୋଇ ପଡ଼ନ୍ତି । ପୁରୁଷ ଓ ସ୍ତ୍ରୀ ଉଭୟ କୃଷି କ୍ଷେତକୁ ମିଳିମିଶି ଚାଷ କରିବାକୁ ଯାଆନ୍ତି । ଏଣୁ ସେମାନେ ଗୀତ ମାଧ୍ୟମରେ ଅନ୍ୟକୁ ଚାଷକରି ଯିବା ପାଇଁ ଆହ୍ୱାନ କରିଥାନ୍ତି ।

# ପୁଅଝିଅ ଗୀତ

ଆନାକେ କେଃଛେ ନେଙ୍ଗ ମାଣବା ଇଣ୍ଡିଣକେ
ଆତେନ କାଲାନେ ଓ୍ୱାଡ଼େଙ୍ଗ ନେହଃଓ୍ୱା କେନେ ଏତ୍ ପଡ଼େକେନେ ।
ନେଙ୍ଗ ବା ତାଗ୍ରା ତାଗ୍ରା ହଂ ପାଙ୍ଗକେ
ତେଲା ନେଁଙ୍ଗ ନାଂନେ ସେଲାବଇ ଣିଙ୍ଗହେ
କୁଲିବୁତି ଡିଙ୍ଗଛେ ଆନେଙ୍ଗକେ ନାବିଛଙ୍ଗ ହେ ।
ନେଙ୍ଗ ନାଁ ଇଂସା କଣ୍ଡା ଉଏହେ
ସ୍ଲେଲେ ଉଏହେ ଆରି ସୁଆ ରାଙ୍ଗ୍ଇଁବି ହେ
ନା ସାଂପୁଙ୍ଗ ନାହୁଗଲା ନେଙ୍ଗ ନାମେରା ମୌତର୍ ନାଁ ଡ଼ିଙ୍ଗ ।
ନା ସେଲାମେ ନାଁଡ଼ିଙ୍ଗ

**ଅନୁବାଦ :**

ଝି –ତେତେ ଦେଖି ମୁଁ ଇଛା କରିଲି (ରାଜି ହୋଇଲି)
ସେଦିନର ଡେମସା କଥା ମନେ ପଡ଼ିଲା
ମୁଁ ତୋର ପାଖକୁ ଆସିଲି
ଯଦି ତୋର ସ୍ୱୀ ହେବି
କାମ କରି ମୋତେ ପୋଷିବୁ

ପୁ –ମୁଁ ତୋ ପାଇଁ ଡଂଗର ଯିବି
କାମ କରିବି, କାଠ ଆଣିବି

ଝି –ତୁଇ ମଦ ପିଇଲେ ତୋର
ସାଙ୍ଗ ହେବି ନାହିଁ,
ତୋର ମାଇଜୀ ହେବି ନାହିଁ ।

ସାରାଂଶ –

ତିତାୟୀ ମାନେ ଗାଁ ଠାରୁ କିଛି ଦୂରରେ ପାହାଡ଼ିଆ ଜମିରେ ଚାଷ କରିଥାନ୍ତି । ଆଶ୍ୱିନ କାର୍ତ୍ତିକ ମାସ ବେଳକୁ ସେଠାରେ ଫସଲ ଜଗିବା ପାଇଁ ସେମାନେ ମଞ୍ଚା ବାନ୍ଧିଥାନ୍ତି । ଗାଁରୁ ଯୁବକ ମାନେ ତକା ତକି ହୋଇ ଡଂଗର ଜଗିବା ପାଇଁ ଯାଆନ୍ତି । ଡଂଗରରେ ବିଭିନ୍ନ ଫସଲ ହୋଇଥାଏ । ଫସଲ ଜଗନ୍ତି । ଆନନ୍ଦରେ ଗୀତ ଗାଇ ନାଚ କରନ୍ତି ।

# ଜମି ଚାଷ ସମୟରେ ଗୀତ

ଏଲା ମୌତର୍ ଲିଜ ତୁଃନେ ଓ୍ୱେ
ଇଣ୍ଡିଆ ପାଙ୍ଗ୍ତିଇଁକେ ମୌତର ଣ୍ଡିଆ ପାଙ୍ଗ
ସାଙ୍ଗାତି ଇଣ୍ଡିଆ ପାଃଂ ଗ୍ଲା
ଜିଆ ଜିଆ ପାଃଲିତାଗେ
ଆତ୍ ତାଗ୍ରା ପାଃଲି ତାଭା
ଆତ୍ ତାଗ୍ରା ଛେମୁଆ ନେତୁରିଗ୍
କଣ୍ଡା ଆଡ଼ା ଦୁବା ସାଁଙ୍ଗାଡ଼ି
ଆତ୍ ଉଓ୍ୱେଛେ ଓ୍ୱାଢ଼େଙ୍ଗ୍ ନେଓ୍ୱା ।

ଅନୁବାଦ :

ଆସ ସାଙ୍ଗ ଜମିକୁ ଯିବା
ବର୍ଷା ଆସୁଛି ସାଙ୍ଗ ବର୍ଷା ଆସୁଛି
ବେଗି ବେଗି ଆସ,
ସେଠି ଯାଇ ଘାସ ବାଛିବା
ଚାଷ କରିବା,
ପାହାଡ଼ ତଳେ ଯିବା ସାଙ୍ଗ
ସେଠି ଯାଇ ତେମସା କରିବା ।

ସାରାଂଶ -

ବର୍ଷାର ଆଗମନରେ ତିତାୟୀ ମାନେ କୃଷି କାର୍ଯ୍ୟ ପାଇଁ ତତ୍ପର ହୋଇ ଉଠନ୍ତି । ଜମି ଚାଷ କରିବା ଧାନ ବୁଣିବା ଆଦି କାର୍ଯ୍ୟ ସମୟରେ ମନ ଖୁସିରେ ଗୀତ ଗାଇଥାନ୍ତି । ଗୀତ ମାଧ୍ୟମରେ ସେମାନେ ତାଙ୍କ ମନର ଭାବ ପ୍ରକାଶ କରନ୍ତି । ସାଙ୍ଗ ସାଥିମାନଙ୍କୁ ଚାଷ କରିବା ପାଇଁ ଆହ୍ୱାନ କରିଥାନ୍ତି । ଏପରି ଗୀତ ମାଧ୍ୟମରେ ସେମାନେ କାମ କରିବାର ଆଗ୍ରହ ବଢ଼ାଇଥାନ୍ତି ।

# ଗଜିଆ କୋଣ୍ଡା ଓସମାର

ଗଜିଆ କେଣ୍ଡା ଡାଗ୍ରା ତ୍ରିଇଡିଆ
ସେଲାମଓ ଲାହାଗ୍ ନେଡ଼
ସ୍କେନେ ନେଓ୍ବେ
କିୟ୍ୟ ନେବିଗ୍ ବାରି କିୟ୍ୟ ନେଉଙ୍ଗ
ଏଲା ସାଙ୍ଗାଡ଼ କେଛେ ନେଓ୍ବେ
ତ୍ରିଇଡିଆ ସାଙ୍ଗାଡି ଇଣ୍ଡିଆ ଲଓ ଡିଂକେ
ଇଣ୍ଡିୟ୍ୟ ନେକେ ଉନାଡ଼େଙ୍ଗ ନେଓ୍ବା ।

ଅନୁବାଦ :

ଗଜିଆ କୋଣ୍ଡା ପାହାଡ଼ପରେ ମେଘ
ଆସ ନିନୀ ପଳେଇଯିବା
ଚାଷ କରିବା ଡଂଗର ଯିବା
ଡଂଗର ଜମିରେ ଧାନ ବୁଣିବା
ମେଘ ଆସିବ ସାଙ୍ଗ
ପାଣି ପଡ଼ିବ
ପାଣି ଦେଖି ନାଚ କରିବା ।

ସାରାଂଶ -

ଜମିକୁ ଚାଷ କରିବାକୁ ଗଲାବେଳେ ଡଂଗରକୁ ଯିବାବେଳେ ସେମାନେ ବର୍ଷାକୁ ଆମନ୍ତ୍ରଣ କରିଥାନ୍ତି । ବର୍ଷାହେଲେ ଚାଷ କରିବାରେ ସେମାନଙ୍କର ଆଗ୍ରହ ବଢ଼ିଥାଏ । ପରସ୍ପର ସାଥିହୋଇ ଗାଁରୁ ବାହାରି ପଡ଼ନ୍ତି । ତାରିଆଡ଼େ କୃଷି କାର୍ଯ୍ୟ ହୁଏ । ମନ ଖୁସିରେ ସେମାନେ ପାହାଡ଼ ଉପରେ ଚାଷ କଲାବେଳେ ଗୀତ ବୋଲିଥାନ୍ତି ।

## ଝିଅକୁ ଲକ୍ଷ୍ୟ କରି ପୁଅଟି ଗୀତ ବୋଲେ

ନାସିନା ନେଙ୍ଗନେ କୁନେ ନାଣହେ
ନାନେ ଇସା ଜଣାହେ
ବିଡ଼ିଂଗୁଏହେ
ନାଏତେ ସାନ୍ତାହୁଏ ହେ
ମିଶେଛେ ସାନ୍ତା କେ ନେଓ୍ବେ
ସାନ୍ତାବାନ୍ ଉଁମାଇଲି ନେଭିଆଁର
ଲମଣ୍ଡିର୍ ଲୋ ଇନି ନେଉଙ୍ଗର
ଇନି ମଝେ ଓ୍ୱାଡ଼େଙ୍ଗ ନେଓ୍ବା
ନାଇଁସା ନେଙ୍ଗ୍ ଜୀବନ୍ ଅଁବି ହେ
ନା ନେଃ ସାଂଗଡ଼ି ଣିଙ୍ଗ ହେ
ନେଙ୍ଗଏତେ ସାଙ୍ଗଡ଼ି ନାଣିହେ
ଆବା ଇୟାଙ୍ଗ କେ ବାସଙ୍ଗ ଛେ ଆନାକେ
ରାଙ୍ଗ୍ ଉଁଇର୍ ହେ ।

ଅନୁବାଦ :

ତୁ ଯଦି ମୋର ମାଇଜି ହେବୁ
ତୋ ପାଇଁ ଡଂଗର ଚଷିବି
ଜଙ୍ଗଲ ଯିବି
ତୁ ମୁଁ ହାଟକୁ ଯିବା
ମିଶିକରି ହାଟ ଦେଖିବା
ହାଟରୁ ଶାଗ ଡାଲି କିଣିବା
ସଞ୍ଜ ବୁଡ଼ିଲେ ଗାଁ କୁ ଫେରିବା
ଗାଁ ମଝିରେ ନାଚ କରିବା
ତୋ ପାଇଁ ମୁଁ ଜୀବନ ଦେବି
ତୋର ସାଥି ହୋଇବି
ତୁ ଯଦି ମୋର ସାଥି ହେବୁ
ବାପା ମାଆକୁ କହି ତୋତେ
ନେଇ ଆସିବି ।

ସାରାଂଶ -

ଝିଅଟିର ରୂପରେ ପୁଅଟିଏ ମୁଗ୍ଧ ହୋଇଗଲେ ତାକୁ ଘରକୁ ଆଣିବାକୁ ଇଛା କରେ, ଜୀବନ ସାଥି କରିବା ପାଇଁ ଇଛା କରିଥାଏ । ଏଣୁ ସେ ତାକୁ ବିଭିନ୍ନ ସ୍ଥାନକୁ ନେଇ ସାଙ୍ଗସାଥି କରିବା ପାଇଁ ଗୀତ ମାଧ୍ୟମରେ ପ୍ରକାଶ କରେ ।

# ପୁଅ ବୋହୁଙ୍କୁ ପାଛୋଟି ଆଣିବା ଗୀତ

ଏଲାପା ସିଲାବୁୟେ ଏହିଁ
ଏଲାପା ଗଡ଼େଇଙ୍ଗ
ଏଲାପା ଏଲାପା ଗଡ଼େଇଙ୍
ନିଲାବିରୀ କଣ୍ଡା ଆଣ୍ଡିରି ଏଲପା
ଗଜିଆକୋଣ୍ଡା ପାଖା ନେଓ୍ବେ ପା
କମଲୁ ନାଙ୍ଗ ସିଲାବୁୟେଏ ରାଙ୍ଉଇଗ୍ ବିକେ
ଏଲାପା ଆମେକେ ନେକେପା
ମେନେଉଁଛ ଗଡ଼ିଆ ନେବିପା ଏଲାପା
ଆମାକେ ଓ୍ବାଡ଼େଙ୍ଗ ମାନ୍ଦାନ୍ତୁଗ୍ ଆମିଶୁ ନେବି ପା
ମେଁହେତେ ସାପୁଙ୍ଗ ନେହୁଗ୍ପା ଏଲାପା ।

ଅନୁବାଦ :

ଆସହେ ମାଇଜୀ ପିଲାଏ ଆସ
ଆସହେ ଝିଅ ମାନେ ଆସ
ନିଲାବେରି ପାହାଡ଼ ପଟେ ଯିବା ଆସ
ଗଜିଆ କଣ୍ଡା ପାହାଡ଼ ପଟେ ଯିବା,
କମଲୁ ନନା କନିଆଁ ଆଣିଛି
ଆସ ତାକୁ ଦେଖିବା
ତାର ପାଦ ଧୋଇ ଦେବା
ତାକୁ ଡେମସା ଦଳରେ ମିଶାଇ ଦେବା
ତା ସଂଗେ ସଲପ ପିଇବା ଆସ ।

ସାରାଂଶ -

ନୂଆ ବୋହୂଟିଏ ଗାଁକୁ ଆସିଲେ ତାକୁ ଗାଁର ଝିଅମାନେ ପାଛୋଟି ଆଣିବାକୁ ଯାଆନ୍ତି । ଗାଁର ଅଳ୍ପ ଦୂରରୁ ତାକୁ ବାଜା ବଜାଇ ନୃତ୍ୟଗୀତ ମାଧ୍ୟମରେ ପୁଅର ଘର ପର୍ଯ୍ୟନ୍ତ ଆଣିଥାନ୍ତି ।

# ପାଠ ପଢ଼ିଯିବା ସମୟରେ ଗୀତ

ଉଣ୍ଡୁ ଇୟାଙ୍ଗ ନେଙ୍ଗ ତୁଆଁ ନାଲେଃ
ପାଠ ଉଂଲଏ
ପାଠ ଲ ସ୍କୁଲ୍ ଉଏହେଁ
ସ୍କୁଲ ଉଁଏଲା ତିମି ମୌତ୍‌ର ଶ୍ରିଙ୍ଗ୍ ହେ
ସାପା ବ୍ନାଇର୍ ଇମିୟାଏ
ଆତେ ଉଡ଼ି ତ୍ରି ଇମିନ୍ନାଇର୍
ନେଙ୍ଗ ଆରୀ କଣ୍ଡା ନାଓ୍ୱେ
ଲିଜବିରୀ କାଗ୍‌ବ ବୁଆ ନାଓ୍ୱେ
ଆନେଙ୍ଗେ କେ ସ୍କୁଲ ଆନ୍ତାର ବିଲା
ନେଙ୍ଗ ସ୍କୁଲ ଉଁଏ ହେ

ଅନୁବାଦ :

ନାଇଁ ମାଆ ମୁଁ ଘରେ ରହିବି ନାହିଁ ପାଠ ପଢ଼ିବି
ପାଠ ପଢ଼ିବାକୁ ସ୍କୁଲ ଯିବି
ସ୍କୁଲ ଗଲେ ନୂଆ ସାଥି ହେବି
ସବୁ କଥା ଜାଣିପାରିବି
ସେହି ସ୍କୁଲରେ ନୂଆ କଥା ଜାଣିବି
ମୁଁ ଆଉ ଡଂଗର ଯିବି ନାହିଁ
ବେଢ଼ାକୁ ହିଡ଼ ବାନ୍ଧି ଯିବି ନାହିଁ
ମୋତେ ସ୍କୁଲ ଛାଡ଼ିଦେ
ମୁଁ ସ୍କୁଲ ଯିବି ।

ସାରାଂଶ -

ପିଲାମାନଙ୍କୁ ସ୍କୁଲ ନପଠାଇ ଡିଡାୟୀ ମାନେ ସେମାନଙ୍କୁ ଡଂଗର ଜଗିବା, ଘରକାମ କରିବା, ଛୋଟ ପିଲାଙ୍କୁ ଖେଳାଇବା ଇତ୍ୟାଦି କାମରେ ନିୟୋଜିତ କରିଥାନ୍ତି । ଏଣୁ ସେମାନେ ଗୀତ ମାଧ୍ୟମରେ କେତେ ନୀତିବାକ୍ୟ ତାଙ୍କ ମାଆମାନଙ୍କୁ ବୁଝାଇଥାନ୍ତି ।

## ପିଲାଙ୍କୁ ଖେଳାଇବା ଗୀତ

ଡକରା ଡୁକୁରୀ ଲ୍ୟାକେ ଡାଃକେ
ତେନ୍‌କେ ଡକ୍ରାନେ ଉମ୍ବାୟା ଇଂଙ୍ଗିର ବୟଓଃ
ଲ୍ୟାକେ ମେଇନି ମିନିଡିଂଗେ ଛୋଟା
ମୁଇଙ୍ଗ କାନା ମୁଇଙ୍ଗ
ଛୋଟା ବାସଙ୍ଗକେ ଗୋଲାଃନେଓ୍ୱେ
ତନା ନାଂଙ୍ଗ ଛୋଟା କୁସି ବ୍ଲେଆ ଲିଃସୋଃ ନେଓ୍ୱେ
ଛୋଟା ବାସଂଙ୍କେ ଆକେ କୁଣ୍ଡିଃ ହିଲାପା
ଇନିଲ୍ଲା ଗୋଃ ନେକେପା ଛୋଟାକି କାଦା ଡୁଙ୍ଗଛେ ମେତାଃଗୁଗଃ
ମିଡିଗ୍ ଓ୍ୱଗେ ଛୋଟା ବାସଙ୍ଗକେ ଆଣ୍ଡି
ନେହଓ୍ୱେ କୁଣ୍ଡି ଆଣ୍ଡି ତାରକିଗ୍ ଲେଃଲା ଆତ ନେହଓ୍ୱନାଙ୍ଗ
ଆତ୍ ଓ୍ୱେଛେ ଆରି ଇଲା ଆରି
ଗୋଃଡିଆପେ ଆରି କାନା ଆଃ କୋକେ
ଛୋଟା ବାସଂଙ୍ଗକି କାବାକେ
ଆଃକେ ନାବକେନେ ଇଲା ଲିଙ୍ଗ ବୋଃ କାନା ହୁଂଲନଛେ
. ଛୋଟା ଇଲା ବାଟାଡିଂକେ
ଛୋଟା ଜବର ଛଙ୍ଗ କାନାକେ ଗୋଣ୍ଡା
ଆତେନ୍ ଇଂସା ଓ୍ୱାଆ ଆଗକେ
ଛୋଟା ଜାବର ଛଙ୍କେ କାନା ଗୋଃଣ୍ଡା ଛଗଟିଲିଲାକାନା
ବୋଗଛେ କାନା ଓ୍ୱେଗେ ।
ମୁଇଙ୍ଗ ହିଃନି ମୁଁଇଙ୍ଗ ଡକ୍ରା ଲ୍ୟାଗେ
ଆତ ଡକ୍ରାନେ ଉମ୍ବାୟ୍ରେ ଗଡ୍ରେଓ ଲ୍ୟାକେ ।

ଅନୁବାଦ :

ଗୋଟିଏ ଗାଁରେ ବୁଢ଼ା ବୁଢ଼ୀ ଥିଲେ
ସେହି ବୁଢ଼ାର ଦୁଇଟି ପିଲା
ତାଙ୍କର ବୟସ ଅଠର ହେଲା
ତାଙ୍କର ନାଁ ଥିଲା
ଗୋଟିଏ କଣା
ଗୋଟିଏ ଛୋଟା
ଛୋଟା କହିଲା ଆସ ଭାଇ ଯିବା
କନ୍ଦା ଖୋଜି ବଣକୁ ଯିବା
ଯିବା ବୋଲି କହି ଛୋଟା ଶାବଳ ଧରି
ହାତରେ ଟାଙ୍ଗୁଡ଼ି ଧରି ବାହାରିଲା
ଦୁହେଁ ବାହାରିଲେ ପର୍ବତ ବୁଲି
କନ୍ଦା ଖୋଜିଲା ଛୋଟା ଭାଇ
କେମିତି ଖୋଳିବା ଖୋଳ
ସଞ୍ଜ ବୁଡ଼ିଗଲାଣି
ଆସ ଯିବା ଭାଇ କୁଆଡ଼େ ଯିବା
ବେଳ ତ ବୁଡ଼ିଗଲାଣି
କନ୍ଦା ଧରି କହିଲା କୁଆଡ଼େ ଯିବା
ରହରେ ଭାଇ ରହ
ଏପରି କହୁ କହୁ ବେଳ ବୁଡ଼ିଗଲା
ଦେଖୁ ଦେଖୁ ଛୋଟା ବାଣ୍ଟିଲା କନ୍ଦା

## ଘର ଉପକରଣ ସଜାଡିବା ବେଳ ଗୀତ

ଓୟ ବୁଲଙ୍ଗ ଓଝତିଆ ଆନାତେଲେ
ଓୟ ତିଆ ଓଏ ଆନାଣ୍ଡେ ନାଏଣ୍ଡେ
ସାପା କିସା ବିଝଲାପା
ଗୁମିଙ୍ଗଛେ ରୁଜାଛେ ନିମାଣ୍ଡା ତିଗା
ଓୟ ବୁଲଙ୍ଗ ଓୟତିଆ ଆନାଡ଼େ

ଆନକେ ଡକରା ବିଃଲାପା ହୁଣ୍ଡୁ ଗୁରୁଆଃଲାକେ
ଓୟ ବୁଲଙ୍ଗ ଓୟଡିଆ ଆନାଡ଼େ ସରତେ ହୁଂଙ୍ଗଣେ ।

ଅନୁବାଦ :

ଭାଇ ଭଉଣୀ ମାଆ ଭଉଣୀ
ଆମେ ସମସ୍ତେ ମିଳିମିଶି କାମ କରିବା
ସବୁ ଜମିରେ ଧାନ ବୁଣିବା
ବୁଣିବା ମାଣ୍ଡିଆ ଧାନ
ଘର କରିବା ଘରକୁ ଛପର କରିବା
ଆସ ସବୁ ଜିନିଷ ସାଇତି ରଖିବା
ଜିନିଷ ସଜାଡ଼ି ରଖିଲେ
ସବୁ ସୁନ୍ଦର ଦିଶିବା
ରଖିଲେ ସୁନ୍ଦର
ନରଖିଲେ ଅନ୍ଧାର ।

## କନ୍ୟା ମାଗିଯିବା ଗୀତ

ଓଃସମା ଓଃସମା ତୋଷ ନେହଉଏ ଉମୁଇଙ୍ଗ ଗୋଡ଼େକେ
ଆରି ହିୟାଙ୍ଗ ଡକରା ତୁକୁରୀ ଉଏଗେ
ସମାରୀ ଗୋଡ଼େକେ ତୋଷ ନେହଉଏ
ସମାରୀ ଗୋଡ଼େକେ ତୋଷ
ଉଏଲୋ ହୁଣ୍ଡୁତା ତିଙ୍କେ
ମିଆଛେ ବାଜାର ଆଃକୋ କେ
ତୁଆ ହୁଇଗ୍‌ଗେଛେ ସମାକେ ସାଲିଆ କୁକି
କେ ସମା ଗୋଡ଼େକେ ସେଲା ମିଆତିଙ୍କେ
ଦେତେଲା ନାହୁଗ୍ ଗୋଡ଼େ ଦେତଲା ହୁଇଗ ଗାଡ଼େ
ଲୟାଙ୍ଗ ଆଭା ତୋ ବକ୍ ଟୁଛେ ବିଙ୍କେ ସମାଗୋଡ଼େକେ ।

## ଗୀତ

ଏସମା ଏସମା

ଝିଅ ମାଗିବାକୁ ଯିବୁ ଆମେ

ମାଆ ହେଲା ବୁଢ଼ୀ, ବାପା ହେଲା ବୁଢ଼ା

ସମାରୀ ଝିଅକୁ ମାଗିବାକୁ ଆମେ ଯିବୁ ।

ସେହି ଝିଅକୁ ମାଗିବାକୁ

ଭିତରେ ଆସନି

ବାହାରେ ଆସ

ମାଗୁଣିବାଲା ତମେ

ସମାକୁ ମୋଟେ ନାହିଁ କହୁଛି ଝିଅ

ମନହେଲେ ଯିବୁ

ବାପା ମାଆ ଜବରଦସ୍ତି କହିଲେ ଫେରି ଆସିବୁ ।

ସାରାଂଶ -

ଝିଅଟିଏ ମାଗିବାକୁ ଗଲାବେଳେ ଝିଅକୁ ବିଭିନ୍ନ ପ୍ରକାର ଖୋସାମତି କରି ସଲାସୁତରା କରିଥାନ୍ତି । ଝିଅର ବିଭିନ୍ନ ଗୁଣ ବଖାଣି ବସିଥାନ୍ତି । ପୁଅର ଦକ୍ଷତା କର୍ମ କୁଶଳତା ବିଷୟ କହି ଝିଅକୁ ପୁଅ ପ୍ରତି ଆକୃଷ୍ଟ ହେବା ପାଇଁ ପ୍ରବର୍ତ୍ତାଇଛନ୍ତି ।

## ବାଉଁଶ ଗଜା କାଟିବା ଗୀତ

ହିଲାପା ବାଲିଇଙ୍ଗ ଗୋଜିଆକୋଣ୍ଡା ପାଗ୍‌ଲିଃ

ନେହେଏପେ ଇଲାପା ଗୋଡ଼େହିଙ୍ଗ

ହିଲିଃ ଆଃସାଂଏ ନେବିହେ

ଇଲାପା ଇଲାପା ଗୋଡ଼େଇଙ୍ଗ

ହିଃଲି ଆସାଂ ନେବିଏ

ନେଙ୍ଗ ପାକା ପାଙ୍ଗଲାପା ତାଃନିଆ ଆଡ଼େପା

ଗିବେ ମେଅବା ।

ଅନୁବାଦ :

ଆସରେ ଝିଅମାନେ

କରଡ଼ି ଭାଙ୍ଗିବାକ ଯିବା

ମାଲେ ପର୍ବତରେ ଯିବା

ଆସରେ ଭଉଣୀ

କରଡ଼ି ଭାଙ୍ଗିବାକୁ ଯିବା

ଟିକି ଟିକି କରି ଭାଙ୍ଗି ଆଣିବା

ଆସରେ ଆସ ଯିବା କରଡ଼ି ଭାଙ୍ଗି

ଆମେ ଆସିଲେ ଗାଳି ଦେବ ତୁମେ

ନ ଆସିଲେ ଆମେ ଆସିବୁ ।

ସାରାଂଶ -

ବର୍ଷାଦିନେ ବାଉଁଶ ଗଛ ନୂଆ କରଡ଼ି ପକାଏ । ତିଡ଼ାୟୀମାନେ ସେଗୁଡ଼ିକୁ କାଟି ଆଣି ନିଜର ଖାଦ୍ୟ ପାଇଁ ସଂରକ୍ଷଣ କରି ରଖନ୍ତି । ସେହି ସମୟରେ ଗୀତ ବୋଲନ୍ତି । ଗୀତ ଗୀତ ବୋଲି ବୋଲି ଗାଁର ଝିଅ ମାନେ ଦଳ ଦଳ ହୋଇ ଜଙ୍ଗଲକୁ ଝୁଡ଼ି ଧରି ଯାଆନ୍ତି ।

## ଗାଁ ଗାଁ ଗୁରୁଆନେ ଓସମାର
## ବାଉଁଶ ଗଛ କାଟିବା ବେଳେ ଗୀତ

ଝିଅ - ଗାଁ ଆଁ ନେଭଏଗେ ଗଜିଆ କୋଣ୍ଡା

ସିଃ ବୋପା ନାଙ୍ଗ ଇଙ୍ଗ

ପୁଅ - ଗିଆ ପେଲପା ନୁନି ଇଙ୍ଗ

ଗାଗ୍ ନେବକେ

ଝିଅ - ଜବର ଆଗାଗ ଉପା ନାଙ୍ଗ ହିଙ୍ଗ

ଜବର ଉଣ୍ଡୁ ଇଞ୍ଜିକ୍ ଲିକ୍

ଲାକା ଗାଗ୍‌ବକେ

ପୁଅ - ଇଲାପା ନାଙ୍ଗ ହିଙ୍ଗ ଲିଙ୍ଗ ବିଲାପା

ଦୁବା ନୁନି ହିଙ୍ଗ ଲିଙ୍ଗିନେ ।

ଦେଆ ନାଙ୍ଗ ହିଙ୍ଗ ଲିଙ୍ଗ ବିଲାପା
ଦୁବାମା ନାଙ୍ଗ ହିଙ୍ଗ ନେହ ଉଗପା ବ୍ରିର କୁକୁଡାଙ୍ଗ
ଲାକେ ଲେଗା ଜାରଲାପା ଲଣ୍ଡିଆ ହୁରନେହେଲା
ଇଣ୍ଡିଆ ହୁଂକେଛେ ଡୁଆ ।

ଅନୁବାଦ -

ବାଉଁଶ କାଟି ଯିବୁରେ
ମାଲେ ପର୍ବତକୁ ଯିବୁ
ବାଉଁଶ କାଟି ଆଣହେ
ଭାଇମାନେ
ଆସହେ ଭଉଣୀ ମାନେ
ବାଉଁଶ କାଟି ରଖିବୁ ଆମେମାନେ
ବହୁତ ବହୁତ ବାଉଁଶ ବିଡ଼ା
ବାନ୍ଧହେ ଭାଇମାନେ
ବହୁତ ନାହିଁରେ
ବାନ୍ଧିବୁ ତିନୋଟି ଲେଖାଏଁ
ଆସହେ ଭାଇମାନେ ଟେକିଦିଅ
ଚାଲରେ ଭଉଣୀମାନେ ଟେକିଦେବୁ ଆମେ
ଆସହେ ଭାଇମାନେ ଟେକିଦିଅ
ଚାଲରେ ଭଉଣୀମାନେ ଟେକିଦିଅ
ବାଟରେ ଯିବା ବେଳେ
ଆସ୍ତେ ଆସ୍ତେ ଯିବୁ ।
ଚାଲିଲା ବେଳକୁ ବାଟରେ
ଝୁଣ୍ଟି ଯିବ କାଳେ
ଆସରେ ବର୍ଷା ଆସିଲାଣି ଆସ
ଘରକୁ ଯିବା ଆସ ।

ସାରାଂଶ -

ଜଙ୍ଗଲରୁ ବାଉଁଶ କାଟିଆଣି ଘର ତିଆରି ତଥା ବିଭିନ୍ନ ଉପକରଣ ତିଆରି କରିବାରେ ଡିଡାୟୀ ମାନେ ସିଦ୍ଧହସ୍ତ । ପୁରୁଷ ମାନେ ବାଉଁଶ ପାଇଁ ଯା'ନ୍ତି ଏବଂ କଟା

ବାଉଁଶକୁ ବୋଝ ବାନ୍ଧି ଝିଅ ମାନଙ୍କୁ କାନ୍ଧକୁ ଟେକି ଦେବା ପାଇଁ ଡାକନ୍ତି । ସମସ୍ତେ ମିଳିମିଶି ବାଉଁଶ କାଟି ଜଙ୍ଗଲରୁ ଫେରିଥାନ୍ତି । ଏସବୁ କାର୍ଯ୍ୟ ସମୟରେ ସେମାନେ ମନ ଖୁସିରେ ଗୀତ ବୋଲିଥାନ୍ତି ।

## ଧାନ କାଟିବା ସମୟର ଗୀତ

ଝି -ଦଶରା ଆରକେ ଚାହଃଗେ
କିଆ ଉଁହାର୍ ବିଲେରାଙ୍ଗ ଉଏଗେ
ଦୁବାପା ବାଲି ଉଏ ନେହ ଉଏପା
ପାତି ସାଃହାଛେ ନେହ ଉଏପା
ଉଏ ହଃ ନେହ ରାଡାଗେ
ଲମ୍‌ଡିଗ୍ ଡୁଆ ନେହ ଉଗଚ୍ମା

ପୁ- ଦୁବା ନାଙ୍ଗ ସିଧି ଗୁଆ ନେଃଏ
କିଆ ଉଁଆ ହୁଏଡେକ
ଆଲୁଗ୍ ବୋକେ ଉଦ୍‌ତେ କିଆ ଗାଗ୍ ନେଉଏ
ମାଗ୍ ଲୁଗେ ଦୁବା ନାଙ୍ଗ ସୁଲ୍ ଗାଗଛେ କିଆ ରୋଃ ନେଉଏ ।
ଉଦତେ କିଆ ଲେହଃ ନେବିଃ କିଆ
ଲୋଃପେ ମିଆଲଦା
ନେହଜଗ କିଲକ୍‌ପା ଔଡିଆ ମାଙ୍ଗଡିକେ
କିଆ ଔଗ ଆଡ଼ାବିକେ ଆଣ୍ଡା ମାଲ୍ଲୀ ଜଗ ଆଡ୍ରୀପା
କିଆ ରୋଃ ନେହ ବିଃପା ।

ଅନୁବାଦ :
ଝିଅ- ଦଶହରା ମାସ ଆସିଲାରେ
ଧାନ କାଟିନିଅ
ପାଚିଛି ଧାନ ପାଚିଛି
ଯିବାରେ ଭଉଣୀ ଯିବା

ଧାନ କାଟିବାକୁ ଯିବା
ଧାଡ଼ି ବାନ୍ଧି ଧାନ କାଟିବା
କଟାକଟି ଶେଷ କରିବା
ସଂନ୍ଧ୍ୟାରେ ଘରକୁ ଫେରିବା

ଫୁ- ଯିବା ଭାଇ ଧାନ କାଟି ଯିବା
ଦଉଡ଼ି ଆଣି ବାନ୍ଧି ଆଣିବା
ଧାନ କଟା ସରିଗଲା
ଯିବା ଭାଇ ଧାନ ବୋହି ଆଣିବା
ଧାନ ବୋହି ସାରି ଘରକୁ ଯିବା ।

## ଧାନ ଉଡ଼ାଇବା ବେଳ ଗୀତ

କାଲିକି ଧାନ ଉଡାଇବା
ଧାନ ଗଦେଇ ଦିଅ
ଧାନ ଉପରେ ପାଲ ପକାଇ ରଖ ।
ପବନ ଜୋର୍‌ରେ ବୋହୁଛି
ଧାନ ଉଡ଼େଇ ଦିଅ
ଧାନ ଉଡିଆ ସରିଗଲା
ଧାନକୁ ବସ୍ତା କରି ଆଣ
ଧାନ ନେଇ ଘରକୁ ଯିବା ଚାଲ ।

ସାରାଂଶ -

ଦଶହରା ପର୍ବ ସମୟକୁ ନୂଆଧାନ ପାଚିବାକୁ ଆରମ୍ଭ କରେ । ଏହି ସମୟରେ ପୁରୁଷ ସ୍ତ୍ରୀ ଦଳ ଦଳ ହୋଇ ଧାନ କାଟିବାକୁ ଯାଆନ୍ତି । ଗୀତ ମାଧ୍ୟମରେ ପରସ୍ପରକୁ ଉତ୍ସାହିତ କରି ଧାନକଟା କାମ ଜୋରସୋର ଚାଲୁ ରଖନ୍ତି ଧାନକଟା କାମ ସରିବା ପରେ ତାକୁ ବିଡ଼ା ବାନ୍ଧି ଘରକୁ ବୋହି ଆଣନ୍ତି । ଏବଂ ଏହି ସମୟରେ ଗୀତ ମାଧ୍ୟମରେ ପୁଅ ଝିଅ ମାନେ ପରସ୍ପରକୁ ଈର୍ଷା କରିଥାନ୍ତି ।

## ଗୀତ ନଂ - ୨

# ଧାଙ୍ଗିଡ଼ି ସଲା ସ୍ତୁରା ଗୀତ

ଝି- ଆନା ଖେ ଖେ ଛେ ନେଂ ଗସେଃଓ୍ୱେଗେଃ

ପୁ- ଇଂଣିଗ୍ ଓ୍ୱାଡେଂକେନେ ସାମୁଆ ଏଣଃଛେ ।

ଝି- ଆତାନ୍ ଆନାଃ ଏତ୍ ଲୋଃକେଲେ ଣୁ

ପୁ- ନେଂ ଆନା-କ୍ଷେଃଆ ଏଡେଃ-ଏଡେଃ ଇଁଲେଃଗେ୍

ଝି- ଏଃକେ ନା ମନ୍ ମେଃ ବାସଂଣି ଆନାକେ ସେଲ୍ୟାକୁକ୍ଡିଂ

ପୁ- ନାଃ ଇଁଛା ନେଂ ରାଜିଇଲେଃକେ

ଝି- ଇଡିଂଗ୍ ଆନେଂକେ ଦଇନା ନାବିଃ ତୋ

ପୁ- ମାପୁରୁ ଆନେକ୍ଷଃ ମେ ବିଃବୋକ୍ଷେ ଆତାନ ଦଃଖ-ଦଇନା ବାଡ଼ିଏ

ଝି- ଏକ୍ଷେଃ ନେନେଃ ହୁଣି ମାପୁରୁ ସାଖି ବିଃଛେ ନେବିଃଏ

ପୁ- ମାରି ନେଃ ଗୋ-ତାଂ ଗୋ-ବା, ସ୍ଲେଗ୍ନାର୍ଛେ ବ୍ରିଗଏଛେ ନେବୁଆ ହେ

**ଅନୁବାଦ :**

ତୋତେ ଦେଖି ଦେଖି ରସି ଗଲି ମୁହିଁ

ସେ ଦିନର ନାଚ କଥା ମନେ ପକାଇ

ସେ' ଦିନର କଥା ମନେ ଅଛି କି ନାହିଁ

ତାହା ପଚାରିବାକୁ ତୋ-ପାଖେ ଆସିଲି ଧାଇଁ

ତୋ ପାଇଁ ରଖିଛି ମୋ ମନ ସଜାଡ଼ି

ଶେଷ ମୁହୂର୍ତ୍ତରେ ମୋ ମନକୁ ଦେବୁନି ବିଗାଡ଼ି

ଯାହା ହେବ ତାହା ଭଗବାନଙ୍କର ଇଚ୍ଛାରେ

ସେ ସମସ୍ତଙ୍କୁ ଦୁଃଖ ପରେ ସୁଖ ଦିଏ

ଏଣୁ ହୁଣି ଠାକୁରଙ୍କୁ ରଖି ଆମେ ବିବାହ କରିବା

ଏବେ ଚେରମୂଳ ଓ ମଜୁରୀ କରି ବଞ୍ଚିବା ।

# ଢଗ

୧) ତିଆ ଜିଲତ୍ ଜଲେଙ ଉହତ୍ ।
ମାଂ ଝାଂପୁରୀ ଝିଅ ସୁନ୍ଦରୀ (ଖଜୁରୀ) ।

୨) ବ୍‌ବେଃ ସଗଓ୍ୱା ଉଲ୍ୟାୟତ୍ ରେମଓ୍ୱା ସଗଓ୍ୱା ଥୁଆଁଏ (ସାଇକେଲ ଚକ) ।
ସାପପରି ବୁଲେ ଲୋକପରି ଠିଆ ହୁଏ ।

୩) ତଁତୟ୍ୟା କଲା ଚିର୍‌ରଖ ଗଁଗା କଲା ହେଦ୍‌ଃ (ଲୁହା) ।
ବାହାରିଲା ବେଳେ ରଂଗାରଂଗ, ପଶିଲା ବେଳେ କଳା ।

୪) କେ ଲାଁଆ ଚତ୍‌ଲାଟିଲି (ନ୍ତବା ସେତ୍)
ଦେଖିଲେ ହାଡ଼ ଖାଇଲେ ମାଂସ (ଅଣ୍ଡା)

୫) ସାରି ସାଗଓ୍ୱା ତର୍‌କେ ଟଁଟୁ ସଗଓ୍ୱା ଗାକେ (ସ୍ନି)
ଫୁଲ ପରି ଆସେ ଫଳ ପରି ଯାଏ । (ସୂର୍ଯ୍ୟ)

୬) ବବେ୍‌ଃ ସାଗଓ୍ୱା ଲାଃକେ ବବୋଃ ସଗଓ୍ୱା ପାଲାଃ ଲ୍ୟାକେ (ବେଣୀ)
ସାପପରି ଫଣା ଅଛି ଲାଞ୍ଜ ଅଛି । (ବେଣୀ)

୭) ସ୍ନିସୁରିଃ ତୁଲ୍ୟାଗ ପାଗା ମିନ୍ ତିକିକେ ହୁର୍ (ଜହ୍ନ)
ଦିନସାରା ଶୁଏ ରାତି ସାରା ଜଗେ । (ଜହ୍ନ)

୮) ମୁଇନ୍ ସେଲା ଇଞ୍ଜି କେଲିନେ ଉନ୍ତୁରିକସିନ । (ଚୁଲା)
ଗୋଟେ ଝିଅର ତିନୋଟି ପିଠା । (ଚୁଲି)

୯) ଏଡ଼େ ସୁନ୍ଦର ତମି କଓ୍ୱି-କେ ବଓ୍ୱାଇଡ଼ି ନଡ଼ିଆ ଟଁଡ଼ା ବୋକେ । (କେନ୍ଦୁ)
ଏଡ଼େ ସୁନ୍ଦର ନୂଆ ହାଣ୍ଡିରେ କଳା ଘୋଡଣୀ । (କେନ୍ଦୁ)

୧୦) ଡାହିନେ ରେମୁଇମି ଲେଗିନ୍ ମରତେ୍
ଛୋଟ ଟୁକଗାର ବଡ଼ କଥା । (ମଣିଷ)

୧୧) ହେ୍‌ଡିଆଃ ଅଗ୍ ପାଙ୍ଗଲା ଡ଼ି ବୁଟ ଟିକେ
ପବନ ନଆସୁଣୁ ଭୟ କରିବା । (ପବନ)

୧୨) ତୁହୁଁ ରେମୁ ଗିଆ ବେଶୀ ଟାଣ୍ଡୁ
ଘରଲୋକ ଭୀଷଣ ଶତ୍ରୁ । (ହିଂସା / ରାଗ)

୧୩) ହୁଓ ଗାଜି ନଜର ବୋକେ ଡିରତ୍ ସାଃ ଲାୟ୍ୟାଁ ଟାକକେ । (ହିଲିଃ)
ବଣ ମଇଁଷି ର ଶିଙ୍ଗ ଧଇଲେ ଆଁ କରେ । (ବାଉଁଶ ଗଜା)

୧୪) ନାତୁଆ - ନେ ତୁଜରୀ ମାଲ୍ଲ କାଣ୍ଡେ ପାଟାଇ ଆଃବାଏ ।
ଆମ ଘର ବୁଢ଼ୀ ପାଞ୍ଚ ପରସ୍ତ ଲୁଗା ପିନ୍ଧେ । (ଅଲଗୁଣା)

***